ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୩/୨୦୧୮ (୧୬ ପୃଷ୍ଠା) Bhubaneswar, Monday, September 3 / 2018 ★★★★
୪୪ଶ ଭାଗ ୨୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-

DSPL-144

ଓଡ଼ିଶା ସରକାର

୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟର ବ୍ୟବଧାନ ପରେ ଆମ ରାଜ୍ୟରେ ପୁଣିଥରେ ସରକାରୀ
ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା ହେବାର ନୂଆ ଧାରା ଆରମ୍ଭ ହୋଇଛି ।

ଗତବର୍ଷ ୪ ଓ ୬ ସେପ୍ଟେମ୍ବରରେ ଜନଜାତି ବହୁଳ କୋରାପୁଟ ଏବଂ ମୟୂରଭଞ୍ଜ
ଜିଲ୍ଲାର ବାରିପଦାଠାରେ ସ୍ଥାପିତ ହେଲା ଦୁଇଟି ନୂଆ ମେଡିକାଲ କଲେଜ ଏବଂ ହସ୍ପିଟାଲ ।

ଏ ବର୍ଷ ଅଗଷ୍ଟ ୩୧ରେ ଆରମ୍ଭ ହେଲା ବଲାଙ୍ଗୀରଠାରେ ନୂଆ ମେଡିକାଲ କଲେଜ ଏବଂ ହସ୍ପିଟାଲ ।

ଆଜି ଲୋକାର୍ପିତ ହେଉଛି ବାଲେଶ୍ୱରଠାରେ ସଂକ୍ରାନ୍ତି ପୁରୁଷ ବ୍ୟାସକବି
ଫକୀର ମୋହନ ସେନାପତିଙ୍କୁ ଏକ ବିନମ୍ର ଶ୍ରଦ୍ଧାଞ୍ଜଳି ଭାବରେ ଉତ୍ସର୍ଗୀକୃତ

**ଫକୀର ମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ**






ଆମ ରାଜ୍ୟର ଡାକ୍ତରୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାକୁ
ଏକ ନୂଆ ଦିଶା ଦେଇଛନ୍ତି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ।**


ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ
କଲେଜ ଏବଂ ହସ୍ପିଟାଲ, କୋରାପୁଟ


ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ
କଲେଜ ଏବଂ ହସ୍ପିଟାଲ, ବାରିପଦା


ଭୀମ ଭୋଇ ମେଡ଼ିକାଲ କଲେଜ
ଏବଂ ହସ୍ପିଟାଲ, ବଲାଙ୍ଗୀର

ଆଗକୁ ଆହୁରି ୫ଟି ନୂଆ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହେବ ଆମ ରାଜ୍ୟରେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ••• ପୂର୍ତ୍ତ ବିଭାଗ ••• ସୂଚନା ଓ ଲୋକସମ୍ପର୍କ ବିଭାଗ

10001/13/0021/1819

@Naveen_Odisha CMO.Odisha @CMO_Odisha

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା



"କଶ୍ମୀରକୁ ନେଇ ଅତୀତରେ ଅନେକ ଭୁଲ୍ କରିଛି ନୂଆଦିଲ୍ଲୀ। ଏବେ ଲୋକଙ୍କ ହୃଦୟ ପରିବର୍ତ୍ତନ ପାଇଁ ପଦକ୍ଷେପ ନେବାର ବେଳ ଆସିଛି।"
-ଫାରୁକ୍ ଅବ୍ଦୁଲ୍ଲା, ଏନ୍‌ସି ଅଧକ୍ଷ

## ସଂକ୍ଷେପରେ

### ୟୁପିରେ ବର୍ଷା ବିପ୍ରାତ: ୧୬ ମୃତ

**ଲକ୍ଷ୍ନୌ,୨।୯(ପି.ଟି.):** ଉତ୍ତର ପ୍ରଦେଶ (ୟୁପି)ରେ ଲଗାତର ବର୍ଷା ଜାରିରହିଛି। ଏଥିଯୋଗୁ ଶନିବାର ସୁଦ୍ଧା ୧୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୨ ଆହତ ହୋଇଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁସାରେ ଆହୁରି ୨ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ। ଶାହାଜାହାନପୁରରେ ସବୁଠାରୁ ଅଧିକ ବର୍ଷା ହୋଇଛି। ଶନିବାର ମାତ୍ର ୨୪ ଘଣ୍ଟା ଭିତରେ ବଜ୍ରପାତ ଏବଂ ବର୍ଷା ଯୋଗୁ ୧୬ ଜଣଙ୍କର ଜୀବନ ଯାଇଛି।ଶାହାଜାହାନପୁରରେ ୬, ସୀତାପୁରରେ ୩, ଆଯୁରାୟିଆରେ ୨, ଆମେଥିରେ ୨, ଲକ୍ଷ୍ମୀପୁର ଖିରି, ରାୟ ବରେଲି ଏବଂ ଉନ୍ନାଓରେ ୩ ଜଣ ପ୍ରାଣ ହରାଇଛନ୍ତି।

### 'ଯାହା କହିଛି, ତାହା କରିବି'



**ମଦୁରାଇ,୨।୯(ପି.ଟି):** ଡିଏମ୍‌କେର ପୂର୍ବତନ ଅଧକ୍ଷ ଏମ୍.କରୁଣାନିଧିଙ୍କ ପରଲୋକ ପରେ ଏବେ ତାଙ୍କ ପରିବାରରେ କ୍ଷମତା ପାଇଁ ବିବାଦ ଲାଗି ରହିଛି। ଦୁଇ ପୁଅ ଏମ.କେ. ଆଲାଗିରି ଏବଂ ଏମ.କେ. ଷ୍ଟାଲିନ୍ ଦଳ ଭିତରେ ନିଜର ପ୍ରାଧାନ୍ୟକୁ ନେଇ ମୁହାଁମୁହିଁ ପରିସ୍ଥିତିରେ। ଆଲାଗିରି ରବିବାର କହିଛନ୍ତି, ମୁଁ କରୁଣାନିଧିଙ୍କ ପୁଅ। ଯାହା କହିଛି ତାହା କରି ଦେଖାଇବି। ପୂର୍ବ ଘୋଷଣା ଅନୁସାରେ ୫ ତାରିଖରେ କରୁଣାନିଧିଙ୍କ ସ୍ମାରକୀ ସ୍ଥଳରେ ଏକ ବିରାଟ ରାଲିର ଆୟୋଜନ କରିବି।'ଉଲ୍ଲେଖଯୋଗ୍ୟ ଯେ, ଦଳର ନିଷ୍ଠାବାନ କର୍ମୀମାନେ ଏବେ ତାଙ୍କ ସପକ୍ଷରେ ରହିଥିବା କଥା ଆଲାଗିରି ବାରମ୍ବାର କହି ଆସୁଛନ୍ତି। ଏହି ରାଲି ଯୋଗେ ଆଲାଗିରି ନିଜର ଶକ୍ତିପ୍ରଦର୍ଶନ କରିବାକୁ ଚାହୁଁଛନ୍ତି ବୋଲି କୁହାଯାଉଛି।

### ବେଗୁସରାଇରୁ ନିର୍ବାଚନ ଲଢ଼ିବେ କହ୍ନେୟା



**ନୂଆଦିଲ୍ଲୀ,୨।୯:** ସକ୍ରିୟ ରାଜନୀତିରେ ଭାଗନେବାକୁ ଯାଉଛନ୍ତି ଜେଏନ୍‌ୟୁର ପୂର୍ବତନ ଛାତ୍ର ସଂସଦ ସଭାପତି କହ୍ନେୟା କୁମାର। ୨୦୧୯ ଲୋକ ସଭା ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ମଧ କୁହାଯାଉଛି। ଏକ ରିପୋର୍ଟ ମୁତାବକ, କହ୍ନେୟା ବିହାରର ବେଗୁସରାଇ ନିର୍ବାଚନମଣ୍ଡଳୀରୁ ସିପିଏମ୍ ଟିକେଟ୍‌ରେ ଲଢ଼ିବେ। କଂଗ୍ରେସ, ଆର୍‌ଜେଡି, ବାମଦଳ ଏବଂ ଅନ୍ୟାନ୍ୟ ଛୋଟ ଛୋଟ ଦଳକୁ ନେଇ ଗଠିତ ହେବାକୁ ଥିବା ମହାମେଣ୍ଟର ସେ ଯୁଗ୍ମ ପ୍ରାର୍ଥୀ ହେବେ। ପ୍ରକାଶ ଯେ କହ୍ନେୟାଙ୍କ ବିରୋଧରେ ବର୍ତ୍ତମାନ ଦେଶଦ୍ରୋହ ମାମଲା ଚାଲିଛି।

### ୧୨୬ ବଦଳରେ ୩୬ ରାଫେଲ ବିମାନ ପାଇଁ ଚୁକ୍ତି କାହିଁକି

**ମଥୁରା,୨।୯(ପି.ଟି.):** ରାଫେଲ ଯୁଦ୍ଧବିମାନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ପୁଣି ଘେରିଛି କଂଗ୍ରେସ। ଯଦି ୧୨୬ଟି ଯୁଦ୍ଧବିମାନ ଫ୍ରାନ୍ସରୁ ଆସିବା ଦରକାର ଥିଲା ତେବେ ମାତ୍ର ୩୬ଟି ବିମାନ ଆଣିବା ପାଇଁ କାହିଁକି ଚୁକ୍ତି କରାଗଲା ବୋଲି ଦଳର ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

### ଇତିହାସର ଆଇନାରେ
### ସେପ୍ଟେମ୍ବର ୩ର ପ୍ରମୁଖ ଘଟଣା

୧୯୭୧ ସେପ୍ଟେମ୍ବର ୩ରେ ଏସୀୟ ଦେଶ କାତାର ସ୍ୱାଧୀନ ହୋଇଥିଲା। ବିଶ୍ୱର ଅନ୍ୟ ଦେଶମାନଙ୍କ ତୁଳନାରେ କାତାରରେ ମୁଣ୍ଡପିଛା ଆୟ ସବୁଠାରୁ ଅଧିକ। ବିଶ୍ୱର ତୃତୀୟ ପ୍ରାକୃତିକ ଗ୍ୟାସ୍ ଓ ତୈଳ ଭଣ୍ଡାର ଏଠାରେ ରହିଛି।

୧୯୯୭ ସେପ୍ଟେମ୍ବର ୩ରେ ଭିଏତ୍‌ନାମ ଏୟାରଲାଇନ୍ସର ୮୧୫ ବିମାନ ଦୁର୍ଘଟଣା ଘଟି ୬୬ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଏହାର ଦୁର୍ଘଟଣା ଫୋନମ ପେହ ବିମାନବନ୍ଦରରେ ହୋଇଥିଲା। ରନ୍‌ୱେରେ ଅବତରଣ କରିବାର ମାତ୍ର ୮ ଶହ ମିଟର ଉଚ୍ଚତାରେ ଦୁର୍ଘଟଣା ଘଟିଥିଲା। ଏଥିରେ ସମ୍ପୂର୍ଣ୍ଣ ଭାବରେ ବିମାନଟି ନଷ୍ଟ ହୋଇଯାଇଥିଲା।

---

■ ପାକିସ୍ତାନକୁ ୩୦୦ ନିୟୁତ ଡଲାର ସାମରିକ ସହାୟତା ବାତିଲ କଲା ଆମେରିକା

# ଇମ୍ରାନଙ୍କୁ ଟ୍ରମ୍ପ୍ ଝଟକା

**ଆତଙ୍କବାଦୀଙ୍କୁ ଲଗାମ ନ ଲଗାଇଲେ ସହାୟତାର ସବୁ ବାଟ ବନ୍ଦ: ପେଣ୍ଟାଗନ୍**



**ୱାଶିଂଟନ,୨।୯(ପି.ଟି.)**

ଆତଙ୍କବାଦୀଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ପାକିସ୍ତାନକୁ ପୁଣିଥରେ ମହଙ୍ଗା ପଡ଼ିଛି। ବିଶ୍ୱ ସମୁଦାୟର ବାରମ୍ବାର ତାଗିଦ୍ ସତ୍ତ୍ୱେ ଲଶ୍କର-ଇ-ତୋଇବା (ଏଲ୍‌ଇଟି), ତାଲିବାନ, ଅଲ୍-କାଏଦା ଓ ହକ୍କାନି ନେଟ୍‌ୱର୍କ ଭଳି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ପ୍ରତି ଇସ୍‌ଲାମାବାଦର କୋହଳ ମନୋଭାବ ପାକିସ୍ତାନକୁ ଦେବାଳିଆ ସ୍ଥିତିରେ ଛିଡ଼ା କରାଇଛି। ହେଲେ ଏହି ଦେଶ ସୁଧୁରିବାର ନାଁ ନେଉନାହିଁ । ଏହାକୁ ନେଇ କ୍ଷୁବ୍ଧ ୱାଶିଂଟନ ପାକିସ୍ତାନକୁ ୩୦୦ ନିୟୁତ ଡଲାର ସାମରିକ ସହାୟତା ଦେବାକୁ ମନା କରିଦେଇଛି। ପେଣ୍ଟାଗନର ଏହି ସଦ୍ୟ ଘୋଷଣା ପରେ ଆମେରିକା ଓ ପାକିସ୍ତାନ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଛି। ଏଥିସହ ପାକିସ୍ତାନର ନବଗଠିତ ଇମ୍ରାନ ଖାନ୍ ସରକାରଙ୍କୁ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ଶକ୍ତ ଝଟକା ଲାଗିଛି।

ଦଳ ନିର୍ବିଶେଷରେ ଯେଉଁ ସରକାର କ୍ଷମତାସୀନ ଥାଉନା କାହିଁକି ଆତଙ୍କବାଦ ଉପରେ ଲଗାମ ଲଗାଇବାରେ ପାକିସ୍ତାନ ସବୁବେଳେ ବିଫଳ। ହେଲେ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାମରେ ଆମେରିକାଠାରୁ ପାକିସ୍ତାନ ହଜାର ହଜାର କୋଟି ଡଲାର ଠକି ନେଇଛି। ଏହାକୁ ନେଇ ବର୍ଷ ଆରମ୍ଭରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇସ୍‌ଲାମାବାଦ ଉପରେ ବର୍ଷିଥିଲେ। ଏଥିସହ ଆଗକୁ ଠକାମିରେ ନ ପଡ଼ିବା ପାଇଁ ପାକିସ୍ତାନକୁ ଅଧିକ ସହାୟତା ଦେବାକୁ ମନା କରିଦେଇଥିଲେ। ଫଳରେ ୧.୧୫ ବିଲିୟନ୍ ଡଲାର ସହାୟତା ପାଇବାରୁ ପାକିସ୍ତାନ ବଞ୍ଚିତ ହୋଇଥିଲା। ଏହାର ୮ ମାସ ପରେ ପିଟିଆଇ ଅଧକ୍ଷ ଇମ୍ରାନ ଖାନ ପାକିସ୍ତାନ ଶାସନର ମଙ୍ଗ ଧରିଛନ୍ତି। ହେଲେ ଆତଙ୍କବାଦ ପ୍ରତି ଏହି ଇସ୍‌ଲାମିକ୍ ରାଷ୍ଟ୍ରର ମନୋଭାବରେ କିଛି ପରିବର୍ତ୍ତନ ଆସିନାହିଁ। ଫଳରେ ଏହାକୁ ଆଜି ପରିଣାମ ଭୋଗିବାକୁ ପଡ଼ିଛି। ଟ୍ରମ୍ପ୍ ପ୍ରଶାସନର ଦକ୍ଷିଣ ଏସିଆ ନୀତି ସପକ୍ଷରେ ପାକିସ୍ତାନ ସକ୍ରିୟ ପଦକ୍ଷେପ ନେଉନାହିଁ। ଏଥିଯୋଗୁ ସାମରିକ ସହାୟତା ବାବଦକୁ ଅବଶିଷ୍ଟ ୩୦୦ ନିୟୁତ ଡଲାର ଦିଆଯିବ ନାହିଁ ବୋଲି ଶନିବାର ଆମେରିକାର ପ୍ରତିରକ୍ଷା ମୁଖ୍ୟାଳୟ ପେଣ୍ଟାଗନ୍ ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ କୋଲୋନେଲ୍ କୋନ୍ ଫଉକ୍‌ନେର ସ୍ପଷ୍ଟ କରିଛନ୍ତି। ଏହି ସହାୟତା ରାଶି ପାଇବାକୁ ହେଲେ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରେ ପାକିସ୍ତାନକୁ ଲଗାମ ଲଗାଇବାକୁ ପଡ଼ିବ ବୋଲି ସେ କହିଛନ୍ତି। ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପୋମ୍ପେଓ ଏଇ ସପ୍ତାହରେ ଇସ୍‌ଲାମାବଦ ଗସ୍ତ କରି ଇମ୍ରାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାର ଠିକ୍ ପୂର୍ବରୁ ଟ୍ରମ୍ପ୍ ପ୍ରଶାସନର ଝଟକା ଇମ୍ରାନଙ୍କ ଉପରେ ଚାପ ସୃଷ୍ଟି କରିଛି। ଏଥିସହ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେଠାର ନୂଆ ସରକାରକୁ ଏକରକମର ବାଧ କରିଛି ବୋଲି କୂଟନୀତିଜ୍ଞ ମହଲରେ ମତପ୍ରକାଶ ପାଇଛି।

---

■ ରଣଯନ୍ତାରେ ଛନ୍ଦିଦେଲାଣି ଚାଇନା

# ବିଆର୍‌ଆଇ ବିଫଳ



**ବେଜିଂ,୨।୯**

ବେଜିଂର ବହୁମୁଖୀ ବିକାଶ ରଣନୀତି ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ଲକ୍ଷ୍ୟଚ୍ୟୁତ ହୋଇଛି। ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସ୍ୱପ୍ନର ପ୍ରକଳ୍ପ ବିଆର୍‌ଆଇରେ ସାମିଲ ଥିବା ଦେଶଗୁଡ଼ିକ ରଣଯନ୍ତାରେ ଛନ୍ଦି ହୋଇଗଲେଣି। ଏହାକୁ ନେଇ ଅନେକ ଦେଶ ଖୋଲାଖୋଲି ଭାବେ ଚାଇନା ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଛନ୍ତି। ଫଳରେ ତିନୋଟି ମହାଦେଶର ଶତାଧିକ ରାଷ୍ଟ୍ରକୁ ନେଇ ଚାଇନାରୁ ୟୁରୋପକୁ ସ୍ଥଳପଥରୁ ଆକାଶମାର୍ଗରେ ଯୋଡ଼ିବା ପାଇଁ ବେଜିଂ ଚଳାଇଥିବା ଯୋଜନା ବିଫଳ ହେବାକୁ ବସିଲାଣି।

ଜିନ୍‌ପିଙ୍ଗ୍ ୨୦୧୩ରେ ଏହି ଭିତ୍ତିଭୂମି ପ୍ରକଳ୍ପର ଘୋଷଣା କରିଥିଲେ। ସେବେଠୁ ପାକିସ୍ତାନ ସମେତ ଅନେକ ରାଷ୍ଟ୍ର ରେଲୱେ, ରାସ୍ତା ଓ ବନ୍ଦର ପ୍ରତିଷ୍ଠା ପାଇଁ ଚାଇନାଠାରୁ ବହୁ ବିଲିୟନ୍ ଡଲାର ଋଣ ନେଇ ସାରିଲେଣି। ପ୍ରକଳ୍ପ ଆରମ୍ଭର ୫ ବର୍ଷ ପରେ ଋଣ ନେଇଥିବା ରାଷ୍ଟ୍ରଗୁଡ଼ିକ ତାହା ପରିଶୋଧ କରିପାରୁନାହାନ୍ତି। ଏଥିଯୋଗୁ ଚାଇନାର ରାଜକୋଷ ଉପରେ ବୋଝ ବଢ଼ିବାରେ ଲାଗିଛି। ଏହାକୁ ନେଇ ଜିନ୍‌ପିଙ୍ଗଙ୍କୁ ମଧ ଦେଶବାସୀଙ୍କ ଆଗରେ ସଫେଇ ଦେବାକୁ ପଡ଼ିଛି। ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର (ସିପିଇସି) ବିଆର୍‌ଆଇ ଅଧୀନରେ ଆସୁଛି। ଏଥିପାଇଁ ଚାଇନାଠାରୁ ନେଇଥିବା ଋଣ ପରିଶୋଧ କରିବା ଇସ୍‌ଲାମାବାଦ ପକ୍ଷରେ ଅସମ୍ଭବ ହୋଇପାରେ ବୋଲି ପାକିସ୍ତାନର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେହିପରି ଶ୍ରୀଲଙ୍କା, ମାଳଦ୍ୱୀପ, ମାଲେସିଆ, ଜିବୌତି, ମଙ୍ଗୋଲିଆ, ଲାଓସ୍, ତାଜିକିସ୍ତାନ ଓ କିର୍ଗିଜ୍‌ସ୍ତାନ ଭଳି ଦେଶ ମଧ ଚାଇନାର ରଣଯନ୍ତାରୁ ମୁକୁଳି ପାରୁନାହାନ୍ତି। ଫଳରେ ଏହି ଦେଶଗୁଡ଼ିକ ଚାଇନାର ଉପନିବେଶବାଦର ଶିକାର ହୋଇ ବହୁମୂଲ୍ୟ ଦେଇପାରନ୍ତି।

---

## ଗଳିତ ଭ୍ରୂଣ ନେଇ ଆତଙ୍କ

**କଲିକତା,୨।୯(ପି.ଟି.)**

**ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ମେଡିକାଲ ଆବର୍ଜନା**

ନବଜାତକଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାକୁ ନେଇ ପଶ୍ଚିମବଙ୍ଗର କଲିକତା ସହରରେ ରବିବାର ଆତଙ୍କ ସୃଷ୍ଟି ହୋଇଥିଲା। ପୋଲିସ ମଧ ଏ ନେଇ ସ୍ପଷ୍ଟ କରିଥିଲା। କିନ୍ତୁ ଏବେ ସେଗୁଡ଼ିକ ପଚା ଭ୍ରୂଣ ନୁହେଁ, ବରଂ ମେଡିକାଲ ଆବର୍ଜନା ବୋଲି ପୋଲିସ ସ୍ପଷ୍ଟ କରିଛି।

ହରିଦେବପୁର ଥାନା ଅନ୍ତର୍ଗତ ରାଜା ରାମମୋହନ ରୟ ସରଣି ଅଞ୍ଚଳରେ ରବିବାର ସଫେଇ ଅଭିଯାନ ବେଳେ ଘାସଭରା ପଡ଼ିଆରୁ ଏକ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ କିଛି ମାନବୀୟ ଅବଶେଷ ଉଦ୍ଧାର କରାଯାଇଥିଲା। ସେଗୁଡ଼ିକୁ ୧୪ଟି ନବଜାତକଙ୍କ ମୃତଦେହ ବୋଲି ଦାବି କରାଯାଇଥିଲା। ପ୍ଲାଷ୍ଟିକ୍ ବ୍ୟାଗ୍‌ରୁ ସମ୍ପୂର୍ଣ୍ଣ ପଚା ଏବଂ ଅଧାପଚା ଅବସ୍ଥାରେ ତାହା ଉଦ୍ଧାର କରାଯାଇଥିବା ପୋଲିସ ସୂଚନା ଦେଇଥିଲା। ତଦନ୍ତ ପରେ ଏହା ଡାକ୍ତରଖାନା ଅଳିଆ ବୋଲି ଜଣାପଡ଼ିଥିବା କଲିକତା ଦକ୍ଷିଣ-ପଶ୍ଚିମ ଡିଭିଜନର ଡିସିପି ନିଳଞ୍ଜନ ବିଶ୍ୱାସ ସୂଚନା ଦେଇଛନ୍ତି।

## ଭାଜପା ମଞ୍ଚରେ ପ୍ରଣବ



ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାରଙ୍କ ସହ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ।

**ନୂଆଦିଲ୍ଲୀ,୨।୯(ପି.ଟି.)**

ଆର୍‌ଏସ୍‌ଏସ୍ ପରେ ଏବେ ଭାଜପା ମଞ୍ଚରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ। ଗୁରୁଗ୍ରାମର ଅଲିପୁରଠାରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସହ ସ୍ମାର୍ଟଗ୍ରାମ ଯୋଜନାର ଉଦ୍‌ଘାଟନ କରିଛନ୍ତି ପ୍ରଣବ। ସ୍ମାର୍ଟଗ୍ରାମ ଯୋଜନା ଅଧୀନରେ ୨୦୧୬ରେ ମୁଖାର୍ଜୀ ଅଲିପୁର, ଦୌଲା, ହରଚାନ୍ଦପୁର, ତେଜପୁର, ମେୱଟ୍‌ର ରୋଜ୍ କା ମିଓ ଗ୍ରାମକୁ ପୋଷ୍ୟଭାବେ ଗ୍ରହଣ କରିଥିଲେ। ଏହି ଯୋଜନାରେ ସେ ସମ୍ପୃକ୍ତ ଗ୍ରାମାଞ୍ଚଳରେ ସୁଲଭ ତଥା ପ୍ରଭାବଶାଳୀ ଭିତ୍ତିଭୂମି ନିର୍ମାଣ ଦାୟିତ୍ୱ ବହନ କରିଛନ୍ତି।

ପୂର୍ବତନ ରାଷ୍ଟ୍ରପତିଙ୍କ ଜନକଲ୍ୟାଣକାରୀ ସଂସ୍ଥା 'ପ୍ରଣବ ମୁଖାର୍ଜୀ ଫାଉଣ୍ଡେଶନ' କେତେକ ସାମାଜିକ ପ୍ରକଳ୍ପ ପାଇଁ ଆର୍‌ଏସ୍‌ଏସ୍ ସହ ହାତ ମିଶାଇବାକୁ ଯାଉଥିବା ନେଇ ପୂର୍ବରୁ ଚର୍ଚ୍ଚା ଚାଲିଥିଲା। ରବିବାର କାର୍ଯ୍ୟକ୍ରମରେ ମୁଖାର୍ଜୀ ଅନେକ ବରିଷ୍ଠ ଏବଂ କନିଷ୍ଠ ଆର୍‌ଏସ୍‌ଏସ୍ କର୍ମୀଙ୍କୁ ନିମନ୍ତ୍ରଣ ଦେଇଥିବା ମଧ କୁହାଯାଉଥିଲା। କିନ୍ତୁ ଏଭଳି ଚର୍ଚ୍ଚାକୁ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ଖଣ୍ଡନ କରାଯାଇଥିଲା। ଏହାର ଦୁଇଦିନ ପରେ ମୁଖାର୍ଜୀ ପୁଣିଥରେ ଭାଜପା ମଞ୍ଚରେ ଉପସ୍ଥିତ ରହି ରାଜନୈତିକ ଉଷ୍ମତା ବଢ଼ାଇ ଦେଇଛନ୍ତି। ପ୍ରକାଶ ଯେ, ଗତ ଜୁନ୍‌ରେ ପ୍ରଣବ ମୁଖାର୍ଜୀ ନାଗପୁରଠାରେ ଆର୍‌ଏସ୍‌ଏସ୍ ବୈଠକରେ ଉଦ୍‌ବୋଧନ ଦେବା ପରେ କେନ୍ଦ୍ର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ସଂଘ ମୁଖ୍ୟ ମୋହନ ଭାଗବତଙ୍କ ସହ ତାଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଏଥିଲାଗି ବିରୋଧୀ ଦଳଗୁଡ଼ିକ ସମେତ ଅନେକ କଂଗ୍ରେସ ନେତା ମଧ ପ୍ରଣବଙ୍କୁ ସମାଲୋଚନା କରିଥିଲେ।

---

## ଫୁର୍‌ସତ

# 'ଶିଶୁ ଭିକ୍ଷାବୃତ୍ତିମୁକ୍ତ ଭାରତ' ପାଇଁ ପଦଯାତ୍ରା

**ଅଗରତାଲା**



ଆଶିଷ ଶର୍ମା(୨୯) ନାମକ ଜଣେ ମେକାନିକାଲ ଇଞ୍ଜିନିୟର ତଥା ଶିଶୁ ଅଧିକାର କର୍ମୀ ଶିଶୁ ଭିକ୍ଷାବୃତ୍ତିମୁକ୍ତ ଭାରତ ଉଦ୍ଦେଶ୍ୟରେ ପଦଯାତ୍ରା କରୁଛନ୍ତି। ଏଥିପାଇଁ ସେ ମାସିକ ୫୦,୦୦୦ଟଙ୍କା ଦରମା ପାଉଥିବା ଏକ ଚାକିରି ଛାଡିଛନ୍ତି। ଏହି ଉଦ୍ଦେଶ୍ୟରେ ସେ ଏ ଦେଶବ୍ୟାପୀ ୧୭,୦୦୦ କିଲୋମିଟର ଯାତ୍ରା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆଶିଷ ବୃତ୍ତିରେ ଜଣେ ବିମାନ ସୁରକ୍ଷା ମେକାନିକାଲ୍ ଇଞ୍ଜିନିୟର। ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏରୋନଟିକ୍ସରୁ ଇଞ୍ଜିନିୟରିଂ ପାସ୍ କରିଛନ୍ତି। ସେ ୨୦୧୪ରେ ଗ୍ରାଜୁଏଶନ୍ ପାସ୍ କରିବାପରେ ଏକ କମ୍ପାନୀରେ ପ୍ରଡକ୍ସନ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥିଲେ।

ଦିଲ୍ଲୀରେ ବଢ଼ିଥିବା ଏବଂ ପଢ଼ିଥିବା ଆଶିଷ ମାନବିକତାର ଉନ୍ନତି ପାଇଁ କାର୍ଯ୍ୟ କରିଥିବା ମହାମାନବ ଡ. ଏପିଜେ ଅବଦୁଲ କଲାମ୍, ସ୍ୱାମୀ ବିବେକାନନ୍ଦ, ଗୌତମ ବୁଦ୍ଧ, ହଜରତ ମହମ୍ମଦ୍‌ଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ। ସେ ଅଫିସରୁ ଫେରିବା ସମୟରେ ଶିଶୁମାନେ ଦିଲ୍ଲୀର ରାସ୍ତାକଡରେ ଭିକ୍ଷା ମାଗୁଥିବାର ଦେଖନ୍ତି। ଏହା ତାଙ୍କୁ ଗଭୀର ଭାବରେ ଆଘାତ ଦିଏ। ସେମାନଙ୍କର ମାତାପିତାଙ୍କ ପରିଚୟ ନ ଥାଏ। ଏଭଳି ୯ ଜଣ ପିଲାଙ୍କୁ ଉଦ୍ଧାର କରି ବାଳାଶ୍ରମରେ ରଖାଇଥିବା ସେ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଚୋରାଚାଲାଣର ଶିକାର ହୋଇଛନ୍ତି। ସେମାନଙ୍କୁ ଭିକ୍ଷା ମାଗିବା ପାଇଁ ବାଧ କରାଯାଉଛି। ଏଭଳି ଏକ କୁପ୍ରଥାର ବିଲୋପ ଲାଗି ସେ ମିଜୋରାମ୍ ଦେଇ ତ୍ରିପୁରାରେ ପହଞ୍ଚିଛନ୍ତି।

ଆଶିଷ ପିଠିରେ ଏକ ବ୍ୟାଗ୍, ଗୋଟିଏ ମୋବାଇଲ୍ ଫୋନ୍, କିଛି ଟଙ୍କା ଏବଂ ଜାତୀୟ ପତାକା ଧରି ପଦଯାତ୍ରା କରୁଛନ୍ତି। ସେ ବାଟରେ ଭେଟୁଥିବା ଲୋକଙ୍କୁ 'ଜୟ ହିନ୍ଦ୍' କହି ସମ୍ବୋଧନ କରନ୍ତି।

## ମିସ୍ ଇଂଲଣ୍ଡ ଫାଇନାଲ୍‌ରେ ପ୍ରତିଯୋଗୀ ପିନ୍ଧିବେ ହିଜାବ୍



**ଲଣ୍ଡନ:** ମିସ୍ ଇଂଲଣ୍ଡ ଫାଇନାଲ୍‌ରେ ୨୦ବର୍ଷ ବୟସ୍କା ଜଣେ ମୁସଲମାନ ତରୁଣୀ ହିଜାବ୍ ପରିଧାନ କରିବେ। ସାରା ଇଫ୍‌ତେଖର ନାମ୍ନୀ ଏହି ଛାତ୍ରୀ ମିସ୍ ଇଂଲଣ୍ଡ ମୁକୁଟ ପରିଧାନ କରିବାକୁ ଆଶା ରଖିଥିବା ବେଳେ ହେଡସ୍କାଫ୍ ଧାରଣ କରି ର୍‍ୟାମ୍ପ୍‌ରେ ଚାଲିବେ। ପ୍ରତିଯୋଗୀ ମହିଳାମାନେ ସାଧାରଣତଃ କ୍ୱାଲିଫାଇଂ ରାଉଣ୍ଡରେ ହିଜାବ୍ ପରିଧାନ କରୁଥିବା ବେଳେ ସାରା ଫାଇନାଲ୍‌ରେ ଏହାକୁ ପରିଧାନ କରିବା ହେବ ପ୍ରଥମ ଘଟଣା। ଆଇନ ବିଷୟ ଅଧ୍ୟୟନ କରୁଥିବା ଏହି ଛାତ୍ରୀ ମିସ୍ ହଡର୍ସଫିଲ୍ଡ ବିଜୟୀ ହେବା ସହିତ ୟର୍କଶାୟର ମିସ୍ ପପୁଲାରିଟି ରାଉଣ୍ଡ ଜିତିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୨ | ୨୩.୨ |
| ଚାନ୍ଦବାଲି | ୩୧.୦ | ୨୪.୦ |
| କଟକ | ୩୦.୦ | ୨୩.୪ |
| ପାରାଦ୍ୱୀପ | ୩୦.୫ | ୨୫.୪ |
| ଭୁବନେଶ୍ୱର | ୩୦.୨ | ୨୫.୦ |
| ଗୋପାଳପୁର | ୩୩.୧ | ୨୬.୦ |
| ପୁରୀ | ୩୨.୬ | ୨୪.୪ |
| ଅନୁଗୋଳ | ୩୦.୭ | ୨୩.୦ |
| ବାରିପଦା | ୩୧.୫ | ୨୫.୬ |
| ଝାରସୁଗୁଡ଼ା | ୨୯.୫ | ୨୫.୧ |
| କେନ୍ଦୁଝର | ୩୦.୩ | ୨୨.୨ |
| ସମ୍ବଲପୁର | ୨୯.୨ | ୨୨.୯ |
| ସୁନ୍ଦରଗଡ଼ | ୩୧.୦ | ୧୯.୦ |
| ହୀରାକୁଦ | ୨୯.୧ | ୨୧.୩ |
| ତାଳଚେର | ୩୦.୪ | ୨୪.୭ |
| ଭବାନୀପାଟଣା | ୩୦.୦ | ୨୪.୮ |
| ବଲାଙ୍ଗୀର | ୨୮.୫ | ୨୫.୦ |
| କୋରାପୁଟ | ୨୫.୬ | ୧୯.୬ |
| ଫୁଲବାଣୀ | --- | ୨୦.୨ |
| ଟିଟିଲାଗଡ଼ | ୨୯.୦ | ୨୨.୫ |
| ମାଲକାନଗିରି | ୨୬.୮ | ୨୪.୬ |
| ସୋନପୁର | ୨୮.୬ | ୨୩.୨ |
| ଦାରିଙ୍ଗିବାଡ଼ି | ୨୪.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ହାଲ୍‌କା' ପ୍ରଚାର କରେନାହିଁ ସ୍ୱଚ୍ଛ ଭାରତ ଅଭିଯାନ

**ମୁମ୍ବାଇ:** ଆଗାମୀ ଫିଲ୍ମ 'ହାଲ୍‌କା' ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ପ୍ରଚାର ଉପରେ ପର୍ଯ୍ୟବସିତ ନୁହେଁ ବୋଲି ଅଭିନେତା ରଣବୀର ଶୋରେ ପ୍ରକାଶ କରିଛନ୍ତି। ଗୁରୁବାର 'ହାଲ୍‌କା' ପ୍ରମୋଶନ ଅବସରରେ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦେଇ ରଣବୀର ଏହା କହିଛନ୍ତି। ଅକ୍ଷୟ କୁମାରଙ୍କ 'ଟଏଲେଟ୍-ଏକ ପ୍ରେମ୍ କଥା' ଏବଂ 'ହାଲ୍‌କା' ମଧ୍ୟରେ ତୁଳନା କରଯାଉଥିବାର କାରଣ ହେଉଛି ଉଭୟ ଫିଲ୍ମରେ ଖୋଲାରେ ଶୌଚହେବା(ଓପନ୍ ଡେଫିକେଶନ୍) ର କିଛି ସ୍ପର୍ଶ ଦିଆଯାଇଛି। ତେବେ, ଆମ ଫିଲ୍ମ ପଦାରେ ଶୌଚହେବା କିମ୍ବା ସ୍ୱଚ୍ଛ ଭାରତ ଅଭିଯାନ ପ୍ରସଙ୍ଗର ପ୍ରଚାରକ ନୁହେଁ। ଉକ୍ତ ଫିଲ୍ମରେ ଏକ ଶିଶୁର ନିରୀହତା ସମ୍ପର୍କରେ କିଛି ପ୍ରଦର୍ଶିତ ହୋଇଛି। ଶିଶୁଟିଏ ଉଲଗ୍ନ ହୋଇ ଏଣେତେଣେ ବୁଲୁଥାଏ। ବୟସ ବଢ଼ିଲେ ତାକୁ ପୋଷାକ ପିନ୍ଧିବାକୁ ଶିକ୍ଷା ଦିଆଯାଏ। କିନ୍ତୁ ଏହି ସମୟରେ ତାକୁ ଖୋଲାରେ ଶୌଚହେବାକୁ କୁହାଯାଏ। ତେଣୁ ପ୍ୟାଣ୍ଟ ପିନ୍ଧିବା ଏବଂ ଖୋଲାରେ ଶୌଚହେବା ଭଳି ପରିସ୍ଥିତି ଶିଶୁ ମନରେ ଦ୍ୱନ୍ଦ୍ୱ ସୃଷ୍ଟିକରେ। ଓପନ ଡେଫିକେଶନ୍ ହେଉଛି ଫିଲ୍ମ ପଛର ପରିଭାଷା କିନ୍ତୁ ଏହା ଫିଲ୍ମର କାହାଣୀ ନୁହେଁ। ଏହା ମୁଖ୍ୟତଃ ଶିଶୁର ନିରୀହତା ଉପରେ ଗଢ଼ିଉଠିଥିବା ଏକ କାହାଣୀ। 'ହାଲ୍‌କା' ଫିଲ୍ମରେ ଶିଶୁ କଳାକାର ତଥାସ୍ତୁ-ପିଚ୍‌କୁ ଭୂମିକାରେ ଏବଂ ରଣବୀର ଓ ପାଓଲି ଡ୍ୟାମ୍ ତାଙ୍କ ମାତାପିତା ଭୂମିକାରେ ଅଭିନୟ କରିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୩/୨୦୧୮ | Bhubaneswar, Monday, September 3 / 2018 | ପୃଷ୍ଠା-୧



## ଆମେରିକା କଟକଣା ଆଧାରରେ ପଦକ୍ଷେପ ନିଆଯିବ

ତେଲକୁ ନେଇ ଇରାନ ବିରୋଧରେ ଆମେରିକାର କଟକଣାର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ରହିଥିବା ଅର୍ଥ ମନ୍ତ୍ରଣାଳୟ ପ୍ରମୁଖ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ କହିଛନ୍ତି। ୧୧

୦୯

## ଫିଲ୍ମ ମୋ ଜୀବନର ଏକ ଅଂଶ: ରବିନା

୯୦ ଦଶକର ବଲିଉଡ୍ ଅଭିନେତ୍ରୀ ପୁଣି ଫିଲ୍ମ ଦୁନିଆକୁ ଫେରିଛନ୍ତି। କିନ୍ତୁ ରବିନା ଟଣ୍ଡନ୍ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ଫିଲ୍ମ ମୋ ଜୀବନର ସବୁକିଛି ନୁହେଁ, ଏହା ଏକ ଅଂଶ ବୋଲି ସେ ପ୍ରକାଶ କରିଛନ୍ତି।




Swaraj Barik
Actor
PLEDGE 'PLASTIC-FREE' ODISHA

#PlasticFreeOdisha
ଧରିତ୍ରୀ DHARITRI
TEAM



## ଛତିଶଗଡ଼ରେ ଏନ୍କାଉଣ୍ଟର ୪ ମାଓବାଦୀ ନିହତ

ରାୟପୁର,୨।୯(ପି.ଟି.): ଛତିଶଗଡ଼ରେ ଯବାନଙ୍କ ଗୁଳିରେ ଟଳିଲେ ୪ ମାଓବାଦୀ। ରାଜ୍ୟର ନାରାୟଣପୁର ଜିଲାରେ ରବିବାର ସୁରକ୍ଷା ବାହିନୀର ଏନ୍କାଉଣ୍ଟରରେ ୪ ମାଓବାଦୀ ନିହତ ହେବା ସହ ବ୍ୟାପକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ନାରାୟଣପୁର ଏସ୍‌ପି ଜିତେନ୍ଦ୍ର ଶୁକ୍ଳାଙ୍କ ସୂଚନା ମୁତାବକ, ଜିଲା ରଜର୍ଭ ଗାର୍ଡ (ଡିଆର୍‌ଜି)ର ଏକ ଟିମ୍ ରବିବାର ମାଓବାଦୀ ନିରୋଧୀ ଅପରେଶନ୍ ଚଳାଇଥିବାବେଳେ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ଗୁମିୟାବେଡା ଗ୍ରାମରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଗୁଳିବିନିମୟ ଲାଗି ରହିଥିଲା। କିଛି ସମୟର ଲଢ଼େଇ ପରେ ମାଓବାଦୀମାନେ ଘଞ୍ଚ ଜଙ୍ଗଲ ଭିତରକୁ ଚାଲି ଯାଇଥିଲେ। ମାଓବାଦୀଙ୍କ ପଳାୟନ ପରେ ଘଟଣାସ୍ଥଳରୁ ୪ ମୃତଦେହ ଏବଂ ବ୍ୟାପକ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଥିବା ଏସ୍‌ପି ପ୍ରକାଶ କରିଛନ୍ତି। ଏହାସହ ଅଞ୍ଚଳରେ ଏବେ ବି କୋମ୍ବିଂ ଅପରେଶନ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

## ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨।୯(ବ୍ୟୁରୋ): ଉତ୍ତର ଓଡ଼ିଶାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ଅପରାହ୍ନ ସାଢେ ୫ଟା ସୁଦ୍ଧା କେତେକ ସ୍ଥାନରେ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ରେକର୍ଡ କରିଛି। ମାଲକାନଗିରି ଏବଂ ପାରାଦୀପରେ ସର୍ବାଧିକ ୨୩ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ବାରିପଦାରେ ୯ ମିମି, ଭୁବନେଶ୍ୱରରେ ୩.୬ ମିମି, କଟକରେ ୩ ମିମି, ଟିଟିଲାଗଡରେ ୨ ମିମି ବର୍ଷା ହୋଇଛି। ଅନୁଗୋଳ, ଝାରସୁଗୁଡା, ଏବଂ ଭବାନୀପାଟଣାରେ ୧ ମିମି ଲେଖାଏ ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ରେକର୍ଡ କରିଛି। ତେବେ ଆସନ୍ତା ୨ ଦିନ ବର୍ଷାର ମାତ୍ରା କମିବ। ୫ ତାରିଖରୁ ପୁଣି ବର୍ଷା ବଢ଼ିବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଆଜିର ସମ୍ପାଦକୀୟ

**ବିକଳ୍ପ ଲୋଡ଼ା**

### ଆଜିର ମନ୍ତବ୍ୟ

"ଆଜିକାଲି ଶୃଙ୍ଖଳା ପାଇଁ ଆହ୍ୱାନ ଦେଲେ ତାକୁ ସ୍ୱେଚ୍ଛାଚାରିତାର ରୂପ ଦିଆଯାଉଛି।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ଦେଶରେ କୋଇଲା ଆମଦାନୀ ୧୧.୯% ବୃଦ୍ଧି ପାଇ ୭୮.୭ ମିଲିୟନ ଟନ୍‌ରେ ପହଞ୍ଚିଛି। ୨୦୧୭-୧୮ ଆର୍ଥିକ ବର୍ଷର ସମାନ ସମୟରେ ଏହା ୭୦.୩ ମିଲିୟନ ଟନ୍‌ରେ ସୀମିତ ଥିଲା।

–ସରକାରଙ୍କ ପ୍ରଦତ୍ତ ତଥ୍ୟ

NATIONAL EGG CO-ORDINATION COMMITTEE
02.09.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

# ଆର୍‌ଟିଆଇରେ ସୂଚନା ମାଗି ଗଣିଲେ ଜିଏସ୍‌ଟି

ଭୋପାଳ,୨।୯

ସୂଚନା ଅଧିକାର (ଆର୍‌ଟିଆଇ) ଆଇନ, ୨୦୦୫ ବଳରେ ତଥ୍ୟ ମାଗିଥିବା ଜଣେ ଆବେଦନକାରୀଙ୍କୁ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଦେବାକୁ ପଡ଼ିଛି। ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ସାମାଜିକ କର୍ମୀ ଅଜୟ ଦୁବେଙ୍କ କ୍ଷେତ୍ରରେ ଏଭଳି ଅଜବ ଘଟଣା ଦେଖିବାକୁ ମିଳିଛି।

ଅଜୟ ଗତ ଜୁଲାଇରେ ମଧ୍ୟପ୍ରଦେଶ ଗୃହନିର୍ମାଣ ଓ ଭିତ୍ତିଭୂମି ବିକାଶ ବୋର୍ଡକୁ ଆର୍‌ଟିଆଇ ଅଧୀନରେ ରିୟଲ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ (ରେରା) କାର୍ଯ୍ୟାଳୟର ମରାମତି ଖର୍ଚ୍ଚ ସମ୍ପର୍କିତ ସୂଚନା ମାଗିଥିଲେ। ଉକ୍ତ ସୂଚନା ପାଇଁ ୪୩ ଟଙ୍କା ପଇଠ କରିବାକୁ ଅଗଷ୍ଟ ୩ରେ ବୋର୍ଡ ପକ୍ଷରୁ ତାଙ୍କୁ କୁହାଯାଇଥିଲା। ସେ ଆବଶ୍ୟକ ସୂଚନା ପାଇବା ଲାଗି ଗତ ୬ ତାରିଖରେ ବୋର୍ଡରେ ୪୩ ଟଙ୍କା ପଇଠ କରିଥିଲେ। ମୋଟ ୧୮ଟି ଦସ୍ତାବିଜ ପାଇଁ ୨ ଟଙ୍କା ହିସାବରେ ସେ ୩୬ ଟଙ୍କା ଦେବା କଥା। କିନ୍ତୁ ୯% ଲେଖାଏ ଉଭୟ କେନ୍ଦ୍ରୀୟ ଜିଏସ୍‌ଟି ଏବଂ ରାଜ୍ୟ ଜିଏସ୍‌ଟି ବାବଦକୁ ୩ଟଙ୍କା ୫୦ ପଇସା ହିସାବରେ ଅଜୟଙ୍କଠାରୁ ଅଧିକ ୭ ଟଙ୍କା ଆଦାୟ କରିନେଇଛି ବୋର୍ଡ। ଅଜୟ ଏହା ଜାଣିବା ପରେ ବିସ୍ମିତ ହୋଇଯାଇଛନ୍ତି। ଆର୍‌ଟିଆଇ



ଅଜୟ ଦୁବେ

ତଥ୍ୟ ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ଜିଏସ୍‌ଟି ଆଦାୟକୁ ଅଜୟ ବେଆଇନ ବୋଲି ଅଭିଯୋଗ କରିଛନ୍ତି। ଏହା ବିରୋଧରେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଅପିଲ କରିବେ ବୋଲି ଅଜୟ କହିଛନ୍ତି।

ପ୍ରକାଶ ଯେ, ଆର୍‌ଟିଆଇ ଆଇନ ଅଧୀନରେ ସୂଚନା ପ୍ରଦାନ ସେବାକୁ ଜିଏସ୍‌ଟି ମୁକ୍ତ କରିବା ପାଇଁ ଗତ ଜାନୁୟାରୀରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି ପରିଷଦ ବୈଠକରେ ସୁପାରିସ କରାଯାଇଥିଲା। ସେହିପରି କୌଣସି ସରକାରୀ କର୍ତ୍ତୃପକ୍ଷ ସୂଚନାକୁ ପଣ୍ୟ ସାମଗ୍ରୀ ବିବେଚନା କରି ଏହା ଉପରେ ଜିଏସ୍‌ଟି ବସାଇ ପାରିବେ ନାହିଁ। କେବଳ ସରକାରୀ ରାଜକୋଷ ଉପରେ ବୋଝ ଏଡାଇବା ଲାଗି ତଥ୍ୟ ପ୍ରଦାନ ବେଳେ ନକଲ ପାଇଁ ଆବଶ୍ୟକ ଖର୍ଚ୍ଚ ଆବେଦନକାରୀଙ୍କଠାରୁ ଆଦାୟ କରାଯିବ ବୋଲି ଫେବୃୟାରୀରେ କେନ୍ଦ୍ରୀୟ ସୂଚନା କମିଶନର (ସିଆଇସି) ଏମ୍. ଶ୍ରୀଧର ଆଚାର୍ଯ୍ୟୁଲୁ ସ୍ପଷ୍ଟ କରିଥିଲେ।

# ଶ୍ୱାସରୁଦ୍ଧ ହୋଇ ୫ ଜୀବନ ଗଲା

ବିଷମକଟକ,୨।୯(ଡ଼ି.ଏନ.ଏ)

ଜଣେ ମହିଳା ଶ୍ରମିକଙ୍କୁ ବଞ୍ଚାଇବାକୁ ଯାଇ ୫ ଜଣଙ୍କ ଜୀବନ ଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାୟଗଡା ଜିଲା ବିଷମକଟକ ଅଞ୍ଚଳରେ। ରବିବାର ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ଗ୍ରାମରେ ଏକ ନବନିର୍ମିତ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ରାଜ ମିସ୍ତ୍ରି ପୂର୍ଣ୍ଣଚନ୍ଦ୍ର ଟାକ୍ରୀ, ମହିଳା ଶ୍ରମିକ ରଶ୍ମିତା ଉର୍ଲାକା, ବୈରାଗୀ କଲକା, ସୂର୍ଯ୍ୟନାରାୟଣ ପାତ୍ର ଓ ତାଙ୍କ ଭାଇ ବଂଶୀଧର ପାତ୍ର। ମୃତ ରଶ୍ମିତା ଓ ବୈରାଗୀଙ୍କ ଘର ଦୁର୍ଗୀ ନିକଟସ୍ଥ ଲାଞ୍ଜି ଗ୍ରାମରେ ହୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର, ସୂର୍ଯ୍ୟନାରାୟଣ ଓ ବଂଶୀଧରଙ୍କ ଘର ଦୁର୍ଗୀ ପାଇକସାହିରେ। ଏଥିରେ ଗୁରୁତର ହୋଇଥିବା କାର୍ତ୍ତିକ ଗୌଡ ବିଷମକଟକ ଖ୍ରୀଷ୍ଟିଆନ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ଗୁରୁତର ରହିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ମୃତକଙ୍କ ପରିବାର ପିଛା ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି।

ଦୁର୍ଗୀ ଗ୍ରାମରେ ଏମ୍.ସତ୍ୟନାରାୟଣଙ୍କ ନୂତନ ଗୃହର ପାଇଖାନା ଟାଙ୍କି ନିର୍ମାଣ ଚାଲିଥିଲା। ରବିବାର ଉକ୍ତ ନିର୍ମାଣାଧୀନ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲାଯିବାର ଥିଲା। ତେଣୁ ପୂର୍ବାହ୍ନ ୯ଟା ବେଳେ ମିସ୍ତ୍ରୀ ପୂର୍ଣ୍ଣଚନ୍ଦ୍ର, ଦୁଇ ଶ୍ରମିକ ରଶ୍ମିତା ଓ ବୈରାଗୀ କାମରେ ଲାଗିଥିଲେ। ଏଥିରେ ଲାଗିଥିବା ପଟା ଖୋଲିବାକୁ ରଶ୍ମିତା ପ୍ରଥମେ ଟାଙ୍କି ଭିତରକୁ ଯାଇଥିଲେ। କିଛି ସମୟ ପରେ ସେ ନ ଫେରିବାରୁ ବୈରାଗୀ ମଧ୍ୟ ଟାଙ୍କି ଭିତରକୁ ଯାଇଥିଲେ। ହେଲେ ସେ ମଧ୍ୟ ବାହାରକୁ ଆସି ନ ଥିଲେ। ଏହା ଦେଖି ମିସ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଭିତରକୁ ଯାଇଥିଲେ। ସେ ଭିତରେ ଚିତ୍କାର କରିବାରୁ ନିକଟରେ ଭଲିବଲ ଖେଳୁଥିବା ତିନିଜଣ ଯୁବକ ସୂର୍ଯ୍ୟନାରାୟଣ, ବଂଶୀଧର ☞ପୃଷ୍ଠା-୨

### ପାଇଖାନା ଟାଙ୍କିରେ ଅଘଟଣ



- ଜଣକୁ ବଞ୍ଚାଇବାକୁ ଯାଇ ଗଲା ୫ ଜୀବନ
- ଗୁରୁତର ଆହତ ହସ୍ପିଟାଲରେ ଚିକିତ୍ସିତ
- ଜେସିବି ସାହାଯ୍ୟରେ କଢ଼ାଗଲା ଟାଙ୍କି ଛାତ

ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରେମଜାଲରେ ଫସାଇ ବ୍ଲାକମେଲିଂ

# ଜେଲରଙ୍କ ନାଁରେ ମାମଲା

- ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ
- ଦିଲ୍ଲୀ ଟ୍ରେନିଂରେ ଯାଇଛନ୍ତି ଜେଲର

ଭଦ୍ରକ ଅଫିସ,୨।୯

ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରେମଜାଲରେ ଫସାଇ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ରଖି ତାଙ୍କୁ ବ୍ଲାକମେଲିଂ କରି ନିର୍ଯାତନା ଦିଆଯିବା ଭଳି ଘଟଣା ପଦାକୁ ଆସିଛି। ଏନେଇ ପୀଡିତା ଶନିବାର ସନ୍ଧ୍ୟାରେ ଭଦ୍ରକ ଟାଉନ ଥାନାରେ ବର୍ତ୍ତମାନର ଭଦ୍ରକ ଜେଲର ଚିନ୍ମୟ ପାତ୍ରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଚିନ୍ମୟଙ୍କ ବିରୋଧରେ ୪୯୮(ଏ), ୪୯୯, ୪୯୫, ୪୦୬, ୪୧୭, ୫୦୬ ଆଇପିସିରେ ଏକ ମାମଲା ( ନଂ. ୨୨୫/୧୮ ) ରୁଜୁକରି ତଦନ୍ତ ଚଳାଇଛି। ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ସମ୍ପୃକ୍ତ ଜେଲରଙ୍କୁ ଫୋନ ଯୋଗେ ପଚରାଯିବାରୁ ସେ ତାଙ୍କ ପ୍ରତିକ୍ରିୟାରେ ଅଭିଯୋଗକାରିଣୀ ଯୁବତୀଙ୍କୁ ଚିହ୍ନି ନ ଥିବା ଏବଂ ସେ କାହିଁକି ଏଭଳି ଅଭିଯୋଗ ଆଣିଛନ୍ତି ତାହା ଜାଣି ନ ଥିବା କହିଛନ୍ତି।

ଟାଉନ ଥାନାଧିକାରୀ ଦିଲୀପ ଦାସଙ୍କ ସୂଚନା ଅନୁସାରେ ପୀଡିତାଙ୍କ ଅଭିଯୋଗ ଅନୁଯାୟୀ ଭଦ୍ରକ ଜେଲ୍‌ର ଚିନ୍ମୟ ପୂର୍ବରୁ ମୟୂରଭଞ୍ଜ ଜିଲା କରଞ୍ଜିଆ ଜେଲ୍‌ରେ ଜେଲର ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ରେ ସେ ଇଞ୍ଜିନିୟରିଂ ପଢ଼ିଥିବା ଏହି ଛାତ୍ରୀଙ୍କୁ ଖିଚିଂ ମନ୍ଦିରକୁ ନେଇ ସିନ୍ଦୂର ପିନ୍ଧାଇ ବିବାହ କରିଥିଲେ। ପରେ ତାଙ୍କୁ ସ୍ତ୍ରୀ ଭାବେ କରଞ୍ଜିଆ ଜେଲ କ୍ୱାର୍ଟର୍ସରେ ପ୍ରାୟ ୨ ମାସ ରଖିଥିଲେ। ପାତ୍ର ପୂର୍ବରୁ ବିବାହ କରିଥିବା ଓ ତାଙ୍କର ଦୁଇଟି ପିଲାଥିବା ଜାଣିବା ପରେ ଛାତ୍ରୀଜଣଙ୍କ ଦୂରେଇ ଯାଇଥିଲେ। ☞ପୃଷ୍ଠା-୨

# ମହାବଳ ବାଘ 'ମନୀଷ'ର ମୃତ୍ୟୁ

ବାରଙ୍ଗ,୨।୯(ଡି.ଏନ୍.ଏ.)

ବାରଙ୍ଗସ୍ଥିତ ନନ୍ଦନକାନନ ପ୍ରାଣୀଉଦ୍ୟାନର ମହାବଳ ବାଘ 'ମନୀଷ'ର ରବିବାର ଅପରାହ୍ନ ସାଢେ ୪ଟାରେ ମୃତ୍ୟୁ ହୋଇଛି। ମୃତ୍ୟୁବେଳକୁ ତାକୁ ୧୦ବର୍ଷ ହୋଇଥିଲା। ସେ ଗତ ୬ମାସ ହେବ ଅସୁସ୍ଥ ହୋଇ ନନ୍ଦନକାନନ ପରିସରରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ମାସରେ ଜଳଉଦରୀ, ଜୁଲାଇରେ ତରଳଝାଡା ଓ ଏବେ ରକ୍ତଜନିତ ସଂକ୍ରମଣରେ ମନୀଷ ଆକ୍ରାନ୍ତ ହୋଇ ଚିକିତ୍ସାଳୟର କ୍ୱାରେଂଟଟାଇନରେ ଚିକିତ୍ସିତ ହେଉଥିଲା। ଟେକ୍ନିକାଲ କମିଟି ଓ ଓୟୁଏଟିର ବିଶେଷଜ୍ଞମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିକିତ୍ସା ଚାଲିଥିଲେ ମଧ୍ୟ ତା'ର ମୃତ୍ୟୁ ଘଟିଥିଲା। ମନୀଷର ମୃତ୍ୟୁ ପରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସ ପାଇ୨୪ରେ ପହଞ୍ଚିଛି। ସେଥିମଧ୍ୟରେ ୧୧ଟି ଅଣ୍ଡିରା ଓ ୧୩ଟି ମାଈ ଅଛନ୍ତି। ଏଥିରେ ୮ଟି ଧଳାବାଘ ଅଛନ୍ତି। ୨୮ଫେବୃୟାରୀ ୨୦୦୮ରେ ରୋହିତ ଓ ଶୈଳଜା ଔରଷରୁ ମନୀଷ ଜନ୍ମ ହୋଇଥିଲା। ଧଳାବାଘୁଣୀ ସ୍ନେହା ସହ ମନୀଷର ମିଳନରୁ ୨୮ଜୁଲାଇ ୨୦୧୪ରେ ସ୍ନେହାର ପ୍ରଥମ ଗର୍ଭରୁ କଳାଲୋମଯୁକ୍ତ ବାଘଛୁଆ କ୍ରିଷ୍ଣା ଜନ୍ମ ହୋଇଥିଲା। ପୁଣିଥରେ ସ୍ନେହା ସହ ମନୀଷର ଦ୍ୱିତୀୟଥର ପାଇଁ ମିଳନ ହୋଇ ୫ଅଗଷ୍ଟ ୨୦୧୬ରେ ଭିକି ନାମକ କଳାଲୋମଯୁକ୍ତ ବାଘଛୁଆ ଜନ୍ମହୋଇଥିଲା। ଫଳରେ ନନ୍ଦନକାନନରେ ମନୀଷର ଗୁରୁତ୍ୱ ବଢ଼ିବା ସହ ନନ୍ଦନକାନନକୁ ନେଇ ଅନ୍ୟ ଚିଡ଼ିଆଖାନାଗୁଡିକ ଚର୍ଚ୍ଚା କରିବାକୁ ଲାଗିଥିଲେ। ଏ ସମ୍ପର୍କରେ ନନ୍ଦନକାନନ ଉପ-ନିର୍ଦ୍ଦେଶକ ଦାସ କୁହନ୍ତି, ମନୀଷ ଗତ ୬ମାସ ହେବ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲା। ତା'ର ରକ୍ତଜନିତ ସଂକ୍ରମଣ ଯୋଗୁ ମୃତ୍ୟୁ ଘଟିଛି ବୋଲି ସେ କହିଛନ୍ତି।



ମୃତ ମହାବଳ ମନୀଷ।



ଏସିଆନ ଗେମ୍ସର ଉଦ୍‌ଯାପନୀ ଅବସରରେ ରବିବାର ଗେଲୋରା ବୁଙ୍ଗ କାର୍ନୋ ଷ୍ଟାଡିୟମରେ ଅନୁଷ୍ଠିତ ଆତସବାଜି କାର୍ଯ୍ୟକ୍ରମ।

# ଏସିଆନ ଗେମ୍ସ ଉଦ୍‌ଯାପିତ

ଜାକର୍ତ୍ତା, ୨।୯(ପି.ଟି.)

୧୮ତମ ଏସିଆନ ଗେମ୍ସର ରଙ୍ଗାରଙ୍ଗ ଉଦ୍‌ଯାପନ ହୋଇଛି। ବେଶ୍ ସଫଳତାର ସହ ବିଶ୍ୱର ଏହି ଦ୍ୱିତୀୟ ସର୍ବବୃହତ କ୍ରୀଡ଼ା ମହାକୁମ୍ଭକୁ ଇଣ୍ଡୋନେସିଆ ଆୟୋଜନ କରିଛି। ୧୫ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପୂର୍ବ ସଂସ୍କରଣ ଭଳି ଲୋକପ୍ରିୟ ହୋଇ ପାରିଛି। ୭୬ ହଜାର ଦର୍ଶକଙ୍କ ଉପସ୍ଥିତିରେ ସ୍ଥାନୀୟ ଗେଲୋରା ବୁଙ୍ଗ୍ କାର୍ନୋ ଷ୍ଟାଡିୟମରେ ରବିବାର ଉଦ୍‌ଯାପନୀ ଉତ୍ସବ ବେଶ୍ ମନମୋହକ ଥିଲା। ଏହି ଷ୍ଟାଡିୟମରେ ଟ୍ରାକ ଆଣ୍ଡ ଫିଲ୍ଡ ଇଭେଣ୍ଟ ଦେଖିବାକୁ ଗ୍ୟାଲେରିରେ ଦର୍ଶକଙ୍କ ଭିଡ ଆଦୌ ପରିଲକ୍ଷିତ ହୋଇ ନ ଥିଲା। ତେବେ ଦୀର୍ଘ ୨ ଘଣ୍ଟା ଧରି ଚାଲିଥିବା ଉଦ୍‌ଯାପନ ଉତ୍ସବକୁ ଦେଖିବା ଓ ଅଙ୍ଗେ ନିଭାଇବା ପାଇଁ ଦର୍ଶକମାନେ ପିମ୍ପୁଡି ଭଳି ଷ୍ଟାଡିୟମ ବାହାରେ ଲାଇନ ଲଗାଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଏହି ଉତ୍ସବରେ ଦର୍ଶକଙ୍କୁ ଜବରଦସ୍ତ ମନୋରଞ୍ଜନର ଖୋରାକ ମିଳିଥିଲା।

ଯେମିତି ଆଶା କରାଯାଉଥିଲା ଚାଇନା, ଜାପାନ ପଦକ ତାଲିକାର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ତାଲିକାରେ ଯଥେଷ୍ଟ ଉନ୍ନତି କରି ଇଣ୍ଡୋନେସିଆ ଚତୁର୍ଥ ସ୍ଥାନରେ ରହିଛି। ୪ ବର୍ଷ ତଳେ ଇଞ୍ଚିଅନ ଏସିଆଡ୍‌ରେ ଇଣ୍ଡୋନେସିଆ ୧୭ତମ ସ୍ଥାନରେ ରହିଥିଲା। ଭାରତ ୧୫ଟି ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୦ଟି ବ୍ରୋଞ୍ଜ୍ ସହ ମୋଟ ୬୯ଟି ପଦକ ହାସଲ କରିଛି। ୪ ବର୍ଷ ତଳେ ଇଞ୍ଚିଅନ୍ ଏସିଆନ ଗେମ୍ସରେ ଭାରତ ୬୫ଟି ପଦକ ହାସଲ କରିଥିଲା। ଏଥର କିନ୍ତୁ ଏଥିରେ ଉନ୍ନତି ଆଣିଛି। ୧୫ଟି ସ୍ୱର୍ଣ୍ଣ ଜିତି ଭାରତ ପୁରୁଣା ରେକର୍ଡର ସମକକ୍ଷ ହୋଇଛି। ପୂର୍ବରୁ ୧୯୫୧ରେ ଏସିଆନ ଗେମ୍ସର ପ୍ରାରମ୍ଭିକ ସଂସ୍କରଣରେ ଭାରତ ୧୫ଟି ସ୍ୱର୍ଣ୍ଣ ଜିତିଥିଲା। ପୂର୍ବରୁ କେବେବି ଭାରତ ୨୪ଟି ରୌପ୍ୟ ଜିତି ନ ଥିଲା। ଏଥର ଭାରତ ପଦକ ତାଲିକାର ଅଷ୍ଟମ ସ୍ଥାନ ଅଧିକାର କରି ଟପ୍-୧୦ରେ ତା'ର ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛି। ୨୦୧୪ ଇଞ୍ଚିଅନ୍ ସଂସ୍କରଣରେ ୧୧ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୩୬ଟି ବ୍ରୋଞ୍ଜ ସହ ଭାରତ ଅଷ୍ଟମ ସ୍ଥାନରେ ଥିଲା। ଏଥର ସ୍ୱର୍ଣ୍ଣ ଓ ରୌପ୍ୟ ସଂଖ୍ୟାରେ ବୃଦ୍ଧି ହୋଇଥିଲେ ମଧ୍ୟ ବ୍ରୋଞ୍ଜ୍ ସଂଖ୍ୟା କମିଛି। ତେବେ ଭାରତ ଅଷ୍ଟମ ସ୍ଥାନ ବଜାୟ ରଖିଛି। ☞ପୃଷ୍ଠା-୨



ନେପାଳ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଘଟିଛି ଏକ ଅଘଟଣା। ଏଠାରେ ଏକ ବିମାନ ରନ୍‌ୱେରୁ ଖସିଯାଇଛି। ବିମାନ ଚାଳକ ସତର୍କତା ସହିତ ବିମାନକୁ ଅଟକାଇଥିଲେ। ବିମାନରେ ୨୧ ଜଣ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣ ଆହତ ହୋଇଥିବା ବିମାନ ବନ୍ଦର ସାଧାରଣ ପରିଚାଳକ ରାଜକୁମାର ଛେତ୍ରୀ ସୂଚନା ଦେଇଛନ୍ତି। ବିମାନ ବନ୍ଦରର ରନ୍‌ୱେ ପୁରୁଣା ହୋଇଯାଇଥିବାରୁ ଏପରି ହୋଇଥିବା କୁହାଯାଉଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ...............................................
ବୟସ: ..............................................
ଜନ୍ମ ତାରିଖ: ......................................


କୁମାର ପରିବାରବର୍ଗ


ସୋହନ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ବାବଶ୍ୟ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।

# Classified


automobile

## SALE

Mahindra food truck for Rs. 4,50,000/- 9861142220, 9439180668 (with all accessories). D-63720

real estate

## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64125

ଉତ୍ତରାଛକରୁ 5km. ଦୂରରେ ଘରବାରି boundary road ସହିତ ମିଳୁଛି। 8480447967. D-63083

Plot for sale near AIIMS Hospital, Bhubaneswar. Contact: 9938670164, 6370907396. D-64119

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64123

ଝାରପଡ଼ା Jagannath nagar ରେ ଘରବାରି yellowzone plot immediate ଘରକରିବା ପାଇଁ ମିଳୁଛି। 8480447967. D-63081

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

1BHK & 2BHK flat sale at SBI Colony Kesura. 8480447967. D-63084

କେଶୁରାରେ ଘରବାରି corner plot black top roadକୁ ଲାଗି boundary ଓ electric ସହିତ ମିଳୁଛି। 8480447967. D-63082

ଭୁବନେଶ୍ୱର ବାଲିଅନ୍ତାରେ 30ft. road ଘରବାରି boundary ସୁବିଧା ଥାଇ 650/-ରେ ପ୍ଲଟ ମିଳୁଛି। 9668194157. D-63481

Bhubaneswar AIIMS Hospital DOON School 30' road gharabari possession plot. 9438763122. D-62786

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 9583032439. D-63600

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି ପ୍ଲଟ୍ ମିଳୁଅଛି। 9439864322. D-64301

## PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64124

healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Bangkok spa special offer 50% off on all 1hrs any full body massage. 9861688844, 8018739084. D-63594

G.S Spa herbal full body massage ladies/ gents. 9078429117, 7683840853. D-63079

Physiotherapy and Herbal massage by trained ladies/ Gents Therapist- 7008773793. D-63482

Newly opening ayurvedic body massage in joint pains, smart therapist. 9776383819. D-64126

Newly opening ayurvedic body massage smart therapist, Shree Herbal. 7750020754. D-64127

Herbal full body massage by smart/ expert therapist. Contact: 8338067247. D-64128

Experience full body massage with us by experts. Enquiry: 7377048581. D-64129

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

All type of massage and good therapy full body massage Sai herbal spa. 7609005923. D-64201

### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



Aaryan Dash (Sohan)

ଅନେକ ଅନେକ ଶୁଭେଚ୍ଛା ସହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛୁ, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ଡାଡି, ମାଆ, ମାମା, ପାପା, ବଡପାପା, ମମ୍, ବୁଢା ଅଜା, ବୁଢୀଆଈ, ବଡଅଜା, ବଡଆଈ, ବୁଢୀମା, ଅଜା, ଆଈ, ମିଟୁମାମୁ, ମାଇଁ, ପିଣ୍ଟୁ ମାମୁ, ଗୁଡୁ କାକା, ତିନି, ସୃଷ୍ଟି, ଶ୍ରୀଯା, ସ୍ୱସ୍ତିକ, ଇଶାନ୍, ଚିନୁ, ମଉସା ଓ ମାଉସୀମାନେ। ଧ-୮୧୮୪

### ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



କୁମାର ଆୟୁଷ୍ମାନ

QR NO-A/E-7, Bhimatangi Housing Board Colony, Kapila Prasad, Bhubaneswar

ଈଶ୍ୱର ସର୍ବଦା ତୁମକୁ ଖୁସୀରେ ରଖନ୍ତୁ। ଭଗବାନଙ୍କ ଆଶୀର୍ବାଦରେ ସଫଳତାର ଶୀର୍ଷରେ ପହଞ୍ଚିବାର ଆଶୀର୍ବାଦ ମିଳୁ। ଶୁଭେଚ୍ଛା ସହ: ଅଜା, ଆଈ, ମା, ବାବା, ମାମୁ, ବଡ଼ମା, ବଡବାପା, ଲକି ଭାଇନା ଓ ସମସ୍ତ ପରିବାରବର୍ଗ। ଧ-୮୧୪୬

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ଜ୍ୟୋସ୍ନା ରାଣୀ ପତି
ଆବିର୍ଭାବ- ୦୮.୦୮.୧୯୭୮ (ରାକ୍ଷୀ ପୂର୍ଣ୍ଣିମା)
ତିରୋଧାନ- ୨୦.୦୮.୨୦୦୩ (ଜନ୍ମାଷ୍ଟମୀ)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକ ସନ୍ତପ୍ତ
ତୁମର- ଚନ୍ଦ୍ରଶେଖର, ଫୁଟୁ, ପାପୁ, ଝୁନୁ, ମିତା, ଚିତ, ତିତୁନା, ପ୍ରାନ୍ସ, ସାହେବ, ନାନ୍‌ସୀ, ଆର୍ଚ୍ଚି, ଓମ୍, ନବାବ୍, ସମ୍ରାଟ, ପରୀ ଓ ପତି ପରିବାର। D-8183


# ଧଣ୍ଡାତୋପା ରେଞ୍ଜରେ ବାଘୁଣୀ

## ବାଛୁରି ଶିକାର ଅଭିଯୋଗ, ଗ୍ରାମବାସୀ ଆତଙ୍କିତ

**ବଇଣ୍ଡା, ୨।୯(ଡି.ଏନ.ଏ.)**

ବାଘ ବଂଶ ବୃଦ୍ଧି ପାଇଁ ମଧ୍ୟପ୍ରଦେଶରୁ ଅଣାଯାଇ ସାତକୋଶିଆ ଜଙ୍ଗଲରେ ଛଡାଯାଇଥିବା ବାଘୁଣୀ 'ସୁନ୍ଦରୀ' ଏବେ ଧଣ୍ଡାତୋପା ରେଞ୍ଜରେ ଆତଙ୍କ ଖେଳାଇଛି। ଗୁରୁବାରଠାରୁ ବାଘୁଣୀ ଧଣ୍ଡାତୋପା ରେଞ୍ଜକୁ ଆସିଥିବାବେଳେ ଶନିବାର ବିପ୍ରଡିହ ଗ୍ରାମର ରମାକାନ୍ତ ନାୟକଙ୍କ ଏକ ବାଛୁରୀ ଶିକାର କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସାତକୋଶିଆ ବନଖଣ୍ଡ ଟିକରପଡା ରେଞ୍ଜର ଏକ ପ୍ରତିନିଧି ଦଳ ବିପ୍ରଡିହ ଗ୍ରାମକୁ ଆସି ବାଘୁଣୀ ଉପରେ ନଜର ରଖିଛନ୍ତି।

ସମ୍ପୃକ୍ତ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗୁରୁବାର ଜଙ୍ଗଲରେ ଗୋରୁପଲ ଚରୁଥିବାବେଳେ ବାଘୁଣୀକୁ ଦେଖି ଧାଁଦୌଡ଼ କରିଥିଲେ। କେତେଜଣ ଗାଈ ଚରାଳି ବାଘୁଣୀକୁ ଦେଖିବା ପରେ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ। ସେମାନେ ଏକାଠି ହୋଇ ସାରା ରାତି ଠେଙ୍ଗାବାଡି ଧରି ଜଗି ରହିଥିଲେ। ଶନିବାର ଗାଈପଲ ଏକ ପଡିଆରେ ଥିବାବେଳେ ହଠାତ୍ ବାଘୁଣୀ ଏକ ବାଛୁରୀକୁ ଟାଣିନେଇ ପଳାଇଥିବା ରମାକାନ୍ତ କହିଛନ୍ତି। ତୁରନ୍ତ ଉକ୍ତ ବାଘୁଣୀକୁ କାବୁ କରାଯାଇ ଅନ୍ୟତ୍ର ପଠାଇଦେବାକୁ ମଇମୁରା ପଞ୍ଚାୟତବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ସୁନ୍ଦରୀ ଉପରେ ନଜର ରଖିଥିବା ଟିକରପଡା ରେଞ୍ଜର ଜୟନ୍ତ ପଟ୍ଟନାୟକଙ୍କ ସହ ଏକ ଟିମ୍ ବାଘୁଣୀକୁ ସାତକୋଶିଆ ଜଙ୍ଗଲକୁ ଘଉଡାଇବାକୁ ଉଦ୍ୟମ କରୁଛନ୍ତି। ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରା ଏହି ପ୍ରସଙ୍ଗକୁ ଏଡାଇ ଯାଇଥିବାବେଳେ ସାତକୋଶିଆ ଡିଏଫ୍‌ଓ ଏସ୍‌ଏମ୍‌ଡିଟି ରହମାନ କହିଛନ୍ତି, ବାଘୁଣୀ ଏବେ ଆଠମଲ୍ଲିକ ଡିଭିଜନରେ ବୁଲୁଛି। ଏହାର ଗତିବିଧି ମନିଟରିଂ କରାଯାଉଛି। କିନ୍ତୁ ବାଛୁରୀକୁ ଶିକାର କରିଛି କି ନାହିଁ ତାହା ଜଣାପଡିନି। ତଦନ୍ତ ଚାଲିଛି।


ବିପ୍ରଡିହ ନିକଟସ୍ଥ ଜଙ୍ଗଲରେ ବନ ବିଭାଗ ଟିମ୍।

# ସୁରଟରେ ମନ ମୋହିଲା ପିପିଲି ଚାନ୍ଦୁଆ

**ଭୁବନେଶ୍ୱର,୨।୯(ବ୍ୟୁରୋ)**

ପିପିଲି ଚାନ୍ଦୁଆର ଆଦର ସାରା ବିଶ୍ୱରେ ରହିଛି। ଓଡ଼ିଆ ଚାନ୍ଦୁଆ ଶିଳ୍ପୀଙ୍କ କାରୁକାର୍ଯ୍ୟ ପଲ୍ଲୀଠାରୁ ଦିଲ୍ଲୀ ସବୁଠି ପ୍ରସିଦ୍ଧି ଆଣିଛି। ଗୁଜରାଟର ସୁରଟରେ ରବିବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଓଡ଼ିଶା ପରବ। ସେଠାକାର ଓଡ଼ିଆଙ୍କ ସମେତ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିଛି। ସେଠାରେ ହୋଇଥିବା ସାଜସଜ୍ଜା ବି ମିନି ଓଡ଼ିଶାର ଭ୍ରମ ସୃଷ୍ଟି କରୁଛି। ପ୍ରସିଦ୍ଧ ଚାନ୍ଦୁଆ ଶିଳ୍ପୀ ସୁରେଶ ମହାପାତ୍ର ସୁରଟ୍‌ରେ ହୋଇଥିବା ଚାନ୍ଦୁଆ ସଜ୍ଜାକୁ ଭିନ୍ନ ରୂପ ଦେଇଛନ୍ତି।

ସୁରେଶ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ୪୦ଫୁଟ ଉଚ୍ଚ ବର୍ଣ୍ଣାଢ଼୍ୟ ତୋରଣ ଏବଂ ୭୫ ଫୁଟ ଉଚ୍ଚତା ବିଶିଷ୍ଟ ୩ ରଥର ପ୍ରଜ୍ଞାପନ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଉକ୍ତ କାରୁକାର୍ଯ୍ୟରେ ପ୍ରାୟ ୧୨ ହଜାର ମିଟର କପଡ଼ା ଲାଗିଛି। ଏହାକୁ ଉପଯୁକ୍ତ ଭାବେ ପ୍ରସ୍ତୁତ କରିବା ପାଇଁ ୮୦ ଜଣ କାରିଗର ପ୍ରାୟ ୧୫ ଦିନ ସମୟ ନେଇଥିବା ଜଣାପଡିଛି। ସେହିଭଳି ପାଖାପାଖି ୪୦୦୦ ଲ୍ୟାମ୍ପ ସେଟ୍, ୬୦ ଛତା, ୬୦ ଛତ୍ରୀ, ୬୦ ତ୍ରାସ ଉତ୍ସବର ଶୋଭାବର୍ଦ୍ଧନ କରୁଛି।

ନିଜର କାର୍ଯ୍ୟ ଏବଂ ସୁରଟ ଅନୁଭୂତି ସମ୍ପର୍କରେ ସୁରେଶ କହିଛନ୍ତି ଯେ, ଚାନ୍ଦୁଆର ସବୁଠି ଚାହିଦା ରହିଛି। ଏହାର ଉତ୍କଳୀୟ କାରୁକାର୍ଯ୍ୟ ଏବଂ ପରମ୍ପରା ଅନନ୍ୟ ନିଦର୍ଶନ। ଓଡ଼ିଶାଠାରୁ ଅନେକ ଦୂରରେ ଥିବା ସୁରଟରେ ଚାନ୍ଦୁଆ କାମ କରି ଆତ୍ମତୃପ୍ତି ମିଳିଛି। ଏହିଭଳି ପରିବେଶ ଏବଂ କାର୍ଯ୍ୟକ୍ରମ ଆୟୋଜନର ଯଥାର୍ଥତା ରହିଥିବା ସୁରେଶ କହିଛନ୍ତି।

# ହାତୀ ମୃତ୍ୟୁ: ବିଦ୍ୟୁତ୍ ଆଘାତ ସନ୍ଦେହ

**ଟାଙ୍ଗୀ(କଟକ), ୨।୯(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ବଡ଼ପୋଖରୀ ମୌଜାସ୍ଥିତ ଏକ ଘରୋଇ ଫାର୍ମ ପରିସରରେ ଶନିବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ବିଦ୍ୟୁତ୍ ଆଘାତରୁ ହାତୀର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ହେଲେ ମୃତ୍ୟୁର କାରଣ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡାଳିଯୋଡା ରେଞ୍ଜ ଅଧିକାରୀ ମନୋରଞ୍ଜନ ସ୍ୱାଇଁ କହିଛନ୍ତି। ଏହି ଘଟଣାରେ ବନ ବିଭାଗ ଉକ୍ତ ଫାର୍ମର ପରିଚାଳକଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଉକ୍ତ ଫାର୍ମରେ ଶନିବାର ରାତିରେ ହାତୀପଲ ପ୍ରବେଶ କରି ଅନେକ ଫଳନ୍ତି ଗଛ ନଷ୍ଟ କରିଥିଲେ। ତେବେ ଗଛ ନଷ୍ଟ କଲାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଦନ୍ତା ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଖବରପାଇ ଟାଙ୍ଗୀ ପୋଲିସ, ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଏସିଏଫ୍ ଅଶୋକ ଜେନା, ରେଞ୍ଜ ଅଫିସର ମନୋରଞ୍ଜନ ସ୍ୱାଇଁ ଓ ବନପାଳ ରଞ୍ଜନ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ।

# ୧୦ରେ ଆନ୍ଦୋଳନକୁ ଓହ୍ଲାଇବ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ଆସନ୍ତା ୧୦ ତାରିଖରେ ରାଜ୍ୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀମାନେ ୬ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ବିଭିନ୍ନ ବ୍ଲକ ଏବଂ ସହରାଞ୍ଚଳରେ କର୍ମରତ ଏହି କର୍ମଚାରୀମାନେ ସେହିଦିନ ଲୋୟର ପିଏମ୍‌ଜିକୁ ଆସି ପ୍ରତିବାଦ ସଭା କରିବେ ବୋଲି ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ସଭାପତି ରବୀନ୍ଦ୍ର କୁମାର ଜେନା ରବିବାର ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ସଂଘ ସଭାପତି ଜେନା ଆହୁରି କହିଛନ୍ତି, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) କାର୍ଯ୍ୟକାରୀ ହେବାଠାରୁ ବିଗତ ୧୨ବର୍ଷ ହେଲା କାର୍ଯ୍ୟରତ ୪ ହଜାରରୁ ଅଧିକ ପରିଚାଳନା କର୍ମଚାରୀ ଏବେ ନାନାଦି ଅଭାବ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୨ ବର୍ଷରୁ ଅଧିକ କର୍ମଚାରୀମାନେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଏହି କର୍ମଚାରୀଙ୍କ ଚାକିରି ସ୍ଥାୟୀ କରାଯାଉନି। ଚୁକ୍ତିଭିତ୍ତିକ ଚାକିରି ହୋଇଥିଲେ ହେଁ ଦରମା ଓ ଭତ୍ତା ବୃଦ୍ଧି କରାଯାଉ ନାହିଁ। ଏଭଳି ଅସୁବିଧାକୁ ଦୂର କରିବା ପାଇଁ ସଂଘ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀ ଏବଂ ସରକାରଙ୍କ ନିକଟରେ ଦାବି ଜଣାଇଲେ ମଧ୍ୟ ସରକାର ବିଚାର କରୁନାହାନ୍ତି ବୋଲି ଜେନା କହିଛନ୍ତି। ସମ୍ମିଳନୀରେ ସଂଘର ଆବାହକ କବି ପ୍ରସାଦ ସାହୁ ଏବଂ ସମ୍ପାଦକ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ଏସିଆନ ଗେମ୍ସ...

ଉଦ୍‌ଯାପନ ଉତ୍ସବରେ ଇଣ୍ଡୋନେସିଆର ବଲିଉଡ ପ୍ରେମ ତଥା ଲୋକପ୍ରିୟତାର ଝଲକ ଦେଖିବାକୁ ମିଳିଥିଲା। ଗାୟକ ସିଦ୍ଧାର୍ଥ ସ୍ଲାଥିଆ ଓ ଡେନେଡା 'କୋଇ ମିଲ ଗୟା', 'କୁଛ କୁଛ ହୋତା ହେ' ଓ 'ଜୟ ହୋ' ନମ୍ବର ତଥା ଅନ୍ୟ ଗୀତ ଗାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଅନ୍ୟପଟେ ଉଦ୍‌ଯାପନୀରେ ନାଚ, ଗୀତ ଓ ଆତସବାଜି ଦେଖିବାକୁ ମିଳିଥିଲା।

ଏହି କ୍ରୀଡ଼ା ମହାକୁମ୍ଭରେ ୪୫ଟି ଦେଶର ୧୧,୦୦୦ରୁ ଊର୍ଦ୍ଧ୍ୱ ଆଥଲେଟ ଅଂଶଗ୍ରହଣ କରିଥିଲେ। ଇଣ୍ଡୋନେସିଆ ପାଇଁ ଏହି କ୍ରୀଡ଼ାର ଆୟୋଜନ ଏକ ମସ୍ତବଡ଼ ପରୀକ୍ଷା ତଥା ଚ୍ୟାଲେଞ୍ଜ୍ ଥିଲା। ତେବେ ଇଣ୍ଡୋନେସିଆ ଏଥିରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛି। ଆତଙ୍କବାଦ, ଅପରାଧ ଓ ଟ୍ରାଫିକ୍ ସମସ୍ୟା ଚ୍ୟାଲେଞ୍ଜ୍ ସୃଷ୍ଟି କରିଥିଲା। ଆୟୋଜନରେ ସାରା ଇଣ୍ଡୋନେସିଆ ଏକ ହୋଇଯାଇଥିଲା ଓ ସବୁ ମିଶି ଏହାକୁ ଭରପୂର ସମର୍ଥନ କରିଥିଲେ।

୧୯୬୨ ପରେ ପ୍ରଥମଥର ପାଇଁ ଇଣ୍ଡୋନେସିଆ କୌଣସି କ୍ରୀଡ଼ାର ସଫଳ ଆୟୋଜନ କରିଛି। ଏଥିସହ ୨୦୩୨ ଅଲିମ୍ପିକ୍ସର ବିଡ୍ ଦାଖଲ ପାଇଁ ଆତ୍ମବିଶ୍ୱାସ ହାସଲ କରିଛି ଏହି ଦେଶ। ଉଦ୍‌ଯାପନୀ ଉତ୍ସବରେ ଆନ୍ତର୍ଜାତିକ ଅଲିମ୍ପିକ କମିଟି (ଆଇଓଏ) ଅଧ୍ୟକ୍ଷ ଥୋମାସ ବାକ, ଅଲିମ୍ପିକ କାଉନସିଲ ଅଫ ଏସିଆ (ଓସିଏ) ମୁଖ୍ୟ ଅହମ୍ମଦ ଅଲ ଫାହଦ ଅଲ ସାବା ଓ ଇଣ୍ଡୋନେସିଆ ଉପରାଷ୍ଟ୍ରପତି ଉପସ୍ଥିତ ଥିଲେ। ବାକ୍ ଇଣ୍ଡୋନେସିଆର ଅଲିମ୍ପିକ ବିଡ ଦାଖଲକୁ ସମର୍ଥନ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଇଣ୍ଡୋନେସିଆର ବଳିଷ୍ଠ ଐତିହ୍ୟ ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ଭାରତ, ଚାଇନା ଓ କୋରିଆର କଳାକାରମାନେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଭାରତୀୟ ଗାୟକ ସାଥିଆ ସ୍ଥାନୀୟ ଭାଷାରେ କ୍ରୀଡ଼ା ସଂଗୀତ ଗାନ କରିଥିଲେ। ତାଙ୍କୁ ଅନ୍ୟ ୫ଜଣ ସହଯୋଗ କରିଥିଲେ। ଆଇକନ , ଆଇସ୍ୟାନା ସରସ୍ୱତୀ, ଦିରା ସୁଗାଣ୍ଡି, ରାନ ଓ ବୁଙ୍ଗା ସିଟ୍ରା ଲେଷ୍ଟାର୍‌ଙ୍କ ପରି ତାରକା ମଧ୍ୟ ସଂଗୀତ ପରିବେଷଣ କରିଥିଲେ।

ଏହି ଉତ୍ସବରେ ତ୍ରିରଙ୍ଗା ଧରି ରାଣୀ ରାମପାଲ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। କ୍ରୀଡ଼ାର ସଫଳ ଆୟୋଜନ ପାଇଁ ୧୩,୦୦୦ ଭଲ୍ୟୁଣ୍ଟିୟର୍ସ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଥିଲେ। ଚାଇନାର ହାଙ୍ଗଝଉ ସହରରେ ୨୦୨୨ ଏସିଆନ ଗେମ୍ସ ଆୟୋଜନ ହେବ। ସେଥିପାଇଁ ପରମ୍ପରା ଅନୁଯାୟୀ ଓସିଏ ପତାକା ହାଙ୍ଗଝଉ ମେୟର ଜୁ ଲି ୟିଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ହାଙ୍ଗଝଉ ସହରର ଏକ ଭିଡିଓ ଷ୍ଟାଡିୟମର ବଡ଼ ସ୍କ୍ରିନ୍‌ରେ ପ୍ରଦର୍ଶିତ ହୋଇଥିଲା ଓ ଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଶ୍ୱାସରୁଦ୍ଧ ହୋଇ...

ଓ କାର୍ତ୍ତିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ମଧ୍ୟ ଜଣକ ପରେ ଜଣେ ଟାଙ୍କି ମଧ୍ୟକୁ ଉଦ୍ଧାର ପାଇଁ ପଶିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ୨ ଜଣ ମଧ୍ୟ ସେହି ମୃତ୍ୟୁ ଜାଲରେ ଫସିଯାଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଗୁରୁତର କାର୍ତ୍ତିକଙ୍କ ଆର୍ତ୍ତ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଜମା ହୋଇଥିଲେ। ସେଠାରେ ଉପସ୍ଥିତ ଲୋକମାନେ ଅନ୍ୟ କୌଣସି ଉପାୟ ନ ପାଇ ଏକ ଜେସିବି ଯୋଗେ ଟାଙ୍କିର ଉପର ଛାତକୁ ଭାଙ୍ଗି ଭିତରେ ଫସିଥିବା ସମସ୍ତ ୬ ଜଣଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ୬ଜଣଙ୍କୁ ଅଚେତ ଅବସ୍ଥାରେ ତୁରନ୍ତ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ୫ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ହସ୍ପିଟାଲ ପରିସରରେ ହଜାର ହଜାର ଲୋକଙ୍କ ଭିଡ ଜମିଥିଲା। ଖବରପାଇ ପୋଲିସ ହସପିଟାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବିଷମକଟକ ବିଧାୟକ ଜଗନ୍ନାଥ ସାରକା ହସପିଟାଲ ଯାଇ ମୃତକଙ୍କ ପରିବାରକୁ ବିଜୁ ପକ୍କା ଘର ପ୍ରଦାନ କରାଯିବ ବୋଲି କହିଛନ୍ତି। ସେହିପରି ଉପଜିଲାପାଳ ଅମ୍ରିତ ରତୁରାଜ ମୃତକଙ୍କ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟ ଯୋଜନାବୋର୍ଡ ସଦସ୍ୟ ସୁଧୀର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ହସ୍ପିଟାଲରେ ପହଞ୍ଚିଥିଲେ।

### ଜେଲରଙ୍କ ନାଁରେ...

ଏହାମଧ୍ୟରେ ଜେଲର ଚିନ୍ମୟଙ୍କର କରଞ୍ଜିଆରୁ ଭଦ୍ରକ ଜେଲକୁ ବଦଳି ହୋଇଥିଲା। ପୀଡିତା ଭଦ୍ରକ ଆସି ତାଙ୍କ କ୍ୱାର୍ଟର୍ସରେ ଏ ସମ୍ପର୍କରେ ପଚାରିବାରୁ ସେ ବାହାଘରର ସମସ୍ତ କାଗଜପତ୍ର, ଲାପଟପ୍ ଓ ମୋବାଇଲ ଫୋନ ତାଙ୍କଠାରୁ ନେଇଯାଇ ପାଟି ବନ୍ଦ ରଖିବାକୁ ଧମକ ଦେଇଥିଲେ। ଏପରି କି ନିଜ ପାଖରେ ରଖିଥିବା କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଦେଖାଇ ବ୍ଲାକମେଲିଂ କରି ହତ୍ୟା ଧମକ ଦେଇଥିବା ପୀଡିତା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଛାତ୍ରୀଙ୍କ ଅଭିଯୋଗରେ ଛନ୍ଦି ହୋଇପଡିଥିବା ଜେଲର ଚିନ୍ମୟ ଏବେ ଦିଲ୍ଲୀକୁ ଟ୍ରେନିଂରେ ଯାଇଛନ୍ତି। ଏଥି ସକାଶେ ତଦନ୍ତ ପ୍ରକ୍ରିୟା ଆଗେଇ ପାରୁନାହିଁ ବୋଲି ଟାଉନ ଥାନା ଅଧିକାରୀ ଦାସ କହିଛନ୍ତି। ପୀଡିତା ତାଙ୍କ ଏତଲାରେ ଆହୁରି ଦର୍ଶାଇଛନ୍ତି ଯେ, ସେ ଟାଉନ ଥାନାର ଦ୍ୱାରସ୍ଥ ହେବା ଆଗରୁ ଜେଲ ଡିଆଇଜି ଗୋପବନ୍ଧୁ ମଲ୍ଲିକଙ୍କୁ ଭେଟି ସମାନ ଅଭିଯୋଗ କରିଥିଲେ। ଗତ ମାସ ୨୩ ତାରିଖରେ ଡିଆଇଜି ମଲ୍ଲିକ ତଦନ୍ତ ପାଇଁ ଭଦ୍ରକ ଜେଲକୁ ଆସି ଜେଲ୍‌ର ଚିନ୍ମୟଙ୍କ ସମେତ ୱାର୍ଡର, କେତେକ କର୍ମଚାରୀ ଓ ଅନ୍ତେବାସୀଙ୍କୁ ପଚରାଉଚରା କରି ଫେରି ଯାଇଥିଲେ। ପୀଡିତାଙ୍କ ଅଭିଯୋଗକୁ ଜେଲର ଚିନ୍ମୟ ଖଣ୍ଡନ କରିଥିବାରୁ ପୋଲିସ ତାଙ୍କ ଦିଲ୍ଲୀ ଫେରନ୍ତା ବାଟକୁ ଚାହିଁ ବସିଛି। ପୀଡିତାଙ୍କୁ ପୋଲିସ ଡାକ୍ତରୀ ମାଇନା କରାଇ ନ ଥିବାରୁ ସାଧାରଣରେ ନାନା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଏସଡିପିଓ ଜଳନ୍ଧର ଜାଲିଙ୍କୁ ପଚାରିବାରୁ ପୀଡିତାଙ୍କ ବୟାନ ରେକର୍ଡ କରାଯାଇ ଘଟଣାର ତଦନ୍ତ କରାଯାଉଛି । ଜେଲର ଆସିବା ପରେ ତଦନ୍ତ ଆଗେଇବ । ଏ ଦିଗରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜାଲି କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ବୁଧାଦିତ୍ୟ, ମକର ମଙ୍ଗଳି, ଗୁରୁ ଶୁକ୍ର, ରୋହିଣୀ ଚନ୍ଦ୍ର ପ୍ରଭୃତି ଅସାଧାରଣ ଗ୍ରହଯୋଗ ନିଜ ନିଜ ସ୍ତରରେ ଅର୍ଥ, ସମ୍ମାନ, ସାମାଜିକ ପ୍ରତିଷ୍ଠା ପ୍ରଦାନ କରିବ। ଦୃଢ଼ ମନୋବଳ ଓ ସୁଚିନ୍ତିତ ବିଚାରଧାରା ହେତୁ କିଛି ଅସୁବିଧା ହେବନାହିଁ । ଆର୍ଥିକ ସଙ୍କଟ ଦୂର ହେବା ସହ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ।

**ବୃଷ** ରାଶିରେ ଚନ୍ଦ୍ର ଓ ତୃତୀୟସ୍ଥ ରାହୁ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ ହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ, ଯାହାକି ଆପଣଙ୍କୁ ଆଗକୁ ବଢିବାରେ ସାହାଯ୍ୟ କରିବ। ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଆର୍ଥିକ ସ୍ଥିତି ଭଲ ରହିବ।

**ମିଥୁନ** ମୁଖଭାବରେ ରବି ଓ ବୁଧ ପ୍ରଭାବରୁ ସଯୌକ୍ତିକ ମନ୍ତବ୍ୟ ବୁଦ୍ଧିଜୀବୀ, କର୍ମକ୍ଷେତ୍ର ଓ ସାମାଜିକ ଜୀବନରେ ପ୍ରଶଂସନୀୟ କରାଇବ। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱୀମାନେ ନୀରବ ରହିବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଫାଇଲ୍ ପତ୍ର କିମ୍ବା କୌଣସି ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** ଚନ୍ଦ୍ର ପ୍ରଭାବରୁ ଆପଣଙ୍କ ସଫଳତା ଓ ସମ୍ମାନ ପ୍ରତ୍ୟେକ ସ୍ଥାନରେ ପ୍ରଶଂସିତ ହେଲେ ମଧ୍ୟ ଆପଣଙ୍କୁ ତାହା ପୂର୍ଣ୍ଣ ସନ୍ତୋଷ ଦେଇ ନ ପାରେ। ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ହେବ, ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡିବ। ନିର୍ମାଣ, ବାଣିଜ୍ୟ ତଥା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ସିଂହ** ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ କରିବା ସହ ସାମାଜିକ ପ୍ରତିଷ୍ଠା ଲାଭ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ ଜୀବନରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ପ୍ରଶାସନିକ ସ୍ତରରେ କିମ୍ବା ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** ପରୋକ୍ଷ ଶତ୍ରୁତା, ଧାରକରଜ, ନିଜ ଲୋକଙ୍କ ଅନାଦରଭାବ ମାନସିକ ଦୁଶ୍ଚିନ୍ତାର କାରଣ ହେବ। କିଛି କହିଥିବା କଥାକୁ କେନ୍ଦ୍ରକରି ବିଭିନ୍ନ ପ୍ରତିବନ୍ଧକ ଲାଗି ରହିବା କାରଣରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବାର ସୂଚନା ରହିଛି। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଆଜି ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବ।

**ତୁଳା** ଦୁଇ ପଣ୍ଡିତଙ୍କ ରାଶିରେ ଅବସ୍ଥାନ ନୂଆ ନୂଆ ଗଠନମୂଳକ କାମ କରିବା ପାଇଁ ପ୍ରେରଣା ଯୋଗାଇବ। ପ୍ରତ୍ୟେକ ସ୍ତରରେ ସୁନାମ ଅର୍ଜନ କରିବା ସହ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ, ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢାଇ ନେଇପାରନ୍ତି।

**ବିଛା** ଯିଏ ଯେତେ ଶତ୍ରୁତା କରୁନା କାହିଁକି ଆପଣଙ୍କ କୌଣସି ଅସୁବିଧା ହେବନାହିଁ। ଧନସ୍ଥାନସ୍ଥ ଶନି ହେତୁ ଅଧିକାଂଶ କ୍ଷେତ୍ରରେ ନୀରବତାକୁ ଅଧିକ ପସନ୍ଦ କରିପାରନ୍ତି। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। କଳା, ସାହିତ୍ୟ, ସଂଗୀତ, କ୍ରୀଡା, ଚଳଚ୍ଚିତ୍ର ପ୍ରଭୃତିରେ ସୁନାମ ଅର୍ଜନ କରିବେ।

**ଧନୁ** ବୃହସ୍ପତି ଏକାଦଶସ୍ଥ ହେଲେ ମଧ୍ୟ ପାରିବାରିକ ଜୀବନ ପାଇଁ ବିଶେଷ ଲାଭଦାୟକ ହୋଇପାରିବେ ନାହିଁ। ସାମାଜିକ ସ୍ତରରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବିବାଦୀୟ ଘଟଣାରେ,ପରିବହନରେ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରତି ଆଗ୍ରହୀ ହେବେ।

**ମକର** ରାଶ୍ୟାଧିପତି ଦ୍ୱାଦଶସ୍ଥ ହେତୁ ସାମାନ୍ୟ ଅସୁସ୍ଥତା ଜନିତ କାରଣରୁ ମନଟା ଭଲ ଲାଗିବ ନାହିଁ। କିନ୍ତୁ ଉଚ୍ଚସ୍ଥ ମଙ୍ଗଳ ପ୍ରଭାବରୁ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ, କଳା, ସାହିତ୍ୟ, ପରିବାର, ପରିବହନରେ ସମସ୍ୟା ସମାଧାନ ହୋଇଯିବ। ଯେତେ ଭଲକଥା କହିଲେ ମଧ୍ୟ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କ ସୁସମ୍ପର୍କ ଭଲ ରହିବ ନାହିଁ।

**କୁମ୍ଭ** ଶୁକ୍ରଙ୍କ ଦୁର୍ବଳତା କାରଣରୁ ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ନିକଟ ସମ୍ପର୍କୀୟମାନଙ୍କ ସହାୟତା ନେବାକୁ ପଡିପାରେ । ଅବଶ୍ୟ ଉଚ୍ଚସ୍ଥ ମଙ୍ଗଳ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସଭାସମିତି କିମ୍ବା ଆଲୋଚନା ପରିସରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**ମୀନ** କେତେକ ଛୋଟବଡ ସମସ୍ୟାକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଉପଭୋଗ୍ୟ ହେବ। ନୂଆ କାମ ଆରମ୍ଭ କରି ଖୁସୀ ରହିବେ ଏବଂ ବନ୍ଧୁମାନଙ୍କ ପ୍ରିୟଭାଜନ ମଧ୍ୟ ହେବେ। ପରିସ୍ଥିତିବଶତଃ ଇଚ୍ଛା ନ ଥାଇ ମଧ୍ୟ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବ।

ଆଜି ଭାଦ୍ରବ କୃଷ୍ଣ ଅଷ୍ଟମୀ ସୋମବାର, ବୈଷ୍ଣବ ମତାନୁସାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଏବଂ ସ୍ମାର୍ତ୍ତ ମତାନୁସାରେ ନନ୍ଦୋତ୍ସବ, ବିଜୁଳିକନ୍ୟା ପୂଜା ସେପ୍ଟେମ୍ବର ୩ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୬।୫୨ମି. ମଧ୍ୟେ, ଘ୧।୫୨ମି. ଗତେ, ଘ୨।୪୫ମି. ମଧ୍ୟେ, ଘ୪।୪୫ମି. ଗତେ, ଘ୬।୨୪ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୩୦ମି. ଗତେ, ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୦୭ମି. ଗତେ, ଘ୮।୪୧ମି. ମଧ୍ୟେ ରାହୁକାଳ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ସେପ୍ଟେମ୍ବର, ୨୦୧୮



ଲଣ୍ଡନର ମେୟର ସାଦ୍ଦିକ ଖାଁଙ୍କ ୨୯ ଫୁଟ ଲମ୍ବର ଏକ ବିକିନି ପିନ୍ଧା ବେଲୁନ୍ ଉଡ଼ିବାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏହି ବେଲୁନ୍‌କୁ ଉଡ଼ାଇବାକୁ ପ୍ରାୟ ୩୫ ହଜାର ୪ ଶହ ଲୋକ ୫୮ ହଜାର ୧୮୨ ପାଉଣ୍ଡ ଦାନ କରିଥିଲେ। ୨୦୨୦ରେ ହେବାକୁଥିବା ନିର୍ବାଚନରେ ସାଦ୍ଦିକଙ୍କୁ ଗାଦିଚ୍ୟୁତ କରିବା ଲକ୍ଷ୍ୟରେ ଏହି ବେଲୁନ୍ ଉଡ଼ାଯାଇଥିଲା। ବ୍ରିଟେନ୍ ରାଜଧାନୀରେ ଅପରାଧ ଉପରେ ସେ ନିୟନ୍ତ୍ରଣ ରଖି ପାରି ନ ଥିବାରୁ ତାଙ୍କ ବିରୋଧରେ ଏପରି ପ୍ରଦର୍ଶନ କରାଯାଇଥିବା ଆୟୋଜକମାନେ କହିଛନ୍ତି।



## ସଂକ୍ଷେପରେ

### ଆଜି କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ସନ୍ଧ୍ୟା ୬.୧୫ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ସରକାର କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁର କରିବେ। କ୍ୟାବିନେଟ୍‌ରେ ବିଶେଷକରି ୫ ପ୍ରସ୍ତାବ ଉପରେ ମୋହର ଲାଗିବ ବୋଲି ଜଣେ ମନ୍ତ୍ରୀ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଏବଂ ପରିବହନ ବିଭାଗର କେତେଗୁଡିଏ ପ୍ରସ୍ତାବ ଉପରେ ମୋହର ଲାଗିବ ବୋଲି ଜଣାପଡିଛି।

### ୫୯୬ ଡାକ୍ତର ନିଯୁକ୍ତି ପାଇଁ ଆଜିଠୁ କାଉନ୍‌ସେଲିଂ ଆରମ୍ଭ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ଆସନ୍ତା ୧୦ ଦିନ ମଧ୍ୟରେ ରାଜ୍ୟ ସରକାର ଖାଲି ପଡିଥିବା ଡାକ୍ତରୀ ପଦବୀ ପୂରଣ କରିବେ। ଏଥିପାଇଁ ସୋମବାରଠାରୁ କାଉନ୍‌ସେଲିଂ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାଉନ୍‌ସେଲିଂ ମାଧ୍ୟମରେ ୧୧୩ ଜଣ ବିଶେଷଜ୍ଞଙ୍କ ସହିତ ୪୮୩ ଏମ୍‌ବିବିଏସ୍ ଡାକ୍ତରଙ୍କୁ ମିଶାଇ ମୋଟ ୫୯୬ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। କାଉନ୍‌ସେଲିଂ ସରିବା ପରେ ତୁରନ୍ତ ନିଯୁକ୍ତି ମିଳିବ ବୋଲି ବିଭାଗ କହିଛି। ସେହିପରି ୧୭୧ ଜଣ ଦନ୍ତ ଚିକିତ୍ସକଙ୍କୁ ମଧ ବିଭାଗ ନିଯୁକ୍ତି ପ୍ରଦାନ କରିବ ବୋଲି ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ, ନୂତନ କ୍ୟାଡର ରୁଲ୍ ଅନୁଯାୟୀ ରାଜ୍ୟରେ ଆହୁରି ଅଧିକ ୨୦୦୦ ନୂତନ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ଦେବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ନୂତନ ନିଯୁକ୍ତି ପ୍ରକ୍ରିୟା ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି।

# ଗୁଜରାଟରେ 'ପରବ ଓଡ଼ିଶା' ଉଦ୍‌ଘାଟିତ

- ଗୁଜରାଟ ବିକାଶରେ ଓଡ଼ିଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ରୂପାନୀ
- ଓଡ଼ିଆ ଏବେ ଶ୍ରମିକ ନୁହେଁ ମାଲିକ ହେବେ: ଧର୍ମେନ୍ଦ୍ର



'ପରବ ଓଡ଼ିଶା' ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ସୁରଟ ଓ ଗୁଜରାଟ ବିକାଶରେ ଓଡ଼ିଆ ଲୋକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁରଟଠାରେ ଦୁଇଦିନିଆ ଓଡ଼ିଆ ପର୍ବ ଉଦ୍‌ଘାଟନ ଅବସରରେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଏହା କହିଛନ୍ତି। ଏହିଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଓଡ଼ିଆ ଓ ଗୁଜରାଟବାସୀଙ୍କ ମଧ୍ୟରେ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସମ୍ପର୍କ ଅତି ନିବିଡ। ଓଡିଶାର କୋଣାର୍କରେ ସୂର୍ଯ୍ୟଙ୍କ ପ୍ରଥମ କିରଣ ପଡୁଥିବାବେଳେ ଗୁଜରାଟର ମୋଧେରାରେ ଶେଷ କିରଣ ପଡିଥାଏ । ଗୁଜରାଟର ଅର୍ଥନୀତି ପରିବର୍ତ୍ତନରେ ଓଡିଆଙ୍କ ପ୍ରମୁଖ ଭୂମିକା ରହିଛି। ଗୁଜରାଟ ଓ ଓଡିଶାର ଭାବାବେଗ ସମ୍ପର୍କରେ ଏହି ଓଡିଆ ପରବ ଏକ ଆବେଗର ବାର୍ତ୍ତା ବହନ କରୁଛି। ସୁରଟରେ ଏବେ ଓଡିଆ ସଂସ୍କୃତି, ପରମ୍ପରା, ଜଗନ୍ନାଥ ସଂସ୍କୃତିକୁ ପ୍ରତିଷ୍ଠା କରାଯାଇଛି, ସେଥିପାଇଁ ଆମେ ଗର୍ବ ଅନୁଭବ କରୁଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ଭାରତର ପରିକଳ୍ପନା କରିଥିବା ବେଳେ ଆମେ ନୂଆ ଓଡିଶାର ପରିକଳ୍ପନା କରୁଛୁ। ଫଳରେ ଓଡିଶା ଏବଂ ଓଡିଆ ଭାଉଣୀ ଓ ଭାଇମାନେ ଆଗରେ ରହିବେ। ଦୁଇ ରାଜ୍ୟର ସମ୍ପର୍କ ଅତି ନିବିଡ। ଓଡିଶା ସହ ମହାତ୍ମା ଗାନ୍ଧୀ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସମ୍ପର୍କ ଅନନ୍ୟ।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ରବିବାର ସୁରଟରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଗୁଜରାଟରେ ଯେପରି ପେଟ୍ରୋକେମିକାଲ, ପ୍ଲାଷ୍ଟିକ, କେମିକାଲ କ୍ଲଷ୍ଟର ହୋଇଛି, ଓଡିଶାରେ ମଧ ସେହିପରି ହେବ। ସ୍ୱାଧୀନତାର ୭୦ବର୍ଷ ପରେ ଓଡିଆ ଲୋକ ଖାଲି ଶ୍ରମିକ ନୁହେଁ ମାଲିକ ହେବେ। ଓଡିଆ ଲୋକମାନେ ମାଲିକ ହେବାର ସୁଯୋଗ ଆସିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଯେ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ରାଜ୍ୟର ବିକାଶ ହୋଇନାହିଁ ସେ ପର୍ଯ୍ୟନ୍ତ ଭାରତର ବିକାଶ ଅସମ୍ଭବ। ଓଡିଆ ଜାତି କୋଣାର୍କ, ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ଗଢିଥିଲେ। ଏବେ ଓଡିଆ ଜାତି ନିଜ ଗୋଡରେ ଠିଆ ହେବା ପାଇଁ ପ୍ରୟାସ ଆରମ୍ଭ କରିବେ। ପାରାଦୀପ ରିଫାଇନେରିର ପେଟ୍ରୋକେମିକାଲ ପଲିମରରୁ ସୂତା ବାହାର କରାଯାଇ ଓଡିଶାରେ ଦ୍ୱିତୀୟ ସୁରଟ କରାଯିବ। ଓଡିଶାରେ ଶିଳ୍ପାୟନର ନୂତନ ପରମ୍ପରା ସୃଷ୍ଟି ହେବ। ଆଗାମୀ ଦିନରେ ଓଡିଆ ପର୍ବ କିପରି ସ୍ଥାୟୀ ହେବ ତା' ଉପରେ ଗୁରୁତ୍ୱ ଦିଆଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଭାଜପାର ପରବ ଓଡିଶା କାର୍ଯ୍ୟକ୍ରମ ସୋମବାର ଶେଷ ହେବ। ରବିବାର ଅନୁଷ୍ଠିତ ହୋଇଥିବା ପ୍ରଥମ ଦିନ କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।

# ବୟନ, ପ୍ଲାଷ୍ଟିକ୍ ଶିଳ୍ପ ପାଇଁ ରହିଛି ବ୍ୟାପକ ସୁଯୋଗ

- ଗୁଜରାଟର ସୁରଟରେ ଓଡ଼ିଶା କନ୍‌କ୍ଲେଭ୍
- ନିବେଶକଙ୍କୁ ପାରାଦୀପ ଆସିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

**ପାରାଦୀପ,୨।୯(ସ୍ୱ.ପ୍ର.)**

ଓଡ଼ିଶାରେ ବୟନ ଓ ପ୍ଲାଷ୍ଟିକ୍ ଶିଳ୍ପ ପାଇଁ ବ୍ୟାପକ ସୁଯୋଗ ରହିଛି। ଏଠାରେ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା, ପାରାଦୀପ ତୈଳ ବିଶୋଧନାଗାରର କଞ୍ଚାମାଲ, ବିଦ୍ୟୁତ୍ ଶକ୍ତି ପାଇଁ ପ୍ରଚୁର ପରିମାଣର କୋଇଲା, ପାରାଦୀପ ଓ ଧାମରା ଭଳି ବିଶ୍ୱସ୍ତରୀୟ ବନ୍ଦର ଅଛି। ତେଣୁ ଓଡ଼ିଶାର ପାରାଦୀପ ଓ ଭଦ୍ରକରେ ପୁଞ୍ଜି ନିବେଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିବେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତ ସରକାରଙ୍କ ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ତୈଳ ନିଗମ ପ୍ରଥମଥର ପାଇଁ ଗୁଜରାଟର ସୁରଟଠାରେ ଆୟୋଜନ କରିଥିବା ଓଡ଼ିଶା କନ୍‌କ୍ଲେଭ୍ ନିବେଶକ ସମ୍ମିଳନୀରେ ଯୋଗଦେଇ ରବିବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିଛନ୍ତି। ଏହି ସମ୍ମିଳନୀରେ ୧୯ ଉଦ୍ୟୋଗପତି ଓ ଦେଶ ବିଦେଶରୁ ପ୍ରାୟ ୧୦୦୦ ପୁଞ୍ଜି ନିବେଶକାରୀ ଯୋଗ ଦେଇଥିଲେ। ଏଥିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଥିବା ବ୍ୟାପକ ସୁବିଧା ସମ୍ପର୍କରେ ତଥ୍ୟଗତ ପ୍ରମାଣ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଜରାଟର ଆଇନମନ୍ତ୍ରୀ ପ୍ରଦୀପ ସିଂ ଜାଡେଜା, ଇଣ୍ଡିଆନ ଅଏଲର ଅଧ୍ୟକ୍ଷ ସଞ୍ଜୀବ ସିଂ ଓ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସମ୍ପ୍ରତି ଭାରତରେ ମୁଣ୍ଡପିଛା ପ୍ଲାଷ୍ଟିକର ବ୍ୟବହାର ୧୦ କିଲୋରେ ପହଞ୍ଚିଛି। ପୋଷାକ, କଲମ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀରେ ୮୦ ପ୍ରତିଶତ ପେଟ୍ରୋ କେମିକାଲ ରହୁଛି। ପାରାଦୀପରେ ଭାରତୀୟ ତୈଳ ନିଗମର ବୃହତ୍ ବିଶୋଧନାଗାର ଥିବାରୁ ସେଥିରୁ ବାହାରୁଥିବା ପିଟିଏ (ପ୍ୟୁରିଫାଏଡ୍ ଟେରେଫଟିଲିକ ଏସିଡ୍), ଏମ୍‌ଇଜି (ମନୋଇଥେଲିନ ଗ୍ଲାଇକେନ୍), ପିପି (ପଲି ପ୍ରପଲିନ), ପଲିଥାଇଲୋ ଓ ଅନ୍ୟାନ୍ୟ ମୌଳିକ କଞ୍ଚାମାଲର ଉପଯୋଗ ହୋଇପାରିବ। ପାରାଦୀପକୁ କେନ୍ଦ୍ର ସରକାର ପିସିପିଆଇଆର (ପେଟ୍ରୋଲିୟମ, କେମିକାଲ ଓ ପେଟ୍ରୋକେମିକାଲ ନିବେଶ ଅଞ୍ଚଳ) ଭାବେ ଚିହ୍ନଟ କରିଛନ୍ତି। ବିଶୋଧନାଗାରରୁ ୭୦୦ କିଲୋ ଟନ୍ ୟୁନିଟ୍ ନୂଆ ପଲି ପ୍ରପ୍‌ଲିନ୍ ପ୍ରସ୍ତୁତ ହେବାକୁ ଯାଉଛି, ଯାହା ୩୧୫୦ କୋଟି ଟଙ୍କାର ବୟନ ଓ ପ୍ଲାଷ୍ଟିକ ଶିଳ୍ପକୁ ସହାୟତା କରିପାରିବ। ଇଡ୍‌କୋ ଓ ଇଣ୍ଡିଆନ ଅଏଲର ଯୁଗ୍ମ ଉଦ୍ୟମରେ ପ୍ଲାଷ୍ଟିକ ପାର୍କ ହେବାକୁ ଯାଉଛି। ୧୨୦ ଏକର ଜାଗାରେ ଏହି ପଲିମର ଡାଉନ୍‌ଷ୍ଟ୍ରିମ୍ ୟୁନିଟ୍ ସ୍ଥାପନ ହେବ। ଏହି ବୟନ ଶିଳ୍ପରେ ବୁଣିବା, ସିଲେଇ କରିବା, ରଙ୍ଗ ମାରିବା, ପୋଷାକ ତିଆରି କରିବା, କାଟିବା ଆଦି କାମ ଥିବାରୁ ସିଧାସଳଖ ଭାବେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗୁଜରାଟର ସୁରଟରେ ଏବେ ୬ଲକ୍ଷ ଓଡ଼ିଆ ଏହି କାମ କରୁଛନ୍ତି। କିନ୍ତୁ ଓଡ଼ିଶାରେ ଏଭଳି ଶିଳ୍ପ ହବ୍ ହେଲେ ଅନ୍ୟ ରାଜ୍ୟର ଲୋକ ଓଡ଼ିଶା ଆସିବେ ବୋଲି ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଥିଲେ।

■ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮

## ଚାଇନା, ଜାପାନ, ଦକ୍ଷିଣ କୋରିଆ ଗସ୍ତ ସାରି ଫେରିଲା ପ୍ରତିନିଧି ଦଳ

**ଭୁବନେଶ୍ୱର,୨।୯(ବ୍ୟୁରୋ)**

ଚଳିତ ବର୍ଷ ଶେଷଆଡ଼କୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮ ଅନୁଷ୍ଠିତ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ଏହାକୁ ସଫଳ ଭାବେ ଆୟୋଜନ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛି। ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ, ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା ଏବଂ ଅନ୍ୟ ଅଧିକାରୀମାନେ ବିଦେଶ ଗସ୍ତ ଜାରି ରଖିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ମୁମ୍ବାଇ ଗସ୍ତ କରି ବଡ଼ ବଡ଼ ପୁଞ୍ଜି ନିବେଶକାରୀଙ୍କୁ ଭେଟିଥିଲେ। ସେହି କ୍ରମରେ ବିଭାଗୀୟ ମନ୍ତ୍ରୀ ବିଦେଶ ଗସ୍ତ ସାରି ଓଡ଼ିଶା ଫେରିଛନ୍ତି। ଏ ନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶନିବାର ଅନନ୍ତ କହିଛନ୍ତି ଯେ, ରାଜ୍ୟ ପ୍ରତିନିଧି ଦଳ ଚାଇନା, ଜାପାନ, ଦକ୍ଷିଣ କୋରିଆ ଗସ୍ତ ସାରିଛନ୍ତି। ଜାପାନରେ ଅନୁଷ୍ଠିତ ହୋଇଥିବା ରୋଡ୍ ଶୋ'ରେ ୧୫୦ କମ୍ପାନୀ ଭାଗ ନେଇଛନ୍ତି। ସେହିପରି ଚାଇନା ଓ ଦକ୍ଷିଣ କୋରିଆରେ ମଧ ୧୫୦ଟି ଲେଖାଏଁ କମ୍ପାନୀ ରୋଡ୍ ଶୋ'ରେ ଭାଗ ନେଇଥିଲେ। ୬ଟି କ୍ଷେତ୍ରରେ ନିବେଶ କରିବା ପାଇଁ କମ୍ପାନୀମାନଙ୍କୁ କୁହାଯାଇଥିବା ଅନନ୍ତ କହିଛନ୍ତି। ଇସ୍ପାତ, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ବୟନ ଶିଳ୍ପ ଇତ୍ୟାଦିକୁ ପ୍ରାଧାନ୍ୟ ଦିଆଯାଇଛି। ସେହିପରି ଇଟାଲୀର ୨୦ କମ୍ପାନୀ ରାଜ୍ୟରେ ୨୦ଟି ରୁମ୍ ବୁକ୍ କରିସାରିଥିବା ମନ୍ତ୍ରୀ ଦାସ ସୂଚନା ଦେଇଛନ୍ତି।

ଗୁଜରାଟସ୍ଥିତ ସୁରଟରେ ପେଟ୍ରୋଲିୟମ ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଇନ୍‌ଭେଷ୍ଟମେଣ୍ଟ ସମ୍ମିଟ୍ ଆୟୋଜନ କରାଯାଉଛି। ଶିଳ୍ପ ମନ୍ତ୍ରୀ ହିସାବରେ ତାଙ୍କୁ ସେଠାକୁ ନିମନ୍ତ୍ରଣ କରାଯାଇଛି କି ବୋଲି ଖବରଦାତାମାନେ ଅନନ୍ତ ଦାସଙ୍କୁ ପଚାରିଥିଲେ। ଉତ୍ତରରେ ସେ କହିଛନ୍ତି ଯେ, ସୁରଟ ସମ୍ମିଳନୀ ନେଇ ତାଙ୍କୁ କେହି ଜଣାଇ ନାହାନ୍ତି। ତାଙ୍କୁ ବ୍ୟକ୍ତିଗତ ଭାବେ ମଧ ଜଣାଇ ଦିଆଯାଇ ନାହିଁ। ଓଡ଼ିଶାକୁ କୌଣସି ଶିଳ୍ପସଂସ୍ଥା ଆସିବା ମନା ନାହିଁ। ହେଲେ ଏ କଥା କିନ୍ତୁ ମନେରଖିବା ଉଚିତ ଯେ, ରାଜ୍ୟର ସହଯୋଗ ବିନା ଓଡ଼ିଶାରେ ଶିଳ୍ପ ଅସମ୍ଭବ। ପ୍ରକାଶ ଯେ, ଚଳିତ ବର୍ଷ ନଭେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ରାଜଧାନୀରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଅନୁଷ୍ଠିତ ହେବ। ଜାପାନ ଏଥିରେ କଣ୍ଟ୍ରି ପାର୍ଟନର ରହିଛି। ଏହି ୪ ଦିନରେ ୧୩ଟି ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ରହିଛି।

## ହୋମଗାର୍ଡଙ୍କ ପୁଅଙ୍କୁ ଗୁଳିମାଡ଼

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ରାଜଧାନୀରେ ଘଟିଥିବା ଏକାଧିକ ହତ୍ୟା ମାମଲା ଉପରୁ କମିଶନରେଟ ପୋଲିସ ପରଦା ହଟାଇପାରି ନ ଥିବାବେଳେ ରବିବାର ଜଣେ ପୋଲିସ କର୍ମଚାରୀଙ୍କ ପୁଅକୁ ଗୁଳିମାଡ଼ ହୋଇଛି। ଏହାର ଶିକାର ହୋଇଛନ୍ତି ଶିଶୁପାଳଗଡ଼ ତଇଲା ଭୋଇସାହିରେ ରହୁଥିବା ହୋମଗାର୍ଡ ପର୍ଶୁରାମ ଭୋଇଙ୍କ ପୁଅ ସୁଶାନ୍ତ କୁମାର ଭୋଇ(୨୪)। ଶହୀଦନଗର ଥାନା ଅନ୍ତର୍ଗତ ବାଙ୍କୁଆଳ ଗ୍ରାମ ନିକଟ ବାସୁଆଘାଇ ବ୍ରିଜ ପାଖରେ ଏହି ଘଟଣା ଘଟିଛି। ଅପରାହ୍ନ ପ୍ରାୟ ୨ଟା ୧୫ରେ ୪ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କୁ ଗୁଳି କରିଛନ୍ତି। ସୁଶାନ୍ତଙ୍କ ଜଙ୍ଘ ଏବଂ ପିଠିରେ ୨ଟି ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କଲେଜ ନିର୍ବାଚନକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।



ନରନାରୀଙ୍କୁ ଭଲ ପାଇବା-ପଦାର୍ଥକୁ ଭଲ ପାଇବା-କୁଟୁମ୍ବ ପରିଜନଙ୍କୁ ଭଲ ପାଇବା-ଦେଶକୁ-ମାନବ ଜାତିକୁ-ଜୀବଜନ୍ତୁ ପ୍ରଭୃତିଙ୍କୁ ଭଲ ପାଇବା ଏ ସବୁ ଭଲ ପାଇବା- ହେଲା ଭଗବାନଙ୍କୁ ଭଲ ପାଇବାର ପ୍ରତିବିମ୍ବ ସେହିସବୁ ଜୀବନ୍ତ ମୂର୍ତ୍ତିଗୁଡିକ ଭିତରେ। ଭଲପାଅ। ବଳବୀର୍ଯ୍ୟବନ୍ତ ମଣିଷ ଭଳି ସମସ୍ତଙ୍କୁ ଭଲପାଅ ଓ ଆନନ୍ଦ ଅନୁଭବ କର। ସାହାଯ୍ୟକର ସମସ୍ତଙ୍କୁ। ଚିରକାଳ ପାଇଁ ଭଲପାଅ। -ଶ୍ରୀଅରବିନ୍ଦ

# ବିକଳ୍ପ ଲୋଡ଼ା

ଓଡ଼ିଆରେ ଢଗ ଅଛି- 'ଗୋଦରୀଲୋ ନିଜ ଗୋଡ଼କୁ ଅନା'। ଅର୍ଥାତ୍ ନିଜର ଦୋଷ ଦୁର୍ବଳତା ଦେଖିପାରୁ ନ ଥିବା ବ୍ୟକ୍ତି ଅନ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାଆନ୍ତି। ବର୍ତ୍ତମାନ ଭାରତୀୟ ମୁଦ୍ରାର ସ୍ଥିତିକୁ ଦେଖିଲେ ଏନ୍‌ଡିଏ ସରକାରଙ୍କ ଅପରିଣାମଦର୍ଶୀ ନୀତି ଆଖି ସାମ୍ନାକୁ ଆସୁଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୭୧ ସ୍ତରରେ ରହିଛି। ଟଙ୍କାର ମୂଲ୍ୟ ଦ୍ରୁତଗତିରେ ଦୁର୍ବଳ ହେବାରେ ଏପରି ଲାଗିଛି ଯେ, ଆଗାମୀ ଦିନ ପାଇଁ ବିପଦର ସଂକେତ ଦେଲାଣି। ଏଭଳି ସ୍ଥଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟାଙ୍କରେ ବୃଦ୍ଧି ପାଇଥିବା ଅନାଦାୟ ଋଣ ବା ଏନ୍‌ପିଏ ପାଇଁ ଉପା ସରକାରଙ୍କୁ ଦାୟୀ କରିଛନ୍ତି। ଦେଖିବାକୁ ଗଲେ ମୋଦି ସରକାରଙ୍କ ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରଚଳନ ଦ୍ୱାରା ଦେଶର ଅର୍ଥନୀତି କିଭଳି ନିମ୍ନଗାମୀ ହୋଇଚାଲିଛି ତାହାର ଅସଂଖ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳିଲାଣି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସଦ୍ୟ ରିପୋର୍ଟ ଦେଖିଲେ ଆହୁରି ଚକିତ ହେବାକୁ ପଡ଼ିବ। ୨୦୧୮ ଅଗଷ୍ଟ ୨୯ରେ ଏହି ଶୀର୍ଷ ବ୍ୟାଙ୍କ ପକ୍ଷରୁ ବାର୍ଷିକ ରିପୋର୍ଟରେ ଦର୍ଶାଯାଇଛି ଯେ, ବିମୁଦ୍ରୀକରଣ ଯୋଗୁ ଅଚଳ କରାଯାଇଥିବା ନୋଟ୍‌ର ୯୯.୩ ପ୍ରତିଶତ ବ୍ୟାଙ୍କକୁ ଫେରିଛି। ଅର୍ଥାତ୍ ୦.୭% ବା ମାତ୍ର ୧୦,୭୨୦ କୋଟି ଟଙ୍କା ବ୍ୟାଙ୍କ ପରିସରଭୁକ୍ତ ହୋଇନାହିଁ। ଏହି ସାମାନ୍ୟ ପରିମାଣର ଅର୍ଥ ଲାଗି ସମଗ୍ର ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଦିଆଯିବା ସହ ବିମୁଦ୍ରୀକରଣ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଅର୍ଥନୀତିଜ୍ଞମାନେ କହିଲେଣି। ଏହିଭଳି ମତ ପୋଷଣ କରୁଥିବା ହେତୁ ପୂର୍ବରୁ ସରକାରଙ୍କ ଗେହ୍ଲା ପୁଅ ଭାବେ ପରିଚିତ ଥିବା ଅରବିନ୍ଦ ସୁବ୍ରମଣ୍ୟମ୍ ନିକଟରେ ତାଙ୍କ ପଦବୀରୁ ଓହରିଗଲେ। ଅନ୍ୟପକ୍ଷରେ ବିମୁଦ୍ରୀକରଣ ବ୍ୟକ୍ତିଗତ ସ୍ତରରେ ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ଭାଜପାକୁ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ସଫଳତା ଦେଇଥିଲା।

କଳାଧନ ଠାବ, ନକଲି ନୋଟ୍ ପ୍ରସାରଣ ବନ୍ଦ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ଲାଗି ପାଣ୍ଠି ଯୋଗାଣ ଦିଗରେ ବିମୁଦ୍ରୀକରଣ ଶକ୍ତ ଧକ୍କା ପହଞ୍ଚାଇବ ବୋଲି ଡିଣ୍ଡିମ ପିଟି କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ଏଭଳି ନିଷ୍ପତ୍ତି ନେଇଥିଲେ। ଏହି ପଦକ୍ଷେପକୁ ୨ ବର୍ଷ ପୂରିବାକୁ ୨ ମାସ ବାକି ଥିବା ବେଳେ ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟ ଭିନ୍ନ ଚିତ୍ର ପ୍ରଦର୍ଶନ କରିଛି। ବିମୁଦ୍ରୀକରଣ ପରେ ଛପା ଯାଇଥିବା ନୂଆ ୨୦୦୦ ଟଙ୍କିଆ ଏବଂ ୫୦୦ ଓ ୨୦୦ ଟଙ୍କିଆ ନୋଟ୍ ଲାଗି ଆର୍‌ବିଆଇକୁ ୧୨,୦୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଛି। ଏହି ପରିପ୍ରେକ୍ଷୀରେ ପରିସଂଖ୍ୟାନ ଦେଖିଲେ ବ୍ୟାଙ୍କକୁ ଫେରି ନ ଥିବା ୧୦, ୭୨୦ କୋଟି ଟଙ୍କା ଅଚଳ ନୋଟ୍ ଅପେକ୍ଷା ନୂଆ ନୋଟ୍ ଛପାଇବା ଓ ଏହାର ନିରାପତ୍ତାଜନିତ ଖର୍ଚ୍ଚ ଅଧିକ ହୋଇଛି । ସେହିପରି ୨୦୧୭ ଜୁଲାଇ ୧ରେ ପ୍ରଚଳିତ ଜିଏସ୍‌ଟି ଲଘୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ କେଉଁଭଳି ଭାବେ ଧରାଶାୟୀ କରିଦେଇଛି, ତାହାର ପ୍ରମାଣ ଆମ ଚାରିକଡ଼େ ଛୋଟ ଉଦ୍ୟୋଗରେ ଝୁଲୁଥିବା ତାଲାକୁ ଦେଖିଲେ ବୁଝି ହେଉଛି।

ବିମୁଦ୍ରୀକରଣ ଯେବେ ଘୋଷଣା କରାଗଲା, ସେତେବେଳେ ଦେଶବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରାଗଲା ଯେ ଧନୀ ଲୋକଙ୍କ ପାଖରେ ରହିଥିବା କଳାଧନକୁ ସହଜରେ ଠାବ କରାଯାଇପାରିବ। ଫଳରେ ସାଧାରଣ ଲୋକେ ଏନ୍‌ଡିଏ ସରକାରଙ୍କ ପଦକ୍ଷେପରେ ଖୁସି ହୋଇ ଆଗକୁ ସେମାନଙ୍କ ପାଇଁ ଭଲ ଦିନ ଆସୁଛି ବୋଲି ଧରିନେଲେ। ଯେତେବେଳେ ନିଜର କଷ୍ଟାର୍ଜିତ ଟଙ୍କା (ଘୋଷଣା ପରେ ଅଚଳ)କୁ ବଦଳାଇବା ପାଇଁ ବ୍ୟାଙ୍କ ଆଗରେ ଲମ୍ବା ଧାଡ଼ିରେ ଠିଆ ହେବାକୁ ପଡ଼ିଲା, ସେତେବେଳେ ସୀମାନ୍ତରେ ସୈନିକମାନେ ଦେଶର ସୁରକ୍ଷା ଲାଗି କିଭଳି କଷ୍ଟ କରୁଛନ୍ତି ତାହାର ଦୃଷ୍ଟାନ୍ତ ଦିଆଗଲା। ସେତେବେଳେ ଲୋକେ ଏହିସବୁ କାହାଣୀକୁ ସ୍ୱୀକାର କରିନେଇଥିଲେ। ହେଲେ ନିଜ ସଞ୍ଚିତ ଅର୍ଥ ପାଇବାରେ ଦିନ ଦିନ ଗଡ଼ିଯିବାରୁ ପ୍ରତିକ୍ରିୟା ଆରମ୍ଭ ହୋଇଥିଲା। ଏବେ ଆର୍‌ବିଆଇ ରିପୋର୍ଟ ଦେବା ପରେ ସରଳିଆ ଲୋକେ ବୁଝିଗଲେଣି ଯେ, ଧନୀ ଲୋକମାନେ କଳାଧନ ନଗଦ ଆକାରରେ ନିଜ ପାଖରେ ଗଚ୍ଛିତ ରଖନ୍ତି ନାହିଁ । ରିୟଲ ଇଷ୍ଟେଟ୍ ଅର୍ଥାତ୍ ଜମି ଓ ଘର, ବଡ଼ କମ୍ପାନୀରେ ଶେୟାର, ସୁନା, ହୀରା ଏବଂ ବିଦେଶୀ ମୁଦ୍ରା ଆକାରରେ ସେମାନେ ସଞ୍ଚୟ କରିଥାଆନ୍ତି। ଅନ୍ୟପକ୍ଷରେ ବ୍ୟାଙ୍କ ନିକଟରେ ପହଞ୍ଚିବାର ସୁଯୋଗ ପାଇ ନ ଥିବା କିମ୍ବା ବ୍ୟାଙ୍କିଙ୍ଗ ବ୍ୟବସ୍ଥା ବିଷୟରେ ଅଜ୍ଞ ଥିବାରୁ ଗରିବ ଲୋକେ ଟଙ୍କାକୁ ଘରେ ବିଭିନ୍ନ ଉପାୟରେ ସାଇତି ରଖନ୍ତି। ସେହିଭଳି ମହିଳାମାନେ ମଧ୍ୟ ପରିବାରର ସୁରକ୍ଷା ପାଇଁ ନଗଦ ଟଙ୍କା ସାଇତି ରଖୁଥିଲେ। ଏପରି ନଗଦ ଅର୍ଥ ସଞ୍ଚି ରଖୁଥିବା ବ୍ୟକ୍ତିଙ୍କୁ ବିମୁଦ୍ରୀକରଣ କ୍ଷତି ପହଞ୍ଚାଇଥିଲା। ସୁନା କିଣିବା ବା ପରିବାରର ସ୍ୱାସ୍ଥ୍ୟ ସମସ୍ୟା ଭଳି ଜରୁରିକାଳୀନ ସ୍ଥିତିର ମୁକାବିଲା କରିବା ପାଇଁ ସ୍ୱାମୀଙ୍କଠାରୁ ଲୁଚାଇ ରଖିଥିବା ନଗଦ ଅର୍ଥ ବିମୁଦ୍ରୀକରଣ ଯୋଗୁ କ୍ଷତିରେ ପଡ଼ିଥିବା ଦେଖିବାକୁ ମିଳିଛି।

କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଓ ଅଚାନକ ନେଉଥିବା ପଦକ୍ଷେପ ଦେଖି ସାଧାରଣ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସେମାନେ ବ୍ୟାଙ୍କରେ ଟଙ୍କା ଜମା କରିବା ଅପେକ୍ଷା ଘରେ ସାଇତିବାକୁ ବେଶି ପସନ୍ଦ କରୁଛନ୍ତି। ଫଳରେ ବ୍ୟାଙ୍କରେ ଜମା ପରିମାଣ କମିବାରେ ଲାଗିଛି। ଅନ୍ୟପକ୍ଷରେ ବିମୁଦ୍ରୀକରଣ ଯୋଗୁ ଅଧିକାଂଶ କ୍ଷୁଦ୍ର ଶିଳ୍ପ ବନ୍ଦ ହୋଇଯିବା କାରଣରୁ ୧ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ହ୍ରାସ ପାଇଛି। ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁ ହେବା ଯୋଗୁ ଆଉ ଗୋଟିଏ ଫାଇଦା ମିଳିଛି। ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ କରଦାତାଙ୍କ ସଂଖ୍ୟା ବଢ଼ିଛି। ହେଲେ ବିମୁଦ୍ରୀକରଣ ପାଇଁ କିମ୍ବା ଜିଏସ୍‌ଟି ସକାଶେ ଏହା ହୋଇଛି, ତାହା ସ୍ପଷ୍ଟ ଜଣାପଡ଼ି ନାହିଁ।

ବିମୁଦ୍ରୀକରଣକୁ ସବୁଆଡୁ ସମାଲୋଚନା କରାଯିବା ପରେ ଜନସାଧାରଣଙ୍କୁ ବିଭିନ୍ନ ଜନହିତକର ଯୋଜନାର ଲୋଭ ଦେଖାଇ ଦିଆଯାଉଛି। ଜନପ୍ରିୟ ଯୋଜନା ଶାସକ ଦଳ ପାଇଁ ଭୋଟ ପାଇବାରେ ସହାୟକ ହୋଇପାରେ। କିନ୍ତୁ ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରତିଫଳନ କରେନାହିଁ। ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁ କରି ସରକାର ଅର୍ଥନୀତିର ଯେଉଁ ବିରାଟ କ୍ଷତି କରିଛନ୍ତି, ତାହାକୁ ଭରଣା କରିବା ଲାଗି ବାସ୍ତବଧର୍ମୀ ବିକଳ୍ପ ସୃଷ୍ଟି କରିବା ଦରକାର।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | | | | | | 6 | | | | 3 | 9 | 7 | |
| 8 | A | | | | E | | 7 | | | | | | | 6 |
| | | | | | | 3 | D | | | 2 | | 4 | B | A |
| 3 | | 1 | | | 8 | | | | B | | 0 | | C | |
| | | D | 4 | | | | | | 5 | | 8 | 3 | | |
| | | | | | | | 5 | 9 | | | | | | 3 |
| | | | | | | 7 | | | | 4 | | C | E | |
| | | | 8 | 7 | | B | | | C | E | 5 | | D | 9 |
| | 4 | | | | | | | | 8 | 7 | | 5 | 1 | |
| 0 | | | | 2 | | D | | | 9 | B | | | 8 | |
| | | | | 3 | | | | | | | E | 8 | 2 | D |
| 7 | | | | A | 1 | | | | | | | | | |
| | | | | | | 6 | 9 | | 2 | | C | | | 7 |
| | | 5 | | B | 0 | 8 | 3 | | 4 | | | E | | |
| | | 3 | 9 | | 5 | | E | C | D | | | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | E | 1 | 4 | A | 7 | C | 0 | 6 | 5 | 9 | 8 | B | D |
| C | 8 | 1 | E | 5 | 6 | 9 | A | D | 3 | B | 4 | 7 | 2 | 0 |
| B | 0 | 6 | 2 | C | 8 | 4 | 3 | 1 | D | E | 7 | 5 | A | 9 |
| 9 | A | 5 | D | B | 7 | 2 | E | 6 | 0 | 8 | C | 4 | 3 | 1 |
| 4 | D | 7 | 9 | 3 | 0 | 8 | B | 5 | A | 2 | 1 | C | E | 6 |
| 0 | 4 | D | 5 | 8 | B | C | 2 | 9 | E | 3 | 6 | A | 1 | 7 |
| 2 | 5 | C | 7 | 6 | 3 | 0 | 8 | 4 | 9 | 1 | A | E | D | B |
| E | 3 | 8 | 4 | 9 | D | 6 | 1 | A | 7 | 0 | B | 2 | C | 5 |
| 1 | 9 | A | C | E | 2 | B | D | 7 | 8 | 4 | 5 | 6 | 0 | 3 |
| 7 | 6 | B | 0 | A | 1 | E | 5 | 3 | 2 | C | D | 9 | 4 | 8 |
| A | E | 4 | B | 0 | C | 5 | 9 | 8 | 1 | 6 | 3 | D | 7 | 2 |
| 5 | 1 | 2 | A | 7 | 4 | 3 | 6 | B | C | D | 8 | 0 | 9 | E |
| 6 | B | 0 | 8 | 1 | E | D | 7 | C | 4 | 9 | 2 | 3 | 5 | A |
| D | 7 | 3 | 6 | 2 | 9 | 1 | 4 | E | 5 | A | 0 | B | 8 | C |
| 8 | C | 9 | 3 | D | 5 | A | 0 | 2 | B | 7 | E | 1 | 6 | 4 |

ଗତକାଲିର ଉତ୍ତର

# ପରମାଣୁ ବୋମାଠାରୁ ବିପଜ୍ଜନକ ପ୍ଲାଷ୍ଟିକ୍



ଅଲେଖ ଚନ୍ଦ୍ର ସାମଲ

ପ୍ରତି ମିନିଟରେ ୧୦ଲକ୍ଷ ପଲିଥିନ୍ ବ୍ୟାଗ, ପ୍ରତିବର୍ଷ ୮୮ଲକ୍ଷ ଟନ୍ ପ୍ଲାଷ୍ଟିକ୍ ସମୁଦ୍ରକୁ ଯାଉଛି। ଦୁଗ୍ଧ ପ୍ୟାକେଟ୍‌ଠାରୁ ଆରମ୍ଭ କରି ଔଷଧ ବୋତଲ ପର୍ଯ୍ୟନ୍ତ ସବୁଥିରେ ଆଜି ଆମେ ଆଖିବୁଜି ପ୍ଲାଷ୍ଟିକ୍‌ର ବ୍ୟବହାର କରିଚାଲିଛେ। ପ୍ରତିବର୍ଷ ପୃଥିବୀରେ ୫ଶହ ମିଲିୟନ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ହେଉଛି। ପ୍ରତି ମିନିଟ୍‌ରେ ଲକ୍ଷ ଲକ୍ଷ ପ୍ଲାଷ୍ଟିକ୍ ବ୍ୟାଗ୍ ଫୋପଡ଼ା ହେଉଛି। ପ୍ଲାଷ୍ଟିକ୍ ଆମକୁ ଅନେକ ସୁବିଧା ଦେଇଛି, ତେବେ ବିପଦକୁ ବରଣ କରିବାର ସର୍ତ୍ତ ସହ। ପ୍ଲାଷ୍ଟିକ୍‌ଜନିତ ପ୍ରଦୂଷଣରେ ଭାରତ ଦୁନିଆର ଶୀର୍ଷ ୨୦ ଦେଶ ମଧ୍ୟରେ ଅନ୍ୟତମ। ଭାରତରେ ପ୍ରତିଦିନ ୧୫୩୪୨ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟି ହେଉଛି। ଏ ମଧ୍ୟରୁ ୯୨୦୫ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ଏକତ୍ର କରାଯାଉଛି ଏବଂ ୬୧୩୭ଟନ୍ ବିପର୍ଯ୍ୟସ୍ତ ଭାବରେ ଖେଳେଇ ହୋଇରହୁଛି। ପ୍ଲାଷ୍ଟିକ୍ ଉପରେ କଟକଣା ପାଇଁ କେନ୍ଦ୍ର ନିୟମ କରିଛି, ରାଜ୍ୟଗୁଡ଼ିକରେ ନିଷେଧାଜ୍ଞା ଜାରି ହୋଇଛି, ହେଲେ ପ୍ଲାଷ୍ଟିକ୍‌ର ବ୍ୟବହାର କମ୍ ହୋଇନି। ୨୦୧୬ରେ କେନ୍ଦ୍ର ସରକାର ନୂତନ ପ୍ଲାଷ୍ଟିକ୍ ନିୟମ ଲାଗୁ କଲେ। ପଲିଥିନ୍‌ର ମୋଟେଇ ୪୦ ମାଇକ୍ରନ୍‌ରୁ ୫୦ ମାଇକ୍ରନ୍ କରାଗଲା। ପ୍ଲାଷ୍ଟିକ୍ ଉତ୍ପାଦନକୁ କଲେକ୍ଟ ବ୍ୟାକ୍ ପ୍ରଣାଳୀ ସହ ଯୋଡ଼ାଗଲା। ଅର୍ଥାତ୍ ନିର୍ମାତାଙ୍କ ଉପରେ ବଜାରରୁ ପ୍ଲାଷ୍ଟିକ୍ ଫେରାଇ ନେବାର ଦାୟିତ୍ୱ ଦିଆଗଲା। ପଞ୍ଜାବ, ମଧ୍ୟପ୍ରଦେଶ, ଜମ୍ମୁ-କଶ୍ମୀର, ଦିଲ୍ଲୀ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ରାଜସ୍ଥାନ, ହିମାଚଳପ୍ରଦେଶ, ଗୋଆ ଓ ପଶ୍ଚିମବଙ୍ଗ ମଧ୍ୟ ପଲିଥିନ୍ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ବର୍ତ୍ତମାନ ପ୍ଲାଷ୍ଟିକ୍ ଆବର୍ଜନା ଉତ୍ପାଦନରେ ସବୁଠାରୁ ଆଗରେ ମହାରାଷ୍ଟ୍ର, ଗୁଜରାଟ ଓ ତାମିଲନାଡୁ ଅଛନ୍ତି। ଦିଲ୍ଲୀରେ ପରିବେଶର ସର୍ବାଧିକ କ୍ଷତି କରୁଥିବା ଡିସ୍ପୋଜେବ୍‌ଲ ବାସନ ଓ ଅନ୍ୟାନ୍ୟ ଉପକରଣର ବ୍ୟବହାର ଉପରେ କଟକଣା ଜାରି ହୋଇଛି।

ପ୍ଲାଷ୍ଟିକ୍ ବାସନକୁସନ ପରିବେଶ ପାଇଁ ଯେତିକି କ୍ଷତିକାରକ ତା'ଠାରୁ ଅଧିକ କ୍ଷତିକାରକ ଶରୀର ନିମନ୍ତେ। କିନ୍ତୁ ଦିଲ୍ଲୀ ବ୍ୟତୀତ ଅନ୍ୟ କୌଣସି ରାଜ୍ୟରେ ଏହା ଉପରେ କଟକଣା ନାହିଁ। ପ୍ଲାଷ୍ଟିକ୍ ସହଜରେ ମାଟିରେ ମିଶେନି। ୫୦ ମାଇକ୍ରନ୍‌ଠାରୁ ପତଳା ପଲିଥିନ୍ ଚିରି ଖଣ୍ଡ ଖଣ୍ଡ ହୋଇ ରହିବା ଫଳରେ ଭୂତଳ ଜଳ ବିଷାକ୍ତ ହୁଏ। ପ୍ଲାଷ୍ଟିକ୍ ଯୋଗୁ ଜଳଜୀବମାନଙ୍କ ଜୀବନ ଉପରେ ବିପଦ ସୃଷ୍ଟି ହେଉଛି। ମୁମ୍ବାଇ, ଆଣ୍ଡାମାନ-ନିକୋବର ଓ କେରଳର ବେଳାଭୂମି ପ୍ଲାଷ୍ଟିକ୍ ଆବର୍ଜନା ଦ୍ୱାରା ସବୁଠାରୁ ପ୍ରଦୂଷିତ। ପ୍ଲାଷ୍ଟିକ୍ ଆବର୍ଜନାକୁ ଗର୍ତ୍ତ ପୂରଣ ପାଇଁ ବ୍ୟବହାର କରିବା ନିମନ୍ତେ ଏହାକୁ ଜଳାଇ ଦିଆଯାଉଛି। ଫଳରେ ବାୟୁମଣ୍ଡଳରେ ବିଷାକ୍ତ ଗ୍ୟାସ୍ ମିଶି ବାୟୁ ପ୍ରଦୂଷଣ ହେଉଛି। ପ୍ଲାଷ୍ଟିକ୍ କେବଳ ଭୂପୃଷ୍ଠକୁ ନୁହେଁ ସମୁଦ୍ରକୁ ମଧ୍ୟ ଡମ୍ପିଂୟାର୍ଡରେ ପରିଣତ କରିଦେଇଛି। ପ୍ରତିବର୍ଷ ୧ବିଲିୟନ ପଲିଥିନ୍ ବ୍ୟାଗ୍ ଉତ୍ପାଦନ ହେଉଛି। ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶିବା ପାଇଁ ହଜାରେ ବର୍ଷ ଲାଗେ। ଆମେ ପ୍ରତିବର୍ଷ ଯେଉଁ ୩୫ ଲକ୍ଷ ପଲିଥିନ୍ ବ୍ୟାଗ୍ ଫିଙ୍ଗୁଛୁ ତାହା କିଭଳି ଆବର୍ଜନା ବଢ଼ାଉଥିବ ତାହା ସହଜରେ ଅନୁମେୟ। ପଲିଥିନ୍ ବ୍ୟାଗ୍‌ଜନିତ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ଏକଲକ୍ଷରୁ ଅଧିକ ସାମୁଦ୍ରିକ ଜୀବ ପ୍ରାଣ ହରାଉଛନ୍ତି। ସମୁଦ୍ରରେ ଏକ ବର୍ଗମାଇଲ ପରିମିତ ଅଞ୍ଚଳରେ ୪୫ ହଜାର ପଲିଥିନ୍ ଜମା ହୋଇରହୁଛି। ପ୍ରତିବର୍ଷ ପଲିଥିନ୍ ବ୍ୟାଗ୍ ପ୍ରସ୍ତୁତି ପାଇଁ ୪.୩ ବିଲିୟନ ଗ୍ୟାଲନ୍ ଅଶୋଧିତ ତୈଳ ବ୍ୟବହାର କରାଯାଉଛି। ସୋସାଇଟି ଅଫ୍ ଦି ପ୍ଲାଷ୍ଟିକ୍ ଇଣ୍ଡଷ୍ଟ୍ରିର ସୂଚନା ଅନୁଯାୟୀ ପ୍ଲାଷ୍ଟିକ୍ ୭ ପ୍ରକାର। ତେବେ ୬ ପ୍ରକାର ପ୍ଲାଷ୍ଟିକ୍ ସାଧାରଣତଃ ବ୍ୟବହାର କରାଯାଏ। ସାଧାରଣରେ ଧାରଣା ଥାଏ ଖାଦ୍ୟପଦାର୍ଥ ପ୍ଲାଷ୍ଟିକ୍ ବଟଲରେ ସୁରକ୍ଷିତ ରହେ। କିନ୍ତୁ ଖରାଦିନେ ଏଥିପାଇଁ ଆମକୁ ସାବଧାନ ହେବାକୁ ପଡ଼ିବ। ହାଲ୍‌କା ମାନର ପ୍ଲାଷ୍ଟିକ୍‌ରୁ ପରିବେଶର ଉତ୍ତାପ ଦ୍ୱାରା ବିଷାକ୍ତ ଉପାଦାନ ନିର୍ଗତ ହୁଏ। ଚଳିତବର୍ଷ ଆମ ଦେଶରେ ପ୍ଲାଷ୍ଟିକ୍ ବ୍ୟବହାର ଆହୁରି ୨୦ ପ୍ରତିଶତ ବଢ଼ିଯିବ, ଅର୍ଥାତ୍ ୧୭୮ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବ୍ୟବହାର ହେବ। ୨୦୧୫-୧୬ରେ ଏହି ପରିମାଣ ୧୪୮ ଲକ୍ଷ ଟନ୍ ଥିଲା। ସୋସାଇଟିର ସୂଚନା ଅନୁଯାୟୀ ପେଟ୍ ପ୍ଲାଷ୍ଟିକ୍ ଅର୍ଥାତ୍ ପାଣି, ତେଲ ଆଦିର ବଟଲ ଯେଉଁ ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ ହୁଏ, ତାହା ଅଧିକ ବିପଜ୍ଜନକ ନୁହେଁ। ସେହିପରି ଦୁଗ୍ଧ ବଟଲ, ପାଣିଜଗ୍, ଜୁସ୍ ବଟଲ, ଶାମ୍ପୁ ବଟଲ ଏବଂ ଖେଳନା ଆଦି ପ୍ରସ୍ତୁତ ହେଉଥିବା ଏଚ୍‌ଡିପିଆଇ ପ୍ଲାଷ୍ଟିକ୍ ଓ ଏଲ୍‌ଡିପିଇ ପ୍ଲାଷ୍ଟିକ୍ କମ୍ ବିପଜ୍ଜନକ ଏବଂ ଏହାକୁ ସହଜରେ ପୁନର୍ବ୍ୟବହାର କରାଯାଇପାରେ। କିନ୍ତୁ ପିଭିସି ପ୍ଲାଷ୍ଟିକ୍ ଖୁବ୍ ବିପଜ୍ଜନକ। ଏହାଛଡ଼ା ପିପିପଲି ପ୍ଲାଷ୍ଟିକ୍‌କୁ ପୁନଃଚକ୍ରଣ କରି ବ୍ୟବହାର କରାଯାଇପାରେ। ଏହି ପ୍ରକାର ପ୍ଲାଷ୍ଟିକ୍‌ରୁ ଖାଦ୍ୟ ପ୍ୟାକିଂ ହେଉଥିବା ଡବା ଏବଂ ଔଷଧ ବଟଲ ପ୍ରସ୍ତୁତ ହୁଏ। ପିଏସ୍ ପ୍ଲାଷ୍ଟିକ୍‌କୁ ପୁନର୍ବାର ବ୍ୟବହାର କରାଯାଇପାରେ ନାହିଁ। ପ୍ରକୃତି ଆମକୁ ଯେଉଁ ପାଣି ମାଗଣାରେ ଦେଇଛି ଏବେ ତାହାର ବଜାରୀକରଣ ହୋଇସାରିଛି। କେବଳ ଭାରତରେ ପାଣି ବୋତଲର ବ୍ୟବସାୟ ୧୦୬ ମିଲିୟନ ଟଙ୍କା। ୨୦୨୦ ମସିହା ସୁଦ୍ଧା ସାରା ବିଶ୍ୱରେ ବୋତଲ ବନ୍ଦ ପାଣିର ବ୍ୟବସାୟ ୨୮୦ ମିଲିୟନ ଡଲାରରେ ପହଞ୍ଚିଥିବ। ପ୍ଲାଷ୍ଟିକ୍ ଆବର୍ଜନାଜନିତ ସମସ୍ୟାର ସମାଧାନ ରହିଛି ପୁନଃଚକ୍ରଣରେ। ଏକ ଟନ୍ ପୁନଃଚକ୍ରିତ ପ୍ଲାଷ୍ଟିକ୍ ଦ୍ୱାରା ୬୮୫ ଗ୍ୟାଲନ୍ ଅଶୋଧିତ ତୈଳର ବ୍ୟବହାର କମ୍ ହୋଇଥାଏ, ୫୭୭୪ କିଲୋୱାଟ୍ ବିଦ୍ୟୁତ୍ ଖର୍ଚ୍ଚ କମ୍ ହୁଏ। ସବୁଠାରୁ ବଡ଼କଥା ପକ୍ଷୀ, ପ୍ରଜାପତି ଏବଂ ଡଲ୍‌ଫିନ୍‌କୁ ସୁରକ୍ଷା ମିଳେ। ପ୍ରକୃତି ଆମକୁ ଅନେକ କିଛି ଦେଇଛି। ସମସ୍ତ ଆବଶ୍ୟକତା ପୂରଣ କରିବାର କ୍ଷମତା ପ୍ରକୃତିର ରହିଛି। ପ୍ରକୃତି ଆମକୁ ୩ ବିଲିୟନ ବୃକ୍ଷ ଦେଇଛି। ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ପାଇଁ ୪୨୨ଟି ଗଛ। ବ୍ୟକ୍ତି ପିଛା ଗଛ ହିସାବରେ କାନାଡ଼ା ସବୁଠାରୁ ଆଗରେ ରହିଛି। ଏଠାରେ ବ୍ୟକ୍ତି ପିଛା ଗଛ ସଂଖ୍ୟା ୮୯୫୩। ସବୁଠାରୁ କମ୍ ଗଛ ଅଛି ମିଶରବାସୀଙ୍କ ପାଇଁ। ଏଠାରେ ବ୍ୟକ୍ତି ପିଛା ଗଛ ସଂଖ୍ୟା ମାତ୍ର ୧। ଫିନ୍‌ଲାଣ୍ଡରେ ପ୍ରତି ବର୍ଗକିଲୋମିଟରରେ ୭୨ ହଜାର ଗଛ ରହିଛି। ଏହା ବିଶ୍ୱରେ ସର୍ବାଧିକ। ଏହି କାରଣରୁ ଫିନ୍‌ଲାଣ୍ଡ ବିଶୁଦ୍ଧ ବାୟୁ ମାମଲାରେ ବିଶ୍ୱରେ ତୃତୀୟ ସ୍ଥାନରେ ରହିଥିବା ବେଳେ ସୁଖୀ ଦେଶ ତାଲିକାରେ ପଞ୍ଚମ ସ୍ଥାନରେ ରହିଛି। ଗଛ ଆମକୁ ପ୍ରତିବର୍ଷ ୬ ମିଲିୟନ ଟନ୍ ଅମ୍ଳଜାନ ଦେଉଛି। ନାଇଟ୍ରୋଜେନ ଓ ଅମ୍ଳଜାନ ପରି ୧୦ଟି ଗ୍ୟାସ୍ ମିଶି ଆମ ବାୟୁମଣ୍ଡଳ ସୃଷ୍ଟି ହୋଇଛି। ଏ ମଧ୍ୟରୁ ସବୁଠାରୁ ଜରୁରୀ ଅମ୍ଳଜାନ। ବାୟୁମଣ୍ଡଳରେ ଏହାର ପରିମାଣ ୨୧ ପ୍ରତିଶତ। ଆମ ଜୀବନ ପାଇଁ ଆବଶ୍ୟକ ଥିବା ଅମ୍ଳଜାନ ଗଛରୁ ମିଳୁଛି। କିନ୍ତୁ ମଣିଷ ନିଜର ଲୋଭ ଯୋଗୁ ଗଛ କାଟିବା ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ ପରିମାଣ କମ୍ ହେବାରେ ଲାଗିଛି। ଏଥିସହ ବାୟୁମଣ୍ଡଳର ପ୍ରଦୂଷଣ ଯୋଗୁ ଏହା କ୍ରମଶଃ ବିଷାକ୍ତ ହେଉଛି। ମାନବ ସଭ୍ୟତାର ବୃଦ୍ଧି ସହ ପୃଥିବୀପୃଷ୍ଠରୁ ୪୬ ପ୍ରତିଶତ ବୃକ୍ଷ ହ୍ରାସ ପାଇସାରିଛି। ପ୍ରତିବର୍ଷ ୭୩ ଲକ୍ଷ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ଏହାଫଳରେ ଅମ୍ଳଜାନ ପରିମାଣ ମଧ୍ୟ କମ୍ ହେଉଛି। ଆଧୁନିକୀକରଣ ଯୋଗୁ ପ୍ରତିବର୍ଷ ୪୦ ମିଲିୟନ ଟନ୍ କାର୍ବନ୍‌ଡାଇଅକ୍ସାଇଡ୍ ବାୟୁମଣ୍ଡଳରେ ମିଶୁଛି। ଏହାର ମୁଖ୍ୟ କାରଣ ପ୍ଲାଷ୍ଟିକ୍ ଏବଂ କଳକାରଖାନା ଓ ଯାନବାହନରୁ ନିର୍ଗତ ଧୂଆଁ। ଏହା ବ୍ୟତୀତ ପ୍ଲାଷ୍ଟିକ୍ ଜଳସମ୍ପଦର ପ୍ରଦୂଷଣ ନିମନ୍ତେ ମଧ୍ୟ ଦାୟୀ। ମନୁଷ୍ୟ ୭୦ ପ୍ରତିଶତ ଆବର୍ଜନା ନଦୀକୁ ଛାଡ଼ି ଦେଉଛି। ଫଳରେ ଆମ ଜଳସ୍ରୋତଗୁଡ଼ିକ ପ୍ରଦୂଷିତ ହେଉଛି। କେବଳ ମଣିଷ ନୁହେଁ, ପ୍ରଦୂଷଣ ଜୀବଜଗତ ପାଇଁ ମଧ୍ୟ ବିପଦର କାରଣ ହୋଇଛି। ଭାରତରେ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ତାଲିକା ଦିନକୁ ଦିନ ଲମ୍ବା ହୋଇଯାଉଛି। ୨୦୧୪ ମସିହାର ଲିଭିଂ ପ୍ଲାନେଟ୍ ରିପୋର୍ଟ ଅନୁଯାୟୀ ୧୯୭୦-୨୦୧୦ ମଧ୍ୟରେ ଜୀବଜନ୍ତୁଙ୍କ ସଂଖ୍ୟା ୫୨ ପ୍ରତିଶତ ହ୍ରାସ ପାଇଛି। କାରଣ ସେମାନଙ୍କ ବାସସ୍ଥାନ ଜଙ୍ଗଲ ଏବେ ମନୁଷ୍ୟ କବ୍‌ଜାରେ ରହିଛି। ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ପ୍ରଦୂଷଣ ଯୋଗୁ ସାମୁଦ୍ରିକ ଜୀବଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି।

ସହକାରୀ ବନ୍ୟ ସଂରକ୍ଷକ, ରାୟଗଡ଼ା ବନ୍ୟ ଡିଭିଜନ, ରାୟଗଡ଼ା, ମୋ- ୯୪୩୭୨୫୭୧୨୩

# ଗବେଷଣା ଓ ଆତଙ୍କ



କମଳାକାନ୍ତ ଜେନା

୧୦ ବର୍ଷ ତଳର ଘଟଣା। ୨୦୦୮ ମସିହା ସେପ୍ଟେମ୍ବର ୧୦ ତାରିଖ ପାଖେଇ ଆସୁଥିଲା। ଲୋକମାନେ ଭୟରେ ଜଡସଡ ହୋଇଉଠୁଥିଲେ। ବିଜ୍ଞାନର ଏକ ଯୁଗାନ୍ତକାରୀ ଗବେଷଣାକୁ ନେଇ ବିଭିନ୍ନ ଟିଭି ଚାନେଲରେ ପ୍ରଚାରିତ ଦୃଶ୍ୟ ଲୋକମାନଙ୍କ ହୃଦୟରେ ଅଯଥା ଆତଙ୍କ ସୃଷ୍ଟି କରିଥିଲା। କିଏ କହୁଥିଲା, ପୃଥିବୀ ସଂକୁଚିତ ହୋଇ ବିନ୍ଦୁ ପାଲଟିଯିବ। ଆଉ କିଏ କହୁଥିଲା, କ୍ଷୁଦ୍ର ବ୍ଲାକ୍‌ହୋଲ ଭିତରେ ସମସ୍ତେ ଚିପି ହୋଇଯିବା। ଏପରି କି ସାରା ବ୍ରହ୍ମାଣ୍ଡ ଧ୍ୱଂସ ହେଇଯିବ ବୋଲି କେତେକ ଚାନେଲରେ ପ୍ରଚାରିତ ହେଉଥିଲା। ଏସବୁର କାରଣ ବୈଜ୍ଞାନିକ ଗବେଷଣା ବୋଲି କୁହାଯାଉଥିଲା। ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ସମୟରେ ଘଟିଥିବା ବିଗ୍‌ବ୍ୟାଙ୍ଗ୍ ବିସ୍ଫୋରଣ ଉପରେ ହେଉଥିବା ଗବେଷଣା ସକାଶେ ସେପ୍ଟେମ୍ବର ୧୦ ତାରିଖରେ ପୃଥିବୀ ଧ୍ୱଂସ ହେବ ବୋଲି ଲୋକଙ୍କୁ ସନ୍ଦେଶ ମିଳୁଥିଲା। ତେଣୁ ସାଧାରଣ ଜନତା ବୈଜ୍ଞାନିକମାନଙ୍କୁ ଗାଳିଦେବା ଆରମ୍ଭ କଲେ। ବୈଜ୍ଞାନିକ ବଦଳରେ ସେମାନେ ଟିଭି ଚାନେଲରେ ଉଡୁଥିବା ସୂଚନାକୁ ବିଶ୍ୱାସ କରୁଥିଲେ। ସେପ୍ଟେମ୍ବର ୧୦ ତାରିଖରେ ମୃତ୍ୟୁ ନିଶ୍ଚିତ ବୋଲି ଭାବିନେଲେ। ତେଣୁ ମରିବା ପୂର୍ବରୁ କିଛି ଲୋକ ନିଜର ପଇସାପତ୍ର ସାରିବାକୁ ଲାଗିଲେ। କିଛି ଲୋକ ମନ ଭରି ମାଛମାଂସ ବି ଖାଇଲେ।

ବହୁ ବିଳମ୍ବରେ ଗୋଟିଏ ଦୁଇଟା ଚାନେଲରେ ବୈଜ୍ଞାନିକମାନେ ବସି ସାଧାରଣ ଲୋକଙ୍କୁ ପ୍ରକୃତ ଘଟଣାକୁ ବୁଝେଇବା ପାଇଁ ଚେଷ୍ଟା କଲେ। କିନ୍ତୁ ସେତେବେଳେ ଲୋକମାନେ ଆଉ ବୁଝିବା ଅବସ୍ଥାରେ ନ ଥିଲେ। ବୈଜ୍ଞାନିକମାନଙ୍କୁ ବିଶ୍ୱାସ କରିବାକୁ ସେମାନଙ୍କର ଇଚ୍ଛା ବି ନ ଥିଲା। ଭୟ ଓ ସନ୍ଦେହ ଭିତରେ ସେପ୍ଟେମ୍ବର ୧୦ ତାରିଖ ଆସିଲା। ୟୁରୋପର ଜେନିଭାଠାରେ ବିଗ୍‌ବ୍ୟାଙ୍ଗ୍ ମେଶିନ୍‌ରେ ପରୀକ୍ଷଣ ଆରମ୍ଭ ହେଲା। କାହିଁ, ପୃଥିବୀ ତ ଧ୍ୱଂସ ହେଲା ନାହିଁ। ବ୍ଲାକ୍‌ହୋଲ ଭିତରେ ସମସ୍ତେ ଚିପି ହୋଇଗଲେ ନାହିଁ। ସାଧାରଣ ଲୋକଙ୍କ ଉପରେ ଏହାର କୌଣସି କୁପ୍ରଭାବ ପରିଲକ୍ଷିତ ହେଲା ନାହିଁ। ସବୁଆତଙ୍କ ଓ ମିଥ୍ୟା ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡିଲା।

ଏମିତି ଅନେକ ପରିବେଶରେ ଲୋକମାନେ ବୈଜ୍ଞାନିକ ଗବେଷଣାକୁ ନେଇ ଅନ୍ଧବୁଝାମଣାର ଶିକାର ହେବାର ଉଦାହରଣ ରହିଛି। ଏମିତି ଭୁଲ ବୁଝାମଣା ହେବା ପଛରେ ଅନେକ କାରଣ ରହିଛି। ମୁଖ୍ୟ କାରଣ ହେଉଛି ସେମାନଙ୍କ ଗବେଷଣା ସମ୍ପର୍କିତ ଅନଭିଜ୍ଞତା। କାହିଁକି ନା, ଏକଥା ସତ, ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ସାଧାରଣ ଲୋକଙ୍କୁ ସୁବିଧା ଦେଇଛି। ସେମାନଙ୍କର ଜୀବନକୁ ସହଜ ଓ ସୁଖମୟ କରିପାରିଛି। ସେମାନଙ୍କର ସ୍ୱପ୍ନକୁ ବିଜ୍ଞାନ ଆଜି ସାକାର କରିଛି। ଟିଭି, ରେଡିଓ, ମୋବାଇଲ ଓ ଅନ୍ତର୍ଜାଲ ବ୍ୟବସ୍ଥା ଦେଇଛି। କିନ୍ତୁ ସେସବୁ ଯନ୍ତ୍ରପାତି ଓ ବ୍ୟବସ୍ଥାର ଆବିଷ୍କାର ଓ ଉଦ୍ଭାବନ ପଛରେ ରହିଥିବା ଗବେଷଣା ବିଷୟରେ ସାଧାରଣ ଲୋକ ଜାଣନ୍ତି ନାହିଁ। ଗବେଷଣା ଓ ପରୀକ୍ଷଣ ପଛରେ ରହିଥିବା ବିଭିନ୍ନ ପ୍ରକାରର ବାଧାବିଘ୍ନ ବିଷୟରେ ସେମାନେ ଅନଭିଜ୍ଞ। ପ୍ରକୃତ କଥା ହେଉଛି, ସେମାନଙ୍କୁ ସେକଥା କୁହାଯାଇ ନାହିଁ କିମ୍ବା ସେମାନେ ଜାଣିବାର ସୁଯୋଗ ପାଇନାହାନ୍ତି। ବୈଜ୍ଞାନିକ ଗବେଷଣା ସହିତ ସେମାନଙ୍କୁ ପରିଚିତ କରାଇବା ଦରକାର। କେମିତି ପରୀକ୍ଷଣ ପରେ ପରୀକ୍ଷଣ, ବିଫଳତା ପରେ ବିଫଳତା ଏବଂ କେତେ ଏକାଗ୍ରତା ଓ କଠିନ ପରିଶ୍ରମ ପରେ ସଫଳତାର ସ୍ୱାଦ ମିଳେ, ସେକଥା ସେମାନେ ଅନୁଭବ କରିପାରିବେ। ଏହା ସେମାନଙ୍କ ହୃଦୟରେ ବୈଜ୍ଞାନିକମାନଙ୍କ ପ୍ରତି ଯଥେଷ୍ଟ ବିଶ୍ୱାସ ସୃଷ୍ଟି କରିପାରିବ।

ଆମର ବିଜ୍ଞାନ ଗବେଷଣା ଓ ସାଧାରଣ ଜନତାଙ୍କ ଭିତରେ ରହିଥିବା ବ୍ୟବଧାନ ସକାଶେ ସାଧାରଣ ଲୋକଙ୍କୁ କିଛି ମାତ୍ରାରେ ଦାୟୀ କରିପାରିବା। କାରଣ ସେମାନେ ଟିଭି, ମୋବାଇଲ ଓ ଅନ୍ତର୍ଜାଲ ବ୍ୟବସ୍ଥାରେ ମନୋରଞ୍ଜନ କରିବାରେ ସବୁ ସମୟ ଦେଉଛନ୍ତି। ବିଜ୍ଞାନକୁ ବୁଝିବା ଦିଗରେ କିମ୍ବା ନୂଆ ନୂଆ ବୈଜ୍ଞାନିକ ଗବେଷଣା ବିଷୟରେ ଜାଣିବା ଦିଗରେ ଇଚ୍ଛା ପ୍ରକାଶ କରୁନାହାନ୍ତି। ବର୍ତ୍ତମାନର ଯୁଗ ବିଜ୍ଞାନର ଯୁଗ, ସମସ୍ତେ ବିଜ୍ଞାନ ଓ ବୈଜ୍ଞାନିକ ଗବେଷଣା ସହିତ ପରିଚିତ ହେବା ଦରକାର। ସମସ୍ତଙ୍କୁ ବିଜ୍ଞାନଯୁଗ ସହିତ ପରିଚିତ କରାଇବା କ୍ଷେତ୍ରରେ ଗବେଷଣାରତ ବୈଜ୍ଞାନିକମାନଙ୍କର ବିଶେଷ ଭୂମିକା ରହିଛି। ଯେଉଁମାନେ ବିଜ୍ଞାନ ସହିତ ଜଡିତ ଓ ବୈଜ୍ଞାନିକ ଗବେଷଣାରତ, ସେମାନେ କିଛି ସମୟ ଜନସଚେତନତା କ୍ଷେତ୍ରରେ ପ୍ରୟାସ କରିବା ଆବଶ୍ୟକ। ନଚେତ୍ ଲୋକମାନେ ଗୁଜବ ଓ ଭୁଲ ସୂଚନାର ଶିକାର ହେବେ।

୨୦୦୮ ମସିହାରେ ଠିକ୍ ଏଇ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଚଣ୍ଡ ବିଗ୍‌ବ୍ୟାଙ୍ଗ୍ ବିସ୍ଫୋରଣରୁ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହୋଇଥିଲା। ତେଣୁ ବିଶ୍ୱବ୍ରହ୍ମାଣ୍ଡକୁ ବୁଝିବା ପାଇଁ ବୈଜ୍ଞାନିକମାନେ ଜେନିଭାରେ ୨୭ କିଲୋମିଟର ଲମ୍ବ ବିଶାଳ ଯନ୍ତ୍ରଟିଏ ତିଆରି କରିଥିଲେ। ସେହି ଯନ୍ତ୍ର ଭିତରେ ସୂର୍ଯ୍ୟର ଏକ ଲକ୍ଷ ଗୁଣ ତାପମାତ୍ରା ସୃଷ୍ଟି କରି ସେପ୍ଟେମ୍ବର ୧୦ ତାରିଖ ଦିନ ବିଗ୍‌ବ୍ୟାଙ୍ଗ୍ ବିସ୍ଫୋରଣ ଆରମ୍ଭ କରିବାର ଯୋଜନା କରିଥିଲେ। ସବୁଠାରୁ ବଡ କଥା, ତାହା ଥିଲା ସମ୍ପୂର୍ଣ୍ଣ ନିୟନ୍ତ୍ରିତ। ବିସ୍ଫୋରଣ ତାପଶକ୍ତିକୁ ଧୂଳିକଣା ପରି କ୍ଷୁଦ୍ରାତିକ୍ଷୁଦ୍ର ଆୟତନ ଭିତରେ ଆବଦ୍ଧ କରି ରଖିବାର ସୁରକ୍ଷିତ ବ୍ୟବସ୍ଥା ଥିଲା। ପୃଥିବୀର ୮୫ ଦେଶରୁ ପ୍ରାୟ ୧୦୦୦୦ ବୈଜ୍ଞାନିକ ୨୫ ବର୍ଷ ଧରି ସେଇ ବିସ୍ଫୋରଣ ମୁହୂର୍ତ୍ତକୁ ଅପେକ୍ଷା କରି ରହିଥିଲେ। ଗବେଷଣାରେ ଏତେ ସବୁ ଯୋଜନା ପୃଥିବୀକୁ ଧ୍ୱଂସ କରିବା ପାଇଁ କରାଯାଇ ନ ଥିଲା। କିନ୍ତୁ ସାଧାରଣ ଜନତାଙ୍କ ନିକଟରେ ଭୁଲ ସନ୍ଦେଶ ପହଞ୍ଚିଥିଲା। ବିସ୍ଫୋରଣରେ ପୃଥିବୀ ଧ୍ୱଂସ ହେବ ବୋଲି ପ୍ରଚାରିତ ହେଲା। ଗବେଷଣାର ଆଭିମୁଖ୍ୟ, ସେଥିରେ ବ୍ୟବହୃତ ଯନ୍ତ୍ରପାତି ଓ ପରୀକ୍ଷଣ ପଦ୍ଧତି ସମ୍ପର୍କରେ ସାଧାରଣ ଲୋକ ଅବଗତ ରହିଥିଲେ ସେତେବେଳେ ଏମିତି ଆତଙ୍କ ସୃଷ୍ଟି ହୋଇ ନ ଥାନ୍ତା।

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ,
ମୋ-୯୪୩୯୫୦୧୬୫୧

## ଏଇ ଭାରତରେ

ସମ୍ପର୍କରେ ବାପ-ଝିଅ। ଝିଅ ଦୃଷ୍ଟିରେ ବାପା ସମ୍ମାନନୀୟ। କିନ୍ତୁ ବୃତ୍ତିକୁ ବିଚାରକୁ ନେଲେ ଝିଅ ଜଣେ ଆଇପିଏସ୍ ଅଫିସର ଏବଂ ବାପା ଅଧସ୍ତନ ପୋଲିସ ଅଫିସର। କର୍ତ୍ତବ୍ୟର ଦ୍ୱାହିରେ ବାପା କନ୍ୟାକୁ ସାଲ୍ୟୁଟ୍ କରିଛନ୍ତି। ଏପରି ଏକ ଘଟଣା ହାଇଦ୍ରାବାଦରେ ଘଟିଛି। ଦୀର୍ଘ ୩୦ ବର୍ଷ ହେଲା ଉମାମହେଶ୍ୱର ଶର୍ମା ପୋଲିସ ଚାକିରି କରିଛନ୍ତି। କିନ୍ତୁ ତାଙ୍କ ଝିଅ ଚାରିବର୍ଷ ତଳେ ଆଇପିଏସ୍ ଅଫିସର ଭାବେ ଜଏନ କରିଛନ୍ତି। ରବିବାର କର୍ତ୍ତବ୍ୟ ପାଳନ ବେଳେ ସେମାନେ ହଠାତ୍ ମୁହାଁମୁହିଁ ହୋଇ ଯିବା ପରେ ଉମାମହେଶ୍ୱର ତାଙ୍କ ବରିଷ୍ଠ ଅଫିସର ତଥା କନ୍ୟା ସିନ୍ଧୁ ଶର୍ମାଙ୍କୁ ସାଲ୍ୟୁଟ୍ କରିଥିଲେ। ବର୍ତ୍ତମାନ ସିନ୍ଧୁ ତେଲେଙ୍ଗାନାର ଜାଗତିୟାଲ ଜିଲ୍ଲାରେ ଏସ୍‌ପି ଭାବରେ କାର୍ଯ୍ୟରତ। ଉମାମହେଶ୍ୱର ଆସନ୍ତା ବର୍ଷ ଅବସର ନେବେ। କିନ୍ତୁ ସିନ୍ଧୁ ଶର୍ମା ହେଉଛନ୍ତି ୨୦୧୪ ବ୍ୟାଚ୍‌ର ଆଇପିଏସ୍ ଅଫିସର। ରବିବାର ହାଇଦ୍ରାବାଦ୍ ନିକଟବର୍ତ୍ତୀ କୋଙ୍ଗାରା କଲନ୍‌ଠାରେ ତେଲେଙ୍ଗାନା ରାଷ୍ଟ୍ର ସମିତିର ସାଧାରଣ ବୈଠକ ବେଳେ ବାପା-ଝିଅ ପରସ୍ପର ଭେଟ ହୋଇଯାଇଥିଲେ। ପ୍ରଥମ ଥର ପାଇଁ ଝିଅ ସହ ଭେଟ ହୋଇଥିବାରୁ ନିଜକୁ ଭାଗ୍ୟବାନ୍ ମନେକରନ୍ତି ବୋଲି ଉମାମହେଶ୍ୱର ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ଦେଖରେ ପିକ ଦେଖରେ
ତୁମରି ସ୍ୱର ନୁହେଁ ମଧୁର,
ଶୁକ ଲଭିଛି କବି କି ଗୁରୁ ଦୁଃଖ
କରିଛି ତାକୁ ମଉନ ମୂକ।
(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩ ସେପ୍ଟେମ୍ବର ୧୯୯୩

- ରୁଷିଆ ଓ ଆମେରିକା ମଧ୍ୟରେ କ୍ଷେପଣାସ୍ତ୍ର ରପ୍ତାନି ନିୟନ୍ତ୍ରଣ ଉପରେ ଏକ ରାଜିନାମା ସ୍ୱାକ୍ଷରିତ।
- କ୍ରାୟୋଜେନିକ ରକେଟ ଇଞ୍ଜିନ ଜ୍ଞାନକୌଶଳ ଯୋଗାଣ ସଂକ୍ରାନ୍ତ ରାଜିନାମା ବାତିଲ ହେବା ଯୋଗୁ ଭାରତର ଯେଉଁ କ୍ଷତି ହୋଇଛି, ତା'ର ଭରଣା ଦେବା ଲାଗି ରୁଷିଆ ସ୍ଥିର କରିଛି।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୨୬- ଫ୍ଲୋରିଡ଼ାର ଜାକ୍‌ନୋଭିଲେ ସହରସ୍ଥିତ ଏକ ଶପିଂ ମଲରେ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିଚାଳନାରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି।

୨୭- କୋର୍ଟରେ ଅଟକି ରହିଥିବା ଛାଡ଼ପତ୍ର ମାମଲାର ସମାଧାନ ନ ହେବା ଯାଏ ସ୍ୱାମୀ କିମ୍ବା ସ୍ତ୍ରୀ ଦ୍ୱିତୀୟ ବିବାହ କରିପାରିବେ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ପ୍ରକାଶ କରିଛନ୍ତି।

୨୮- ମାଓବାଦୀଙ୍କ ସହ ସମ୍ପୃକ୍ତି ଅଭିଯୋଗରେ ମହାରାଷ୍ଟ୍ର ପୋଲିସ କେତେଜଣ ବାମପନ୍ଥୀ ଓ ଅଧିକାର କର୍ମୀଙ୍କ ଘରେ ଚଢ଼ାଉ କରି ବିପ୍ଲବୀ କବି ବାର୍‌ବରା ରାଓଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି।

୨୯- ଏସୀୟ କ୍ରୀଡ଼ାରେ ୧୦୦ ପରେ ୨୦୦ ମିଟର ଦୌଡ଼ରେ ମଧ୍ୟ ଦୂତୀ ଚାନ୍ଦଙ୍କ ରୌପ୍ୟ ପଦକ ହାସଲ।

୩୦- ପାକିସ୍ତାନରୁ ହାୱାଲା ମାଧ୍ୟମରେ ଆଗତ ଅର୍ଥ ବାପାଙ୍କଠାରୁ ଗ୍ରହଣ କରି ଆତଙ୍କବାଦୀଙ୍କୁ ଯୋଗାଇବା ଅଭିଯୋଗରେ ହିଜ୍‌ବୁଲ ମୁଜାହିଦ୍ଦିନ ମୁଖ୍ୟ ସୟିଦ ସଲାହୁଦ୍ଦିନଙ୍କ ପୁଅ ସୟିଦ ସକିଲ ୟୁସୁଫ ଏନ୍‌ଆଇଏ ଦ୍ୱାରା ଗିରଫ ହୋଇଛନ୍ତି।

୩୧- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବଲାଙ୍ଗୀର ମେଡିକାଲ କଲେଜ ଲୋକାର୍ପିତ।

## ଆମ ସମସ୍ୟା

### ତୈଳଦର ବୃଦ୍ଧି ଓ ଅସହାୟ ଜନତା

ମହାଶୟ,

ତୈଳଦର ବୃଦ୍ଧିକୁ ନେଇ ଦେଶର ସାଧାରଣ ଜନତାଙ୍କ ମନରେ କ୍ଷୋଭ ଓ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦେଶବ୍ୟାପୀ ଜନଆନ୍ଦୋଳନ, ବିକ୍ଷୋଭ, ଧାରଣା, ରାସ୍ତାରୋକୋ, ଧର୍ମଘଟ ଚାଲିଛି। ବିଭିନ୍ନ ରାଜନୈତିକ ଦଳ ସ୍ୱର ଉତ୍ତୋଳନ କରୁଛନ୍ତି। ହେଲେ କିଛି ପ୍ରଭାବ ପଡୁନାହିଁ। ପେଟ୍ରୋଲ ଡିଜେଲ ଉପରୁ ଭାଟ୍ ବା ଉତ୍ପାଦ ଶୁଳ୍କ ହ୍ରାସ କଲେ, ଦର କମିପାରନ୍ତା। ହେଲେ କେହି ବି କିଛି ଛାଡିବାକୁ ପ୍ରସ୍ତୁତ ନୁହନ୍ତି। ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରିବା କଥା କହିବା ଲୋକଦେଖାଣିଆ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

### ଜଳ ବିନା ପାଇଖାନା

ତିଆରି ସରିଥିବା ସ୍ୱଚ୍ଛ ଭାରତ ଗାନ୍ଧୀଙ୍କ ଚଷମା ମାର୍କା ପାଇଖାନା ମଧ୍ୟରୁ ଅଧିକାଂଶ ସ୍ଥିତି ଭଲ ନାହିଁ। ଉତ୍କଟ ଜଳ ସମସ୍ୟା ଲାଗିରହିଥିବା ଅଞ୍ଚଳରେ ତାହା ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଛି। ଯେଉଁମାନେ ପୂର୍ବରୁ ନିର୍ମାଣ କରି ବ୍ୟବହାର କରିଆସୁଥିଲେ କେବଳ ଚଷମା ଚିହ୍ନ ବସେଇଦେଇ ଫାଇଦାରେ ରହିଲେ। ଶତ ପ୍ରତିଶତ ସଫଳତା ପାଇଁ ହାତପାଆନ୍ତାରେ ଜଳ ମିଳିବା ବ୍ୟବସ୍ଥା ମଧ୍ୟ ହେବା ଦରକାର। ଏ ଯୁଗରେ ସବୁ ପରିବାରକୁ ପାଇପ ଯୋଗେ ଜଳ ଯୋଗାଣ କିଛି ଅସମ୍ଭବ କାମ ନୁହେଁ। ସୁବିଧାରେ ପାଣି ମିଳୁ ନ ଥିଲେ ଘରେ ପାଇଖାନା ଥାଇ ଲାଭ କ'ଣ ?

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପାଇଖାନା ନିର୍ମାଣରେ ମାର୍ଶାଘାଇ ବ୍ଲକ ବହୁ ପଛରେ



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

**ମାର୍ଶାଘାଇ, ୨।୯ (ଡି.ଏନ୍.ଏ.)**

ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣ କାର୍ଯ୍ୟରେ ମାର୍ଶାଘାଇ ବ୍ଲକ ବହୁ ପଛରେ ପଡିଛି । ଏହି ବ୍ଲକରେ ୧୨ ହଜାର ୯୦୦ ପାଇଖାନା ଅଦ୍ୟାବଧି ନିର୍ମାଣ ହୋଇ ପାରିନାହିଁ । ମାସକ ମଧ୍ୟରେ ଏହି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା କାର୍ଯ୍ୟକାରୀ ନ ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ଦରମା ବନ୍ଦ କରାଯିବ ବୋଲି ଜିଲାପାଳ ଦାଶରଥି ଶତପଥୀ ଚେତାଇ ଦେଇଛନ୍ତି।

ରବିବାର ଛୁଟି ଦିନ ଥିଲେ ବି ଜିଲାପାଳ ଶତପଥୀ ମାର୍ଶାଘାଇ ବ୍ଲକ ସଭାଗୃହରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ଏକ ସମୀକ୍ଷା ବୈଠକ କରିଥିଲେ । ଏହି ଅବସରରେ ସେ ହିତାଧିକାରୀଙ୍କ ପାଇଖାନା ନିର୍ମାଣ ସାରିବାକୁ ବିଭାଗୀୟ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ଅଧିକାରୀଙ୍କୁ ତାଗିଦା କରିଥିଲେ । ବୈଠକରେ ଜିଲାପାଳଙ୍କ ସହିତ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜଳ ପରିମଳ ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ଦେହୁରୀ, ଡେପୁଟି କଲେକ୍ଟର (ଉନ୍ନୟନ) ବିକ୍ରମ କେଶରୀ ପରିଡା ଏବଂ ମାର୍ଶାଘାଇ ବିଡିଓ ସୁବାଦାର ପ୍ରଧାନ ସମୀକ୍ଷା କରିଥିଲେ । ମାର୍ଶାଘାଇ ବ୍ଲକ ପାଇଖାନା ନିର୍ମାଣରେ ବହୁ ପଛରେ ପଡିଥିବାରୁ ଏଜିଲାପାଳ ବୈଠକରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ମାର୍ଶାଘାଇ ପଞ୍ଚାୟତ ସମିତି ଅଧକ୍ଷାଙ୍କ ନିଜ ପଞ୍ଚାୟତ ଶିଳିପୁର ଏ କ୍ଷେତ୍ରରେ ବହୁ ପଛରେ ପଡିଛି। ଶିଳିପୁର ପଞ୍ଚାୟତରେ ୮୦୦ରୁ ମାତ୍ର ୨୨୯ଟି ପାଇଖାନା ନିର୍ମାଣ ହୋଇଛି, ଯାହା ୩୬.୭୩% । ବ୍ଲକର ୨୪ ଗୋଟି ପଞ୍ଚାୟତ ମଧ୍ୟରୁ ଶିଳିପୁର ପଞ୍ଚାୟତ ୨୩ ନଂ. ସ୍ଥାନରେ ଥିବା ସମୀକ୍ଷାରୁ ଜଣାପଡିଛି । ସେହିପରି ପରକୂଳା ପଞ୍ଚାୟତରେ ୧୬୨୩ ଜଣ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୫୦୬ ଜଣ ପାଇଖାନା ନିର୍ମାଣ କରି ସରକାରଙ୍କ ନିର୍ଦ୍ଧାରିତ ୧୨ହଜାର ଟଙ୍କା ପାଇଛନ୍ତି ଅର୍ଥାତ ୩୧.୧୮% ହିତାଧିକାରୀ ଏହି ଯୋଜନାରେ ଉପକୃତ ହୋଇଛନ୍ତି ।

- ଛୁଟିଦିନରେ ସମୀକ୍ଷା ବୈଠକ : ବର୍ଷିଲେ ଜିଲାପାଳ
- ବାକି ପଡ଼ିଛି ୧୨ହଜାର ୯୦୦ ପାଇଖାନା ନିର୍ମାଣ
- ଅଧକ୍ଷାଙ୍କ ପଞ୍ଚାୟତ ୨୩ ନମ୍ବରରେ

ସେହିପରି ଅଙ୍ଗୁଳାଇ ପଞ୍ଚାୟତରେ ୧୫୯୧ରୁ ମାତ୍ର ୬୭୮ ଏବଂ ଜମପଡାରେ ୧୪୯୨ ରୁ ୬୫୮ଟି ପାଇଖାନା ନିର୍ମାଣ ହୋଇଥିବା ଜାଣି ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ । ୧୦ ତାରିଖ ମଧ୍ୟରେ ଏହି ୪ଟି ପଞ୍ଚାୟତରେ ୫୦% ପାଇଖାନା ନିର୍ମାଣ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ଜିଲାପାଳ ତାଗିଦା କରିଛନ୍ତି । ସେହିପରି ହିନ୍ଦୁଳିଆ ପଞ୍ଚାୟତରେ ୮୭%, ବନ୍ଧକଟାରେ ୭୮%, ମଙ୍ଗରାଜପୁରରେ ୭୪% ପାଇଖାନା ନିର୍ମାଣ କାର୍ଯ୍ୟ ହୋଇଛି। ଆଇତିପୁର ପଞ୍ଚାୟତରେ ୧୨୪୭ ରୁ ୭୯୮, ଆଖୁଆଦକ୍ଷିଣୀରେ ୧୪୮୭ରୁ ୭୩୮, ଅନ୍ତେଇରେ ୮୩୭ ରୁ ୪୮୨, ବଛରାଇରେ ୧୩୨୩ ରୁ ୯୨୦, ବଟିରାରେ ୮୧୯ ରୁ ୪୮୪ , ବେରୁହାଁରେ ୯୬୦ ରୁ ୫୨୬, ଦଶିପୁରରେ ୧୩୩୩ ରୁ ୯୧୦ ,ଦୁମୁକାରେ ୧୪୫୯ ରୁ ୮୭୬, ଗରଜଙ୍ଗାରେ ୧୮୭୨ ରୁ ୯୧୭ , ଜଳପୋକରେ ୭୮୬ ରୁ ୪୨୮ , କରିଲୋ ପାଟଣାରେ ୧୭୦୨ ରୁ ୯୪୯ ,କୁହୁଡିରେ ୧୮୭୨ ରୁ ୧୧୨୩ ,ମେହେନ୍ଦିନଗରରେ ୧୨୧୩ ରୁ ୮୦୭ , ମଣିକୁଣ୍ଡାରେ ୧୨୬୩ ରୁ ୬୯୭, ମାର୍ଶାଘାଇରେ ୧୬୭୬ ରୁ ୯୯୦ , ରାଘବପୁରରେ ୭୨୬ ରୁ ୪୪୩ ଏବଂ ତାଳସଙ୍ଗା ପଞ୍ଚାୟତରେ ୧୪୧୧ ରୁ ୮୯୪ ଟି ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ସୁଦ୍ଧା କେନ୍ଦ୍ରାପଡା ଜିଲାକୁ ବାହ୍ୟ ମଳମୁକ୍ତ କରିବା ପାଇଁ ଜିଲାପାଳ ଉଦ୍ୟମ ଜାରି ରଖିଥିବାରୁ ମାର୍ଶାଘାଇ ବ୍ଲକରେ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ପାଇଖାନା ନିର୍ମାଣ ଶେଷ କରିବାକୁ ଜିଲାପାଳ ଶତପଥୀ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ମାର୍ଶାଘାଇ ବ୍ଲକରେ ପାଇଖାନା ନିର୍ମାଣ ପଛରେ ପଡିଥିବାରୁ ବ୍ଲକର ଜଳ ପରିମଳ ବିଭାଗର ୨ ଜଣ କନିଷ୍ଠଯନ୍ତ୍ରୀ ରଞ୍ଜନ କୁମାର ଲେଙ୍କା ଏବଂ ରଶ୍ମିରଞ୍ଜନ ଦାସଙ୍କ ସମେତ କମ୍ପ୍ୟୁଟର ପ୍ରୋଗ୍ରାମର ରମେଶ ଚନ୍ଦ୍ର ବିଶ୍ୱାଳଙ୍କ ଉପରେ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ । ହିତାଧିକାରୀଙ୍କୁ ସଚେତନ କରାଇ ପାଇଖାନା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବୈଠକରେ ଉପସ୍ଥିତ ଥିବା ୨୪ ଟି ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ,ଗ୍ରାମ ରୋଜଗାର ସେବକ, କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଅତିରିକ୍ତ ବିଡ଼ିଓ ଦେବେନ୍ଦ୍ରନାଥ ସ୍ୱାଇଁ ଏବଂ ବିଡିଓ ସୁବାଦାର ପ୍ରଧାନଙ୍କୁ ଆହ୍ୱାନ କରିଥିଲେ । ଏଥିସହିତ ଅଙ୍ଗନୱାଡି ଗୃହ ନିର୍ମାଣ, ବାର୍ଦ୍ଧକ୍ୟ ଭତ୍ତା ସମ୍ପର୍କରେ ସମୀକ୍ଷା କରି କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ କହିଥିଲେ।

## ସଂକ୍ଷେପରେ

### ଜନ୍ମାଷ୍ଟମୀ ପାଇଁ ଆଳି ଉତ୍ସବମୁଖର



**ଆଳି,୨।୯(ଡି.ଏନ.ଏ): ଜନ୍ମାଷ୍ଟମୀ** ଉପଲକ୍ଷେ ଆଳି ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ରାଧାକୃଷ୍ଣ ମନ୍ଦିର,କୃଷ୍ଣ ମନ୍ଦିରରେ ଏହା ଧୂମଧାମରେ ପାଳନ କରାଯାଉଛି । ଆଳି ବ୍ଲକ ଅନ୍ତର୍ଗତ ଗୋପ ଗ୍ରାମରେ ଥିବା ନନ୍ଦନନ୍ଦନଜୀଉ ମନ୍ଦିରରେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହେଉଛି । ରବିବାର ସକାଳେ ଠାକୁରଙ୍କ ମହାସ୍ନାନ କରାଯିବା ପରେ ବିଭିନ୍ନ ପ୍ରକାର ନୀତିକାନ୍ତି କରାଯାଇଥିଲା । ସନ୍ଧ୍ୟାରେ ଠାକୁରଙ୍କ ଆଣ୍ଡୁଆ ଗୋପାଳ ବେଶ କରାଯାଇଥିଲା । ଜନ୍ମାଷ୍ଟମୀ ଓଷା ରଖିଥିବା ମହିଳାମାନେ ଠାକୁରଙ୍କ ନିକଟରେ ଭୋଗ ଲଗାଇ ବିଳମ୍ବିତ ରାତିରେ ଓଷା ଫିଟାଇବା ପରେ ଉଗ୍ରସେନ ବେଶରେ ଜଣୈକ ବ୍ୟକ୍ତି ଗ୍ରାମ ପରିକ୍ରମା କରନ୍ତି । ସେ ରାସ୍ତାରେ କୃଷ୍ଣ ଓ ବସୁଦେବଙ୍କୁ ବାଟ ଓଗାଳି ଥାନ୍ତି । ପରିଚୟ ପଚାରି ପରିଚୟ ପାଇବା ପରେ କୃଷ୍ଣଙ୍କୁ ଗୋପକୁ ଯିବା ପାଇଁ ବାଟ ଛାଡି ଦିଅନ୍ତି । ଏହା ପିଲାମାନଙ୍କ ପାଇଁ ବଡ ଆକର୍ଷଣୀୟ ହୋଇଥାଏ । ସୋମବାର ନନ୍ଦୋତ୍ସବ ଅବସରରେ ମନ୍ଦିରରେ ମହୋତ୍ସବ କରାଯାଏ । ରବିବାର ଜନ୍ମାଷ୍ଟମୀ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ସେହିପରି ନିଆଳ,ରାଣିପୋଖରୀ ପ୍ରଭୃତି ଗ୍ରାମରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି ।

### ଶୋକଖବର

**ରାଜନଗର, ୨।୯(ଡି.ଏନ.ଏ.):** ରାଜନଗର ବ୍ଲକ ଜଗନ୍ନାଥପୁର ଶାସନ ନୋଡାଲ ଶିକ୍ଷା ନିକେତନର ୪ର୍ଥ ଶ୍ରେଣୀ କର୍ମଚାରୀ ଅକ୍ଷୟ କୁମାର ରାଉତ (୫୮)ଙ୍କ ରବିବାର ଅପରାହ୍ଣରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ରାଉତ ଜଣେ ନିଷ୍ଠାପର କର୍ମଚାରୀ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଞ୍ଚି ପ୍ରସାଦ ସେଠୀ, ଶିକ୍ଷାବିତ୍ ସୁକାନ୍ତ କୁମାର ସେଠୀ, ଶରତ କୁମାର ରାଉତ, ସିଆରସିସି ହେମନ୍ତ କୁମାର ବାରିକ, ଶିକ୍ଷାବିତ୍ ବୃନ୍ଦାବନ ବଳ, ପ୍ରେମାନନ୍ଦ ରାଉତ, ଅଭିରାମ ପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା

**ଆଳି,୨।୯(ଡି.ଏନ.ଏ)**

ପବିତ୍ର ଜନ୍ମାଷ୍ଟମୀ ଅବସରରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଆଳି ବ୍ଲକ ଅନ୍ତର୍ଗତ ସିଙ୍ଗିରି ଗ୍ରାମ ପଞ୍ଚାୟତର ନାଉଡିହଠାରେ ଥିବା ଶନିମନ୍ଦିର ପରିସରରେ ରବିବାର ଏକ ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଗୋଟିଏ ସୁସଜ୍ଜିତ ବାଉଁଶର ଉପରି ଭାଗରେ ବନ୍ଧା ଯାଇଥିବା ଦହିହାଣ୍ଡିକୁ ଭାଙ୍ଗିବା ପାଇଁ ବିଭିନ୍ନ ଭକ୍ତଦଳମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା । ଚଳିତବର୍ଷ ୧୩ ଜଣ ଲେଖାଏଁ ପ୍ରତିଯୋଗୀ ପ୍ରତ୍ୟେକ ଦଳରେ ରହିଥିଲେ । ସିଙ୍ଗିରି, ଧାନମଣ୍ଡଳ,ସହିରା ଓ ନାଉଡିହ ଦଳ ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତାରେ ଭାଗ ନେଇଥିଲେ । ପ୍ରତ୍ୟେକ ଦଳର ପ୍ରତିଯୋଗୀମାନେ ତଳୁ ଉପରକୁ କାନ୍ଧ ଉପରେ ଠିଆ ହୋଇ ୨୦–୨୨ ଫୁଟ ଉଚ୍ଚରେ ଥିବା ଦହି ହାଣ୍ଡି ଭାଙ୍ଗିବା ପାଇଁ ଚେଷ୍ଟା କରିଥିଲେ । ଚଳିତବର୍ଷ ଧାନମଣ୍ଡଳର ଶନିଭକ୍ତମାନେ ଏହି ହାଣ୍ଡି ଭାଙ୍ଗିବାକୁ ସକ୍ଷମ ହୋଇଥିଲେ । ଶନିମନ୍ଦିର କମିଟିର ମୁଖ୍ୟ ସୁବ୍ରତ କୁମାର ବେହୁରା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନାଉଡିହ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ନାଉଡିହଠାରେ ଥିବା ଶନିମନ୍ଦିର ପରିସରରେ ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା ।

# ଲଗାଣ ବର୍ଷା: ଜୀବନଯାତ୍ରା ବ୍ୟାହତ

**ରାଜକନିକା,୨।୯(ଡି.ଏନ୍.ଏ)**

ରାଜକନିକା ବ୍ଲକରେ ଗତ ଦୁଇଦିନ ଧରି ଲଗାଣ ବର୍ଷା ହେବା ଫଳରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ରାସ୍ତାଘାଟ ବେହାଲ ହୋଇ ପଡିଛି। ପ୍ରବଳ ବର୍ଷା ଯୋଗୁ ଏହି ବ୍ଲକ ଅନ୍ତର୍ଗତ ଅବଦୁଲପୁର ଗ୍ରାମର ଆକୁଳାନନ୍ଦ ଯେନା , ଉପେନ୍ଦ୍ର ଯେନା , ବିରେନ୍ଦ୍ର ଯେନା ,ବିଷ୍ଣୁ ଚରଣ ଯେନା ,ବିକ୍ରମ ଯେନା ,ଦାମୋଦର ଯେନା ,ରତ୍ନାକର ଯେନା ,ପ୍ରଫୁଲ୍ଲ ଯେନାଙ୍କ ଘର ଭିତରକୁ ପାଣି ପଶିଯାଇଛି। କେତେକ ସ୍ଥାନରେ ମାଟି କାନ୍ଥ ଭୁସୁଡି ପଡିଛି। ଗାଁ ଭିତରକୁ ଯାଇଥିବା ରାସ୍ତା ବୁଡିଯିବା ଫଳରେ ଲୋକମାନେ ଯାତାୟତ କରିବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୋଟର ଲଗାଯାଇ ବର୍ଷାଜଳ ନିଷ୍କାସନ କରାଯାଉଛି। ସେହିପରି ନମତରା ଗ୍ରାମର ସୁଧୀର ରାଉତ, ଲମ୍ବୋଦର ରାଉତ , ସୁବାସ ରାଉତ ,ଅତିବନ୍ଧୁ ମଳିକ , ରାମଚନ୍ଦ୍ର ସାହୁ ,କଣ୍ଡିଆହାଟର କାର୍ତ୍ତିକ ଚନ୍ଦ୍ର ଦାଶ ,ନରହରି ପଣ୍ଡା ,ସୁରେନ୍ଦ୍ର ବିଶ୍ୱାଳ, କାଳନ୍ଦୀ ଦାଶଙ୍କ ଘର ଚାରିପଟେ ବର୍ଷାଜଳ ଜମି ରହିଛି । ଚରପଡା ଯୋନାସାହି ଓ ରସିକନଗର ଗ୍ରାମର ବହୁ ବାସଗୃହ ଭିତରେ ପାଣି ପଶିଯାଇଛି । ଘରର ମାଟି କାନ୍ଥ ପଡିଯିବାରୁ ବହୁ ଗରିବ ଲୋକ ବେସାହାରା ହୋଇ ପଡିଛନ୍ତି । ବୈତରଣୀରେ ବନ୍ୟା ଆସିବା ଫଳରେ ଅବଦୁଲପୁର ପଧାନପଡା ,ହାଟସାହି, ସିହୋପଡା , ପଣସଗଣ୍ଡ, ଫାଜିଲପୁର ଭେଡାର ଶହ ଶହ ଏକର ଚାଷ ଜମିରେ ବନ୍ୟା ଜଳ ମାଡିଯାଇଛି ।



ପାଣି ଘେରରେ ଥିବା ଏକ ଘର।

# ଭାଜପା ଛାଡିଥିବା ସମିତିସଭ୍ୟ କଂଗ୍ରେସରେ ସାମିଲ

**ରାଜନଗର, ୨।୯(ଡି.ଏନ.ଏ)**

ଦୁଇଦିନ ତଳେ ଭାଜପାରୁ ଇସ୍ତଫା ଦେଇଥିବା ଡେରା ପଞ୍ଚାୟତର ସମିତିସଭ୍ୟ ଶୁକଦେବ ଭଦ୍ର, ଡେରା ପଞ୍ଚାୟତର ଭାଜପା ସଭାପତି ଗୁରୁଚରଣ ପରିଡା ସେମାନଙ୍କ ସମର୍ଥକଙ୍କ ସହ ରବିବାର କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି । ସେମାନେ ଭୁବନେଶ୍ୱରସ୍ଥିତ ବିଧାୟକଙ୍କ ସରକାରୀ ବାସଭବନରେ କଂଗ୍ରେସରେ ଯୋଗ ଦେଇଛନ୍ତି । ବିଧାୟକ ଅଂଶୁମାନ ମହାନ୍ତି , ସମିତିସଭ୍ୟ ଓ ତାଙ୍କ ସମର୍ଥକଙ୍କୁ ସ୍ୱାଗତ କରିଥିଲେ। ସେମାନଙ୍କ ସହିତ ନିରଞ୍ଜନ ପ୍ରଧାନ, ରବିନ୍ଦ୍ର ପ୍ରଧାନ, ଅଜାମ୍ବର ଜେନା, ନିମାଇଁ ଚରଣ ବେହେରା, ବିଶ୍ୱନାଥ ଦାସ, ଫକୀର ମୋହନ ଦାସ, ଅଲେଖ ବାରିକ, ଲକ୍ଷ୍ମୀଧର ନାୟକ, ଅମର କୁମାର ବିଶ୍ୱାଳ, ପ୍ରଦୀପ କୁମାର ବିଶ୍ୱାଳ, ଅଜାମ୍ବର ସ୍ୱାଇଁ ପ୍ରମୁଖ ଭାଜପା ତ୍ୟାଗ କରି କଂଗ୍ରେସରେ ସାମିଲ ହୋଇଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ଯୋଗାଣ ବିଭାଗ ଗୋଦାମ ଗୃହ

**ମାର୍ଶାଘାଇ,୨।୯ (ଡିଏନ୍ଏ)**

ମାର୍ଶାଘାଇ ବ୍ଲକ ପରିସରରେ ପ୍ରତିଷ୍ଠା କରାଯାଇଥିବା ରାଜ୍ୟ ଯୋଗାଣ ବିଭାଗର ଗୋଦାମ ଗୃହ ୨ବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ୫୦୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଏହି ଗୋଦାମ ଗୃହ ୨୦୦୩ ମସିହାରେ ନିର୍ମାଣ କରାଯାଇଥିଲା। ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ଗୃହକୁ ତତ୍କାଳୀନ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବେଦପ୍ରକାଶ ଅଗ୍ରୱାଲ,ରାଜ୍ୟସଭା ସାଂସଦ ମନମୋହନ ସାମଲ ଏବଂ ଜିଲାପାଳ ହେମନ୍ତ ଶର୍ମା ୨୦୦୩ ଜାନୁୟାରୀ ୧୬ ତାରିଖରେ ଉଦ୍‌ଘାଟନ କରିଥିଲେ। ବ୍ଲକ କାର୍ଯ୍ୟାଳୟ ନିକଟରେ ଗୋଦାମ ଥିବାରୁ ବିଭିନ୍ନ ଯୋଜନାରେ ଆସୁଥିବା ଖାଦ୍ୟ ସାମଗ୍ରୀ ସେଠାରେ ଗଚ୍ଛିତ ହେବା ସହ ବଣ୍ଟନ ପାଇଁ ସୁବିଧା ହେଉଥିଲା। ୨୦୦୬,୨୦୦୮ ଏବଂ ୨୦୧୧ ମସିହାର ପ୍ରଳୟଙ୍କରୀ ବନ୍ୟା ସମୟରେ ମାର୍ଶାଘାଇ ବ୍ଲକ ପାଇଁ ଆସିଥିବା ରିଲିଫ ସାମଗ୍ରୀ ଚାଉଳ,ଚୁଡା,ଗହମ.ଚିନି,ପଲିଥିନ ଆଦି ରଖାଯାଇଥିଲା। ବିଦ୍ୟାଳୟଗୁଡିକୁ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣ ପାଇଁ ମଧ ଏହି ଗୋଦାମକୁ ବ୍ୟବହାର କରାଯାଉଥିଲା। ବ୍ଲକ କାର୍ଯ୍ୟାଳୟ ନିକଟରେ ଏହି ଗୋଦାମ ଗୃହ ଥିବାରୁ ନିକଟସ୍ଥ ଗ୍ରାମଗୁଡିକର ଶ୍ରମିକମାନେ ସହଜରେ କାର୍ଯ୍ୟ କରିବାର ସୁଯୋଗ ପାଇ ରୋଜଗାର କରି ପାରୁଥିଲେ। ଡିଲର,ଅଫିସର,ଅସାଧୁ ବ୍ୟବସାୟୀମାନଙ୍କୁ ଦୁର୍ନୀତି କରିବାକୁ ସୁଯୋଗ ମିଳୁ ନ ଥିଲା। ମାତ୍ର ୨୦୧୬ ମସିହାଠାରୁ ଏହି ଗୋଦାମ ଗୃହ ଆଉ ବ୍ୟବହାର କରାଯାଉ ନାହିଁ। ବର୍ତ୍ତମାନ ମହାକାଳପଡା ବ୍ଲକର ମଶାକଣି ଠାରେ ଅନ୍ୟ ଏକ ଗୋଦାମ ଗୃହ ଖୋଲାଯାଇଛି । ତାହା ମାର୍ଶାଘାଇ ଠାରୁ ୨୦ କିଲୋମିଟର ଦୂରରେ ରହିଛି ।



ପରିତ୍ୟକ୍ତ ଗୋଦାମ ଗୃହ ।

# ମାର୍ଶାଘାଇରେ ଜନ୍ମାଷ୍ଟମୀ ପାଳିତ

**ମାର୍ଶାଘାଇ,୨।୯(ଡିଏନ୍ଏ)**

ମାର୍ଶାଘାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛି । ମାର୍ଶାଘାଇ କୁମ୍ଭାର ସାହିର ଗ୍ରାମ ମଧ୍ୟସ୍ଥଳୀ ଠାକୁର ଘରେ କୃଷ୍ଣଙ୍କର ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଇଥିଲା । ବିଭିନ୍ନ ପୂଜା ମଣ୍ଡପରେ ଏକାଦଶସ୍କନ୍ଧ ଭାଗବତ ପାଠ କରାଯାଇଥିଲା । ଏହାଛଡା ରାତିର ଅଷ୍ଟମ ପ୍ରହର ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯାଇ ମୂର୍ତ୍ତି ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଥିବା ପୂଜା କମିଟିର ସଦସ୍ୟା ଖୁଲଣା ବେହେରା, ଜୟନ୍ତୀ ବେହେରା,ରତନି ବେହେରା ପ୍ରମୁଖ ସୂଚନା ଦେଇଛନ୍ତି।। ସେହିପରି ଦୁମୁକା, ଗିରଙ୍ଗ,କାନପୁର,ଶିଳିପୁର,ବଛରାଇ,ହିନ୍ଦୁଳିଆ ,ଜଳପୋକ,ଅଙ୍ଗୁଳାଇ ଆଦି ଗ୍ରାମ ଗୁଡିକରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର
**ସଂଶୋଧନ ପତ୍ର**
ତା.୦୧.୦୯.୨୦୧୮ରିଖ ଦୈନିକ ଖବର କାଗଜ **ଧରିତ୍ରୀ**ରେ ପ୍ରକାଶିତ ଆମ୍ଭର **"ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"**ରେ **କ୍ର. ନଂ. ୮** ରେ ଦର୍ଶିତ ଋଣଗ୍ରହୀତା: **ମେସର୍ସ ପାବନି ଫେରୋ ଆଲଏକ୍ ପ୍ରା. ଲିଃ.**ର 'ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା' ସ୍ତମ୍ଭରେ ଦର୍ଶିତ "ଜାମିନ୍‌ଦାରମାନେ: ୧) ଶ୍ରୀ ଜଳଧର ଜେନା, ୨) ଶ୍ରୀ ପାରେଶ୍ୱର ଜେନା' ପରିବର୍ତ୍ତେ **"ଜାମିନ୍‌ଦାରମାନେ: ୧) ସିଏଚ୍. ପ୍ରଭାତ କେଶରୀ ମିଶ୍ର,** ପିତା: ୰ ସିଏଚ୍. ଧିରେନ୍ଦ୍ର ନାଥ ମିଶ୍ର, **୨) ବିଶ୍ୱଜିତ ମିଶ୍ର,** ପିତା: ସିଏଚ୍. ପ୍ରଭାତ କେଶରୀ ମିଶ୍ର, **୩) ଶ୍ରୀମତୀ ଅର୍ଚ୍ଚନା ମିଶ୍ର,** ପିତା: ବୈଦ୍ୟନାଥ ନନ୍ଦ, କ୍ର.ନଂ. ୧, ୨ ଏବଂ ୩ଙ୍କ ଠିକଣା- ସା: ଜି+୩, କସ୍ତୁରୀ ଇଷ୍ଟେଟ୍, ବ୍ଲକ୍-ବି, ଅଶୋକ ନଗର, ଥାନା: ନିୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, **୪) ରବିନ୍ଦ୍ର ନାଥ ପଟ୍ଟନାୟକ,** ପିତା: ୰ ନଗେନ୍ଦ୍ର ନାଥ ପଟ୍ଟନାୟକ, ସା: ଏଚ୍‌ଆଇଜି-୩୧, ଜୟଦେବ ବିହାର, ବିଡ଼ିଏ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୦୧.୦୯.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ









## ସଂକ୍ଷେପରେ

### କେନାଲ ସଫେଇ ପରେ ମିଳୁନି ପ୍ରାପ୍ୟ

**ତିର୍ତ୍ତୋଲ,୨।୯(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ଜଳ ସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟ ଅଧୀନରେ ଥିବା ବିଭିନ୍ନ କେନାଲର ସଫେଇ କାର୍ଯ୍ୟ ଏମ୍‌ଜିଏନଆରଇଜିଏସ୍ ମାଧମରେ କରାଯାଇଥିଲା। କିନ୍ତୁ ଏହି ସବୁ କେନାଲ ସଫେଇର ଦୀର୍ଘଦିନ ପରେ ମଧ୍ୟ ସଫେଇ କରିଥିବା ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିନାହିଁ। ଶ୍ରମିକମାନଙ୍କୁ ମଷ୍ଟର ରୋଲ ପ୍ରସ୍ତୁତ କରି ସପ୍ତାହକ ମଧ୍ୟରେ ପ୍ରାପ୍ୟ ପ୍ରଦାନ ପାଇଁ ନିୟମ ଥିବାବେଳେ ଏଥିରେ ବ୍ୟତିକ୍ରମ କରାଯାଇଥିବା ଅଭିଯୋଗ ହେଉଛି। ଏହି ପ୍ରାପ୍ୟ ମିଳିବାରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ପ୍ରାଧାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଲିକୁଦା,୨।୯(ସ୍ୱ.ପ୍ର.):** ବାଲିକୁଦା ମହାବିଦ୍ୟାଳୟର ଓଡିଆ ବିଭାଗ ପ୍ରାଧାପକ ମହେନ୍ଦ୍ର କୁମାର ଚାନ୍ଦଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଡ.ଅକ୍ଷୟ କୁମାର ପାତ୍ରଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା । ଏଥିରେ କଲେଜର ମିଳିତ କର୍ମଚାରୀ ସଂଘ ସଭାପତି ତଥା ବରିଷ୍ଠ ଅଧାପକ ବିନୋଦ ବିହାରୀ ବେହୁରା, ଅଧାପକ ପ୍ରଦୀପ୍ତ ମିଶ୍ର, ଆର୍ତ୍ତବନ୍ଧୁ ସ୍ୱାଇଁ, ନଳିନୀକାନ୍ତ ମହାପାତ୍ର, ପ୍ରଦୀପ ଶତପଥୀ, ନିହାର ରଞ୍ଜନ ରାଉତରାୟ, ଜ୍ୟୋତିର୍ମୟ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରାଧାପକଙ୍କ ଆଦର୍ଶ ଓ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ଅତିଥିମାନେ କହିଥିଲେ। ତପନ ରାଉତ, ବୈକୁଣ୍ଠ ଦାସ, ପ୍ରଦୀପ୍ତ ଦାସ, ତପନ ଦାସ, ବାବୁଲି ମହାରଣା, ବାବୁଲି ରାଉତ, ପଦ୍ମ ଚରଣ ଦାସ, କାଳିଚରଣ ବେହୁରା, ସରିଫ୍ ଖାଁ, ଅପରାଜିତା ମଲ୍ଲ, ସେବତୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଡାକ୍ତର ନାହାନ୍ତି, ରୋଗୀ ନିରାଶ

**ନାଉଗାଁ,୨।୯(ସ୍ୱ.ପ୍ର.)**



**୨ ହୋମିଓପ୍ୟାଥିକ ଚିକିତ୍ସାଳୟ**
- ଗୃହ ନ ଥିବାରୁ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି ରୋଗୀ
- ନଷ୍ଟ ହେଉଛି ମୂଲ୍ୟବାନ ଔଷଧ

ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ଯୋଜନା ଉପରେ ଯୋଜନା କରି ଚାଲିଛନ୍ତି। କିନ୍ତୁ ବାସ୍ତବରେ ଉକ୍ତ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି, ତାହା ଅନୁଧ୍ୟାନ କରାଯାଉନାହିଁ। ନାଉଗାଁ ବ୍ଲକରେ ଥିବା ୨ଟି ସରକାରୀ ହୋମିଓପ୍ୟାଥିକ ଚିକିତ୍ସାଳୟ ବର୍ତ୍ତମାନ ଅବହେଳିତ ଅବସ୍ଥାରେ ରହିଛି। ଫଳରେ ଜନସାଧାରଣ ହୋମିଓପ୍ୟାଥିକ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। କେଉଁଠି ଘର ନ ଥାଇ ରୋଗୀସେବା ବାରଣ୍ଡାରେ ଚାଲୁଥିବାବେଳେ ଆଉ କେଉଁଠି ଘର ଥାଇ ଡାକ୍ତର ନାହାନ୍ତି। ଅଲଣା ପଞ୍ଚାୟତର ଅଲଣା ହାଟଠାରେ ୧୯୮୧ରେ ଏକ ହୋମିଓପ୍ୟାଥିକ ଚିକିତ୍ସାଳୟ ଖୋଲିଥିଲା। ଦୀର୍ଘ ୩୫ ବର୍ଷ ହେବ ଏହି ଡାକ୍ତରଖାନା ଖୋଲାଯାଇଥିଲେ ମଧ ରୋଗୀ ଦେଖିବାକୁ ସ୍ଥାୟୀ ଘର ନାହିଁ। ଏକ ଭଙ୍ଗା ଆଜବେଷ୍ଟସ ଘରେ କିମ୍ବା ବାରଣ୍ଡାରେ ରୋଗୀ ଦେଖାଯାଉଛି। ପ୍ରଥମେ ଉକ୍ତ ଡାକ୍ତରଖାନା ଭଡ଼ା ଘରେ ଚାଲୁଥିଲା। ୧୯୮୪ରେ ତାହା ପଞ୍ଚାୟତ ଗୃହକୁ ସ୍ଥାନାନ୍ତର ହେଲା। ଏହି ପଞ୍ଚାୟତ ଘର ଆଜବେଷ୍ଟସରେ ତିଆରି। ମରାମତି ଅଭାବରୁ ଆଜବେଷ୍ଟସ ସବୁ ଭାଙ୍ଗିରୁଜି ଗଲାଣି। ଫଳରେ ରୋଗୀସେବା ବାଧାପ୍ରାପ୍ତ ହେଉଛି। ୨୦୧୧ରେ ଏହି ଗୃହ ମରାମତି ପାଇଁ ତତ୍କାଳୀନ ବିଡିଓ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଚିଠି ହୋଇଥିଲା। କିନ୍ତୁ ଅଦ୍ୟାବଧି ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଘରଟି ଭାଙ୍ଗିରୁଜି ଯାଇଥିବାରୁ ବହୁ ମୂଲ୍ୟବାନ ଔଷଧ ନଷ୍ଟ ହୋଇଯାଉଛି। ଏହି ଡାକ୍ତରଖାନା ଉପରେ ନାଉଗାଁ ବ୍ଲକର ୫, ବାଲିକୁଦା ବ୍ଲକର ୪ ଓ ଜଗତ୍‌ସିଂହପୁର ବ୍ଲକର ୪ ପଞ୍ଚାୟତର ପ୍ରାୟ ୨୫ ହଜାର ଲୋକ ନିର୍ଭରଶୀଳ। ପ୍ରତ୍ୟେହ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୧ ଶହରୁ ଉର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ଡାକ୍ତରଖାନାର ସ୍ଥାୟୀ ଗୃହ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୨ରୁ ଅନୁଦାନ ଆସିଥିଲେ ମଧ ୪ ବର୍ଷ ହେଲା ସ୍ଥାନ ଚିହ୍ନଟ ହୋଇ ନ ଥିବାରୁ ଗୃହ ନିର୍ମାଣ ହୋଇପାରୁନି।

ସେହିପରି ଜାମୁଗାଁ ପଞ୍ଚାୟତର କଣ୍ଟୁଣିଆଠାରେ ରହିଛି ଅନ୍ୟ ଏକ ସରକାରୀ ହୋମିଓପ୍ୟାଥିକ ଚିକିତ୍ସାଳୟ। ଏହି ଚିକିତ୍ସାଳୟ ପାଇଁ ୨୦୧୩ରେ ସରକାରଙ୍କ ତରଫରୁ ନୂତନ ଗୃହ ନିର୍ମାଣ କରାଯାଇଥିଲା। କିନ୍ତୁ ଏଥିରେ ଏବେ ତାଲା ଝୁଲୁଛି। ଦୀର୍ଘ ୪ ବର୍ଷ ହେବ ଏହି ଗୃହ ନିର୍ମାଣ ସରିଥିଲେ ମଧ ଠିକାଦାର ଅର୍ଥ ପାଇ ନ ଥିବାରୁ ଗୃହ ହସ୍ତାନ୍ତର କରୁନାହାନ୍ତି। ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ ଡାକ୍ତର ପଦବୀ ଖାଲିପଡିଛି। ୧୯୯୩ ରେ ଏହି ଚିକିତ୍ସାଳୟ ପ୍ରତିଷ୍ଠା ହୋଇଥିବାବେଳେ ପ୍ରଥମେ ଏହା ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିଲା। ୨୦୦୦ ମସିହାରେ ସରପଞ୍ଚ ପ୍ରତାପ ମିଶ୍ରଙ୍କ ଉଦ୍ୟମରେ ଏକ ସ୍ଥାୟୀ ଗୃହ ନିର୍ମାଣ କରାଯାଇଥିଲା। ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଡାକ୍ତର ନ ଥିବାରୁ ଏହା ଏକ ପ୍ରକାର ବନ୍ଦ ହୋଇପଡିଛି। ସରକାରଙ୍କ ତରଫରୁ ଆସୁଥିବା ମାଗଣା ଔଷଧ ଦୀର୍ଘଦିନ ଧରି ରହିବା ଫଳରେ ନଷ୍ଟ ହୋଇଯାଉଛି। ନୂତନ ଗୃହର ବିଲ୍ ମିଳି ନ ଥିବାବେଳେ ତାହା ଭାଙ୍ଗିରୁଜି ଯାଇଥିଲା। ୨୦୧୬ରେ ପୁନର୍ବାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମରାମତି କରାଯାଇଥିବା ବେଳେ ବର୍ଷେ ନ ପୁରୁଣୁ ଘରେ ପାଣି ଜମି ରହୁଛି। ଏହି ଚିକିତ୍ସାଳୟ ଉପରେ ନାଉଗାଁ ବ୍ଲକର ୩, ବାଲିକୁଦା ବ୍ଲକର ୪ ପଞ୍ଚାୟତର ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭରଶୀଳ। ଡାକ୍ତର ନ ଥିବାରୁ ଅଲଣାହାଟ ହୋମିଓପ୍ୟାଥିକ ଚିକିତ୍ସାଳୟର ଡାକ୍ତର ବିନତୀ ମହାନ୍ତିଙ୍କୁ କଣ୍ଟୁଣିଆକୁ ଡେପୁଟେଶନରେ ପଠାଯାଇଛି। ସପ୍ତାହରେ ଗୋଟିଏ ଦିନ ସେ ରୋଗୀ ଦେଖୁଛନ୍ତି। ସରକାରୀ ଔଷଧ ଆସୁ ନ ଥିବାବେଳେ ରୋଗୀ ବାଧହୋଇ ବାହାରୁ ଔଷଧ କିଣୁଛନ୍ତି। ଅଲଣାହାଟ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର ସଚ୍ଚିଦାନନ୍ଦ ନାୟକଙ୍କୁ ପଚାରିବାରେ ସେ କହିଲେ ଯେ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଚାଲୁ ରହିଛି। ସେହିପରି କଣ୍ଟୁଣିଆର ନୂତନ ଗୃହ ହସ୍ତାନ୍ତର ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ରଞ୍ଜନ ତରାଇଙ୍କୁ ପଚାରିବାରେ ସେ କହିଲେ ଯେ ଅନୁଦାନ ଆସିନାହିଁ। ସେଥିପାଇଁ ଚିଠି ପ୍ରଦାନ କରାଯାଇଛି। ଅନୁଦାନ ଆସିଲେ ଠିକାଦାରଙ୍କୁ ପ୍ରଦାନ କରାଯାଇ ଗୃହ ହସ୍ତାନ୍ତର କରାଯିବ। ରୋଗୀ ସେବା ସମ୍ପର୍କରେ ଡା. ବିନୋଦିନୀ ମହାନ୍ତିଙ୍କୁ ପଚାରିବାରେ ଘର ନ ଥିବାରୁ ରୋଗୀ ସେବାରେ ବାଧା ସୃଷ୍ଟି ହେଉଛି। ସେପଟେ କଣ୍ଟୁଣିଆରେ କେହି ନ ଥିବାରୁ ସେଠାକୁ ଗଲେ ଏପଟେ ରୋଗୀ ଫେରୁଛନ୍ତି। ଫଳରେ ସମସ୍ୟା ସୃଷ୍ଟି ହେଉଛି ବୋଲି ସେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ ଖୁଦ ପାଆ**
**ନୋଟା ନେଇ ଗାଧୋଇ ଯାଆ ।**

ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜକୁ ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ଦରିଦ୍ର ବ୍ୟକ୍ତିର ବୃଥା ଆଡମ୍ବର ଶୋଭାପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘଡ଼ିରୁ ତେଲ ନ ସରୁ**
**ପୁଅ ମୁଣ୍ଡ ନୁଖୁରା ନ ରହୁ ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ସେଥିରେ ତେଲ ଲଗାଯାଇଥାଏ। ତେବେ ତେଲ ସରିଯିବା ଭୟରେ ଚୁଟିରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ଗୋଟିଏ ପଟେ କେଶ ବା ଚୁଟି ନୁଖୁରା ନ ହୋଇଯିବା ଚିନ୍ତା ଓ ଅନ୍ୟପଟେ ଅର୍ଥ ଖର୍ଚ୍ଚର ଭୟ। ବ୍ୟକ୍ତିର ଏପରି ସଞ୍ଚୟ ମନୋବୃତ୍ତି ତଥା ଅତି କୃପଣତାର ଲକ୍ଷଣକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ



ବିଜେଡିରେ ସାମିଲ ହୋଇଥିବା କର୍ମୀଙ୍କୁ ବିଧାୟିକା ରାଜଶ୍ରୀ ମଲ୍ଲିକ ସ୍ୱାଗତ କରୁଛନ୍ତି।

# ବିଜେଡିରେ ମିଶିଲେ ୫୦ କଂଗ୍ରେସ କର୍ମୀ

**ରଘୁନାଥପୁର, ୨।୯( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ପାଣ୍ଡରା ଗାଁରୁ ୫୦ କଂଗ୍ରେସ କର୍ମୀ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ବ୍ଲକ ବିଜେଡି ସଭାପତି ଦେବଶିଷ ତ୍ରିପାଠୀଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶବାଦୀ ଚିନ୍ତାଧାରାରେ ଅନୁପ୍ରାଣୀତ ହୋଇ ସୁଜିତ ମହାପାତ୍ର, ଅକ୍ଷୟ କାଣ୍ଡି, ସୁରେନ୍ଦ୍ର ସାମଲ, ବାବୁନା ସାମଲ, ଗଙ୍ଗାଧର କାଣ୍ଡି, କାମ ଦେବ ମଲ୍ଲିକଙ୍କ ସମେତ ଅନ୍ୟମାନେ ବିଜେଡିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି। ନିଜ ଅଞ୍ଚଳର ଉନ୍ନତି ପ୍ରତି ଗୁରୁତ୍ୱ ଦେବାକୁ ମିଶ୍ରଣ ପର୍ବରେ ସାମିଲ ହୋଇଥିବା ବ୍ୟକ୍ତିମାନେ ପ୍ରସ୍ତାବ ରଖିଥିଲେ। ସାମୂହିକ ବିକାଶ ସହ ଜନକଲ୍ୟାଣ ଯୋଜନାରେ ହିତାଧିକାରୀ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ବ୍ଲକ ବିଜେଡି ସଭାପତି ତ୍ରିପାଠୀ କହିଥିଲେ। ବାପି ରାୟ ଓ ଅନିଲ ମହାନ୍ତିଙ୍କ ଉଦ୍ୟମରେ ଅନୁଷ୍ଠିତ ମିଶ୍ରଣ ପର୍ବକୁ ବିଧାୟିକା ପ୍ରଶଂସା କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ରାହାମା,୨।୯ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତର ଓଳଗଦାସ୍ଥିତ ଅରବିନ୍ଦ ଉପ୍ରା ବିଦ୍ୟାଳୟ ପରିସରରେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଅନନ୍ଦା ପ୍ରସନ୍ନ ବିଶ୍ୱାଳଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ନରହରି ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ତିର୍ତ୍ତୋଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଷ୍ଣୁପ୍ରସାଦ ସେଠୀ ଯୋଗଦେଇ ପୂଜ୍ୟ ପୂଜା ପରମ୍ପରା ସମାଜ ପାଇଁ ଓ ଆଗାମୀ ପୀଢ଼ି ନିମନ୍ତେ ଏକ ନୈତିକ ଦୃଷ୍ଟାନ୍ତ ବୋଲି କହିଥିଲେ। ପ୍ରତ୍ୟେକ କର୍ମଚାରୀଙ୍କ ଜୀବନରେ ଅବସର ଆସିବା ନିଶ୍ଚିତ, ମାତ୍ର ଏ ସ୍ୱଳ୍ପ ମିଆଦ ମଧ୍ୟରେ କର୍ତ୍ତବ୍ୟ ନିଷ୍ଠା, ମହତପଣିଆ ବ୍ୟକ୍ତିକୁ ଚିରସ୍ମରଣୀୟ କରି ରଖିଥାଏ ବୋଲି ପ୍ରକାଶ କରିଥିଲେ। ଉକ୍ତ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ଶିକ୍ଷୟିତ୍ରୀ ସଂଘମିତ୍ରା ସ୍ୱାଇଁ, ଶିକ୍ଷକ ଦୀପକ କୁମାର ଖୁଣ୍ଟିଆ, ପ୍ରଦୀପ କୁମାର ମହାନ୍ତି, ସୁଶାନ୍ତ କୁମାର ବେହେରା, ଅକ୍ଷୟ କୁମାର ସାହୁ, ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶିକ୍ଷକ ଦୀପକ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ଗୀତିକବିଙ୍କ ଜନ୍ମଦିନ

**ବାଲିଆ,୨।୯:** ଗୀତିକବି ବାମଦେବ ସ୍ୱାଇଁଙ୍କ ୬୫ ତମ ଜନ୍ମଦିନ ପାଳିତ ହୋଇଛି। ମଧଶାସନସ୍ଥିତ ମହାବୀର ଲାଇବ୍ରେରୀ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲାଇବ୍ରେରୀର ସଭାପତି ଅକ୍ଷୟ କୁମାର ବ୍ରହ୍ମା ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷାଗୁରୁ ଉତ୍ତମ କୁମାର ଦାଶ, ଆଷାଢ଼ ସାହିତ୍ୟ ସଂସଦ ସଭାପତି କବି ପିତାମ୍ବର ମହାପାତ୍ର, ଚନ୍ଦ୍ରମଣି ଦାଶ, ମକର ମୋହନ ସାହୁ, ଗୁରୁ ପ୍ରସାଦ ରଥ, ଉମାକାନ୍ତ ରଥ ପ୍ରମୁଖ ଯୋଗ ଦେଇଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**B.Ed**
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
**B.Ed.**
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ ।
GNM
ANM
OT. Tech
DMLT
ICU
X-RAY
ଯୋଗ୍ୟତା: ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL
HOSPITAL
PRATICAL
PLACEMENT
FACILITY AVAILABLE
KIMS, KHANDAGIRI, BBSR
7894487511

+2 ବିଜ୍ଞାନ ପରେ ପଢ଼ନ୍ତୁ
ପାରାମେଡ଼ିକାଲ କୋର୍ସ
ବ୍ୟାଚେଲର ଇନ୍ ପ୍ରୋସ୍ଥେଟିକ୍ସ ଆଣ୍ଡ ଅର୍ଥୋଟିକ୍ସ
(ଟି.ଏନ୍.ଏମ୍.ଜି.ଆର୍. ମେଡ଼ିକାଲ ୟୁନିଭର୍ସିଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ, ଚେନ୍ନାଇ)
ଆଡ୍‌ମିଶନର ଶେଷ ତାରିଖ ୧୭ ସେପ୍ଟେମ୍ବର
ଫୋନ୍- 8695540011
www.iipoinstitute.in

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ।
ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨୦% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

UNIVERSAL
COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 40,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW:
08570958738
08570958378

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

SUHANA FINANCE
ଭାରତ ସରକାର ରେଜିଷ୍ଟଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
7325861595
7325861352

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
Mahinder Finance
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ। (କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

ସୁବର୍ଣ୍ଣ ସୁଯୋଗ
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748


9911436726, 9540938429

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

## ସଂକ୍ଷେପରେ

### ଜନ୍ମାଷ୍ଟମୀ ପାଳିତ



**ଡେରାବିଶ,୨।୯(ସ୍ୱ.ପ୍ର.):** ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ରବିବାର ଡେରାବିଶ ବ୍ଲକ୍‌ର ବିଭିନ୍ନ ମନ୍ଦିରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ମହାଆଡମ୍ବରରେ ପାଳନ କରାଯାଉଛି। ବ୍ଲକର ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ପ୍ରାତଃ ସମୟରୁ ବ୍ରତଧାରୀଙ୍କ ଭିଡ ଲାଗି ରହିଛି। ମନ୍ଦିରରେ ଶୀକୃଷ୍ଣଙ୍କ ଜନ୍ମଲୀଳା ପାଠ କରାଯାଇଛି। ସେହିପରି ବ୍ଲକ ଅଧୀନ ବାଲିପାଟଣାସ୍ଥିତ ଲଛମନଜୀଉ ମନ୍ଦିର, ବେଣୀପୁର ପଞ୍ଚାୟତ ବଜାରରେ ଥିବା ଦାମୋଦରଜୀଉଙ୍କ ମନ୍ଦିର, ଓଲଡି ମଠ ଏବଂ ଦାନପୁରସ୍ଥିତ ଗୋପୀନାଥଜୀଉଙ୍କ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।

### ଦଧିବାମନ ଜୀଉ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

**ପାଟକୁରା,୨।୯(ଡି.ଏନ୍.ଏ.):** ଗରଦପୁର ବ୍ଲକ ଅନ୍ତର୍ଗତ ବେଡାରୀ ଗ୍ରାମର ଦଧିବାମନ ଜୀଉ ମନ୍ଦିରରେ ରବିବାର ପ୍ରବିତ୍ର ଜନ୍ମାଷ୍ଟମୀ ପୂଜା ଅନୁଷ୍ଠିତ ହେଉଛି। ପ୍ରତ୍ୟୁଷରେ ଠାକୁରଙ୍କ ନିତୀ ସମ୍ପନ୍ନ ହେବାପରେ ସେଠାରେ ହରିବଂଶ ପୁରାଣ ପଢ଼ାହେଉଛି। ଏହି ଉପଲକ୍ଷେ ଗ୍ରାମର ବହୁ ଲୋକ ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ଉପବାସ ବ୍ରତ ରଖିଛନ୍ତି। ସେହିପରି ଗ୍ରାମର ବିଭିନ୍ନ ଭାଗବତ ଟୁଙ୍ଗି, ପାଟକୁରା କହ୍ନେଇଲାଲ ଜୀଉ ମନ୍ଦିର ଓ ଗରଦପୁର ବଳଦେବଜୀଉ ମନ୍ଦିରରେ ଏହି ଜନ୍ମାଷ୍ଟମୀ ପୂଜା ଚାଲିଛି।

### ମିଳିତ ଶିକ୍ଷକ ମଞ୍ଚର ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା ଅଫିସ, ୨।୯:** କେନ୍ଦ୍ରାପଡା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନସଚିବଙ୍କ ଉଦ୍ଦେଶ୍ୟରେ ଶନିବାର ଏକ ଲିଖିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ବିଭିନ୍ନ ଦାବି ସମ୍ପର୍କରେ ଉଲ୍ଲେଖ କରାଯାଇ ଏହାର ସମାଧାନ ତୁରନ୍ତ କରିବା ପାଇଁ ଉଲ୍ଲେଖ ହୋଇଛି। ୨୦୧୬ ଜାନୁଆରୀ ପହିଲାଠାରୁ ଗ୍ରେଡ ପେ ୨୨୦୦ରୁ ୨୮୦୦ ଟଙ୍କାକୁ ବୃଦ୍ଧି ସହ ୫୨୦୦ ଟଙ୍କା ଦରମା ପ୍ରଦାନ, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୨୫ ପ୍ରତିଶତ ଦରମା ବୃଦ୍ଧି, ପ୍ରାଥମିକ ବିଦ୍ୟାଳୟରେ ସଙ୍ଗୀତ, ନୃତ୍ୟ, ଖେଳକୁ ଗୁରୁତ୍ୱ ପ୍ରଦାନ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲିମପ୍ରାପ୍ତ ଡିଗ୍ରିଧାରୀ ଶିକ୍ଷକ ନିଯୁକ୍ତି ଆଦି ୬ଟି ଦାବି ସମ୍ପର୍କରେ ଉପସ୍ଥାପନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଶିକ୍ଷକ ନେତା ବିଭୁତି ଭୂଷଣ ଦାସ, ସୌମ୍ୟରଞ୍ଜନ ପଟ୍ଟନାୟକ, ପି.ଏନ୍.ଅମରେଶ ମଲ୍ଲିକ ଓ ବିଭୁରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

■ ହାଜତରୁ ଫେରାର ଯୁବକଙ୍କ ମୃତ୍ୟୁ ଘଟଣା

# ସନ୍ଦେହଘେରରେ କ୍ଷତିପୂରଣ ଟଙ୍କା

■ ହିସାବ ଦେବାକୁ ରାଜି ହେଉନାହାନ୍ତି ଅଧିକାରୀ

■ ମୃତକଙ୍କ ପରିବାରକୁ ଦିଆଯାଇଥିଲା ନଗଦ ୨ଲକ୍ଷ ୧୦ ହଜାର ଟଙ୍କା

**କେନ୍ଦ୍ରାପଡା ଅଫିସ, ୨।୯**

ମହାକାଳପଡା ଥାନା ହାଜତରୁ ଫେରାର ଅବିନାଶ ପାଇଟାଳ ଓରଫ ମୂଷାଙ୍କ ମୃତ୍ୟୁ ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି । ମହାକାଳପଡାର ନିଲମ୍ବିତ ଥାନା ଅଧିକାରୀ ଶ୍ୟାମଘନ ବେହେରାଙ୍କ ନାମରେ ଆଇପିସି ଧାରା ୩୦୨ରେ ମାମଲା (ନଂ-୯୧/ ୧୮) ରୁଜୁ କରାଯାଇଛି। ମାତ୍ର ଅଦ୍ୟାବଧି ତାଙ୍କୁ ଗିରଫ କରାଯାଇନାହିଁ। ଏନେଇ ଜିଲାରେ ଏବେ ଆନ୍ଦୋଳନାତ୍ମକ ସ୍ଥିତି ସୃଷ୍ଟି ହୋଇଛି । କଂଗ୍ରେସ, ଭାଜପା, ଆପ ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତାମାନେ ମୂଷାଙ୍କୁ ହାଜତରେ ନିର୍ଯାତନା ଦେଇ ମାରଦିଆଯାଇଥିବା ଅଭିଯୋଗ କରିଛନ୍ତି। ସେମାନେ ଥାନା ଅଧିକାରୀ ବେହେରାଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଏଥିସହ ପରିବାର ସଦସ୍ୟଙ୍କୁ ୧୦ରୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି। ତେବେ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ଦିଆ ଯାଇଥିବା ପ୍ରତିଶ୍ରୁତି ମୁତାବକ ମୃତକଙ୍କ ପରିବାର ସଦସ୍ୟଙ୍କୁ ୨ ଲକ୍ଷ ୧୦ ହଜାର ଟଙ୍କା ଇତିମଧ୍ୟରେ ପ୍ରଦାନ କରାଯାଇଛି । ତେବେ ଏହି ଟଙ୍କା କେଉଁଠାରୁ ଆସିଛି, ତାହାର ହିସାବ ପ୍ରଶାସନିକ ଅଧିକାରୀମାନେ ଦେବାକୁ ରାଜି ହେଉନାହାନ୍ତି ।

ଫଳରେ ନିଲମ୍ବିତ ଥାନା ଅଧିକାରୀ ଏହି ଟଙ୍କା ପ୍ରଶାସନିକ ଅଧିକାରୀଙ୍କ ମାଧ୍ୟମରେ ଦେଇ ମୃତକଙ୍କ ପରିବାର ସଦସ୍ୟଙ୍କୁ ଦଫା ବଦଳରେ ରଫାନାମା କରିବାକୁ ଉଦ୍ୟମ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନା ଯୋଗ୍ୟ, ଅଗଷ୍ଟ ୨୫ ତାରିଖରେ ମୂଷାଙ୍କୁ ଏକ ଚୋରି ଘଟଣାରେ ପଚରାଉଚୁରା କରିବା ପାଇଁ ମହାକାଳପଡା ଥାନା ପୋଲିସ କେନାଲ ବ୍ରିଜ ଛକରୁ ଉଠାଇ ନେଇଥିଲା । ପରଦିନ ମାତ୍ର ୨୦୦ ମିଟର ଦୂରରେ ଥିବା ହଳଧର ମଲ୍ଲିକଙ୍କ ଘରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ହାଜତରୁ ଖସିଆସି ମୂଷା ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। ଅପରପକ୍ଷେ ପୋଲିସ ପିଟି ପିଟି ମୂଷାଙ୍କୁ ମାରି ଦେବା ପରେ ଏହାକୁ ଆତ୍ମହତ୍ୟା ରୂପ ଦେଇଛି ବୋଲି ତାଙ୍କ ବଡବାପା ଦଇତାରୀ ପାଇଟାଳ ଅଭିଯୋଗ କରିଥିଲେ। ଏନେଇ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ କ୍ଷତିପୂରଣ ସହ ଥାନା ଅଧିକାରୀଙ୍କୁ ଗିରଫ କରିବାକୁ ଦାବି କରି ରାସ୍ତା ଅବରୋଧ କରିଥିଲେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବେହେରାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଏଥିସହ ୨ ଲକ୍ଷ ୧୦ ହଜାର ଟଙ୍କାର କ୍ଷତିପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ଆନ୍ଦୋଳନସ୍ଥଳରେ ପୋଲିସ ପ୍ରଶାସନ ପକ୍ଷରୁ ୫୦ ହଜାର ଓ ରେଡକ୍ରସରୁ ପକ୍ଷରୁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଏଥିସହ ଆଇଆଇସି ବେହେରାଙ୍କୁ ନିଲମ୍ବିତ କରିଦିଆଯାଇଥିଲା। ପରବର୍ତ୍ତି ସମୟରେ ଲିଖିତ ପ୍ରତିଶ୍ରୁତି ଅନୁଯାୟୀ, ପୋଲିସ ପ୍ରଶାସନ ପକ୍ଷରୁ ଆଉ ୫୦ ହଜାର ଓ ଜିଲା ପ୍ରଶାସନ ପକ୍ଷରୁ ଏକ ଲକ୍ଷ ଟଙ୍କା ପରିବାର ସଦସ୍ୟଙ୍କୁ ପ୍ରଦାନ କରାଯାଇଛି। ଏହି ସମସ୍ତ ଟଙ୍କା ଚେକ ବଦଳରେ ନଗଦ ଆକାରରେ ପ୍ରଦାନ କରାଯାଇଛି ବୋଲି ମୂଷାଙ୍କ ବଡଭାଇ ସୁଶାନ୍ତ କହିଛନ୍ତି । ଘରର ସମସ୍ତ ପରିବାର ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟ ଥବାବେଳେ ନଗଦରେ ଟଙ୍କା ଦିଆଯାଇଛି ବୋଲି ସେ କହିଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ କୌଣସି ଟଙ୍କା ଦିଆଯାଇ ନାହିଁ ବୋଲି ଜରୁରୀକାଳୀନ ଅଧିକାରୀ ନମିତା ବାରିକ ପ୍ରକାଶ କରିଛନ୍ତି। ୧ଲକ୍ଷ ୧୦ହଜାର ଟଙ୍କା ଦୂରର କଥା ଜିଲା ପ୍ରଶାସନ ଓ ରେଡକ୍ରସ ପାଣ୍ଠିରୁ ଟଙ୍କାଟିଏ ମଧ ଦିଆଯାଇ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଏସମ୍ପର୍କିତ କୌଣସି କାଗଜ ଜିଲା ପ୍ରଶାସନ ନିକଟରୁ ଜରୁରିକାଳୀନ ବିଭାଗକୁ ହସ୍ତଗତ ହୋଇନାହିଁ ବୋଲି ସେ କହିଛନ୍ତି। ଫଳରେ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଟଙ୍କା କେଉଁଠୁ ଆସିଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଚେକ ବଦଳରେ ନଗଦ ଟଙ୍କା କିପରି ପ୍ରଦାନ କରାଯାଇଛି ସେ ନେଇ ସନ୍ଦେହଜାତ ହୋଇଛି। ସରକାରୀ ନିୟମ ଅନୁଯାୟୀ କୌଣସି କଲ୍ୟାଣ ମୂଳକ ଫଣ୍ଡରୁ ଅନୁଦାନ ପ୍ରଦାନ କରାଯିବାକୁ ଥିଲେ ତାହା ଚେକ୍ ଆକାରରେ ପ୍ରଦାନ କରାଯିବ । ଆବଶ୍ୟକସ୍ଥଳେ ନଗଦ ଟଙ୍କା ପ୍ରଦାନ ହୋଇଥିଲେ କର୍ତ୍ତୃପକ୍ଷଙ୍କ ଅନୁମତି ନେବା ସହ ଏସମ୍ପର୍କରେ କାଗଜପତ୍ର ୭ ଦିନ ମଧ୍ୟରେ ଜମା କରିବାକୁ ହେବ । ମାତ୍ର ଏକ୍ଷେତ୍ରରେ ତାହାର ବ୍ୟତିକ୍ରମ ହୋଇଛି। ଏହାଛଡା ଥାନାରେ ମାମଲା ନଂ ୯୧/ ୧୮ ସହ ଏକ ଅପମୃତ୍ୟୁ ମାମଲା (୧୧/୧୮)କୁ ଯୋଡିଦିଆଯାଇଛି। ଏପରି କରିବା ଦ୍ୱାରା ମୂଷାଙ୍କ ହାଜତ ମୃତ୍ୟୁକୁ ଆତ୍ମହତ୍ୟାଜନିତ ବୋଲି ରିପୋର୍ଟରେ ଦର୍ଶାଇବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ବୁଦ୍ଧିଜୀବୀ ଗଣେଷ ଚନ୍ଦ୍ର ସାମଲ, ମାନବାଧିକାର କର୍ମୀ ପ୍ରତାପ କୁମାର ପାଢ଼ୀ, ସୂଚନା ଆଇନ ଅଧିକାର କର୍ମୀ ରଞ୍ଜନ ଦାସ ପ୍ରମୁଖ ମତ ଦେଇଛନ୍ତି। ଫଳରେ ଜିଲା ଓ ପୋଲିସ ପ୍ରଶାସନର କାର୍ଯ୍ୟକଳାପକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।ଏହି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## ମୋ ବିଦ୍ୟାଳୟ ଅଭିଯାନ କମିଟି ଗଠନକୁ ନେଇ ଗଣ୍ଡଗୋଳ

**ମହାକାଳପଡ଼ା,୨।୯(ଡି.ଏନ୍.ଏ.)**

ମହାକାଳପଡା ବ୍ଲକ ବଳିପାଳ ପଞ୍ଚାୟତ ଅନ୍ତର୍ଗତ ଅନ୍ଧୁଳି ଗ୍ରାମସ୍ଥିତ ବିଷ୍ଣୁପ୍ରସାଦ ହାଇସ୍କୁଲରେ ଶନିବାର ମୋ ବିଦ୍ୟାଳୟ ଅଭିଯାନର ଏକ କମିଟି ଗଠନକୁ ନେଇ ୨ ପୁରାତନ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଉପୁଜିଛି। ମିଳିଥିବା ସୂଚନାଅନୁସାରେ, ମୋ ବିଦ୍ୟାଳୟ ଅଭିଯାନ ପାଇଁ ବିଷ୍ଣୁପ୍ରସାଦ ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶନିବାର ଏକ କମିଟି ଗଠନ ପାଇଁ ପ୍ରଧାନଶିକ୍ଷକଙ୍କ ପକ୍ଷରୁ ନୋଟିସ ଦିଆଯାଇଥିଲା। କେତେଜଣ ପୁରାତନ ଛାତ୍ର ଏହି କମିଟି ଗଠନ ପାଇଁ ଆସିଥିବା ବେଳେ ଅନ୍ୟ କେତେଜଣ ପୁରାତନ ଛାତ୍ର ଆସି ଗଣ୍ଡଗୋଳ କରିଥିଲେ। ସେମାନଙ୍କ ପାଖରେ କମିଟି ଗଠନ ନିମନ୍ତେ ନୋଟିସ ପହଞ୍ଚିନାହିଁ ବୋଲି ଅଭିଯୋଗ କରିଥିଲେ। ଏନେଇ ଉଭୟ ପକ୍ଷ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ଉଭୟ ପକ୍ଷରୁ ମହାକାଳପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ମନୋରଞ୍ଜନ ଚୌଧୁରୀ କହିଛନ୍ତି।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ

**କେନ୍ଦ୍ରାପଡା ଅଫିସ ୨।୯**

ଜନ୍ମାଷ୍ଟମୀ ପର୍ବ କେନ୍ଦ୍ରାପଡା ସହର ଓ ଗ୍ରାମାଞ୍ଚଳରେ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ତମାଳଶାସନ କ୍ଷେତ୍ରାଧିପତି ଦଧିବାମନଜୀଉଙ୍କୁ ଶ୍ରୀକୃଷ୍ଣଙ୍କ ବେଶ କରାଯାଇ ଏହି ଉତ୍ସବ ପାଳନ କରାଯାଇଥିଲା । ସହର ନିକଟ ଗରାପୁର ଗୋପାଳଜୀଉ ମନ୍ଦିରରେ ଏଥିପାଇଁ ପ୍ରତ୍ୟୁଷରୁ ରୀତିନୀତି ଆରମ୍ଭ ହୋଇଥିଲା । ଭୋର ୫ଟାରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତୀ ଓ ପରେ ନୀତିସ୍ନାନ କରା ଯାଇଥିଲା । ବାଲ୍ୟଧୂପ ସହ ଖେଚଡ଼ି ଧୂପ ସକାଳ ୯ଟା ମଧ୍ୟରେ ଶେଷ ହୋଇଥିଲା। ମଧ୍ୟାହ୍ନ ଧୂପ ପରଠାରୁ ଭଜନ କିର୍ତ୍ତନ ଆରମ୍ଭ ହୋଇଥିଲା ।



ଶ୍ରୀକୃଷ୍ଣ ବେଶ ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

ରାତ୍ର ୧୦ଟାରେ ଜନ୍ମୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ରୀତିନୀତିକୁ ପୂଜକ ଅରବିନ୍ଦ ପଣ୍ଡା, ପରିଚାଳକ ଶୁଭେନ୍ଦୁ ମହାନ୍ତି, ଲୋହିତ କୁମାର ମହାନ୍ତି, ନଳିନୀ ମହାନ୍ତି, ରବି ନାରାୟଣ ମହାନ୍ତି, ସୁଶାନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଓ ଚାଟରାପାଟଣାଠାରେ ଗୋବିନ୍ଦଜୀଉଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଜନ୍ମାଷ୍ଟମୀ ଉପଲକ୍ଷେ ସ୍ଥାନୀୟ ଶିଶୁମନ୍ଦିରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ଲୀଳା ସମ୍ବନ୍ଧୀୟ ବେଶ ପ୍ରତିଯୋଗିତା ହୋଇଥିଲା।

## ଲଘୁଚାପ ଜନିତ ବର୍ଷା: ପାଣିଘେରରେ ୧୦ ପରିବାର

**ମହାକାଳପଡ଼ା,୨।୯(ଡି.ଏନ୍.ଏ.)**

ମହାକାଳପଡା ବ୍ଲକ ଅଧୀନ କଂସାରବଡ଼ ଦାଣ୍ଡୁଆ ପଞ୍ଚାୟତର କଂସାର ଗ୍ରାମରେ ଲଘୁଚାପ ଜନିତ ବର୍ଷା ଯୋଗୁ ଗ୍ରାମର ପ୍ରାୟ ୧୦ ପରିବାର ପାଣିଘେରରେ ରହିଛନ୍ତି।ବର୍ଷା ପରେ ଜଳ ନିଷ୍କାସନ ହୋଇ ନପାରିବାରୁ କଂସାର ଗ୍ରାମର ପରିକ୍ଷୀତ ରାଉତ, ଏକାଦଶୀ ରାଉତ, ଶ୍ରୀଧର ସ୍ୱାଇଁ, ବାବାଜୀ ସ୍ୱାଇଁ, ଅକ୍ଷୟ ସ୍ୱାଇଁ, ଅଜୟ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ସୁଧୀର ରାଉତ, ସୌଦାଗର ରାଉତ ଓ ଶୟନ ରାଉତଙ୍କ ପରିବାର ଲୋକେ ପାଣିଘେରରେ ଜୀବନ ବିତାଉଛନ୍ତି। ଆଣ୍ଠୁଏ ପାଣିରେ ରାସ୍ତା ବୁଡ଼ିଯାଇଥିବାରୁ ପୋଖରୀ ହୁଡ଼ାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଘରକୁ ସରୀସୃପ ପ୍ରବେଶ କରିବାର ଭୟ ରହୁଛି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ୧୦ ପରିବାର ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ କଂସାର ବଡ଼ ଦାଣ୍ଡୁଆ ପଞ୍ଚାୟତ ସରପଞ୍ଚ ଲୋଭାବତୀ ରାଉତ କହିଛନ୍ତି, କଂସାର ଗ୍ରାମରେ ପାଣି ଘେରରେ ଥିବା ପରିବାରକୁ ଭେଟିବା ପରେ ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବ।

## ସୂଚନା ଅଧିକାର ସମ୍ପର୍କିତ କର୍ମଶାଳା

**ମହାକାଳପଡ଼ା,୨।୯(ଡି.ଏନ୍.ଏ.)**

ମହାକାଳପଡା ବ୍ଲକ ଅଧୀନ ତେରଗାଁ ପଞ୍ଚାୟତର ସ୍ଥାନୀୟ ବେଳାର ନୂଆଗାଁସ୍ଥିତ ଚନ୍ଦ୍ରଶେଖର ହାଇସ୍କୁଲ ପରିସରରେ ରବିବାର ଓଡ଼ିଶା ସୂଚନା ଅଧିକାର ଓ ଜଗନ୍ନାଥ ୟୁଥ୍ କ୍ଲବ ମିଳିତ ଆନୁକୂଲ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସୂଚନା ଅଧିକାର ଆଇନର ବ୍ୟବହାର ଓ ଏହାର ପ୍ରୟୋଗାତ୍ମକ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସୂଚନା ଅଧିକାର ଆବାହକ ପ୍ରଦୀପ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଭାରତୀୟ ସଂଘୀୟ ଶାସନ ବ୍ୟବସ୍ଥା ସୂଚନା ଅଧିକାର ଆଇନର ଏକ ଅଂଶବିଶେଷ, ଏହାଦ୍ୱାରା ସାଧାରଣ ନାଗରିକ ସରକାରଙ୍କ କାର୍ଯ୍ୟ ସମ୍ପର୍କରେ ଅବଗତ ହୋଇପାରନ୍ତେ। ଏହି ଆଇନ ବଳରେ ଦୁର୍ନୀତୀର ପର୍ଦ୍ଦାଫାଶ ହେବା ସହ ସାଧାରଣ ଲୋକଙ୍କୁ ନ୍ୟାୟ ମିଳିପାରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଭାଷା ଆନ୍ଦୋଳନର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଟ୍ଟନାୟକ, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ କ୍ଷୀରୋଦ ରାଉତ, ଦଳିତ ଅଧିକାର କର୍ମୀ କାଳନ୍ଦୀ ମଲିକ ଓ ସୂଚନା ଅଧିକାର କର୍ମୀ ରୋହନ ମହାନ୍ତି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜଗନ୍ନାଥ ୟୁଥ୍ କ୍ଲବର ଆର୍ଯ୍ୟ କୁମାର ସ୍ୱାଇଁ, ସରୋଜ ମହାପାତ୍ର, ମହାକାଳପଡ଼ା ୟୁଥ୍ କ୍ଲବର ସଭାପତି ପ୍ରତାପ ମହାନ୍ତି ଓ କେନ୍ଦ୍ରାପଡ଼ା ଜିଲା ଓଡ଼ିଆ ସୂଚନା ଅଧିକାର ଅଭିଯାନ ଆବାହକ ରଞ୍ଜନ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଅଞ୍ଚଳର ବହୁ ସୂଚନା ଅଧିକାର କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

# ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଡେରାବିଶ,୨।୯(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତର ତିହିଡା ଗ୍ରାମରେ ରବିବାର ଜଣେ ଛାତ୍ରୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ତିହିଡା ଗ୍ରାମର ଅରୁଣ କୁମାର ରାଉତଙ୍କ ଝିଅ ପ୍ରିୟଙ୍କା ପ୍ରିୟଦର୍ଶନୀ(୧୭)। ପ୍ରିୟଙ୍କା ଯଅଁରାବାରିମୂଳସ୍ଥିତ କୃଷ୍ଣଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ଯୁକ୍ତ ୨ ଶ୍ରେଣୀର ଛାତ୍ରୀ ଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରିୟଙ୍କା ଶନିବାର ଅପରାହ୍ନରେ ଘରୁ ବାହାରକୁ ଯାଇଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଖୋଜାଖୋଜି ହୋଇଥିଲା। ଗ୍ରାମର କିଛି ଲୋକ ତାଙ୍କୁ ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟ ନିକଟ ପୋଖରୀରେ ଶୌଚ ହେବାକୁ ଯାଇଥିବା ଦେଖିଥିଲେ ବୋଲି କହିଥିଲେ। ଏହାପରେ ପୋଖରୀରେ ସନ୍ଧାନ କରାଯାଇଥିଲେ ମଧ ତାଙ୍କର କୌଣସି ପତ୍ତା ମିଳି ନଥିଲା। ରବିବାର ସକାଳୁ ଉକ୍ତ ପୋଖରୀରେ ପ୍ରିୟଙ୍କାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସ ଓ ପରିବାରକୁ ଖବର ଦେଇଥିଲେ। ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର ସାମଲ ଘଟଣା ସ୍ଥଳରେ ପହଞ୍ଚି ପାଣିରୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୨୪/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

■ ବିଜେଡି ଜିଲା ସଭାପତିଙ୍କ ଗିରଫ ଦାବି

# ରାସ୍ତାରୋକୋ, କୁଶପୁତ୍ତଳିକା ଦାହ

**ପଟ୍ଟାମୁଣ୍ଡାଇ,୨।୯(ସ୍ୱ.ପ୍ର.)**

ଭୋଜିରେ ଭିଡିଓ ସୁଟିଂ କରିବାକୁ ଯାଇଥିବା ବ୍ୟକ୍ତିଙ୍କୁ ମାଡ ମାରିବା ପ୍ରତିବାଦରେ ରବିବାର କଖାରୁଣୀ ଗ୍ରାମର ଲୋକେ ବିଜେଡି ସଭାପତି ଧ୍ରୁବ ସାହୁଙ୍କ ଗିରଫ ଦାବି କରିଛନ୍ତି। ଏନେଇ ଗ୍ରାମବାସୀ ପଟ୍ଟାମୁଣ୍ଡାଇ-ରାଜନଗର ପୂର୍ତ୍ତବିଭାଗ ରାସ୍ତାର କଖାରୁଣୀ ଛକ ନିକଟରେ ବାଉଁଶ ବାନ୍ଧି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଏଥିସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସେହିପରି ପଟ୍ଟାମୁଣ୍ଡାଇ ଯୁବ କଂଗ୍ରେସ ଓ କଂଗ୍ରେସ କର୍ମୀଙ୍କ ପକ୍ଷରୁ ଡାକ ବଙ୍ଗଳା ଛକରେ ଧ୍ରୁବ ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଯୁଦ୍ଧମଣୀ ଦାସ, ନଗର କଂଗ୍ରେସ ସଭାପତି ପ୍ରଦୀପ ପ୍ରଧାନ, ମଳୟ ଦାସ, ସରପଞ୍ଚ ବିରଞ୍ଚି ଦାସ, ଉମେଶ ଦାଶ ଓ ସତ୍ୟ ପ୍ରକାଶ ସାମଲ ପ୍ରମୁଖ ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, କଖାରୁଣୀ ଗ୍ରାମର ସମୀର ଜେନା ଯୁବ କଂଗ୍ରେସର ବ୍ଲକ ସମ୍ପାଦକ ଭାବେ କାର୍ଯ୍ୟ କରନ୍ତି। ଏଥିସହ ସେ ଭିଡିଓ ସୁଟିଂ କାର୍ଯ୍ୟକରି ପରିବାର ଚଳାଉଥାନ୍ତି। ଶନିବାର ସେ ରାଜନଗର ଥାନା କଏଠା ଗ୍ରାମରେ ଆୟୋଜିତ ଏକ ଭୋଜିରେ ଡ୍ରୋନ କ୍ୟାମେରାରେ ଭିଡିଓ ସୁଟିଂ କରୁଥିଲେ। ଏହି ସମୟରେ ଭୋଜିରେ ଯୋଗଦେଇଥିବା ବିଜେଡି ଜିଲା ସଭାପତି ଧ୍ରୁବ ସାହୁ ତାଙ୍କୁ ମାଡ ମାରିଥିଲେ। ଏଥିରେ ସେ ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୀତି ସରଗରମ ହୋଇଛି।



କଂଗ୍ରେସ କର୍ମୀମାନେ ଧ୍ରୁବ ସାହୁଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

■ ଡ୍ରୋନ କ୍ୟାମେରାରେ ଫଟୋ ଉଠାକୁ ନେଇ ଦୁଇ ରାଜନୈତିକ ଦଳ ମୁହାଁମୁହିଁ

# ସକାଳେ କଂଗ୍ରେସ, ଅପରାହ୍ନରେ ବିଜେଡି ପକ୍ଷରୁ ଥାନା ଘେରାଉ

**ରାଜନଗର, ୨।୯(ଡି.ଏନ.ଏ.)**

ଶନିବାର ରାଜନଗର ବ୍ଲକ କଏଥା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ହେଉଥିବା ଏକୋଇଶିଆ ଭୋଜିରେ ଡ୍ରୋନ୍ କ୍ୟାମେରାରେ ଉଠାଯାଇଥିବା ଫଟୋକୁ ନେଇ ଦୁଇ ରାଜନୈତକ ଦଳ ମୁହାଁମୁହିଁ ହୋଇଛନ୍ତି । ରବିବାର ଦିନ ତମାମ ଦୁଇ ଦଳର ନେତା ଓ କର୍ମୀମାନେ ପୃଥକ ପୃଥକ ଭାବେ ରାଜନଗର ଥାନା ଘେରାଉ କରିବା ସହ ସେଠାରେ ଧାରଣାରେ ବସିଥିଲେ। ସକାଳେ କଂଗ୍ରେସ ପକ୍ଷରୁ ଡ୍ରୋନ୍ କ୍ୟାମେରାମ୍ୟାନ ସମୀର ରଞ୍ଜନ ଜେନା (ରାଜନଗର ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଂପାଦକ )ଙ୍କୁ ମାଡମାରି କ୍ଷତାକ୍ତ କରିଥିବା ବିଜେଡି ଜିଲା ସଭାପତି ଧ୍ରୁବ ସାହୁ ଏବଂ ତାଙ୍କ ସହଯୋଗୀମାନଙ୍କ ଗିରଫ ଦାବି କରି ଥାନା ଘେରାଉ କରାଯାଇଥିଲା । ବ୍ଲକ କଂଗ୍ରେସ କାର୍ଯ୍ୟାଳୟରୁ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ଆସି ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଅପରାହ୍ନରେ ରାଜନଗର ବ୍ଲକ ବିଜେଡି ପକ୍ଷରୁ ଭୋଜି ଅବସରରେ ମହିଳାଙ୍କ ଆପତ୍ତିଜନକ ଫଟୋ ଉଠାଇଥିବା ସମୀର ଓ ତାଙ୍କୁ ସହଯୋଗ କରୁଥିବା କଂଗ୍ରେସ ନେତାମାନଙ୍କୁ ଗିରଫ କରିବା ସହିତ ସର୍ବସାଧାରଣରେ ସ୍ଥାନୀୟ ବିଧାୟକ କ୍ଷମା ମାଗନ୍ତୁ ବୋଲି ଦାବି କରି ଥାନା ଘେରାଉ କରାଯାଇଥିଲା। ଅପରପକ୍ଷରେ ଏକୋଇଶିଆ ଭୋଜିର ଆୟୋଜକ ସର୍ବେଶ୍ୱର ସାମଲ ଡ୍ରୋନ କ୍ୟାମେରାରେ ଫଟୋ ଉଠାଉଥିବା ସମୀରଙ୍କୁ ଚିହ୍ନି ନ ଥିବା କିମ୍ବା ତାଙ୍କୁ ଭୋଜିରେ ଫଟୋ ଉଠାଇବା ପାଇଁ ଡାକି ନ ଥିଲେ ବୋଲି ସନ୍ଧ୍ୟାରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ରାଜନଗର ବ୍ଲକ ଡେରା ପଞ୍ଚାୟତ କଏଥା ଗ୍ରାମର ସର୍ବେଶ୍ୱର ସାମଲଙ୍କ ପୁଅ ଏକୋଇଶିଆ ଭୋଜିରେ ଏହି ବିବାଦ ସୃଷ୍ଟି ହୋଇଥିଲା। ଡେରା ପଞ୍ଚାୟତ ବିଜେଡି ସଭାପତି ପ୍ରଫୁଲ୍ଲ କଣ୍ଡଙ୍କ ଏତଲାକୁ ଆଧାର କରି କେଶ୍ ନଂ ୧୪୬/୨୦୧୮ ଆଇପିସିର ଦଫା ୩୪୧, ୩୨୩, ୨୯୪, ୫୦୬, ୩୦୭ ରେ ମାମଲା ରୁଜୁ ହୋଇଛି । ଅପରପକ୍ଷରେ ସମୀରଙ୍କ ଭାଇ ଜ୍ଞାନ ରଞ୍ଜନ ଜେନାଙ୍କ ଏତଲାକୁ ଆଧାର କରି କେସ୍ ନଂ ୧୪୭/୨୦୧୮ ଆଇପିସିର ଦଫା ୩୪୧, ୩୨୩, ୨୯୪, ୩୭୯, ୪୨୭, ୩୦୭, ୩୪ ରେ ମାମଲା ରୁଜୁ ହୋଇଛି।





କଂଗ୍ରେସ ଓ ବିଜେଡି ପକ୍ଷରୁ ଥାନା ଘେରାଉ କରାଯାଇଛି।

ସୂଚନାଯୋଗ୍ୟ ଯେ, ଯୁବ କଂଗ୍ରେସ ନେତା ସମୀରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବାରୁ ସେ ବର୍ତ୍ତମାନ କଟକ ବଡମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏହାର ପ୍ରତିବାଦରେ ୩୧ନଂ ଜୋନ ସଭାପତି ଦେବେନ୍ଦ୍ର କୁମାର ଜେନା , ୩୦ ନଂ ଜୋନ୍ ସଭାପତି ଅଶୋକ କୁମାର ବଳ , କଂଗ୍ରେସ ନେତା ଅନନ୍ତ ସେଠୀ, ସନ୍ତୋଷ କୁମାର ମହାନ୍ତି , ମୋହନ କୁମାର ଦାସ, ବନମାଳୀ ସ୍ୱାଇଁ, ନରେନ୍ଦ୍ର କୁମାର ସ୍ୱାଇଁ, ନୃସିଂହ ଚରଣ ସ୍ୱାଇଁ, ପୃଥିରାଜ ପାତ୍ର, ପ୍ରଭାତ ଚନ୍ଦ୍ର ମିଶ୍ର, ସତ୍ୟବାନ ସେଠୀ, ଯୁବକଂଗ୍ରେସ ସଭାପତି ବିମଳ ପ୍ରସାଦ ବିଶ୍ୱାଳ, ଛାତ୍ର କଂଗ୍ରେସ ସଭାପତି ସୁନିଲ ରାଉଳଙ୍କ ସମେତ ଶତାଧିକ କର୍ମୀ ବିଜେଡି ଜିଲା ସଭାପତିଙ୍କ ଗିରଫ ଦାବି କରିଛନ୍ତି। ଅପରପକ୍ଷରେ ଡ୍ରୋନ୍ କ୍ୟାମେରାରେ ଝିଅ ,ବୋହୁଙ୍କ ଫଟୋ ଉଠାଯିବା ବେଳେ ଲୋକେ ବାରଣ କରିଥିଲେ । ସମୀର ଏହା ନ ମାନିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉଭୟ ପକ୍ଷଙ୍କୁ ବୁଝାଶୁଝା କରୁଥିବା ଡେରା ପଞ୍ଚାୟତର ବିଜେଡି ସଭାପତି ପ୍ରଫୁଲ୍ଲ କଣ୍ଡଙ୍କୁ ଏହି ସମୟରେ ସମୀର ଡ୍ରୋନ୍ କ୍ୟାମେରା ମାଧ୍ୟମରେ ଆକ୍ରମଣ କରିଥିଲେ। ପ୍ରଫୁଲ୍ଲଙ୍କ ମୁଣ୍ଡରେ ଗଭୀର କ୍ଷତ ହେବା ସହ ସେ କଟକ ବଡମେଡିକାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ଏଥିସହ ସମୀର ଓ ତାଙ୍କ ସମର୍ଥକଙ୍କ ଆକ୍ରମଣରେ ସନ୍ୟାସୀ ରାଉତ ଓ ରାଜକିଶୋର ସ୍ୱାଇଁ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ସମୀରଙ୍କୁ ଥାନାକୁ ଆଣିବା ସହ ଡ୍ରୋନ୍ କ୍ୟାମେରା ଜବତ କରିଥିଲେ। ପ୍ରଫୁଲ୍ଲଙ୍କ ଅଭିଯୋଗ ଉପରେ ପୋଲିସ ତଦନ୍ତ ଜାରି ରଖିଛି। ଡ୍ରୋନ୍ କ୍ୟାମେରା ବ୍ୟବହାର ପାଇଁ ଅନୁମତି ନ ଥିବା ବେଳେ କିପରି ଯୁବ କଂଗ୍ରେସ ନେତା ଫଟୋ ଉଠାଉଥିଲେ ବୋଲି ବିଜେଡି ପ୍ରଶ୍ନ ଉଠାଇଛି। କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ଘଟଣାକୁ ବିଜେଡି ନିନ୍ଦା କରିଥିବା ବେଳେ ସମୀରଙ୍କ ଗିରଫ ଦାବି କରିଛି।

ଏହି ଅବସରରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ରାଜନଗର ବ୍ଲକ ବିଜେଡି ଉପସଭାପତି ଅରୁଣ କୁମାର ସାହୁ, ଗୋବର୍ଦ୍ଧନ ପ୍ରଧାନ, ସାଧାରଣ ସଂପାଦକ ନରହରି ଜେନା, ପ୍ରଶାନ୍ତ କୁମାର ରାଉତ, ରମଣୀ ରଞ୍ଜନ ମହାପାତ୍ର, ପ୍ରମୁଖ ସମୀର ଓ ତାଙ୍କୁ ସମର୍ଥନ କରୁଥିବା ବ୍ୟକ୍ତିଙ୍କ ଗିରଫ ଦାବି କରିଛି। ପୋଲିସ କଂଗ୍ରେସ ଓ ବିଜେଡିର ବିକ୍ଷୋଭକାରୀଙ୍କ ନିକଟରୁ ଦାବିପତ୍ର ଗ୍ରହଣ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଛି। ଅପରପକ୍ଷରେ ସମୀରଙ୍କ ବାପା ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ଗ୍ରାମର କୀର୍ତ୍ତିଚନ୍ଦ୍ର ଜେନା ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ସେପ୍ଟେମ୍ବର, ୨୦୧୮



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମିକୀ



■ ବିଷାକ୍ତ ଗ୍ୟାସ୍ ନିର୍ଗତ ହେବା ଘଟଣା

# ବିଶୋଧନାଗାର କର୍ତ୍ତୃପକ୍ଷ, ପରିବେଶ ବିଭାଗ ନୀରବ

■ ଏତଲା ପରେ ଜିଲା ପ୍ରଶାସନକୁ ରିପୋର୍ଟ ଦେଲା ପୋଲିସ
■ ପ୍ରତିକାର ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ

କୁଜଙ୍ଗ, ୨।୯(ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାରରୁ ଗ୍ୟାସ ନିର୍ଗତ ହୋଇ କୁଜଙ୍ଗ ଓ ପାରାଦୀପ ଅଞ୍ଚଳବାସୀଙ୍କୁ ଆତଙ୍କିତ କରିଛି। ଗତ ଅଗଷ୍ଟ ୩୧ ଓ ଜୁଲାଇ ୧୫ ତାରିଖରେ ଗ୍ୟାସ୍ ନିର୍ଗତ ହେବା ଯୋଗୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶୋଧନାଗାର ଉତ୍ତର ପାର୍ଶ୍ୱ ଭୁତମୁଣ୍ଡାଇ ପଞ୍ଚାୟତ ବାସିନ୍ଦା ଏହା ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ଏନେଇ ଗତ ୧ ତାରିଖରେ ସେମାନେ ସରପଞ୍ଚଙ୍କ ନେତୃତ୍ୱରେ ସଭା କରିଥିଲେ। ସେହିଦିନ ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ନାମରେ ପାରାଦୀପଗଡ଼ ଲକ୍ ଥାନାରେ ଏତଲା ପ୍ରଦାନ କରିଥିଲେ। ପଞ୍ଚାୟତ ପତ୍ର ସଂଖ୍ୟା ୭୮/୨୦୧୮ରେ ସେମାନେ ଥାନାରେ ଏତଲା ଦେବା ସହ



ବିଶୋଧନାଗାର କର୍ତ୍ତୃପକ୍ଷ ଓ ପରିବେଶ ବିଭାଗକୁ ଅବଗତ କରାଇଥିଲେ। ତେବେ ଘଟଣାର ୨ ଦିନ ପରେ ମଧ୍ୟ ବିଶୋଧନାଗାର କର୍ତ୍ତୃପକ୍ଷ କିମ୍ବା ପରିବେଶ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରି ନୀରବ ରହିଛନ୍ତି। ତେବେ ପୋଲିସ ପକ୍ଷରୁ ଏ ସମ୍ପର୍କରେ ଏକ ରିପୋର୍ଟ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୧୯୯୯ ମହାବାତ୍ୟା ସମୟରେ ପିପିଏଲରୁ ଆମୋନିଆ ଗ୍ୟାସ୍ ନିର୍ଗତ ହୋଇଥିଲା। ଏଥିରେ ପାରାଦୀପ-କୁଜଙ୍ଗ ଅଞ୍ଚଳରୁ ପ୍ରାୟ ୧୦ ହଜାର ଲୋକ ଭୟଭୀତ ହୋଇ କଟକ ପଳାଇ ଯାଇଥିଲେ। ଉକ୍ତ ଘଟଣା ଲୋକଙ୍କ ମନରୁ ଯାଇ ନ ଥିବାବେଳେ ବର୍ତ୍ତମାନ ସ୍ଥିତିରେ ବାରମ୍ବାର ଗ୍ୟାସ୍ ଲିକ୍ ହେଉଛି ଓ ଏହି ଗ୍ୟାସ୍ ଲିକ୍ କାରଣରୁ ଲୋକଙ୍କ ଆଖିରୁ ପାଣି ଗଡ଼ିବା ସହ ଜଳାପୋଡ଼ା ହେଉଛି। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ମଧ୍ୟ ଅସୁବିଧା ହେଉଛି। ଗ୍ୟାସ୍‌ର ଗନ୍ଧ ଏତେ ତୀବ୍ର ହେଉଛି ଯେ ଲୋକଙ୍କ ମୁଣ୍ଡ ବୁଲାଇବା ଓ ଦେହହାତ କୁଣ୍ଡାଇ ହେଉଛି। ଗ୍ୟାସ୍ ଲିକ୍ ସମୟରେ ପ୍ରଭାବିତ ଅଞ୍ଚଳବାସିନ୍ଦା ସେମାନଙ୍କ ଘର କବାଟ, ଝରକା ବନ୍ଦ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗତ ୩୧ ତାରିଖ ସନ୍ଧ୍ୟାରେ ଗ୍ୟାସ ଗନ୍ଧ ହୋଇଥିଲା। ତେବେ ରାତି ୧୧ଟା ଠାରୁ ରାତି ୨ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମୟରେ ଏହି ଗ୍ୟାସ୍‌ର ତୀବ୍ରତା ବଢ଼ିଯାଇ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥଲା। ଗତ ଜୁଲାଇ ୧୫ ତାରିଖ ସକାଳ ୯ଟାଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ମଧ୍ୟ ଏପରି ଗ୍ୟାସ୍ ଲିକ୍ ହୋଇଥିଲା। ବିଶୋଧନାଗାର ଜନ ସମ୍ପର୍କ ଅଧିକାରୀଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିବାରୁ ସେ ଗ୍ୟାସ୍ ଲିକ୍ କଥା ମାନିଥିଲେ ଓ ଇଞ୍ଜିନିୟରମାନେ ଏହାର ତଦନ୍ତ କରୁଥିବା କହିଥିଲେ। ପାରାଦୀପ ଏଡିଏମ୍‌ଓ ଓ ଅନ୍ୟ ସରକାରୀ ଅଧିକାରୀମାନେ ମଧ୍ୟ ବଶୋଧନାଗାରକୁ ଗ୍ୟାସ୍ ଲିକ୍ ସମ୍ପର୍କରେ ଜଣାଇଥିଲେ। ତେବେ ବିଶୋଧନାଗାର କର୍ତ୍ତୃପକ୍ଷ ଏହାର କି ପ୍ରକାର ତଦନ୍ତ କରୁଛନ୍ତି ଓ କି ପଦକ୍ଷେପ ନେଉଛନ୍ତି ତାହା ଏଯାବତ୍ ରହସ୍ୟାବୃତ ହୋଇ ରହିଛି। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶର ଭୋପାଳରେ ଯେଉଁ ଗ୍ୟାସ୍ ଦୁର୍ଘଟଣା ଘଟିଥିଲା, ସେପରି ବିଷାକ୍ତ ଗ୍ୟାସ ଏବେ ପାରାଦୀପରେ ଥିବା ବିଭିନ୍ନ ଶିଳ୍ପ କାରଖାନାରେ ଶହେ ଗୁଣା ମହଜୁଦ ଅଛି। କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ପାରାଦୀପକୁ ରାଜ୍ୟର ପ୍ରଗତିର ମୁଖଶାଳା କହୁଥିବାବେଳେ ପାରାଦୀପ-କୁଜଙ୍ଗର ଲକ୍ଷାଧିକ ଗ୍ରାମବାସୀ ଏବେ ଶିଳ୍ପ ପ୍ରଦୂଷଣରେ ନୟାନ୍ତ ହୋଇପଡ଼ିଲେଣି। ଶିଳ୍ପ ବର୍ଜ୍ୟବସ୍ତୁ ମାଟିରେ ମିଶି ଏବେ ବହୁ ଫସଲି ଚାଷଜମିକୁ ବନ୍ଧ୍ୟା କରିସାରିଲାଣି। ନଦୀ ଜଳ ମଧ୍ୟ ଦୂଷିତ ହୋଇ ମତ୍ସ୍ୟଶିଳ୍ପ ପ୍ରଭାବିତ ହେଉଛି। ଗତ ୩ ବର୍ଷରେ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇଛି ଓ ଶିଳ୍ପାଞ୍ଚଳର ମତ୍ସ୍ୟଜୀବୀମାନେ ଜୀବିକା ହରାଇଲେଣି। ବାୟୁ ପ୍ରଦୂଷିତ ହେଉଥିବାରୁ ପାରାଦୀପର ପ୍ରାୟ ୫୦ ଗାଁରୁ ସବୁଜିମା ଧ୍ୱଂସ ହେବାକୁ ବସିଲାଣି। ପାନପତ୍ର ପୋଡ଼ିଯାଉଛି। ନଡ଼ିଆଗଛ ଓ ଅନ୍ୟାନ୍ୟ ଫଳନ୍ତି ଗଛରେ ଫଳ ହେଉନି। ପୂର୍ବରୁ ୩ ଥର କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଏହାର ତଦନ୍ତ କରିଥିଲେ ମଧ୍ୟ ପୂର୍ବବତ୍ ଅଞ୍ଚଳ ପ୍ରଦୂଷିତ ହେଉଛି। ଗ୍ୟାସ୍ ଲିକ୍ ରୋକାଯାଇ ପାରୁନି। ଏ ପରିସ୍ଥିତି ବଳବତ୍ତର ରହିଲେ ଶିଳ୍ପ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ଭୁତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ବିଶ୍ୱାଳି ସରପଞ୍ଚ ସୁପ୍ରଭା ସାହୁ ଓ ଡିଙ୍କିଆ ସରପଞ୍ଚ ସଲୀଳା ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ମୂର୍ତ୍ତି ପାଇଁ ମାଟି ଅନୁକୂଳ

ଏରସମା, ୨।୯(ସ୍ୱ.ପ୍ର.): ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ଠାରେ ଅନୁଷ୍ଠିତ ହେଉଥିବା ଦୁର୍ଗାପୂଜା ପାଇଁ ରବିବାର ଚଟୁଆର ପୁରାତନ ଛାତ୍ର ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମୁରଲୀଧର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ସଭାପତି ମନୋଜ କୁମାର ମହାନ୍ତି, ସମ୍ପାଦକ ଅଂଶୁମାନ ମିଶ୍ର, ପଦ୍ମଲୋଚନ ଦାସ, ଜଗବନ୍ଧୁ ପାଳ,ବିଶ୍ୱ ରଞ୍ଜନ ଦାସ, ନିରଞ୍ଜନ ଶତପଥୀ, ନୃସିଂହ ପ୍ରଧାନ ଓ କଳ୍ପତରୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପରେ ମଧାହ୍ନରେ ମୃଣ୍ମୟ ମୂର୍ତ୍ତି ପାଇଁ ଭୂମି ପୂଜା କାରାଯାଇ ମାଟି ଅଣାଯାଇଛି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାହାମା,୨।୯(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ଗରେଇ ଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ବେଉରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସୁରେନ୍ଦ୍ରନାଥ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରଞ୍ଜନ ନାୟକ ମୁଖ୍ୟଅତିଥି, ଶିକ୍ଷକନେତା ଗୋପବନ୍ଧୁ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ବେଉରାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଗରେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗରେଇ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେଶ ଚନ୍ଦ୍ର ମଲିକ, ଶିକ୍ଷନେତା ରୁଦ୍ର ନାରାୟଣ ନନ୍ଦ, ରମେଶ କୁମାର ସାହୁ, ଅକ୍ଷୟ କୁମାର ନାୟକ, ମୀନା ମହାନ୍ତି, ହୃଦୟ ରଞ୍ଜନ ନାୟକ, ସୁଲୋଚନ ସ୍ୱାଇଁ, ଶରତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସଞ୍ଜୟ କୁମାର ଦାସ ଅତିଥି ପରିଚୟ ଓ କବିତା କୁମାରୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ।

### ଯୁବ ବ୍ୟବସାୟୀଙ୍କ ବିୟୋଗରେ ଶୋକ

ରାହାମା,୨।୯(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ରାହାମା ଅଞ୍ଚଳର ବିଶିଷ୍ଟ ଯୁବ ବ୍ୟବସାୟୀ ଅଜିତ କୁମାର ସେନାପତି (୩୮)ଙ୍କ ଜକୃତ ଜନିତ ରୋଗରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ଘଟିଛି। ରାହାମା ହାଟ ବଜାର ଓ ପାରାଦୀପଠାରେ ସେନାପତି ଜୁଏଲର୍ସ, ସେନାପତି ଇଲେକ୍ଟ୍ରୋନିକ୍ସ ନାମରେ ତାଙ୍କର ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ରାହାମା ଭାଗବତ ପ୍ରଚାର ସମିତି, ଦୁର୍ଗା ପୂଜା, ରଥଯାତ୍ରା କମିଟିର ସେ ସଭ୍ୟ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇବା ସହ ବଜାର ବନ୍ଦ ରଖାଯାଇଥିଲା। ବଜାର କମିଟି ସଭାପତି ଜଟାଧାରୀ ଦାସ, ସମ୍ପାଦକ ସୁନାକର ବେହେରା, ସାଇଲୋ ସେବା ସମବାୟ ସମିତି ସଭାପତି ଭିକାରୀ ଚରଣ ସେନାପତି, ଚିନ୍ମୟ ଦାସ, ପ୍ରମୋଦ ବେହେରା, ଶିଶିର କୁମାର ଦାସ, ସାଇଲୋ ସରପଞ୍ଚ ରୋଜାଲିନ୍ ମହାପାତ୍ର, ତାଳପଡ଼ା ସରପଞ୍ଚ ମମତା ସାହୁ, ଜିଲାପରିଷଦ ସଭ୍ୟା ମାନିନୀ ବେହେରା, ରାହାମା ପ୍ରେସ୍ କ୍ଲବ୍‌ର ସମସ୍ତ ସଦସ୍ୟ ଶୋକବ୍ୟକ୍ତ କରିଛନ୍ତି।

### ରତ୍ନମାଳି ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି

ରାହାମା,୨।୯(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ଗରେଇ ପଞ୍ଚାୟତ ଲଥାଙ୍ଗ ଗ୍ରାମର ସଂସ୍କୃତ ବିଦ୍ୱାନ ଦିବଂଗତ ସୁଦର୍ଶନ ଆଚାର୍ଯ୍ୟଙ୍କ ସ୍ତ୍ରୀ ରତ୍ନମାଳୀ ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ତାଙ୍କ ପୁତ୍ର ଜଗତ୍‌ସିଂହପୁର ସାରସ୍ୱତ ପରିଷଦ ସଭାପତି ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଅଧକ୍ଷ ଭାଗ୍ୟଧର ରାଉତ, ଅଧାପକ ସୁବାସ ଦ୍ୱିବେଦୀ, ଓଷ୍ଟାର ପ୍ରାକ୍ତନ ଜିଲା ସମ୍ପାଦକ ନିକୁ କିଶୋର ବେହେରା, ମାଧବେନ୍ଦ୍ର ଗୋଛାୟତ, ଅଧାପିକା ବିଷ୍ଣୁପ୍ରିୟା ଦାସ, ଶିକ୍ଷାବିତ୍ ହୃଷିକେଶ ଆଚାର୍ଯ୍ୟ, ସାରଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ, ସାରସ୍ୱତ ସାଧକ ଜେନାମଣି ବିନୋଦ ରାୟ, ଶିକ୍ଷକନେତା ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସୁଧାଂଶୁ ଶେଖର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ଚର୍ଚ୍ଚିକାଈ ବିଦ୍ୟାପୀଠ ରାମଚନ୍ଦ୍ରପୁର
## ବାଡ଼ ନ ଥିବା ଶିଡ଼ିରେ ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି ପିଲା



ଛାତ୍ରୀଛାତ୍ର ବିପଦପୂର୍ଣ୍ଣ ଭାବେ ଶିଡିରୁ ଓହ୍ଲାଉଛନ୍ତି।

ରଘୁନାଥପୁର, ୨।୯( ଡି.ଏନ.ଏ.)

ସର୍ବଶିକ୍ଷା ଅଭିଯାନ ଜରିଆରେ ସରକାରଙ୍କ ପକ୍ଷରୁ ବିଭିନ୍ନ ସରକାରୀ ସ୍କୁଲକୁ ଶ୍ରେଣୀ ଗୃହ ପାଇଁ ଅନୁଦାନ ଯୋଗାଇ ଦିଆଯାଉଛି। ନିର୍ମାଣ ସମୟରେ ଭାଗମାପର ଗୁଣାବତ୍ତା ପ୍ରତି ଦୃଷ୍ଟି ଦିଆଯାଇନାହିଁ। ମାତ୍ର ୬ ବର୍ଷ ତଳେ ନିର୍ମିତ ହୋଇଥିବା ଏକ ଶ୍ରେଣୀ ଗୃହର ଶିଡି ବାଡା ୨ ବର୍ଷ ହେବ ଭାଙ୍ଗିଯାଇଛି। ପିଲାଙ୍କ ପାଇଁ ଏହା ବିପଦ ସାବ୍ୟସ୍ତ ହୋଇଛି। ଫଳରେ ବାଡା ନ ଥିବା ଶିଡିରେ ବିପଦପୂର୍ଣ୍ଣ ଭାବେ ଛାତ୍ରୀଛାତ୍ର ଶ୍ରେଣୀ ଗୃହକୁ ପ୍ରବେଶ କରୁଛନ୍ତି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ତଅଁରା ରାମଚନ୍ଦ୍ରପୁରସ୍ଥିତ ଚର୍ଚ୍ଚିକାଇ ବିଦ୍ୟାପୀଠ କ୍ଷେତ୍ରରେ। ଏହି ବିଦ୍ୟାଳୟ ପରିସରରେ ଥିବା ଜୟପ୍ରକାଶ ଶିକ୍ଷା ନିକେତନ ହାଇସ୍କୁଲ ୪ ବଖରା ଶ୍ରେଣୀଗୃହ ଅନସେଫ ଘୋଷିତ ହେବା ଫଳରେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଚର୍ଚ୍ଚିକାୟୀ ବିଦ୍ୟାପୀଠ ଶ୍ରେଣୀ ଗୃହରେ ପାଠ ପଢିଆନ୍ତି। ଉପର ମହଲା ଶ୍ରେଣୀ ଗୃହକୁ ଯିବା ପାଇଁ ନିର୍ମାଣ କରାଯାଇଥିବା ଶିଡି ବାଡାର କାର୍ଯ୍ୟ ନିମ୍ନମାନର ହୋଇଥିବା ଯୋଗୁ ଦୁଇପାଖରେ ବାଡା ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ତଳେ ଗଳି ପଡିଛି। ପିଲାମାନେ ତଳୁ ଶିଡିରେ ଉଠିଯିବା ସମୟରେ ସାମାନ୍ୟ ଅସାବଧନତା ଅବଲମ୍ବନ କଲେ ତଳକୁ ଗଳି ପଡି ଆହତ ହେବା ଯଥେଷ୍ଟ ସମ୍ଭାବନା ରହିଛି। ଏହାଛଡା ମୁକ୍ତ ଆକାଶ ତଳେ ସମ୍ପୂର୍ଣ୍ଣ ଭାବେ ଶିଡି ରହିଥିବାରୁ ବର୍ଷାଦିନେ ଶିଉଳି ଜମି ଆକସ୍ମିକ ଭାବେ ଗୋଡ ଖସିଗଲେ, ସୁରକ୍ଷା ଦେବାକୁ ଶିଡି ବାଡା ଅତ୍ୟନ୍ତ ଜରୁରୀ ବୋଲି ବହୁ ଅଭିଭାବକ ମତପ୍ରକାଶ କରିଛନ୍ତି। ସେହିପରି ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ବିଦ୍ୟାଳୟରେ ପାଠ ପଢୁଥିବାବେଳେ ଶ୍ରେଣୀ ଗୃହ ନିର୍ମାଣ ହେଉଥିବା ସମୟରେ ତତ୍‌କାଳୀନ ପରିଚାଳନା କମିଟି ଯଦି କାର୍ଯ୍ୟ ତଦାରଖ କରିଥାନ୍ତେ ତାହା ହେଲେ ଏପରି ବ୍ୟତିକ୍ରମ ହୋଇ ନ ଥାନ୍ତା ବୋଲି ଅନେକ ବ୍ୟକ୍ତି ମନ୍ତବ୍ୟ ରଖିଛନ୍ତି। ବ୍ଲକଗ୍ରାଣ୍ଟ ସ୍କୁଲ ଭାବେ ଗତ ଏକବର୍ଷ ତଳୁ ଜୟପ୍ରକାଶ ଶିକ୍ଷାନିକେତନ ପାଇଁ ସରକାର ୧୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ହେଲେ ଅଦ୍ୟାବଧି ଶ୍ରେଣୀଗୃହ କାର୍ଯ୍ୟ ଆରମ୍ଭ ନ ହୋଇ ପାରି ରାଜନୀତିର ପଶାପାଲିରେ ଛନ୍ଦି ହୋଇପଡିଛି। ଭାଙ୍ଗି ଯାଇଥିବା ଶିଡି ବାଡା ସମ୍ପର୍କରେ ଏବିଓ ନରହରୀ ମିଶ୍ରଙ୍କ ପାଖରେ ଖବର ନ ଥିବା ସେ କହିଛନ୍ତି। ପରିଚାଳନା କମିଟିର ସଭ୍ୟାସଭ୍ୟ ଡିପିସି କିମ୍ବା ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଜଣାଇଲେ ଏହାର ସୁବ୍ୟବସ୍ଥା ହୋଇପାରିବ ବୋଲି କହିଛନ୍ତି।

## ନାଉଗାଁ ଉତ୍ସବ ପ୍ରସ୍ତୁତି ବୈଠକ

ନାଉଗାଁ, ୨।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ତିହୁଡାସ୍ଥିତ ମା'ଜାଗୁଲାଇ ମନ୍ଦିର ପରିସରରେ ରବିବାର ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ନାଉଗାଁ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆଗାମୀ ବୋଇତ ବନ୍ଦାଣ ଉତ୍ସବକୁ ନାଉଗାଁ ଉତ୍ସବରେ ରୂପାନ୍ତରିତ କରିବା ପାଇଁ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ବାବା ସତ୍ୟାନନ୍ଦ ଦାସ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପାରାଦୀପ ପୋର୍ଟ ଟ୍ରଷ୍ଟି ପ୍ରତାପ ମିଶ୍ର, ସାଂସ୍କୃତିକ ସମ୍ପାଦକ ସୁକାନ୍ତ କୁମାର ଲେଙ୍କା, ରବୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୨୦ ତାରିଖରେ ଗୋଠାଦା ମଠାଧୀଶ ଚିନ୍ତାମଣୀ ପର୍ବତ ଗୋସ୍ୱାମୀଙ୍କ ୭୨ ତମ ଜନ୍ମୋତ୍ସବକୁ ଜାଗୁଲାଇ ମନ୍ଦିରରେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ମହୋତ୍ସବ ସଂଯୋଜନା ଦାୟିତ୍ୱ ନିରଞ୍ଜନ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ବୈଠକର ଲକ୍ଷ୍ୟ ଓ ଆଭିମୁଖ୍ୟ ବିଷୟରେ ଅଧ୍ୟାପକ ସରୋଜ କୁମାର ନାୟକ ପ୍ରକାଶ କରିଥିଲେ। ଶେଷରେ ଜ୍ୟୋତି ପ୍ରକାଶ ଲେଙ୍କା ଧନ୍ୟବାଦ ଦେଇଥିଲେ। ବୈଠକରେ କ୍ଷେତ୍ର ମୋହନ ମହାନ୍ତି, ଜୟକୃଷ୍ଣ ଲେଙ୍କା, ଅଧିକାରୀ ଲେଙ୍କା, ଦୁର୍ଯ୍ୟୋଧନ ଜେନା, ଚୌଧୁରୀ ବିନେଶ ଦାସ, ରମେଶ ଚନ୍ଦ୍ର ଦାସ, ଅନାଦି ଚରଣ ବାରିକ, ବୈଷ୍ଣବ ଦାସ, ମୃତ୍ୟୁଞ୍ଜୟ ନାୟକ ଓ ପ୍ରସନ୍ନ ଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ





ପାରାଦୀପ ନୂଆଗଡ଼ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ଓ ନାଉଗାଁରେ ଜନ୍ମାଷ୍ଟମୀ ଅବସରରେ ରାଧାକୃଷ୍ଣ ବେଶ ହୋଇଥିବା ଛାତ୍ରୀଛାତ୍ର।

ପାରାଦୀପ,୨।୯(ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠ ନୂଆଗଡ଼ରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଜନ୍ମାଷ୍ଟମୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ରାଧାକୃଷ୍ଣ ବେଶ ବେଶ୍ ଆକର୍ଷଣୀୟ ହୋଇଥିଲା। ଅତିଥି ଭାବେ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ କୃଷ୍ଣ ଜନ୍ମ ରହସ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଆଚାର୍ଯ୍ୟ ବାବୁରାମ ବାରିକ ହରିବଂଶ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ପ୍ରସନ୍ନଜିତ୍ ସାହୁ, ତୃପ୍ତୀମୟୀ ପ୍ରଧାନ, ଭାଗ୍ୟଲକ୍ଷ୍ମୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ନାଉଗାଁ,(ସ୍ୱ.ପ୍ର.)

ନାଉଗାଁ ବ୍ଲକର ବିଭିନ୍ନ ଦେବାଳୟରେ ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ତିହୁଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ପିଲାମାନେ ରାଧା କୃଷ୍ଣ ବେଶରେ ସୁସଜ୍ଜିତ ହୋଇ ଜାଗୁଲାଇ ମନ୍ଦିର ପରିସରକୁ ଆସିଥିଲେ। ମନ୍ଦିର ପରିସରରେ ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ଏକ ଆଧ୍ୟାତ୍ମିକ ସଭା ଆୟୋଜନ କରାଯାଇଥିଲା। ସଭାରେ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଲୀଳା ସମ୍ପର୍କରେ ବାବା ପିଲାମାନଙ୍କୁ ଅବଗତ କରାଇଥିଲେ।

ବିରିଡ଼ି,(ଡି.ଏନ୍.ଏ.)/ବାଲିଆ

ବିରିଡ଼ି ବ୍ଲକର ପ୍ରତ୍ୟେକ ଗ୍ରାମରେ ଥିବା ଭାଗବତ ଘର ଓ ଗୋପୀନାଥ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ରବିବାର ପାଳିତ ହୋଇଛି। ଅଧିକାଂଶ ଠାକୁର ଘରେ ଅତିବଡି ଜଗନ୍ନାଥ ଦାସଙ୍କ ଗୋପଲୀଳା, କୃଷ୍ଣ ଜନ୍ମ ପାଠ କରାଯାଇଥିଲା। ଗୋପୀନାଥପୁରସ୍ଥିତ ଝୁଲା ଗୋପୀନାଥ ମନ୍ଦିରରେ ମା'ମାନେ ଝୁଲା ଗୋପୀନାଥଙ୍କୁ ପୂଜାର୍ଚ୍ଚନା କରିଥିଲେ। ଓଡିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସ ଉପସ୍ଥିତ ରହି ଆଜି ଦିନରେ ଉପବାସ ରହିବା ଦ୍ୱାରା ଶରୀରରେ କ୍ରିୟା ଶକ୍ତି ବୃଦ୍ଧି ପାଇବା ସହ ଇଶ୍ୱରଙ୍କ ପ୍ରତି ନିଷ୍ଠା ଆସିଥାଏ ବୋଲି କହିଥିଲେ। ସମସ୍ତଙ୍କୁ ଏକ ଭାବଧାରାରେ ବାନ୍ଧି ରଖି ଇଶ୍ୱର ଅଭିମୁଖି କରିବା ଦିଗରେ ପ୍ରଭୁଙ୍କ ଜନ୍ମୋତ୍ସବ ପାଳନ କରିବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ହାଜିପୁରସ୍ଥିତ ଧାନକୁଦ ପୀଠାଧିସ ବାବା ଅରକ୍ଷିତ ଦାସ ମହାରାଜ ଉପରୋକ୍ତ ମତ ପ୍ରଦାନ କରିଥିଲେ।।



ବିରିଡ଼ି ଗୋପୀନାଥ ମନ୍ଦିରରେ ଜନ୍ମାଷ୍ଟମୀ।

# ଭାଜପାର ଉତ୍‌ଥାନ: ଚିନ୍ତାରେ ବିଜେଡି, କଂଗ୍ରେସ

**ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ**
■ ବିଷ୍ଣୁ-ରାଜଶ୍ରୀ ବିବାଦରୁ ବିଜେଡିରେ ଗୋଷ୍ଠୀ କନ୍ଦଳ
■ କମିଟାଲିଛି କଂଗ୍ରେସର ଭୋଟ୍ ହାର
■ ପଞ୍ଚାୟତ ନିର୍ବାଚନରୁ ସ୍ଥିତି ସଜାଡୁଛି ଭାଜପା

ଜଗତ୍‌ସିଂହପୁର ଅଫିସ, ୨।୯

ଦିନ ଥିଲା ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସର ଦୁର୍ଗ ଥିଲା। ୧୯୮୦, ୧୯୮୫, ୧୯୯୦, ୧୯୯୫ ସାଧାରଣ ନିର୍ବାଚନରେ କଂଗ୍ରେସ ସପକ୍ଷରେ କ୍ରମାଗତ ଜନମତ ଯାଇଥିଲା। ୨୦୦୦ରେ କିନ୍ତୁ ବିଜେଡି ଦଖଲକୁ ଏହି ଆଶନଟି ଆସିଥିଲା। ୨୦୦୪ରେ ପୁଣି କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିଲେ। ୨୦୦୯ ଓ ୨୦୧୪ରେ ପୁଣି ବିଜେଡି ସପକ୍ଷରେ ଜନମତ ଯାଇଛି। ବର୍ତ୍ତମାନର ସ୍ଥିତି ଦେଖିଲେ ଜଣାଯାଏ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିର ଦବ୍‌ଦବା ରହିଛି। ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ୫୫.୨% ଭୋଟ ଯାଇଥିବାରୁ ଏଭଳି ଆକଳନ କରାଯାଉଛି। କିନ୍ତୁ ଗତବର୍ଷ ଫେବୃୟାରୀରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଅଚାନକ ରଘୁନାଥପୁର ଜିଲା ପରିଷଦ ଜୋନ ସଂଖ୍ୟା ୧ରେ ଭାଜପା ପ୍ରାର୍ଥୀ ବିଜୟୀ ହେବା ଫଳରେ ଆଗାମୀ ନିର୍ବାଚନରେ କଣ ହେବ ତାହା କହିବା ସହଜ ନୁହେଁ। କାରଣ ଭାଜପା ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦୁର୍ବଳ ଥିବା ସତ୍ତ୍ୱେ ଗୋଟିଏ ଜିଲା ପରିଷଦ ଜୋନରେ କଡା ମୁକାବିଲା କରିବା ଏବଂ ଆଉ ଗୋଟିଏରେ ବିଜୟୀ ହେବା ରାଜନୈତିକ ସମୀକରଣକୁ ଓଲଟପାଲଟ କରିଦେଉଛି।

୨୦୧୪ ସାଧାରଣ ନିର୍ବାଚନରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ରାଜକିଶୋର ବେହେରାଙ୍କୁ ୩୫,୪୪୮ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ମଲ୍ଲିକ ୮୮,୯୫୩ (୫୫.୨%) ଓ ବେହେରାଙ୍କ ସପକ୍ଷରେ ୫୩,୫୦୫ (୩୩.୨୧%) ଭୋଟ ଯାଇଥିଲା। ଭାଜପା ପ୍ରାର୍ଥୀ ରମାକାନ୍ତ ଭୋଇ ୧୪,୫୧୬ (୯.୦୧%) ଭୋଟ ପାଇଥିଲେ। ଏହାବାଦ୍ ସୁକାନ୍ତ କୁମାର ଭୋଇ ଓ ଅନ୍ୟମାନେ ବ୍ୟକ୍ତିଗତ ଭାବେ ୧% ହିସାବରେ ଭୋଟ ମଧ ପାଇବାକୁ ସମର୍ଥ ହୋଇ ନ ଥିଲେ। ୨୦୦୯ ତୁଳନାରେ ବିଜେଡି ସପକ୍ଷରେ ୪.୫୬% ଅଧିକ ଭୋଟ ଯାଇଥିବାବେଳେ କଂଗ୍ରେସର ୧.୧୨% କମିଥିଲା। ଭାଜପା ଭୋଟ ୫.୭୯% ବଢିଥିଲା। କାରଣ ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ରାଜକିଶୋର ବେହେରାଙ୍କଠାରୁ ବିଜେଡିର ରବୀନ୍ଦ୍ର ନାଥ ଭୋଇ ୩୪,୧୮୨ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ବେହେରାଙ୍କୁ ୪୮,୧୦୦ (୩୪.୩୩%) ଓ ଭୋଇଙ୍କୁ ୮୨,୨୮୨ (୫୦.୬୪%) ଭୋଟ ମିଳିଥିଲା। ଏହି ନିର୍ବାଚନରେ ବିଜେଡି ସପକ୍ଷରେ ତା'ପୂର୍ବ ନିର୍ବାଚନ ତୁଳନାରେ ୫.୦୭% ଅଧିକ ଓ କଂଗ୍ରେସକୁ ୧୬.୧୭% କମ୍ ଭୋଟ ମିଳିଥିଲା। ଭାଜପା ପ୍ରାର୍ଥୀ ଲଟମଣି ଦାସଙ୍କୁ ମାତ୍ର ୪,୫୧୪ (୩.୨୨%) ଭୋଟ ମିଳିଥିଲା। ଏହି ୨ଟି ନିର୍ବାଚନ ଫଳାଫଳକୁ ତର୍ଜମା କଲେ ଜଣାଯାଏ ବିଜେଡି ଓ ଭାଜପା ଭୋଟ ହାର ବଢି ଚାଲିଥିବା ବେଳେ କଂଗ୍ରେସର କମୁଛି। ଏଠାରେ ଆଗାମୀ ନିର୍ବାଚନକୁ ନେଇ ସମୀକରଣ କରିବାକୁ ହେଲେ କଂଗ୍ରେସର ଦୁର୍ବଳ ନେତୃତ୍ୱ ଯୋଗୁ ଭାଜପାର ଉତ୍‌ଥାନ ହେଉଥିବା ବାରି ହେଉଛି। ବିଜେଡିର ଭୋଟ ହାର ବଢ଼ିଥିଲେ ସୁଦ୍ଧା ଆଗାମୀ ନିର୍ବାଚନରେ କ'ଣ ହେବ ତାହା ସ୍ପଷ୍ଟ କରିବା ସମ୍ଭବ ନୁହେଁ। କାରଣ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀର ୮ ଜିଲା ପରିଷଦ ଜୋନ ମଧ୍ୟରୁ ୭ଟି ବିଜେଡି ସପକ୍ଷରେ ଯାଇଥିବାବେଳେ ୧ଟିରେ ଭାଜପା ପ୍ରାର୍ଥୀ ଜିତିଥିଲେ। କଂଗ୍ରେସ ଖାତା ଖୋଲି ପାରି ନ ଥିଲା। ବିଜେଡି ହାତେଇଥିବା ଜିଲା ପରିଷଦ ଜୋନଗୁଡିକ ହେଲା ତିର୍ତ୍ତୋଲ-୧, ତିର୍ତ୍ତୋଲ-୨, ତିର୍ତ୍ତୋଲ-୩, ତିର୍ତ୍ତୋଲ-୪, ରଘୁନାଥପୁର-୨ ଓ ବିରିଡି-୧। ରଘୁନାଥପୁର-୧ ଜିଲା ପରିଷଦ ଜୋନରେ ଭାଜପା ପ୍ରାର୍ଥୀ ଅଶୋକ କୁମାର ମହାରଣା ୧,୬୫୬ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ରଘୁନାଥପୁର-୨ରେ କିନ୍ତୁ ବିଜେଡିକୁ ଭାଜପା କଡ଼ା ଟକ୍କର ଦେଇଥିଲା। ବିଜେଡି ପ୍ରାର୍ଥୀ ଡେଜାଲିନ ମହାପାତ୍ରଙ୍କୁ ୧୨,୦୮୪ ଓ ଭାଜପାର ମାନସ କୁମାର ମହାପାତ୍ରଙ୍କୁ ୧୨,୦୧୨ ଭୋଟ ମିଳିଥିଲା। ଡେଜାଲିନ୍ ମାତ୍ର ୭୨ ଭୋଟ ବ୍ୟବଧାନରେ ଜିତିଥିଲେ। କିନ୍ତୁ ଭାଜପା ପ୍ରାର୍ଥୀମାନେ ତିର୍ତ୍ତୋଲ-୧ରେ ୪ର୍ଥ, ତିର୍ତ୍ତୋଲ-୨ରେ ୨ୟ, ତିର୍ତ୍ତୋଲ-୩ରେ ୨ୟ, ତିର୍ତ୍ତୋଲ-୪ରେ ୩ୟ ସ୍ଥାନରେ ଥିଲେ। ଏହି ୫ ବର୍ଷ ଭିତରେ କଂଗ୍ରେସର ସାଙ୍ଗଠନିକ ସ୍ଥିତି ଦୁର୍ବଳ ହୋଇଥିବାବେଳେ ଭାଜପା ଦୃଢ ହୋଇଛି। ବିଜେଡିରେ ଗୋଷ୍ଠୀ କନ୍ଦଳ ବଢିଛି। ବିଧାୟିକା ମଲ୍ଲିକଙ୍କ ବିରୋଧରେ ବିଜେଡିର ଆଉ ଏକ ଗୋଷ୍ଠୀ ମୁଣ୍ଡ ଟେକିଛନ୍ତି। ଏହି ଅସନ୍ତୁଷ୍ଟ ବିଜେଡି ଗୋଷ୍ଠୀର ଉପେନ୍ଦ୍ରନାଥ ମହାନ୍ତି ଗତ ପଞ୍ଚାୟତ ନିର୍ବାଚନରେ ତିର୍ତ୍ତୋଲ-୧ ଜୋନରେ ସ୍ୱାଧୀନ ପ୍ରାର୍ଥୀ ହୋଇ ୫,୮୭୨ ଭୋଟ ପାଇଥିଲେ। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବିଜେଡି ଜିଲା ସଭାପତି ବିଷ୍ଣୁ ଚରଣ ଦାସଙ୍କୁ ଏହି ଗୋଷ୍ଠୀ ସମର୍ଥନ କରୁଛନ୍ତି। ଦାସ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନିଜ ହାତରେ ରଖିବାକୁ ଚାଲ ଚଳାଇଥିବା କୁହାଯାଉଛି। ତେଣୁ ମଲ୍ଲିକ ଓ ଦାସଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ନେଇଛି। ତେଣୁ ଆସନ୍ତା ନିର୍ବାଚନରେ ବିଧାୟିକା ମଲ୍ଲିକଙ୍କୁ ପ୍ରାର୍ଥୀ କରାଗଲେ ଦାସଙ୍କ ଗୋଷ୍ଠୀ ସମର୍ଥନ ନ କରିବା ପରିସ୍ଥିତି ସୃଷ୍ଟି ହୋଇଛି। ମୋଟାମୋଟି କହିବାକୁ ଗଲେ ଭାଜପାର ଉତ୍‌ଥାନ ଉଭୟ ବିଜେଡି ଓ କଂଗ୍ରେସ ପାଇଁ ଚିନ୍ତାର କାରଣ ହୋଇଛି। ଏସବୁ ଭିତରେ ଦେଖିବାର ଅଛି ଆଗକୁ କେଉଁ ପାଣି କୁଆଡେ ଯାଉଛି।

## ସରକାରୀ ଜାଗାରୁ ଗଛ କାଟିନେଲେ

ନାଉଗାଁ,୨।୯(ସ୍ୱ.ପ୍ର.): ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଓ ପୁରୀ ଜିଲା କାକଟପୁର ବ୍ଲକର ସୀମାବର୍ତ୍ତୀ ଅଞ୍ଚଳ ଡାହାଣୀଖିଆ ଗ୍ରାମ ନିକଟ ଦେବୀନଦୀ ପଠାର ଜଳସେଚନ ବିଭାଗ ଜମିରୁ ଦୁର୍ବୃତ୍ତମାନେ ଏକ ବିରାଟ ଗଛ କାଟି ନେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମର ସାମାଜିକ କର୍ମୀ ବାବାଜୀ ମହାନ୍ତି କାକଟପୁର ରାଜସ୍ୱ ନିରୀକ୍ଷକଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗତ ୨୯ ଅଗଷ୍ଟ ୨୦୧୮ରେ କିଛି ଯୁବକ ଦେବୀ ନଦୀ ପଠାରେ ଥିବା ଏକ ବିରାଟ ଚାକୁଣ୍ଡା ଗଛର ଡାଳ କାଟି ନେଇଥିଲେ। ଉକ୍ତ ଗଛ କଟାକୁ ସ୍ଥାନୀୟ ଲୋକ ବିରୋଧ କରିଥିଲେ ମଧ ସେମାନେ ଶୁଣି ନ ଥିଲେ। ଗଛ କାଟିବା ପରେ ଶନିବାର ସକାଳୁ ଏହି ଗଛର ମୂଳକୁ କଟର ମେଶିନ ସାହାଯ୍ୟରେ କାଟିନେଇଛନ୍ତି। ଏହି ଅଞ୍ଚଳ ୨ ଜିଲାର ସୀମାନ୍ତ ଅଞ୍ଚଳ ହୋଇଥିବାରୁ କାଠ ମାଫିଆମାନେ ମନଇଚ୍ଛା ସରକାରୀ ସ୍ଥାନରୁ ଗଛ କାଟିବାକୁ ସକ୍ଷମ ହେଉଛନ୍ତି। ବାରମ୍ବାର ଗଛ କଟାଯାଉଥିଲେ ମଧ୍ୟ ରାଜସ୍ୱ ବିଭାଗ, ବନ ବିଭାଗ କିମ୍ବା ଜଳ ସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ନାଉଗାଁ ବନ ବିଭାଗ କର୍ମଚାରୀ ସୁଶାନ୍ତ ମିଶ୍ରଙ୍କୁ ପଚାରିବାରେ ଏହା ରାଜସ୍ୱ ବିଭାଗ କାର୍ଯ୍ୟ ବୋଲି କହିଥିଲେ। ତହସିଲଦାର ନେତ୍ରାନନ୍ଦ ବେହେରାଙ୍କ ପ୍ରତିକ୍ରିୟା ମିଳିନାହିଁ।



ଜମ୍ମୁ-କଶ୍ମୀର ଶୋପିଆନ୍‌ରେ ମିଳିତ ସୁରକ୍ଷାବଳଙ୍କ ହାତରୁ ୩ ହିଜ୍‌ବୁଲ୍ ଆତଙ୍କବାଦୀ ଖସି ଚାଲିଯାଇଛନ୍ତି। ସ୍ଥାନୀୟ ଲଞ୍ଜୀ ଇମାମସାହେବ ଗାଁରେ କିଛି ହିଜ୍‌ବୁଲ୍ ମୁଜାହିଦ୍ଦିନ୍ ଆତଙ୍କବାଦୀ ଲୁଚିଥିବା ଖବର ପାଇ ସେନା ପକ୍ଷରୁ ଘେରାବନ୍ଦୀ ଆରମ୍ଭ ହୋଇଥିଲା। ସେମାନଙ୍କ ମଧ୍ୟରେ ଜଣେ ଟପ୍ କମାଣ୍ଡର ଥିବାର ସୂଚନା ସୁରକ୍ଷାବଳଙ୍କୁ ମିଳିଥିଲା। ତେବେ ଅତି ଚାଲାକି କରି ସେମାନେ ଖସି ପଳାଇଥିବା ଭାରତୀୟ ସୁରକ୍ଷା ମୁଖପାତ୍ର ସୂଚିତ କରିଛନ୍ତି।

## ସଂକ୍ଷେପରେ

### ସମୁଦ୍ରରେ ବୁଡ଼ି ୨ଛାତ୍ର ମୃତ

**ପୁରୀ ଅଫିସ, ୨।୯:** ପୁରୀ ସମୁଦ୍ରରେ ବୁଡ଼ି ଦୁଇଜଣ ଛାତ୍ରଙ୍କ ରବିବାର ମୃତ୍ୟୁ ହୋଇଛି। ସେମାନେ ହେଲେ ଜାମସେଦପୁରର ରଜତ ପାଣ୍ଡେ(୨୩) ଓ ଦିଲ୍ଲୀର ମହମ୍ମଦ ଇଦାଦ୍ ଉଲ୍ଲା(୨୨)। ସମୁଦ୍ରକୂଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। କଟକସ୍ଥିତ ଏକ ଆର୍କିଟେକ୍ଟ କଲେଜର ବିକାଶ କୁମାର(୨୩), ବେଦ କୁମାର(୨୦), ସୁମନ କୁମାର ଏବଂ ଅଙ୍କିତା ରାୟ(୨୨)ଙ୍କ ସମେତ ରଜତ ଓ ଇଦାଦ୍ ଉଲ୍ଲା ୩ଟି ବାଇକରେ ରବିବାର ସକାଳେ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ହୋଟେଲ ମେ ଫେୟାର ପଛପଟ ସମୁଦ୍ରରେ ସ୍ନାନ କରୁଥିଲେ। ଏହି ସମୟରେ ରଜତ ସମୁଦ୍ର ଗଭୀରକୁ ଚାଲି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ମହମ୍ମଦ ମଧ ଭିତରକୁ ଚାଲି ଯାଇଥିଲେ। କୂଳରେ ଥିବା ଅନ୍ୟ ଛାତ୍ରମାନଙ୍କ ପାଟି ଶୁଣି ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡମାନେ ସମୁଦ୍ରରେ ଦୀର୍ଘ ସମୟ ପରିଶ୍ରମ କରି ଉଭୟଙ୍କୁ କୂଳକୁ ଆଣିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତ ଛାତ୍ର ଦ୍ୱୟଙ୍କ ପରିବାର ଲୋକଙ୍କୁ ଖବର ଦେଇଥିବା କହିଛି।

# ୧୮୦୪ ଯୁଦ୍ଧକୁ ଇତିହାସରୁ ବାଦ ଦେବାର ଅଭିସନ୍ଧି

ଐତିହ୍ୟର ଓଡ଼ିଶା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଆମ ସହିତ ଅର୍ଥାତ୍ ଜୟୀ ରାଜଗୁରୁ ସ୍ମୃତି ପରିଷଦ ସହିତ ମୂଳରୁ ଦୁଇଜଣ ଐତିହାସିକ ଜଡ଼ିତ ଥିଲେ। ଜଣେ ପାରଳାଖେମୁଣ୍ଡି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ୰ ଡ. ବିଷ୍ଣୁମୋହନ ଦାସ ଏବଂ ଆଉଜଣେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରସନ୍ନକୁମାର ଜେନା। ଡ. ଜେନା ଅବସର ଗ୍ରହଣ କରିବା ପରେ ଏବେ ଖୋର୍ଦ୍ଧା ସହରରେ ବାସ କରୁଛନ୍ତି। ପରେ ପରେ ୰ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଏବଂ ୰ ଡ. ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଏ ଦିଗରେ ସହଯୋଗ କରି ଅନେକ ଅନାଲୋଚିତ ତଥ୍ୟର ଇତିହାସ ପ୍ରକାଶ କରିଥିଲେ। ଏହି ଦୁଇଜଣ ନମସ୍ୟ ଐତିହାସିକ ଜୀବନର ଶେଷ ପର୍ଯ୍ୟନ୍ତ ଯେଉଁ ନିଷ୍ଠାର ସହିତ ଓଡ଼ିଶାର ୧୮୦୪ ମସିହା ଯୁଦ୍ଧକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ପ୍ରମାଣିତ କରିଥିଲେ, ତାହାର ପଟାନ୍ତର ନାହିଁ। ଇଂରାଜୀ ଭାଷାରେ ଓଡ଼ିଶାର ଏହି ଐତିହ୍ୟପୂର୍ଣ୍ଣ ବୀରତ୍ୱର ଗାଥାକୁ ଇତିହାସର ରୂପରେଖ ଦେଇ ଜାତୀୟ ସ୍ତରରେ ଯିଏ ଉପସ୍ଥାପନ କରିଛନ୍ତି, ଏବେ ବି ଅହରହ ପ୍ରଚେଷ୍ଟା ଚଳାଇଛନ୍ତି, ସେ ହେଉଛନ୍ତି ଐତିହାସିକ ଡ. ନାରାୟଣ ରାଓ। ଏ ଜାତି ପ୍ରତି ତାଙ୍କର ଅବଦାନ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିବ। ସେ ଏବେ ଓଡ଼ିଶାରେ ଚଳଚଞ୍ଚଳ ଅଛନ୍ତି।

ଆମେ ଏତେ କଥା ଲେଖିବାର ଆଭିମୁଖ୍ୟ ଖୁବ୍ ସରଳ। ସ୍ମୃତି ପରିଷଦ ଓଡ଼ିଶାର ପ୍ରଣମ୍ୟ ଐତିହାସିକ ଓ ଇତିହାସକାରଙ୍କୁ ନେଇ ଓଡ଼ିଆ ଜାତିର ବୀରତ୍ୱର ଐତିହ୍ୟକୁ ଉପସ୍ଥାପନ କରି ଚାଲିଥିବା ବେଳେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ 'ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ପ୍ରାମାଣିକ ଇତିବୃତ୍ତ' (Authentic Chronicle of Freedom Movement in Orissa) ସଙ୍କଳନ ୨୦୦୨-୦୩ ମସିହାରେ ଆରମ୍ଭ ହୋଇଥିଲା। ଏହା ତିନି ଖଣ୍ଡରେ ବିଭକ୍ତ ହେବ ଏବଂ ୩୫ଟି ଅଧ୍ୟାୟ ରହିବ ବୋଲି ଯୋଜନା ହୋଇଥିଲା। ପ୍ରଥମ ଅଧ୍ୟାୟଟି ଥିଲା 'ଆଣ୍ଟିକଲୋନିଆଲ ଷ୍ଟ୍ରଗଲ ଇନ୍ ଖୋର୍ଦ୍ଧା-୧୮୧୭'। ଅର୍ଥାତ୍ ଖୋର୍ଦ୍ଧାରେ ଔପନିବେଶବାଦ ବିରୋଧୀ ସଂଗ୍ରାମ-୧୮୧୭। ଏହି ଅଧ୍ୟାୟଟି ଲେଖିବା ପାଇଁ ଡ. ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କୁ ଦିଆଯାଇଥିଲା। ସେଥିରେ ପ୍ରାକ୍ ସ୍ୱାଧୀନତା ଆନ୍ଦୋଳନ-୧୮୦୪ ବିଷୟଟିକୁ ବାଦ୍ ଦିଆଯାଇଥିଲା। ଅର୍ଥାତ୍ ଜୟୀ ରାଜଗୁରୁଙ୍କର ୧୮୦୪ ମସିହା ଯୁଦ୍ଧକୁ ଏଡ଼ାଇ ଦିଆଯାଇଥିଲା। ଏଥିରେ ଆପତ୍ତି ଉଠାଇ ଡ. ପଟ୍ଟନାୟକ ଏକ ପତ୍ର ଲେଖିଥିଲେ, ତାହାର ଅବିକଳ ନକଲଟି ଆମେ ପ୍ରକାଶ କରୁଅଛୁ। ଏହି ଐତିହାସିକ ଚିଠିଟି ତା ୦୫।୦୪।୨୦୧୮ ରିଖରେ ପୁରୀରେ ଅନୁଷ୍ଠିତ ହୋଇଥିବା ଆଲୋଚନାଚକ୍ରରେ ସାର୍ବଜନୀନ ହୋଇଥିଲା।



୰ ଡ. ପ୍ରଫୁଲ୍ଲ କୁମାର ପଟ୍ଟନାୟକ

### ଅବିକଳ ନକଲ

ପ୍ରିୟ ଶ୍ରୀଦେବ ବାବୁ,

ଆପଣଙ୍କ ପତ୍ର ଓ ତତ୍‌ସହିତ ଡାଏରୀ ଏବଂ ଫଟୋ କାଲି ପାଇଲି। ସେଥିପାଇଁ ଅଶେଷ ଧନ୍ୟବାଦ। ମାନ୍ୟବର ମନ୍ତ୍ରୀଙ୍କୁ ପତ୍ରଟି ଦେଖାଇବେ। ତାଙ୍କ ମତାମତ ଜଣାଇବେ।

ମୋର ଶୁଭେଚ୍ଛା ନେବେ।

ଗୋଟିଏ ଦୁଃଖର ଘଟଣା ଜଣାଉଛି। ଓଡ଼ିଶା ସରକାରଙ୍କ କଲଚର୍ ଡିପାର୍ଟମେଣ୍ଟ ତରଫରୁ Authentic chronicle of Freedom Movement in Orissa ସଙ୍କଳିତ ହେବାକୁ ଯାଉଛି। Three volumesରେ ହେବ। ପ୍ରାୟ ୫ ଲକ୍ଷ ଟଙ୍କାର ପ୍ରୋଜେକ୍ଟ। ୩୫ଟି ଅଧ୍ୟାୟ ରହିବ। ପ୍ରଥମ ଅଧ୍ୟାୟଟି (Anti colonial struggle in Khurda, 1817) ମତେ ଲେଖିବାକୁ ଦିଆ ଯାଇଥିଲା। ମୁଁ ମଧ ଲେଖିଦେଇ ସାରିଛି ବର୍ଷେ ହେଲା। ଟ ୪୦୦୦.୦୦ ପାରିଶ୍ରମିକ ମୋତେ ମିଳିବ। ସବୁ ଲେଖକଙ୍କୁ ମଧ ଟ ୪୦୦୦.୦୦ ଲେଖାଏ ମିଳିବ। ମାତ୍ର ସେଥିରେ Early freedom movement, 1804 ବିଷୟଟି ବାଦ୍ ଦିଆଯାଇଛି। ଫଳରେ ଜୟୀ ରାଜଗୁରୁଙ୍କ ବିଷୟ ବାଦ ପଡ଼ିଯିବ। ମୁଁ ଦିଲ୍ଲୀରୁ ଫେରିବା ପରେ Superintendent, Archives, Bhubaneswar (ଯେ କି ଦାୟିତ୍ୱରେ ଅଛନ୍ତି)ଙ୍କୁ ଭେଟିଲି ଓ କହିଲି, ସେ କହିଲେ Govt. ନିର୍ଦ୍ଦେଶ ଅଛି ୧୮୧୭ ମସିହାରୁ। ମୁଁ କହିଲି ଏହି ଭାବୀ ସଙ୍କଳନରେ ଜୟୀ ରାଜଗୁରୁଙ୍କୁ ବାଦ ଦେବା ଯେପରି ଅବାସ୍ତବ ସେହିପରି ହାସ୍ୟାସ୍ପଦ। ପୁରାରେ ତୀବ୍ର ପ୍ରତିକ୍ରିୟା Volume ଗୁଡ଼ିକ ବାହାରିଲା ପରେ ହେବ। ଆପଣ Superintendent Orissa State Archive, Bhubaneswar ଙ୍କୁ ଲେଖନ୍ତୁ ଦରକାର ପଡ଼ିଲେ Culture Secretary, Mr. Bala Krishan ଙ୍କୁ କହନ୍ତୁ। Superintendentଙ୍କ ଟେଲିଫୋନ ନଂ 2501636। ମୁଁ କାଲି Superintendentଙ୍କୁ ଜୟୀ ରାଜଗୁରୁଙ୍କ Souvenior ନେଇ ତାଙ୍କୁ ଦେଖାଇବି।

**ଆପଣଙ୍କର**

**ସ୍ୱା/-(ପ୍ରଫୁଲ୍ଲ କୁମାର ପଟ୍ଟନାୟକ),ଖୋର୍ଦ୍ଧା**



ପ୍ରିୟ ଶ୍ରୀଦେବ ବାବୁ,
ଆପଣଙ୍କ ପତ୍ର ଓ ତତ୍‌ସହିତ ଡାଏରୀ ଓ ଫଟୋ କାଲି ପାଇଲି। ସେଥି ପାଇଁ ଅଶେଷ ଧନ୍ୟବାଦ।
ମାନ୍ୟବର ମନ୍ତ୍ରୀଙ୍କୁ ପତ୍ରଟି ଦେଖାଇବେ। ତାଙ୍କ ମତାମତ ଜଣାଇବେ।
ମୋର ଶୁଭେଚ୍ଛା ନେବେ।
ଗୋଟିଏ ଦୁଃଖଦ ଘଟଣା ଜଣାଉଛି। ଓଡ଼ିଶା ସରକାରଙ୍କ କଲଚର୍ ଡିପାର୍ଟମେଣ୍ଟ ତରଫରୁ Authentic Chronicle of Freedom Movement In Orissa ସଙ୍କଳିତ ହେବାକୁ ଯାଉଛି। Three volumes ହେବ। ... ପ୍ରଥମ ଅଧ୍ୟାୟଟି (Anti colonial struggle in Khurda, 1817) ...
... Volume ଗୁଡ଼ିକ ବାହାରିଲା ପରେ ହେବ। ଆପଣ Superintendent Orissa State Archive, Bhubaneswar ଙ୍କୁ ଲେଖନ୍ତୁ ... Culture Secretary, Mr Bala Krishan ଙ୍କୁ କହନ୍ତୁ।
Superintendent ଙ୍କ ଟେଲିଫୋନ୍ ନଂ 2501636 ମୁଁ କାଲି Superintendent ଙ୍କୁ ଜୟୀ ରାଜଗୁରୁଙ୍କ Souvenior ନେଇ ତାଙ୍କୁ ଦେଖାଇବି।
ଆପଣଙ୍କର

୰ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ଚିଠିର ନକଲ

ପତ୍ରଟି ପଠାଯାଇଥିଲା ଶ୍ରୀଦେବ ବାବୁଙ୍କୁ। ଶ୍ରୀଦେବ ବାବୁ ଥିଲେ ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ବ୍ୟକ୍ତିଗତ ସଚିବ। ଏହି ଇତିହାସ ସଙ୍କଳନ ସମିତିରେ ଥିଲେ ପ୍ରଫେସର ଅତୁଲ ଚନ୍ଦ୍ର ପ୍ରଧାନ, ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ପ୍ରଫେସର ଭବାନୀ ଚରଣ ରାୟ, ରାଜ୍ୟ ଅଭିଲେଖାଗାରର ଅଧ୍ୟକ୍ଷ ଦାଶରଥି ମହାପାତ୍ର ଓ ସଂସ୍କୃତି ସଚିବ ଥିଲେ ଶ୍ରୀ ବାଲକ୍ରିଷ୍ଣନ୍। ୧୮୦୪ ମସିହା ଯୁଦ୍ଧକୁ ବାଦ ଦିଆ ନ ଯାଉ ବୋଲି ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଡା. ଦାମୋଦର ରାଉତଙ୍କୁ ସାକ୍ଷାତ କରି ନିବେଦନ କରାଯାଇଥିଲା। ଡା. ରାଉତ ଜୟୀ ରାଜଗୁରୁଙ୍କୁ ଇତିହାସରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତଥାପି କେଉଁ ଅଦୃଶ୍ୟ ଶକ୍ତିର ହାତ ରହିଲା ୧୮୦୪ ମସିହାର ଯୁଦ୍ଧ ଉକ୍ତ ସଙ୍କଳନରେ ସାମିଲ ହୋଇପାରିଲା ନାହିଁ। ଏହି ଖବର ଜଣାପଡ଼ିବା ପରେ ସ୍ମୃତି ପରିଷଦ ପକ୍ଷରୁ ପୁରୀର ସମୁଦ୍ରକୂଳରେ ରହିଥିବା ଗାନ୍ଧୀ ଘାଟରେ ଧାରଣା ଦିଆଯାଇଥିଲା। ତତ୍କାଳୀନ ପୁରୀ ଜିଲାପାଳ ଗାନ୍ଧୀଘାଟକୁ ଆସି କହିଥିଲେ ଯେ ସଂସ୍କୃତି ସଚିବ ଫୋନ କରିଥିଲେ - ୧୮୦୪ ମସିହା ଯୁଦ୍ଧର ଇତିହାସ ସଙ୍କଳନରେ ସାମିଲ କରାଯିବ, ଆପଣମାନେ ଧାରଣା ପ୍ରତ୍ୟାହୃତ କରନ୍ତୁ। ଧାରଣା ପ୍ରତ୍ୟାହାର ପରେ ମଧ ସଙ୍କଳନରେ ସେହି ଇତିହାସ ସ୍ଥାନ ପାଇଲା ନାହିଁ।

# ଫିଲ୍ମ ମୋ ଜୀବନର ଏକ ଅଂଶ, ସର୍ବସ୍ୱ ନୁହେଁ: ରବିନା

**ମୁମ୍ବାଇ:** ୯୦ ଦଶକରେ ଯେଉଁ ଅଭିନେତ୍ରୀମାନେ ବଲିଉଡ୍‌ରେ ନିଜର ଅଭିନୟ କିମିଆରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ, ସେମାନେ କିଛି ବର୍ଷର ଅନ୍ତର ପରେ ପୁଣି ଫିଲ୍ମ ଦୁନିଆକୁ ଫେରୁଛନ୍ତି। କିନ୍ତୁ ରବିନା ଟଣ୍ଡନ୍ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ତାଙ୍କର କହିବା କଥା-'ଫିଲ୍ମ ମୋ ଜୀବନର ସବୁକିଛି ନୁହେଁ, ଏହା ଏକ ଅଂଶ ମାତ୍ର।'

ତାଙ୍କର ସମସାମୟିକ ଅଭିନେତ୍ରୀମାନେ ହେଉଛନ୍ତି କାଜୋଲ୍, ଜୁହି ଚାଓ୍ୱଲା ଏବଂ ମାଧୁରୀ ଦୀକ୍ଷିତ। ସେମାନେ ଏବେ ଫିଲ୍ମମୁହାଁ ହୋଇଥିବା ବେଳେ ରବିନା କହନ୍ତି, 'ପ୍ରତ୍ୟେକ ଜିନିଷର ନିର୍ଦ୍ଦିଷ୍ଟ ସମୟ ଥାଏ। ମୁଁ ଯେତେବେଳେ ଫିଲ୍ମ କରୁଥିଲି, ସେତେବେଳେ ଶତ ପ୍ରତିଶତ ସମୟ ଦେଉଥିଲି। ମୋ ପରିବାର ଏଥିପାଇଁ ସହଯୋଗ କରୁଥିଲା। କିନ୍ତୁ ସମୟ ବଦଳିଯାଇଛି। ମୁଁ ଏବେ ବେଶ୍ ଭଲ ଭାବରେ ବଞ୍ଚିବାକୁ ଚାହେଁ। ଫିଲ୍ମ ମୋ ଜୀବନର ଏକ ଅଂଶବିଶେଷ, କିନ୍ତୁ ସର୍ବସ୍ୱ ନୁହେଁ। ବର୍ତ୍ତମାନ ଯେ କୌଣସି ଫିଲ୍ମରେ ଅଭିନୟ ପାଇଁ ସାଇନ୍ କରିବାକୁ ମୁଁ ଆଗ୍ରହୀ ନୁହେଁ।'

ରବିନା ଶେଷଥର ଲାଗି ୨୦୧୭ରେ 'ମାତର'ରେ ଦେଖା ଦେଇଥିଲେ। ତାଙ୍କ ପାଇଁ ଫିଲ୍ମରେ ଭୂମିକା ନାହିଁ ବୋଲି କହିବା ଭୁଲ୍ ହେବ। ବୟସକୁ ସମ୍ମାନ ଜଣାଇ ମର୍ଯ୍ୟାଦାର ସହିତ କୌଣସି ଭୂମିକା ନେଇପାରନ୍ତି ବୋଲି ୪୩ ବର୍ଷୀୟା ରବିନା ପ୍ରକାଶ କରିଛନ୍ତି।




GOVT. OF ODISHA
DEPARTMENT OF WATER RESOURCES,
**O/O THE CHIEF CONSTRUCTION ENGINEER, RENGALI RIGHT IRRIGATION PROJECT, DHENKANAL**
E mail Id – ccerrip@gmail.com PH-16762-223264
'e' Procurement Notice

**No.464-A:-** The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites online percentage basis bids for construction of the work as detailed below:

1. Name of the work : Excavation of Darpani Branch Canal from RD 22.350Km to RD 25.530KM including its structures of Right Bank Canal of Rengali irrigation Project
2. Tender Cost : Rs. 2304.71 lakh
3. Bid Document Cost : Rs. 10,000.00 (Online)
4. Bid Security : Rs. 23,04,800.00 (Online)
5. Class of Contractor : Super Class
6. Period of Completion : 17 calendar months (515 days)
7. Other details are as follows :

| Procurement Officer | Bid Identification No. | Availability of tender Online | | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|---|---|
| | | From | To | From | To | |
| Chief Construction Engineer, RRIP, Dhenkanal | CCERRIP-03/2018-19 | 6.09.2018 10.00 AM | 28.09.2018 5.00PM | 13.09.2018 10.00 AM | 28.09.2018 5.00 PM | 29.09.2018 11.00 AM |

8. Date, time & venue of pre-bid conference: 12.09.2018 at 11.00AM in the office of the Chief Construction Engineer, RRIP, Mahisapat, Dhenkanal.
9. For further details and on line bidding, visit Govt. website www.tendersodisha.gov.in.

Chief Construction Engineer
Rengali Right Irrigation Project, Dhenkanal
32351/11/0006/1819



**OFFICE OF THE DISTRICT JUDGE, DHENKANAL**
**ADVERTISEMENT**
Dated, Dhenkanal the 3rd September, 2018

Applications in the prescribed format given below/ available in the District Court website are invited from the desirous candidates for filling up of the following posts under Group-C category in the scale of pay Cell-I Level-4 Rs. 19900/- per month for the post of Junior Clerk / Copyist and Junior Typist and in the scale of pay Cell-I Level-7 Rs. 25500/- of per month for the post of Grade-III Stenographer in the judgeship of Dhenkanal on regular basis subject to the result of W.P. (C) case No. 1273 of 2014 of the Hon'ble High Court.

| Sl. No. | Categories of posts | SC | ST | SEBC | UR | Total | Physically Handicapped / Ex-Serviceman / Sports person / Woman |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Junior Clerk / Copyist | 2 | 2 | 1 | 4 | 9 | The vacancy reserved for P.H. / Ex-Serviceman / Sports person / Women is inclusive of respective category to which they belong. |
| 2 | Grade-III Stenographer | - | 1 | - | 1 | 2 | |
| 3 | Junior Typist | - | 1 | 1 | 1 | 3 | |

**Note:** The vacancies may increase or decrease. The decision of the District judge with regard to the result of the examination shall be final. The authority reserves the right to cancel the recruitment process at any time without prior notice.

The last date of receipt of applications is fixed to 25.09.2018. Applications along with the required documents and self attested copies of certificates shall be sent by the candidates by Registered Post / Speed Post. Candidate may drop the application in the box available in the Civil Courts premises at Dhenkanal during the Office hour till 5.00 PM. Applications received thereafter shall be summarily rejected.

Details of Advertisement, Application Form, eligibility criteria, scheme of Examination along with detail syllabus etc. are also available in the District Court website http://ecourts.gov.in/Odisha/Dhenkanaldc.

Sd./- District Judge, Dhenkanal



OFFICE OF THE ROURKELA MUNICIPAL CORPORATION, ROURKELA
**INVITATION FOR BID**
**No. 7693, Dated : 24.08.2018**
**Bid Identification No. : MC/RMC/12/18-19**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation Invites bids for works on percentage rate basis in single cover on online Mode. Bid Identification No. MC/RMC/12/18-19 for 02 Nos. different Electrical work with value of Rs. 2.14 lakh to Rs. 14.25 lakh.

1. Bid documents will be available in website **www.tendersorissa.gov.in** from **01.09.2018.**
2. Bids must be submitted on "online" on or before **10.09.2018 by 17.00 hours.**
3. Hard copies of bid document must be submitted before **11.09.2018 upto 5.00 PM.**
4. Bids shall be opened at **11.00 hours** on **12.09.2018** in the office of the undersigned in the presence of the bidders or their authorized agents.
5. Other details will be available in the website **tendersorissa.gov.in.**

Sd./- Municipal Commissioner,
Rourkela Municipal Corporation



**ZILLA SWASTHYA SAMITI, BOUDH**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BOUDH**
**Notification No.: 1839 Date: 31.08.2018**
**SHORT TENDER CALL NOTICE**

No.: 398-E: Sealed tenders are invited from the Agencies/Individuals for immediate **Purchase of One 50 KVA DG Set for DHH Boudh**. Interested Agencies/ Individuals may submit the tender papers along with terms & conditions which is available at district web portal **www.boudh.nic.in**. The tender containing technical & financial bid in separate sealed cover should reach to the "CDM&PHO Boudh, PIN - 762014 on or before **12.09.2018 (3 P.M.)** along with all the relevant documents through Regd. Post/Speed Post/Courier only. The tender will be opened on the **same day i.e. 12.09.2018 at 4 P.M.** in the office chamber of the undersigned. The undersigned reserves the right to reject any or all the tender without any reason thereof.

Sd./- CDM&PHO-cum-District
Mission Director, Boudh
10107/11/0011/1819



**Directorate of Sch. Castes & Sch. Tribes Research & Training Institute (SCSTRTI)**
**CRPF Square, Bhubaneswar-751003**
(Telephone & Fax no.0674-2561635
E-mail Id: scstrti@yahoo.co.in.)
No. 2445 /PUB-2/18 Dated:01.09.2018

**SHORT TENDER CALL NOTICE**

No.42-V: Sealed Tenders are hereby invited from reputed firms/ agencies on printing of Wall Calendar for ST & SC Development Department, Govt. of Odisha. Addressed to Director & Spl. Secy. to Govt. SCSTRTI, CRPF Square, Near P.D. Market, Bhubaneswar-3. The last date of submission of the tender on **15.09.2018** by **3.00 PM**. The interested Agency/firms can log on to the Govt. website (**www.odisha.gov.in**) and office website (**www.scstrti.in**) for detail.

**Sd./- Director & Spl. Secy. to Govt. SCSTRTI, Bhubaneswar**
26026/11/0017/1819



**OFFICE OF THE EXECUTIVE ENGINEER, RWS&S DIVISION, PURI – 752002**
Ph: (06752) 251276, Fax: (06752) 251276, E-mail:-eerwss_puri@nic.in
**NATIONAL COMPETITIVE BIDDING THROUGH E-PROCUREMENT**
**Bid Identification No. RWSSPURI 37 /2018-19**

**No. 671-O:-** The Executive Engineer, RWS&S Division, Puri on behalf of Governor of Odisha invites Lump Sum rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work | : | Piped Water Supply Scheme |
|---|---|---|---|
| 1. | No. of works | : | 1 (one) |
| 2. | Time for completion | : | Six months |
| 3. | Cost of bidding document | : | Rs. 10,000/- |
| 4. | Class of Contractors eligible | : | B&A |
| 5. | Availability of bids on-line | : | 17 hour of 5.09.2018 to 17.00 hours of 19.09.2018 |
| 6. | Last date and time for seeking clarification | : | 17.00 hours of 15.09.2018 |
| 7. | Date & time of opening of technical bids | : | On dt 20.09.2018 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids | : | To be decided. |

Further details can be seen from the website https://www.tendersorissa.gov.in.

*Executive Engineer*
*RWS&S Division, Puri*
25017/11/0055/1819



## ବିଜ୍ଞାପନ

ତା୨୭।୦୮।୨୦୧୮

**ଶ୍ରୀ ସୁଧାକର ଜେନା**
**ପିତା: ସୋମନାଥ ଜେନା**
**ଗ୍ରାମ: ନୂଆଁସାହି, ଗଞ୍ଜାମ**
**ଥାନା/ଜିଲ୍ଲା: ଗଞ୍ଜାମ**

No.:197-D: ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ପୁରୀ ଜିଲ୍ଲା କାରାଗାରକୁ ବଦଳି କରାଯାଇଥିଲା ଏବଂ ତା୨୪।୦୬।୨୦୧୮ରିଖ ଦିନ ଅପରାହ୍ନରେ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ରିଲିଭ୍ କରାଯାଇ ପୁରୀ ଜିଲ୍ଲା କାରାଗାରରେ ନିଜ କାର୍ଯ୍ୟରେ ଠିକ୍ ସମୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା, କିନ୍ତୁ ଉକ୍ତ ଦିନଠାରୁ ଆପଣ ବର୍ତ୍ତମାନ ସୁଦ୍ଧା ବିନା ଅନୁମତିରେ ଅର୍ଥାତ୍ ବିନା ଛୁଟିରେ କାହାରିକୁ କିଛି ନ ଜଣାଇ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ବାରମ୍ବାର ଚିଠି ଦ୍ୱାରା ଓ ସ୍ୱତନ୍ତ୍ର ବାର୍ତ୍ତା ବାହକ ଦ୍ୱାରା କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ଅବଗତ କରାଇଲେ ମଧ ଆପଣ ନିଜ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି ଏବଂ ଆପଣଙ୍କ ପରିବାର ବର୍ଗ ସୂତ୍ରରୁ ପ୍ରକାଶ ଯେ, ଆପଣ ଉପରୋକ୍ତ ଠିକଣାରେ ରହୁନାହାନ୍ତି କିମ୍ବା ଆପଣଙ୍କ ସହ କୌଣସି ଯୋଗାଯୋଗ ମଧ ହୋଇପାରୁନାହିଁ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି କି, ଆପଣ ଉଦ୍ଦେଶ୍ୟ ମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ କାରା ବିଭାଗରେ ନିଯୁକ୍ତି ଦିଆଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ବିଜ୍ଞାପନର ସାତ ଦିନ ମଧ୍ୟରେ ଯଦି ଆପଣ ନିଜର ନୂତନ କର୍ମସ୍ଥଳୀ ତଥା ଜିଲ୍ଲା କାରାଗାର ପୁରୀରେ ଯୋଗଦାନ ନ କରନ୍ତି କିମ୍ବା ବରିଷ୍ଠ ଅଧୀକ୍ଷକ, ମଣ୍ଡଳ କାରାଗାର, ବ୍ରହ୍ମପୁରଙ୍କ ନିକଟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ନ ହୁଅନ୍ତି, ତେବେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ ହେବେ।

**ସ୍ୱାକ୍ଷର**
**ବରିଷ୍ଠ ଅଧୀକ୍ଷକ, ମଣ୍ଡଳ କାରାଗାର, ବ୍ରହ୍ମପୁର**
12032/11/0001/1819



**SHORT TENDER CALL NOTICE**
**Office of the D.G & I.G. of Police, Odisha, Cuttack**

1. Sealed tenders are invited from the Original Equipment Manufacturers (OEM) or their Authorized Agent for purchase of different equipment like Telescopic Manipulator, Under Vehicle Search Mirror, Portable DFMD Single Zone, Contraband Detector, Hand Held Metal Detector (Pocket size), Explosive Vapour Detector, Extension Search Mirror and Non-Linear Junction Detector for Odisha Police (Security Wing) under MPF Scheme during the current financial year, 2018-19.
2. Name of items along with detail technical Specifications, probable requirements against each item may be seen from the Govt. of Odisha website i.e. www.odisha.gov.in. The quantity may vary during indent of the items depending upon budgetary allocation.
3. Date of Issue of Tender documents from **dtd:03.09.2018 at 10.00 AM** to **dtd:28.09.2018** upto **5.00 PM.**
4. Last date for receipt of sealed Tender on **dtd:29.09.2018** upto **5.00 PM.**
5. Date for opening of sealed Tenders / Technical Bids on **dtd:01.10.02018 at 11.30 AM at the Office of the Supdt. of Police, Security Wing, Odisha, Bhubaneswar.**
6. For further clarification, if any, intending bidder may contact **Supdt. of Police, Security Wing, Odisha, Bhubaneswar** in his e-mail: spsecurity.orpol@nic.in (Phone-0674-2536603 / Telefax - 2531372).

No.196-D

**A.I.G. of Police (Provisioning)**
**Odisha, Cuttack**
**(Tender Calling Authority)**
12018/11/0026/1819



**GOVERNMENT OF ODISHA**
**DEPARTMENT OF WATER RESOURCES (CAD)**
**O/O THE JOINT DIRECTOR, SURVEY & PLANNING, SATYANAGAR, BHUBANESWAR-7**
**E-mail: jointdirectorspbbsr@gmail.com, Phone: 0674-2570357**
**"e" PROCUREMENT NOTICE**
**Bid Identification NO. JDSP-04/2018-19**

**No.467-A:-** The Deputy Director, O/o the Joint Director, Survey & Planning, CAD, Odisha on behalf of Governer of Odisha invites Percentage Rate Bid in Single Cover System in ON LINE MODE from eligible class of Contractors/Registered Organisation or Firm as detailed below.

| | | |
|---|---|---|
| 1 | Name of the Work | Survey & Planning Works (CAD) |
| 2 | No. o f Works | 04 (Four) Nos. |
| 3 | Bid Identification No. | JDSP -04/2018-19 |
| 4 | Estimated Cost | Varies Approximately from 16.53 to 32.02 Lakhs |
| 5 | Earnest Money Deposit | Referred to DTCN |
| 6 | Cost of Tender Paper | Rs. 6000/- ( On line ) |
| 7 | Period of Completion | Referred to DTCN |
| 8 | Date & Time of availability of bid documents in the portal | 05.09.2018 (11.00 A.M) to 18.09.2018 (5.00 P.M) |
| 9 | Last Date/Time for receipt of bids in the portal | 18.09.2018 up to 5.00 P.M |
| 10 | Last Date & Time of submission of related original documents. | 22.09.2018 up to 5.00 P.M |
| 11 | Date & Time of opening of Technical Bid | 24.09.2018 at 11.00 A.M |
| 12 | Name and address of the Officer inviting Bid | Deputy Director, O/o – The Joint Director, Survey & Planning, Satyanagar, Implement Factory Campus, Bhubaneswar-7, E-mail: jointdirectorspbbsr@gmail.com, Phone: 0674-2570357 |

Further details can be seen from the e-procurement portal: "https://tendersodisha.gov.in."

**Sd./- Joint Director**
**Survey & Planning, Odisha, Bhubaneswar**
32369/11/0001/1819

# ଦୁଇଜଣ ପଦଚାରୀ ଗତିବିଜ୍ଞାନୀ

**ପ୍ରଫେସର ଡିର୍କ ହେଲ୍‌ବିଂ ଜଣେ ପଦାର୍ଥ ବିଜ୍ଞାନୀ ଭାବେ ପ୍ରଥମେ ବୃତ୍ତି ଆପଣେଇଥିଲେ। ପରବର୍ତ୍ତୀ କାଳରେ ସେ ଟ୍ରାଫିକ୍ ଭିଡରେ ଆତଙ୍କିତ ପଦଚାରୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ନିବଦ୍ଧ କଲେ । ସେ ଭିଜିଟିଂ ବୈଜ୍ଞାନିକ ଭାବେ ତେଲ୍ ଆଭିଭ ବିଶ୍ୱବିଦ୍ୟାଳୟ, ବୁଦାପେଷ୍ଟ ବିଶ୍ୱବିଦ୍ୟାଳୟ ଓ କାଲିଫର୍ନିଆର ପିଏଆରସିରେ କାର୍ଯ୍ୟରତ ଥିବା ସମୟରେ ଏଥିରେ ମନୋନିବେଶ କରିଥିଲେ। ତତ୍‌ପରେ ଟ୍ରାନ୍ସପୋର୍ଟ ଓ ଇକୋନୋମିକ୍ସ (ଡ୍ରେସଡେନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି)ର ପରିଚାଳନା ନିର୍ଦ୍ଦେଶକ ଭାବେ ସେ ଟ୍ରାଫିକ୍ ସହାୟକ ବ୍ୟବସ୍ଥା, ଆଲୋକ ନିୟନ୍ତ୍ରଣ ଆୟୋଜନ, ଭିଡ ସଙ୍କଟ ତଥା ବିଭ୍ରାଟ ଓ ଏହାର ନିରାକରଣ ଉପରେ ଗବେଷଣା କଲେ।**



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ପଦଚାରୀ ଗତିବିଜ୍ଞାନ ପରି ଏକ ନୂତନ ବିଭାଗରେ ପାଦ ପକାଇ ହେଲବିଂ ଓ ଜନସନ ଏକ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ଏହାର ବିକାଶ ଘଟାଇ ସେମାନେ ସର୍ବସାଧାରଣଙ୍କ ଏକ ଉଦ୍‌ବେଗଜନକ ସମସ୍ୟା ସମାଧାନରେ ଆଗଭର ହୋଇଛନ୍ତି। ତେବେ ଉଭୟ ବୈଜ୍ଞାନିକଙ୍କ ବୃତ୍ତିଗତ ଗତିପଥର ସଂକ୍ଷିପ୍ତ ବିବରଣୀ ପ୍ରତି ଆମେ ଦୃଷ୍ଟି ପକାଇବା ଉଚିତ ମନେହୁଏ।

ପ୍ରଫେସର ଡିର୍କ ହେଲବିଂ ଜଣେ ପଦାର୍ଥ ବିଜ୍ଞାନୀ ଭାବେ ପ୍ରଥମେ ବୃତ୍ତି ଆପଣେଇଥିଲେ। ପରବର୍ତ୍ତୀ କାଳରେ ସେ ଟ୍ରାଫିକ୍ ଭିଡରେ ଆତଙ୍କିତ ପଦଚାରୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ନିବଦ୍ଧ କଲେ। ସେ

ଏ ସମ୍ପର୍କିତ ମୂଲ୍ୟବାନ ନିବନ୍ଧମାନ ମର୍ଯ୍ୟାଦାଜନକ ନେଚର, ସାଇନ୍ସ ଓ ପିଏଏନଏସ ପରି ଜର୍ନାଲଗୁଡ଼ିକରେ ପ୍ରକାଶିତ। ଅନେକ ପୁରସ୍କାର ଓ ପଦବୀରେ ସମ୍ମାନିତ ହେଲବିଂ ଇଡି ସୁସି ଆୱାର୍ଡ ପ୍ରାପ୍ତ ହୋଇଛନ୍ତି। ସମ୍ପ୍ରତି ସେ ଆମ ସମାଜର ଡିଜିଟାଲ ରୂପାନ୍ତରୀକରଣ ସମ୍ବନ୍ଧରେ ଗବେଷଣାରେ ମଗ୍ନ।

ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଏମଏସସି ଡିଗ୍ରୀ ପ୍ରାପ୍ତ ଆଣ୍ଡେରସ ଜନସନ ଚେୟାର ଅଫ ସୋସିଓଲୋଜି (ଇଟିଏଚ,ଜୁରିକ) ପାଇଁ ନିର୍ବାଚିତ ହୋଇ ତିନିବର୍ଷ ସେହି ପଦବୀରେ ରହିଥିଲେ। ତାଙ୍କ ଗବେଷଣାର ପ୍ରମୁଖ ବିଶେଷତ୍ୱ ହେଉଛି ଟ୍ରାଫିକ୍ ଓ ଭିଡ ମଡେଲିଂ, ଗେମ ଥିଓରି ଇତ୍ୟାଦି। ଭିଡିଓ-ପର୍ଯ୍ୟବସିତ ବିଶ୍ଳେଷଣକୁ ଆଧାର କରି ସେ ଫ୍ରମ କ୍ରାଉଡ ଡାଇନାମିକ୍ସ ଟୁ କ୍ରାଉଡ ସେଫ୍‌ଟି ଶୀର୍ଷକ ଏକ ବହୁପଠିତ ନିବନ୍ଧର ସ୍ରଷ୍ଟା। ହେଲବିଂ ସହ ସେ ସହଯୋଗ କରି ଏହି ନୂତନ ବିଜ୍ଞାନ ବିଭାଗର ବିକଶିତ କରିପାରିଛନ୍ତି।

ଆମେ ଲକ୍ଷ୍ୟ କଲୁ ଯେ ଉଭୟ ଗବେଷକ ଚିରାଚରିତ ପାଠ୍ୟକ୍ରମ (ପଦାର୍ଥ ବିଜ୍ଞାନ ଓ ମେକାନିକାଲ



ପ୍ରଫେସର ଡିର୍କ ହେଲବିଂ

ଭିଜିଟିଂ ବୈଜ୍ଞାନିକ ଭାବେ ତେଲ୍ ଆଭିଭ ବିଶ୍ୱବିଦ୍ୟାଳୟ, ବୁଦାପେଷ୍ଟ ବିଶ୍ୱବିଦ୍ୟାଳୟ ଓ କାଲିଫର୍ନିଆର ପିଏଆରସିରେ କାର୍ଯ୍ୟରତ ଥିବା ସମୟରେ ଏଥିରେ ମନୋନିବେଶ କରିଥିଲେ। ତତ୍‌ପରେ ଟ୍ରାନ୍ସପୋର୍ଟ ଓ ଇକୋନୋମିକ୍ସ (ଡ୍ରେସଡେନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି)ର ପରିଚାଳନା ନିର୍ଦ୍ଦେଶକ ଭାବେ ସେ ଟ୍ରାଫିକ ସହାୟକ ବ୍ୟବସ୍ଥା, ଆଲୋକ ନିୟନ୍ତ୍ରଣ ଆୟୋଜନ, ଭିଡ ସଙ୍କଟ ତଥା ବିଭ୍ରାଟ ଓ ଏହାର ନିରାକରଣ ଉପରେ ଗବେଷଣା କଲେ। ତାଙ୍କର

ଇଞ୍ଜିନିୟରିଂରେ ଡିଗ୍ରୀ)ରେ ଭବିଷ୍ୟତ ବୃତ୍ତି ନ ଆବୋରି ନବଦିଗନ୍ତ ପ୍ରତି ଆକର୍ଷିତ ହେଲେ ଏହା ନିଶ୍ଚୟ ଏକ ଆହ୍ୱାନମୂଳକ ଓ ଚ୍ୟାଲେଞ୍ଜ ଭରପୂର ପଦଚାଳନା। ଯେଉଁମାନେ ବିପଦ ଓ ଅନିଶ୍ଚିତତା ମୁଣ୍ଡେଇ ଅଗ୍ରସର ହୁଅନ୍ତି, ସେମାନଙ୍କ ଉଦ୍ୟମରେ ହିଁ ବିଜ୍ଞାନ ଅଗ୍ରଗତି ଘଟେ ଓ ବିଜ୍ଞାନ ବହୁମୁଖୀ ହୁଏ। ସେମାନେ ମାନବ ସମାଜର କଲ୍ୟାଣ ପାଇଁ ସ୍ୱାଗତଯୋଗ୍ୟ।

-ବ୍ରହ୍ମପୁର
ମୋ : ୯୪୩୭୦୨୬୬୫୧

---

**"ଆପଣଙ୍କ ହୃତ୍‌ପିଣ୍ଡ ବେଶ୍ ସୁସ୍ଥ ଅଛି କି ନାହିଁ, ପରଖି ନେବାକୁ ଚାହୁଁଛନ୍ତି? ଏହା ପରଖି ନେବା ପାଇଁ ଆପଣଙ୍କୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ପଡ଼ିବ । ତେବେ ଉତ୍ତର ଦେବାରେ ମିଥ୍ୟାର ଆଶ୍ରୟ ନେବେ ନାହିଁ । ଆପଣଙ୍କ ଅଭିଜ୍ଞତାର ସବୁଠାରୁ ବେଶି ପାଖାପାଖି ହୋଇଥିବା ଉତ୍ତରକୁ ନିର୍ବାଚନ କରିବେ ।"**



ଡା. ନିତ୍ୟାନନ୍ଦ ସ୍ୱାଇଁ



# ଆପଣଙ୍କ ହୃତ୍‌ପିଣ୍ଡ କେତେ ସୁସ୍ଥ

ଆପଣଙ୍କ ହୃତ୍‌ପିଣ୍ଡ ବେଶ୍ ସୁସ୍ଥ ଅଛି କି ନାହିଁ, ପରଖି ନେବାକୁ ଚାହୁଁଛନ୍ତି? ଏହି ପରଖି ନେବା ପାଇଁ ଆପଣଙ୍କୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ପଡ଼ିବ। ତେବେ ଉତ୍ତର ଦେବାରେ ମିଥ୍ୟାର ଆଶ୍ରୟ ନେବେ ନାହିଁ। ଆପଣଙ୍କ ଅଭିଜ୍ଞତାର ସବୁଠାରୁ ବେଶି ପାଖାପାଖି ହୋଇଥିବା ଉତ୍ତରକୁ ନିର୍ବାଚନ କରିବେ। ମନେରଖିବେ ଯେ, ଏହି ପରୀକ୍ଷାଟିରେ ପାସ୍ କି ଫେଲ୍‌ର ପ୍ରଶ୍ନ ନାହିଁ। ଆପଣ ପରୀକ୍ଷା ଦେଉଛନ୍ତି କେବଳ ନିଜ ପାଇଁ, ପୁଣି ନିଜ ଇଚ୍ଛାରେ।

**ଆପଣ କେତେ ଧୂମପାନ କରିଥାନ୍ତି**

-ମୁଁ ଆଦୌ ଧୂମପାନ କରେନି।

-ମୁଁ ଦିନକୁ ୨୦ ଖଣ୍ଡରୁ ବେଶି କି ୨୦ ଖଣ୍ଡ ପାଖାପାଖି ସିଗାରେଟ୍/ବିଡ଼ି ଟାଣିଥାଏ। ଯେତେ ଚେଷ୍ଟା କଲେ ବି ଧୂମପାନ ଛାଡିପାରୁନି।

-ଧୂମପାନ କରୁଥିଲି, କିନ୍ତୁ ଏକ ବର୍ଷରୁ ଊର୍ଦ୍ଧ୍ୱହେବ, ତାହା ଛାଡ଼ିସାରିଲିଣି।

-ଛାଡ଼ିଦେବା ପାଇଁ ଚେଷ୍ଟା କରିଛି, ତଥାପି କେତେବେଳେ କେମିତି ଧୂମପାନ କରିଥାଏ।

**ନିଜ ମାନସିକ ଚାପର ସ୍ତର ବା ଷ୍ଟ୍ରେସ୍ ଲେଭଲ୍**

-ମୁଁ ସବୁଥିରେ ଟିକିଏ ଉତ୍କଣ୍ଠିତ ହୋଇପଡ଼େ। କିନ୍ତୁ ମନର ଉଦ୍‌ବେଗ ବିଷୟକୁ ପରିବାର କିମ୍ବା ବନ୍ଧୁମାନଙ୍କ ନିକଟରେ ପ୍ରକାଶ କରିଦିଏ।

-ମୁଁ ଜାଣିନେଇ ସାରିଲିଣି ଯେ ସବୁକିଛି ମୁଁ ନିୟନ୍ତ୍ରଣ କରିପାରିବିନି। ତେଣୁ ପରିସ୍ଥିତିକୁ ଚାହିଁ କାମ ଚଳେଇ ନେଉଛି।

-ଟିକିଏ ଟିକିଏ କଥାରେ ମୁଁ ଚାପଗ୍ରସ୍ତ ହୋଇପଡ଼େ ଓ ରାଗିଯାଏ।

-ମୁଁ ସର୍ବଦା ଚାପଗ୍ରସ୍ତ ରହିଛି, ମୋ ପାଖରେ ଏହାର କୌଣସି ପ୍ରତିକାର ନାହିଁ।

**ଆପଣଙ୍କ ରକ୍ତରେ କୋଲେଷ୍ଟରଲ୍‌ର ମାତ୍ରା ଜାଣନ୍ତି**

-କୋଲେଷ୍ଟରଲ୍ ସମ୍ପର୍କରେ ମୋର କୌଣସି ଆଗ୍ରହ ନାହିଁ(କିମ୍ବା ମୁଁ ଜାଣିଛି ଯେ ମୋ ରକ୍ତରେ କୋଲେଷ୍ଟରଲ୍‌ର ମାତ୍ରା ଅଧିକ। ମାତ୍ର ମୁଁ ଏଥିରେ ବିଶେଷ ମୁଣ୍ଡ ଖେଳେଇ ନ ଥାଏ।)

-ମୁଁ ମୋ ରକ୍ତରେ କୋଲେଷ୍ଟରଲ୍‌ର ପରୀକ୍ଷା କରେଇଥିଲି। ଏହା ପ୍ରାୟତଃ ଭଲ ରହିଥିଲା। ତଥାପି ଏଥିରେ ଅଧିକ ଉନ୍ନତି ଅଣାଯାଇପାରିବ।

-ହଁ। ମୁଁ ଜାଣେ ଯେ ମୋ ରକ୍ତରେ ମୋଟ କୋଲେଷ୍ଟରଲ୍ (ଟୋଟାଲ୍ କୋଲେଷ୍ଟରଲ୍) ର ମାତ୍ରା ଅନୁମୋଦିତ ସ୍ତରରେ ରହିଛି।

-କୋଲେଷ୍ଟରଲ୍ ପରୀକ୍ଷା କରେଇ ନେବାପାଇଁ ମୁଁ ମନସ୍ଥ କରିଛି।

**ଆପଣଙ୍କ ନିଦ କେମିତି**

-ମୋତେ ଭଲ ନିଦ ହୁଏନି। ତେଣୁ ସମ୍ଭବ ହେଲେ ସକାଳେ ଡେରି ପର୍ଯ୍ୟନ୍ତ ଶୋଇଥାଏ।

-ମୋ ନିଦରେ କିଛି ଠିକ୍ ଠିକଣା ନ ଥାଏ। କିନ୍ତୁ ମୁଁ ପ୍ରାୟତଃ ଅନୁଭବ କରିଥାଏ ଯେ ମୋର ଯଥେଷ୍ଟ ନିଦ ହେଉଛି।

-ପ୍ରତ୍ୟେକ ରାତ୍ରିରେ ମୋର ସୁନିଦ୍ରା ହୋଇଥାଏ ଏବଂ ବେଶ୍ ଆରାମ୍ ଅନୁଭବ କରି ଶଯ୍ୟାତ୍ୟାଗ କରିଥାଏ।

-ନିଦ ହେବା ମୋ ପାଇଁ ବଡ଼ କଷ୍ଟ। ରାତିରେ ବି ବାରମ୍ବାର ନିଦ ଭାଙ୍ଗିଯାଏ। ତେଣୁ ସକାଳେ ଶଯ୍ୟାତ୍ୟାଗ କରିବାରେ ବଡ଼ ଅସ୍ୱସ୍ତି ଲାଗେ।

**ଆପଣ କେତେ ପରିମାଣରେ ସାଚୁରେଟଡ୍ ଫ୍ୟାଟ୍ ଖାଇଥାନ୍ତି**

- ମୁଁ ସରକଡ଼ା କ୍ଷୀର, ସରକଡ଼ା କ୍ଷୀରରୁ ପ୍ରସ୍ତୁତ ଦହି, ଛେନା, ଯଥେଷ୍ଟ ପରିମାଣରର ମାଛ, କାଜୁ, ଆଲମଣ୍ଡ, ଅଖରୋଟ ଏବଂ ସୋରିଷ ତେଲ ଓ ସୋୟାବିନ୍ ତେଲରେ ରନ୍ଧା ହୋଇଥିବା ଖାଦ୍ୟ ଖାଇଥାଏ। ତେଲରେ ଛଣାଛଣି ଓ ଭଜାଭଜି ଖାଦ୍ୟ ଏବଂ ମାଂସର ଚର୍ବିରୁ ଯଥା ସମ୍ଭବ ଦୂରେଇ ରହେ।

- ମୁଁ ପ୍ରାୟତଃ ମାଂସ ଓ ଛେନା ଖାଇଥାଏ, କିନ୍ତୁ ସବୁଦିନେ ନ ଖାଇବା ପାଇଁ ଚେଷ୍ଟା କରିଥାଏ।

- ଖାଇବାକୁ ମୁଁ ଏତେ ଭଲପାଇଥାଏ ଯେ ଫ୍ୟାଟ୍ କଥା ମୁଣ୍ଡକୁ ନିଏନି।

- ଅଳ୍ପ ଟିକିଏ ଛେନା ଖାଏ। ସୋରିଷ ତେଲ ଖାଏ। କଦବା କେମିତି ଅଲିଭ ତେଲ ଖାଇଥାଏ। ସପ୍ତାହରେ ଥରେ କି ଦୁଇଥର ମାଂସ ଓ ଅନ୍ତତଃ ଥରେ ମାଛ ଖାଇଥାଏ।

**ହସାହସି, ଥଟ୍ଟାମଜା, ରସିକତା କରିବା ଇତ୍ୟାଦି କେମିତି**

- ମୋ' ପକ୍ଷେ ଏ ସବୁ ବଡ଼ କଷ୍ଟ। କିନ୍ତୁ ସପ୍ତାହରେ ଅନ୍ତତଃ ଥରେ କୌତୁକ, ହସାହସି ଓ ମଉଜ ମଜଲିସ କରିଥାଏ।

- ଏସବୁ କରିବା ପାଇଁ ମୋତେ ଭଲ ଲାଗେ ଓ ସବୁଦିନେ ଏହା ଉପଭୋଗ କରିଥାଏ।

- ନିଜ ପାଇଁ ଉପଭୋଗୀ ହେବା ଭଳି କିଛି କରିବା ନିମନ୍ତେ ମୋ ପାଖରେ ବିଶେଷ ସମୟ ନ ଥାଏ। କିନ୍ତୁ ମୁଁ ଜାଣେ ଯେ ମୋର ଏହା କରିବା ଉଚିତ।

- ନିଜକୁ ଉପଭୋଗ୍ୟ ହେବା ଭଳି କାମ ମୁଁ କେବେ କରିଥିଲି, ତାହା ମୁଁ ମନେ ପକାଇପାରୁନି।

**ଆପଣଙ୍କ ବ୍ଲଡ ପ୍ରେସର୍ କେତେ**

- ହଁ, ଏହା ଅନୁମୋଦିତ ସ୍ତର-୧୨୦/୮୦ (mm of Hg)ରେ ରହିଛି।

-ହଁ, ଏହା ବେଶ୍ ବଢ଼ି ଯାଇଛି। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ ମୁଁ ପରାମର୍ଶ ନେଉଛି।

-ମୋ'ର ରକ୍ତଚାପ ଅଧିକ। ଡାକ୍ତର ମୋତେ ଔଷଧ ଖାଇବା ପାଇଁ ପରାମର୍ଶ ଦେଇଛନ୍ତି। କିନ୍ତୁ ମୁଁ ପ୍ରାୟତଃ ତାହା ଖାଇ ନ ଥାଏ।

- ନା, ମୁଁ ଜାଣିନି। ମୁଁ ଜାଣେ ଯେ ମୋର ରକ୍ତଚାପ ପରୀକ୍ଷା କରେଇନେବା ଉଚିତ। ତେବେ ତୁରନ୍ତ ପରୀକ୍ଷା କରେଇନେବାକୁ କୌଣସି ଯୋଜନା ନାହିଁ।

**ଆପଣଙ୍କ ଅଣ୍ଟାର ଗୋଲେଇ**

- ଆପଣଙ୍କ ଅଣ୍ଟାର ଗୋଲେଇ ୮୦ ସେଣ୍ଟିମିଟର ( ୩୧.୫ ଇଞ୍ଚ)ରୁ ଅଧିକ କି (ମହିଳା ହୋଇଥିଲେ) ଏବଂ ୯୪ସେଣ୍ଟିମିଟର ( ୩୭ ଇଞ୍ଚ)ରୁ ଅଧିକ କି (ପୁରୁଷ ହୋଇଥିଲେ)।

- ହଁ , ଏହାଠାରୁ ବି ଯଥେଷ୍ଟ ଅଧିକ। ତେବେ ବ୍ୟାୟାମ କରିବା କି ଜିମ୍ ଯିବା ପାଇଁ ଯୋଜନା କରୁଛି।

-ହଁ । ପୁରୁଣା ପୋଷାକପତ୍ରକୁ ଏବେ ଆଉ ପିନ୍ଧିପାରୁନି। କିନ୍ତୁ ମୋର ଏଇ ବୟସରେ ଖାଦ୍ୟ କଟକଣାରେ ରହିବା ବା ଡାଏଟିଂ କରିବାର ପ୍ରଶ୍ନ ହିଁ ଉଠୁନାହିଁ।

-ନା, ତଥାପି ମୁଁ ଏହା ଉପରେ କଡ଼ା ନିଘା ରଖିଛି।

-ହଁ , ଟିକିଏ ଅଧିକା ଅଛି। କିନ୍ତୁ ଏହାକୁ କମେଇବାପାଇଁ ମୁଁ ପଦକ୍ଷେପ ନେଇ ସାରିଲିଣି।

**ଆପଣ ବେଶି ଫଳ ଓ ପନିପରିବା ଖାଇଥାନ୍ତି କି**

- ଅଧିକାଂଶ ଦିନରେ ଫଳ ଓ ପନିପରିବାକୁ ଅନ୍ତତଃ ପାଞ୍ଚଥର ଖାଇବା ନିମନ୍ତେ ମୁଁ ଚେଷ୍ଟା କରିଥାଏ। ହେଲେ ସବୁବେଳେ ଏହା ସମ୍ଭବ ହୋଇପାରେନି।

-କିଛି ଫଳ ଓ ପନିପରିବା ଖାଇଥାଏ, କିନ୍ତୁ ସବୁଦିନେ ନୁହେଁ।

-ହଁ, ଫଳ ଓ ପନିପରିବା ଖାଇବା ପାଇଁ ମୁଁ ଭଲପାଏ ଏବଂ ଦିନରେ ଅନ୍ତତଃ ପାଞ୍ଚଥର ଏହା ଖାଇଥାଏ।

- ନା, ମୁଁ ବିଶେଷ ଫଳ ଓ ପନିପରିବା ଖାଇ ନ ଥାଏ। ଏହା ବି ମୋତେ ମିଳିପାରିବା କଷ୍ଟ। ତେବେ ମୋର ଏବକର ସ୍ୱାସ୍ଥ୍ୟ ଯାହା, ବେଶି ଫଳ ଓ ପନିପରିବା ଖାଇଲେ ବିଶେଷ କିଛି ଫରକ ପଡ଼ିବ ବୋଲି ମୁଁ ନିଶ୍ଚିତ ନୁହେଁ।

(କ୍ରମଶଃ...)

*-'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ- ୧୧୩୧, ଅଭିନବ ବିଡ଼ାନାସୀ, କଟକ, ମୋ: ୯୪୩୭୭୬୬୧୧୭*

---

# ଡେଙ୍ଗୁରୁ ରକ୍ଷା ପାଇବା ଲାଗି

**ଡେଙ୍ଗୁର ଲକ୍ଷଣ ଜାଣିବା ମାତ୍ରେ ଏହାର ଚିକିତ୍ସା କରାଇନେବା ଜରୁରୀ। ନ ହେଲେ ଏହା ପ୍ରାଣଘାତକ ସାଜିପାରେ। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି...**

- ଘର ବାହାରେ ଖୋଲା ମାଠିଆ କିମ୍ବା କୌଣସି ପାତ୍ର ରଖନ୍ତୁ ନାହିଁ। କାରଣ ବର୍ଷାଦିନେ ଏଥିରେ ପାଣି ଜମାହୋଇ ରହିଥାଏ। ଏହା ଦ୍ୱାରା ଡେଙ୍ଗୁ ବାହକ ମଶା ସେମାନଙ୍କର ବଂଶ ଅକ୍ଳେଶରେ ବିସ୍ତାର କରିଥାଆନ୍ତି।
- ଘର ଚାରିପଟ ପରିଷ୍କାର ରଖନ୍ତୁ।
- ଘର ଚାରିପଟେ ଯଦି ଅଳିଆ ଆବର୍ଜନା ଜମା ହୋଇଛି ତେବେ ତାହାକୁ ତୁରନ୍ତ ସଫା କରନ୍ତୁ।
- ବର୍ଷାଦିନେ ମଶାଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଶରୀରକୁ ସମ୍ପୂର୍ଣ୍ଣ ଭାବରେ ଆବୃତ କରିପାରୁଥିବା ପୋଷାକ ପିନ୍ଧନ୍ତୁ।
- ଖାଦ୍ୟପଦାର୍ଥ ଏବଂ ପାଣି ରଖୁଥିବା ପାତ୍ରକୁ ଘୋଡ଼ାଇ ରଖନ୍ତୁ।



- ସାଧାରଣତଃ ବର୍ଷାଦିନେ ମଶାଙ୍କର ପ୍ରାଦୁର୍ଭାବ ଅଧିକ ଥାଏ। ତେଣୁ ଝରକା ବାଟ ଦେଇ ଯେପରି ମଶା ନ ପଶିବେ ତାହାର ବ୍ୟବସ୍ଥା କରନ୍ତୁ। ଏଥିପାଇଁ ସରୁ ଜାଲି ବଜାରରେ ମିଳୁଛି। ଅନ୍ୟପକ୍ଷରେ ମଶା ଆଶଙ୍କା ଅଧିକ ଥିଲେ ସନ୍ଧ୍ୟା ହେବା ମାତ୍ରେ ଝରକା କବାଟ ବନ୍ଦ କରିଦିଅନ୍ତୁ।
- ମଶାମାନେ ଅନ୍ଧାରିଆ ସ୍ଥାନରେ ରହିଥାଆନ୍ତି। ତେଣୁ ସନ୍ଧ୍ୟା ପରେ ଘରର ବାହାର ପାର୍ଶ୍ୱ ଲାଇଟ ଅନ୍ କରିଦିଅନ୍ତୁ।
- ଘର ଭିତରେ ଯେପରି ମଶା ବସା ନ ବାନ୍ଧନ୍ତି ତାହାର ସୁବ୍ୟବସ୍ଥା କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ଯେତେସମ୍ଭବ ଅବସାଦଠାରୁ ଦୂରରେ ରଖନ୍ତୁ। କାରଣ ଏଭଳି ସମସ୍ୟା ଯଦି ନିୟମିତ ଲାଗି ରହେ, ତେବେ ତାହା ନିଜର ମାନସିକତାକୁ ପ୍ରଭାବିତ କରିବା ସହ କେତେକ ରୋଗର ପରୋକ୍ଷ କାରଣ ସାଜିଥାଏ।
- ଏକ ସୁସ୍ଥ ଜୀବନଶୈଳୀ ପାଇଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ।
- ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ। ଏଭଳି ଖାଦ୍ୟକୁ ଅଭ୍ୟାସ କରନ୍ତୁ ନାହିଁ, ଯାହା ପାଇଁ ଅଯଥାରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେବ।
- ଆପଣଙ୍କ ବୟସ ଯଦି ୪୦ ଟପିଗଲାଣି, ତେବେ ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

---



# ସୁସ୍ଥ ଦାନ୍ତ ପାଇଁ

ଭଲ ଭାବରେ ଚୋବାଇ ଖାଇଲେ ଖାଦ୍ୟ ହଜମ ହୋଇଥାଏ, ଆଉ ଏହି କାମଟିକୁ ତୁଲାଏ ଦାନ୍ତ। ଦାନ୍ତରେ ଯଦି କିଛି ସମସ୍ୟା ଦେଖାଦେଲା, ତେବେ ଆମକୁ ଖାଇବାରେ ଅସୁବିଧା ହୋଇଥାଏ। ତେଣୁ ଦାନ୍ତ କିପରି ସୁସ୍ଥ ତଥା ସବଳ ରହିବ, ସେଥିପାଇଁ ଆମେ ପ୍ରତିଦିନ ସକାଳୁ ଦାନ୍ତ ଘଷୁ। କେତେକ ଅଳ୍ପ ସମୟ ଭିତରେ ଏହି କାମ ଶେଷ କରିଦିଅନ୍ତି। ଫଳରେ ଦାନ୍ତ ଭଲ ଭାବରେ ସଫା ହୋଇ ନ ଥାଏ। ଦାନ୍ତ ମାଢ଼ିରେ ଖାଦ୍ୟ ଅବଶିଷ୍ଟାଂଶ ରହିଯାଏ, ଯଦ୍ଦ୍ୱାରା ଦାନ୍ତଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ। କେତେକେ ପ୍ରତିଦିନ ଦାନ୍ତ ଘଷି ନ ଥାନ୍ତି। ଏଭଳି ଅଭ୍ୟାସ ତୁରନ୍ତ ଛାଡ଼ନ୍ତୁ। ସକାଳୁ ଉଠିବା ପରେ ପ୍ରଥମ କାମ ହେଲା ଦାନ୍ତ ଘଷିବା। ଏଥିପାଇଁ ଭଲ ବ୍ରଶ ଏବଂ ପେଷ୍ଟ ଚୟସ୍ କରନ୍ତୁ। ନିଶାଦ୍ରବ୍ୟ ସେବନ କିମ୍ବା ଗୁଟ୍‌ଖା ଆଦି ଖାଇଲେ ଦାନ୍ତ କଳା ପଡିଥାଏ ଏବଂ ପରବର୍ତ୍ତୀ ସମୟରେ ମୁଖଗହ୍ୱର କ୍ୟାନ୍‌ସର ହେବାର ଆଶଙ୍କା ରହିଛି। ତେଣୁ ସୁସ୍ଥ ଦାନ୍ତ ପାଇଁ ନିଶାଦ୍ରବ୍ୟ ଖାଆନ୍ତୁ ନାହିଁ। ପ୍ରତି ୨-୩ ମାସରେ ଟୁଥ ବ୍ରଶ ବଦଳାନ୍ତୁ। ଟୁଥବ୍ରଶ ଅଧିକ ଦିନ ଧରି ବ୍ୟବହାର କଲେ ତାହା ଦାନ୍ତମୂଳରେ ବ୍ୟାକ୍ଟେରିଆ ସୃଷ୍ଟି କରିଥାଏ। ବ୍ରଶ କରିବା ସମୟରେ ଟୁଥ୍‌ବ୍ରଶକୁ ୪୫ ଡିଗ୍ରୀ ଆଙ୍ଗେଲରେ ବୁଲାନ୍ତୁ। ବ୍ରଶ୍‌କୁ ସବୁବେଳେ ପେନ୍‌ସିଲ ଧରିବା ପରି ଧରନ୍ତୁ, ଏହାଦ୍ୱାରା ଭଲ ଭାବରେ ଦାନ୍ତ ଘଷି ହୋଇଥାଏ। ଦାନ୍ତକୁ ସୁସ୍ଥ ରଖିବା ପାଇଁ ଜିଭ ଭଲ ଭାବରେ ସଫା କରନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହାର ଖରାପ ପ୍ରଭାବ ଦାନ୍ତ ଉପରେ ପଡିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା- ପ୍ରତିଦିନ ସକାଳେ ଏବଂ ରାତିରେ ଶୋଇବାକୁ ଯିବା ପୂର୍ବରୁ ଦାନ୍ତ ଘଷନ୍ତୁ।

**ଦାନ୍ତ କିପରି ସୁସ୍ଥ ତଥା ସବଳ ରହିବ, ସେଥିପାଇଁ ଆମେ ପ୍ରତିଦିନ ସକାଳୁ ଦାନ୍ତ ଘଷୁ। କେତେକ ଅଳ୍ପ ସମୟ ଭିତରେ ଏହି କାମ ଶେଷ କରିଦିଅନ୍ତି। ଫଳରେ ଦାନ୍ତ ଭଲ ଭାବରେ ସଫା ହୋଇ ନ ଥାଏ। ଦାନ୍ତ ମାଢ଼ିରେ ଖାଦ୍ୟ ଅବଶିଷ୍ଟାଂଶ ରହିଯାଏ, ଯଦ୍ଦ୍ୱାରା ଦାନ୍ତଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ...**



---

# ମେଦବହୁଳତା କମାଇବାର ଘରୋଇ ଉପାୟ

ମେଦବହୁଳତା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏହାକୁ ନିୟନ୍ତ୍ରଣରେ ରଖିବାକୁ ଆପଣ କେତୋଟି ଘରୋଇ ଉପାୟ ଆପଣେଇ ପାରନ୍ତି। ଦୈନନ୍ଦିନ ଜୀବନ ତାଲିକାରେ ଏକ୍ସରସାଇଜ ସାମିଲ କରନ୍ତୁ। ପ୍ରତିଦିନ ଏକ୍ସରସାଇଜ କରିବା ଦ୍ୱାରା ମାଂସପେଶୀଜନିତ ସମସ୍ୟା ଦେଖାଦେଇ ନ ଥାଏ ଏବଂ ପେଟରୁ ଚର୍ବି କମିଥାଏ। ଏକ୍ସରସାଇଜ କରିବା ସହ ୱାର୍ମଅପ କରିବାକୁ ଭୁଲନ୍ତୁ ନାହିଁ। ଦୁଗ୍ଧଜାତୀୟ ଖାଦ୍ୟ ଖାଆନ୍ତୁ। କେତେକ ବିଶ୍ୱାସ କରନ୍ତି ଯେ ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ଦ୍ୱାରା ପେଟରେ ଚର୍ବି ବଢ଼ିଥାଏ। ହେଲେ ଏହା ଏକ ଭ୍ରାନ୍ତ ଧାରଣା। ବରଂ ଏହା ଚର୍ବିକୁ କମ୍ କରାଇବାରେ ସହାୟକ ହୋଇଥାଏ। ପ୍ୟାକ୍‌ଡ ଫୁଡ୍ ଆଦୌ ଖାଆନ୍ତୁ ନାହିଁ। କାରଣ ଏଭଳି ଖାଦ୍ୟ ଅଧିକ ଦିନ ଡବା ଭିତରେ ବନ୍ଦ ହୋଇ ରହୁଥିବାରୁ ତା' ଭିତରେ ଶରୀର ପାଇଁ ହାନିକାରକ ସାଲ୍ୟସ୍ତ ହୋଇଥାଏ। ନିୟମିତ ସକାଳ ଜଳଖିଆ ଖାଇବାକୁ ଭୁଲନ୍ତୁ ନାହିଁ। ଏଥିରେ ଜୁସ୍, ସାଲାଡ ସାମିଲ କରନ୍ତୁ କାରଣ ଏହା ଶରୀରରେ ଚର୍ବି କମାଇଥାଏ।



## ସଂକ୍ଷେପରେ

### ୱିପ୍ରୋକୁ ୧.୫ ବିଲିୟନ ଡଲାର କଣ୍ଟ୍ରାକ୍ଟ

**ବେଙ୍ଗାଲୁରୁ,୨-୯:** ଦେଶର ଅନ୍ୟତମ ଅଗ୍ରଣୀ ଆଇଟି କମ୍ପାନୀ ୱିପ୍ରୋକୁ ଏହାର ଇତିହାସରେ ସର୍ବବୃହତ କଣ୍ଟ୍ରାକ୍ଟ ମିଳିଛି। ରବିବାର କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏହା ଆମେରିକାର ଇଲିନଏସ ସ୍ଥିତ ଆଲାଇଟ୍ ସଲ୍ୟୁସନ୍ସ ଏଲଏଲସିରୁ ୧୦ ବର୍ଷିଆ ଭିତ୍ତିରେ ୧.୫ ବିଲିୟନ ଡଲାର କଣ୍ଟ୍ରାକ୍ଟ ମିଳିଛି। ଡିଜିଟାଲ ସର୍ଭିସ କ୍ଷେତ୍ରରୁ ମିଳୁଥିବା ଚ୍ୟାଲେଞ୍ଜ ଯୋଗୁ ଆଉଟସୋର୍ସିଂ ସେବା ଉଦ୍ୟୋଗ ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏଭଳି ସ୍ଥିତିରେ ବଡ଼ କଣ୍ଟ୍ରାକ୍ଟ ପାଇବା କ୍ଷେତ୍ରରେ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ସହ ସମକକ୍ଷ ହେବାରେ ୱିପ୍ରୋ ସଫଳ ହୋଇଛି। ଆବିଦ ଅଲୀ ନିମୁଚାୱାଲା ସିଇଓ ଭାବେ ଯୋଗ ଦେବା ପରେ ୱିପ୍ରୋର ଏହା ସବୁଠାରୁ ବଡ଼ ଡିଲ୍ କୁହାଯାଉଛି। ସେ ଦାୟିତ୍ୱ ନେବା ପରେ କମ୍ପାନୀର ରାଜସ୍ୱ ଆୟ କ୍ରମାଗତ ବଢ଼ିଚାଲିଛି।

### ନିୟନ୍ତ୍ରଣାଧୀନ ହେବ ଅନ୍‌ଲାଇନ ମେଡିସିନ ବିକ୍ରି

**ନୂଆଦିଲ୍ଲୀ,୨-୯:** ନେଟ୍‌ମେଡ୍, ୧ଏମ୍‌ଜି ଏବଂ ଫାର୍ମଇଜି ଭଳି ଅନ୍‌ଲାଇନରେ ମେଡିସିନ ବିକ୍ରି କରୁଥିବା କମ୍ପାନୀ ଗୁଡିକ ଏଣିକି ନିୟନ୍ତ୍ରଣାଧୀନ ହେବେ। ସେମାନଙ୍କ ପାଇଁ ଏକ ରେଗୁଲେଟୋରୀ ବା ନିୟାମକ ଗଠନ କରାଯିବ। ଏସଂକ୍ରାନ୍ତରେ ସେଣ୍ଟ୍ରାଲ ଷ୍ଟାଣ୍ଡାର୍ଡ ଡ୍ରଗ୍ସ କଣ୍ଟ୍ରୋଲ ଅର୍ଗାନାଇଜେଶନ ପକ୍ଷରୁ ନିୟମ ପ୍ରଣୟନ ପାଇଁ ଚିଠା ପ୍ରସ୍ତାବ ଦିଆଯାଇଛି। ଡ୍ରଗ୍ ଆଇନ ଅଧୀନରେ ଅନ୍‌ଲାଇନ ମେଡିସିନ ବିକ୍ରି କରୁଥିବା କମ୍ପାନୀ ଗୁଡିକୁ ଆଣି ସେମାନଙ୍କୁ ନିୟନ୍ତ୍ରଣ କରାଯିବା ସହ ସେମାନଙ୍କ ବିକ୍ରି ଓ ବିତରଣ ଉପରେ ନଜର ରଖାଯିବ। ଜଣେ ଅଧିକାରୀ କହିଛନ୍ତି ଯେ, ଲାଗୁ ହେବାକୁ ଥିବା ନିୟମ ଅନୁଯାୟୀ ଅନ୍‌ଲାଇନରେ ମେଡିସିନ ବିକ୍ରି କରୁଥିବା କମ୍ପାନୀ ଗୁଡିକ ପଞ୍ଜୀକୃତ ହେବେ ଏବଂ ସେମାନଙ୍କୁ ମେଡିସିନର ଷ୍ଟକ, କାରବାର ଏବଂ ପ୍ରେସ୍କ୍ରିପଶନ ଆଧାରରେ ଔଷଧ ବିକ୍ରିର ତଥ୍ୟ ସଂଗ୍ରହ କରି ରଖିବାକୁ ହେବ। ବିଭିନ୍ନ ସମୟରେ ନିୟାମକଙ୍କ ପକ୍ଷରୁ କମ୍ପାନୀ ଗୁଡିକରେ ଚଢ଼ାଉ କରାଯିବ ଏବଂ ଠିକ ମାନର ଔଷଧ ବିକ୍ରି କରାଯାଉ ନଥିବା ଜଣାପଡିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବାର ବ୍ୟବସ୍ଥା ରହିବ। ସୂଚନାଥାଉକି, ଗତ ୨ ବର୍ଷ ଭିତରେ ପ୍ରାୟ ୫୦୦ କମ୍ପାନୀ ପ୍ରତିଯୋଗିତାରେ ଓହ୍ଲାଇଛନ୍ତି।

### ୨୭୦ କୋଟିର ଋଣ ଜାଲିଆତି
### ବିଦେଶ ଫେରାର ପୂର୍ବରୁ କାର ଡିଲର ଗିରଫ

**ନୂଆଦିଲ୍ଲୀ,୨-୯:** ଋଣ ଟଙ୍କା ଫେରସ୍ତ ନ କରି ଏଣିକି କୌଣସି କମ୍ପାନୀର ପ୍ରମୋଟର ଆଉ ବିଦେଶ ପଳାୟନ କରିପାରିବେ ନାହିଁ। ବିମାନ ବନ୍ଦରରେ ହିଁ ସେମାନଙ୍କୁ ଗିରଫ କରାଯିବ। ବିଳାସମୟ ଅଡି ଓ ପୋର୍ସ ଗାଡି ବିକ୍ରି କରୁଥିବା କାର୍ ଡିଲର ରାଣ୍ ପାଲ୍ ସିଂହ ଟୋଡ୍ ଏବଂ ତାଙ୍କ ପିତା ମନ୍ଧିର ସିଂହ ଟୋଡ୍ ୨୭୦ କୋଟି ଟଙ୍କାର ବକେୟା ଋଣ ପରିଶୋଧ ନ କରି ବିଦେଶ ପଳାଇବାକୁ ଉଦ୍ୟମ କରୁଥିବା ବେଳେ ବିମାନ ବନ୍ଦରରେ ଧରାପଡିଛନ୍ତି। ସେମାନେ ବ୍ରିଟେନରେ ନାଗରିକତ୍ୱ ହାସଲ କରିଥିବା ପ୍ରବାସୀ ଭାରତୀୟ। ଗୁରୁଗ୍ରାମରେ ସେମାନଙ୍କର ଜେନିକା ଗ୍ରୁପ ମାଲିକାନାରେ ପୋର୍ସ ସେଣ୍ଟର ଗୁରୁଗ୍ରାମ, ଅଡି ଗୁରୁଗ୍ରାମ, ଅଡି ଦିଲ୍ଲୀ ସେଣ୍ଟ୍ରାଲ, ଅଡି ଆପ୍ରୁଭ୍ଡ ପ୍ଲସ ଏବଂ ଅଡି ସର୍ଭିସ ଗୁରୁଗ୍ରାମ ସହିତ ଆଇଜେନିକା ଚେନ୍‌ରେ ଆପଲ୍ ଶୋରୁମ୍ ରହିଛି। ଦିଲ୍ଲୀ ଗୁରୁଗ୍ରାମ ପେଜ୍-୩ ସର୍କିଟରେ ରାଣ୍ ପାଲ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ଅଗଷ୍ଟ ୨୯ରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଠକେଇ ଓ ଜାଲିଆତି ଅଭିଯୋଗ ଅଣାଯିବା ପରେ ଦିଲ୍ଲୀ ପୋଲିସର ଇକୋନୋମିକ ଅଫେନ୍ସ ୱିଙ୍ଗର ଏକ ଦଳ ସେମାନଙ୍କୁ ବିମାନ ବନ୍ଦରରୁ ଗିରଫ କରିଛି। କମ୍ପାନୀର ବାଲାନ୍ସ ସିଟ୍‌ରେ ଲାଭ ଦର୍ଶାଯାଉଥିବା ବେଳେ ସେମାନେ ୪ ବର୍ଷ ହେଲା କ୍ଷତି ହେଉଥିବା କହି ଆସୁଥିଲେ।

---



" ବିମୁଦ୍ରୀକରଣ ପରେ ଦେଶରେ ଟିକସ ଆଦାୟ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବା ସହିତ ଟିକସ ରାଜସ୍ୱ ମଧ୍ୟ ବୃଦ୍ଧି ପାଇଛି।
– ଶମିକା ରବି, ସଦସ୍ୟ, ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ



" କର୍ପୋରେଟ୍ ଗଭର୍ନାନ୍ସ କ୍ଷେତ୍ରରେ ସ୍ୱଚ୍ଛତା ଆଣିବାକୁ କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି। ଏଥିପାଇଁ ପରୀକ୍ଷା ମାଧ୍ୟମରେ ସ୍ୱାଧୀନ ନିର୍ଦ୍ଦେଶକ ଚୟନ କରାଯିବ।
– ପି.ପି. ଚୌଧୁରୀ, କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

# ମନି ଲଣ୍ଡରିଂ ଅର୍ଥରେ ସମ୍ପତ୍ତି କିଣିଛନ୍ତି ଚୋକ୍‌ସୀ

**ନୂଆଦିଲ୍ଲୀ,୨-୯**



- ୧୨୧୦ କୋଟି ଟଙ୍କାରେ ୪୧ ସମ୍ପତ୍ତି
- ମାମଲା ସରିବା ପର୍ଯ୍ୟନ୍ତ ଇଡି ନିକଟରେ ରହିବ ଜବତ ସମ୍ପତ୍ତି
- ଜବତ ସମ୍ପତ୍ତି ବାଜ୍ୟାପ୍ତି ନେଇ ସ୍ଥିର କରିବେ ପିଏମ୍‌ଏଲ୍‌ଏ କୋର୍ଟ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ୧୨୧୦ କୋଟି ଟଙ୍କାର ମନି ଲଣ୍ଡରିଂ ଅର୍ଥରେ ୪୧ଟି ସମ୍ପତ୍ତି କିଣିଛନ୍ତି ବୋଲି ପିଏମ୍‌ଏଲଏ ଅଥରିଟି କୋର୍ଟ କହିଛନ୍ତି। ଜବତ ହୋଇଥିବା ଏହି ସମ୍ପତ୍ତି ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ (ଇଡି) ନିକଟରେ ରହିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ଇଡି ପିଏନ୍‌ବି ଦୁର୍ନୀତିର ପର୍ଦ୍ଦାଫାଶ ପରେ ସାରା ଦେଶରେ ଚଢ଼ାଉ କରି ଚୋକ୍‌ସୀଙ୍କ ମୁମ୍ବାଇସ୍ଥିତ ୧୫ଟି ଫ୍ଲାଟ୍ ଓ ୧୭ଟି ଅଫିସ ପରିସର, କୋଲକାତାର ଏକ ସପିଂ ମଲ୍, ଆଲିବାଗରେ ଥିବା ୪ ଏକର ଫାର୍ମ ହାଉସ, ମହାରାଷ୍ଟ୍ରର ନାସିକ, ନାଗପୁର, ପନଭେଲ ତଥା ତାମିଲନାଡୁର ଭେଲୁପୁରମରେ ଥିବା ୨୩୧ ଏକର ଜମି, ହାଇଦ୍ରାବାଦର ରଙ୍ଗାରେଡ୍ଡୀ ଜିଲାରେ ୫୦୦ କୋଟି ଟଙ୍କା ମୂଲ୍ୟର ୧୭୦ ଏକର ପାର୍କକୁ ଜବତ କରିଥିଲେ। ଏଗୁଡିକ ପିଏମ୍‌ଏଲଏ ଆଇନ ଅଧୀନରେ ଜବତ କରାଯାଇଥିଲା। ଚୋକ୍‌ସୀଙ୍କ ଜବତ ସମ୍ପତ୍ତି ଓ ତାଙ୍କର ଆୟ ସମ୍ପର୍କିତ ସମସ୍ତ ତଥ୍ୟକୁ ଯାଞ୍ଚ କରିବା ପରେ ଜବତ ହୋଇଥିବା ଉକ୍ତ ପରିମାଣର ସମ୍ପତ୍ତି ମନି ଲଣ୍ଡରିଂ ଅର୍ଥରେ କିଣାଯାଇଥିବା ହୃଦବୋଧ ହୋଇଛି ବୋଲି ବିଚାରପତି ତୁଷାର ଭି. ଶାହ୍ ତାଙ୍କ ରାୟରେ ଦର୍ଶାଇଛନ୍ତି। ଏହି ସମ୍ପତ୍ତିକୁ ୯୦ ଦିନ ଅଥବା ମାମଲା ଶେଷ ହେବା ପର୍ଯ୍ୟନ୍ତ ଇଡି ନିକଟରେ ରଖାଯିବାକୁ ସେ ଉଲ୍ଲେଖ କରିଛନ୍ତି। ଜବତ ସମ୍ପତ୍ତି ବାଜ୍ୟାପ୍ତ ହେବ କି ନା ତାହା ପିଏମ୍‌ଏଲ୍‌ଏ କୋର୍ଟ ସ୍ଥିର କରିବେ। ଉଲ୍ଲେଖଥାଉକି, ଉକ୍ତ ଅଥରିଟି ଏକ କ୍ୱାଜି-ଜୁଡିସିଆଲ ସଂସ୍ଥା ଭାବେ ପିଏମ୍‌ଏଲ୍‌ଏ ମାମଲାରେ ଜବତ ସମ୍ପତ୍ତି ସମ୍ପର୍କରେ ନିଷ୍ପତ୍ତି ନେଇଥାନ୍ତି। ଚୋକ୍‌ସୀ ଏବେ କ୍ୟାରିବିୟାନ ଦେଶ ଆଣ୍ଟିଗୁଆରେ ଲୁଚିଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ ଲାଗି ଭାରତ ପକ୍ଷରୁ ଉଦ୍ୟମ ଜାରି ରହିଛି। ଦୁର୍ନୀତି ମାମଲାର ଯାଞ୍ଚ କରୁଥିବା ସିବିଆଇ ପକ୍ଷରୁ ପ୍ରତ୍ୟର୍ପଣ ଲାଗି ଆଣ୍ଟିଗୁଆ ସରକାରଙ୍କୁ କୁହାଯାଇଛି। ଅନ୍ୟପକ୍ଷରେ ସେ କୌଣସି ଭୁଲ୍ କାର୍ଯ୍ୟ କରିନାହାନ୍ତି ବୋଲି ଚୋକ୍‌ସୀ ସଫେଇ ଦେଇ ସାରିଛନ୍ତି।

## ଶେୟାର ମୋବିଲିଟି ଲାଗି ହୋଣ୍ଡା ଟୁ ହ୍ୱିଲର୍ସ- ଡ୍ରାଇଭ୍‌ଜି ଚୁକ୍ତି




**ଭୁବନେଶ୍ୱର, ୨-୯**

ସେୟାର୍ଡ ମୋବିଲିଟି ଲାଗି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ 'ଡ୍ରାଇଭଜି' ନାମକ ସଂସ୍ଥା ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଡ୍ରାଇଭଜି ସେଲଫ୍ ଡ୍ରାଇଭ୍ ରେଣ୍ଟାଲ ବାଇକ୍ ସେବା ପ୍ରଦାନ କରୁଛି। ହୋଣ୍ଡା କମ୍ପାନୀ ପକ୍ଷରୁ ଉକ୍ତ ସଂସ୍ଥାକୁ ୩ ହଜାର ସ୍କୁଟର ପ୍ରଦାନ କରାଯାଇଛି। ଏହା ହାଇଦ୍ରାବାଦ ଏବଂ ବାଙ୍ଗାଲୋରରେ ପ୍ରଚଳନ କରିବ। ଉକ୍ତ କମ୍ପାନୀର ଫ୍ଲିଟରେ ଆକ୍ଟିଭା ୫ଜି ଏବଂ କ୍ଲିକ୍ ଭଳି ସ୍କୁଟରକୁ ସାମିଲ କରାଯାଇଛି। ବାଙ୍ଗାଲୋରର ହ୍ୱାଇଟ ଫିଲ୍ଡଠାରେ ଏହି ସେବା ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଅବସରରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ, ଡ୍ରାଇଭଜିର ସିଇଓ ଅଶ୍ୱର୍ଯ୍ୟ ପ୍ରତାପ ସିଂହ, ସାଫିରେ ହୋଣ୍ଡା ନିର୍ଦ୍ଦେଶକ ମହମ୍ମଦ ହାଫିଜ୍ ପ୍ରମୁଖ ଉପସ୍ଥିତ ଥିଲେ। ଅନେକ ସେୟାର୍ଡ ମୋବିଲିଟି ସଂସ୍ଥା ନିଜ ଫ୍ଲିଟ୍‌ରେ ହୋଣ୍ଡା ସ୍କୁଟରକୁ ସାମିଲ କରୁଥିବା ଏଥିରେ ଗୁଲେରିଆ ସୂଚନା ଦେଇଛନ୍ତି।




## ବଜାରରେ ଏମ୍‌ଆଇ ଏ୨

**ଭୁବନେଶ୍ୱର, ୨-୯**

ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ଏମ୍‌ଆଇ ପକ୍ଷରୁ ଓଡିଶା ବଜାରରେ ଏହାର ନୂଆ ସ୍ମାର୍ଟଫୋନ ଏ୨ ପ୍ରବେଶ କରିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ କଟକ ଓ ଭୁବନେଶ୍ୱରରେ ପ୍ରଡକ୍ଟ ଲଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ଲକ୍ଷ୍ମୀ ମୋବାଇଲ, ଟେକ୍ ଜୋନ୍, ଅମ୍ବିକା ମୋବାଇଲ, ମା ମୋବାଇଲ, ସିଷ୍ଟର ମୋବାଇଲ, ଭୂତନାଥ, ୟୁନିକର୍ଣ୍ଣ ଭଳି ଷ୍ଟୋରଗୁଡିକରେ ଏହାର ଉନ୍ମୋଚନ କରାଯାଇଥିଲା। ସେହିଭଳି କଟକର ଶ୍ରୀ ମୋବାଇଲ୍, ନ୍ୟୁୟର୍କ ମୋବାଇଲ୍, ଜେଡି ଏବଂ ନିଗମ ଭଳି ଷ୍ଟୋରରେ ମଡେଲଟିର ବଜାର ପ୍ରବେଶ ହୋଇଛି। କମ୍ପାନୀ ପକ୍ଷରୁ ଓଡିଶା ମୁଖ୍ୟ ଅମିତ କୁମାର ପଣ୍ଡା, ଭୁବନେଶ୍ୱର ଡିଷ୍ଟ୍ରିବ୍ୟୁଟର ଜୟ ସଦାନୀ, ଇଣ୍ଡିଆଜ୍ ଗଟ୍ ଟାଲେଣ୍ଟ ଫାଇନାଲିଷ୍ଟ ହରିହର ଦାସ, ମିସ୍ ଇଣ୍ଡିଆ ଫାଇନାଲିଷ୍ଟ ପୂଜା ମିଶ୍ର ଉପସ୍ଥିତ ରହି ଏହାକୁ ବଜାରକୁ ଛାଡ଼ିଛନ୍ତି। ଏମ୍‌ଆଇ ଏ୧ର ସଫଳତା ପରେ ଏହା ବଜାରକୁ ଆସିଛି। ଉନ୍ନତ କ୍ୟାମେରା, ଷ୍ଟାଇଲିସ୍ ଡିଜାଇନ୍, ୪ଜିବି ରାମ୍ ଏବଂ ୬୪ ଜିବି ଭାରିଆଣ୍ଟର ମୂଲ୍ୟ ୧୭,୪୯୯ ଟଙ୍କା ରହିଥିବା ବେଳେ ଏହା ବ୍ଲାକ୍, ଲେକ୍ ବ୍ଲୁ, ରୋଜ୍ ଗ୍ଲୋଡ ଏବଂ ଗୋଲ୍ଡ ଭଳି ରଙ୍ଗରେ ବଜାରକୁ ଆସିଛି। ଏଥିରେ ୫.୯୯ ଇଞ୍ଚର ଫୁଲ୍ ଏଚ୍‌ଡି ଡିସ୍‌ପ୍ଲେ, ୬୬୦ ଏସ୍‌ଓସି କ୍ୱାଲକମ୍ ସ୍ନାପଡ୍ରାଗନ, ଆଡ୍ରେନୋ ୫୧୨ ଜିପିୟୁ, ଆଣ୍ଡ୍ରଏଡ୍ ଓରିଓ ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ଫିଚର ସୁବିଧା ରହିଛି। ଏହା ୩୦୧୦ ଏମ୍‌ଏଏଚ୍ ବ୍ୟାଟେରି କ୍ଷମତା ସହ ବଜାରକୁ ଆସିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଖଣ୍ଡପୀଠରେ ଆୟକର ବିଭାଗକୁ ଭର୍ତ୍ସନା

**ସୁପ୍ରିମକୋର୍ଟ ପିକ୍‌ନିକ୍‌ର ସ୍ଥାନ ନୁହେଁ**



**ବେଙ୍ଗାଲୁରୁ,୨-୯**

ପଡି ରହିଥିବା ଏକ ପୁରୁଣା ମାମଲାରେ ଆୟକର ବିଭାଗ ଅଦାଲତକୁ ଠିକ ତଥ୍ୟ ଦେବାରେ ବିଫଳ ହେବାରୁ ସୁପ୍ରିମକୋର୍ଟ ଖଣ୍ଡପୀଠ କ୍ଷୁବ୍ଧ ହୋଇଛନ୍ତି। ଜଷ୍ଟିସ ମଦନ ବି.ଲୋକୁର, ଜଷ୍ଟିସ ଏସ.ଅବଦୁଲ୍ ନଜିର ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆୟକର ବିଭାଗକୁ ଭର୍ତ୍ସନା କରି ସୁପ୍ରିମକୋର୍ଟ ପିକ୍‌ନିକ କରିବାର ସ୍ଥାନ ନୁହେଁ ବୋଲି କହିବା ସହିତ ବିଭାଗକୁ ୧୦ ଲକ୍ଷ ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି।

ଉତ୍ତର ପ୍ରଦେଶ ଅର୍ବାନ ପ୍ଲାନିଂ ଆଣ୍ଡ ଡେଭଲପ୍‌ମେଣ୍ଟ ଆକ୍ଟ,୧୯୭୩ ଅଧୀନରେ ହାପୁର ପିଲଖୁଆ ଡେଭଲପ୍‌ମେଣ୍ଟ ଅଥରିଟି(ଏଚ୍‌ପିଡିଏ) ଗଠନ କରାଯାଇଥିଲା। ଏହାର ଆୟକର ପ୍ରଦାନ ନେଇ ଇନକମ୍ ଟ୍ୟାକ୍ସ ଆପେଲାଟ ଟ୍ରିବ୍ୟୁନାଲରେ ଏକ ମାମଲା ହୋଇଥିଲା। ଟ୍ରିବ୍ୟୁନାଲ ଦେଇଥିବା ରାୟକୁ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଦେଇଥିଲେ। ଏହା ବିରୋଧରେ ଆୟକର ବିଭାଗ ସୁପ୍ରିମକୋର୍ଟରେ ମାମଲା ଦାୟର କରିଛନ୍ତି। ଉକ୍ତ ଖଣ୍ଡପୀଠରେ ମାମଲାର ଶୁଣାଣି ବେଳେ ଆୟକର ବିଭାଗ କମିଶନର ଏଭଳି ଏକ ମାମଲା ୨୦୧୧ରୁ ସର୍ବୋଚ୍ଚ ଅଦାଲତରେ ଝୁଲି ରହିଛି ବୋଲି ଦର୍ଶାଇଥିଲେ। ପ୍ରକୃତରେ ୨୦୧୨ରେ ଏହାର ରାୟ ପ୍ରକାଶ ପାଇସାରିଛି। ଅନ୍ୟପକ୍ଷରେ ହାଇକୋର୍ଟ ରାୟକୁ ବିଭାଗ ଚ୍ୟାଲେଞ୍ଜ କରି ୫୯୬ ଦିନ ପରେ ସର୍ବୋଚ୍ଚ ଅଦାଲତରେ ମାମଲା ଦାୟର କରିଥିଲେ ବୋଲି ଖଣ୍ଡପୀଠ କହିଥିଲେ। କମିଶନରଙ୍କ ଏଭଳି ଢ଼ିଲାଢ଼ାଲା ମନୋଭାବକୁ ନେଇ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିଥିଲେ ଏବଂ ଅଦାଲତରେ ମାମଲାର ଶୁଣାଣି ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ।

## ମୋବିଷ୍ଟାର ଆଣିଲା ୫ ନୂଆ ସ୍ମାର୍ଟଫୋନ



**ଭୁବନେଶ୍ୱର, ୨-୯**

ଅନ୍ତର୍ଜାତୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ମୋବିଷ୍ଟାର ଓଡିଶା ବଜାରରେ ଅଫ ଲାଇନ୍ ବିଜନେସ ଅପରେଶନ ଆରମ୍ଭ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀ ଏଠାରେ ୫ ସେଲଫି ଭିତ୍ତିକ ସ୍ମାର୍ଟଫୋନକୁ ବଜାର ପ୍ରବେଶ କରାଇଛି। ଏହି ଅବସରରେ କମ୍ପାନୀର ଶାଖା ପ୍ରବନ୍ଧକ ରାମକ୍ରିଷ୍ଣ ସାହୁ, ଏରିଆ ବିକ୍ରି ପ୍ରବନ୍ଧକ ଅଖିଳ ପାଣିଗ୍ରାହୀ, ବିତରକ ପ୍ରଦୀପ ଜେନା ଉପସ୍ଥିତ ରହି ମଡେଲ ଗୁଡିକୁ ଉନ୍ମୋଚନ କରିଥିଲେ। ଏହି ଫୋନ୍‌ଗୁଡିକର ବଜାର ଦର ୪,୩୫୦ ଟଙ୍କାରୁ ୧୦,୫୦୦ ଟଙ୍କା ରହିଛି। ବିଶେଷ କରି ଯୁବାବର୍ଗ ତଥା ସେଲ୍‌ଫି ପ୍ରେମୀଙ୍କୁ ଧ୍ୟାନରେ ରଖି ଏଭଳି ପ୍ରଡକ୍ଟ ବଜାରକୁ ଛଡ଼ା ଯାଇଥିବା କମ୍ପାନୀ ସୂଚନା ଦେଇଛି। ବଜାରକୁ ଆସିଥିବା ମଡେଲଗୁଡିକ ମଧ୍ୟରେ ସିଂ ଲାଇଟ୍ , ସିଂ, ସି ୨, ଇ୧ ସେଲ୍ଫି ଏବଂ ଏକ୍ସ୧ ଡୁଆଲ ରହିଛି। ଏଗୁଡିକର ମୂଲ୍ୟ ଯଥାକ୍ରମେ- ୪,୩୫୦ ଟଙ୍କା, ୫୪୦୦ ଟଙ୍କା, ୬,୩୦୦ ଟଙ୍କା, ୮,୪୦୦ ଟଙ୍କା ଏବଂ ୧୦,୫୦୦ ଟଙ୍କା ରହିଛି। କମ୍ପାନୀ ଘରୋଇ ବଜାରରେ ୬୦୦ ବିତରକଙ୍କ ସହ ଯୋଡି ହେବାକୁ ଯୋଜନା ରଖିଛି। ଅଫଲାଇନ ବଜାରରେ ନିଜର ସ୍ଥିତିକୁ ଦୃଢ କରିବା ଲାଗି କମ୍ପାନୀ ଲକ୍ଷ୍ୟ ରଖିଛି। ୧୦୦୦ ସର୍ଭିସ ସେଣ୍ଟର ନେଟୱର୍କ ସହ କାର୍ଯ୍ୟ କରିବାକୁ କମ୍ପାନୀ ସୂଚନା ଦେଇଛି।

## ଆଇସିଏଫ୍‌ଏଆଇ ବିଜନେସ୍ ସ୍କୁଲ୍‌ର ଅଧ୍ୟାପକ କର୍ମଶାଳା

**ଭୁବନେଶ୍ୱର, ୨-୯**




ଆଇସିଏଫ୍‌ଏଆଇ ବିଜନେସ୍ ସ୍କୁଲ ପକ୍ଷରୁ ବାର୍ଷିକ ଅଧ୍ୟାପକ କର୍ମଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପକୁଳପତି ଡ.କୁମରବର ଦାସ୍ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଇବିଏସ୍ କଲିକତା ଶାଖାର ପ୍ରାଧ୍ୟାପକ ସଂପ୍ରୀତ ଚକ୍ରବର୍ତ୍ତୀ, ଅଧ୍ୟାପିକା ଡ. ପଲ୍ଲବୀ ଘୋଷ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ବିଷୟ ବସ୍ତୁ 'ରିସର୍ଚ୍ଚ ମେଥୋଡୋଲୋଜି ୟୁଜିଂ ଏସ୍‌ପିଏସ୍‌ଏସ୍ ଆଣ୍ଡ ଏଏମ୍‌ଓଏସ୍' ଉପରେ ପର୍ଯ୍ୟବସିତ ରହିଥିଲା।

ରାଜ୍ୟର ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନର ଶିକ୍ଷାବିତ ଏଥିରେ ଯୋଗ ଦେଇଥିଲେ। ଆଧୁନିକ ଶିକ୍ଷା ବିଜ୍ଞାନ କ୍ଷେତ୍ରରେ ଜ୍ଞାନକୌଶଳ ଏବଂ ଏହାର ଉପଯୋଗିତା ଦ୍ୱାରା ଶିକ୍ଷକ ତଥା ଛାତ୍ରୀଛାତ୍ରଙ୍କ ଉନ୍ନତୀକରଣ ନେଇ କର୍ମଶାଳାରେ ଆଲୋଚନା କରାଯାଇଥିଲା। ପ୍ରତିଷ୍ଠାନ ପକ୍ଷରୁ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଆଇବିଏସ୍ ଭୁବନେଶ୍ୱର ମାର୍କେଟିଂ ଶାଖାର ସଦସ୍ୟ ତଥା ଶାଖା ପ୍ରବନ୍ଧକ ଆଶୁତୋଷ ତ୍ରିପାଠୀ, ଅଜୟ କେତନ ନାୟକ ଏହି ଅବସରରେ ଉପସ୍ଥିତ ଥିଲେ।

## ଇରାନ ବିରୋଧରେ ଆମେରିକାର କଟକଣା
## ମୁକାବିଲା ଲାଗି ଭାରତର ଯୋଜନା ପ୍ରସ୍ତୁତ

**ନୂଆଦିଲ୍ଲୀ,୨-୯**

ତେଲକୁ ନେଇ ଇରାନ ବିରୋଧରେ ଆମେରିକା କଟକଣା କାର୍ଯ୍ୟକାରୀ ହେବା ସମୟ ପାଖେଇ ଆସୁଛି। ଏହା ସମ୍ପୂର୍ଣ୍ଣ ଲାଗୁ ହେବା ପରେ ସୃଷ୍ଟି ହେବାକୁ ଥିବା ପରିସ୍ଥିତିର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ରହିଛି ବୋଲି ଅର୍ଥ ମନ୍ତ୍ରଣାଳୟର ମୁଖ୍ୟ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, କଟକଣା ଲାଗୁ ହେବାକୁ ଅପେକ୍ଷା କରିବାକୁ ହେବ। ଏହା ଲାଗୁ ହୋଇଯିବା ପରେ ପରିସ୍ଥିତିକୁ ଦେଖି ତ୍ୱରିତ୍ ପଦକ୍ଷେପ ନିଆଯିବ। ଏହା ଉପରେ ଆଗୁଆ ଆକଳନ କରିବା ଅସମ୍ଭବ। ଦେଶର ଅର୍ଥନୀତି ବିକାଶ ପଥରେ ଆଗଉଛି। ଆମେରିକା-ଚାଇନା ଟ୍ରେଡ୍ ୱାର୍, ଆମେରିକାର ମୁଦ୍ରାନୀତି ଦୃଢ଼ ହେବା ତଥା ଅଶୋଧିତ ତୈଳ ଦର ବୃଦ୍ଧି ସାଙ୍ଗକୁ ଇରାନ ବିରୋଧରେ କଟକଣା ଯୋଗୁ ଏହା ପ୍ରଭାବିତ ହେବ।

# ନୋଟ୍‌ରୁ ବ୍ୟାପୁଛି ରୋଗ

**ନୂଆଦିଲ୍ଲୀ,୨-୯**

ଆମେ ବ୍ୟବହାର କରୁଥିବା ନୋଟ୍ ଦ୍ୱାରା ମାରାତ୍ମକ ରୋଗ ବ୍ୟାପୁଛି। ଭୟଙ୍କର ଜୀବାଣୁ ନୋଟ୍ ମାଧ୍ୟମରେ ଆମ ଶରୀରରେ ପ୍ରବେଶ କରୁଛନ୍ତି। ଏନେଇ ବିଭିନ୍ନ ବିଜ୍ଞାନ ପତ୍ରିକା ଏବଂ ମିଡିଆରେ ରିପୋର୍ଟ ପ୍ରକାଶ ପାଇସାରିଛି। ତେବେ ଏହାକୁ ଟ୍ରେଡର ମହାସଂଘ କନ୍‌ଫେଡେରେଶନ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ଗୁରୁତ୍ୱର ସହ ନେଇଛି। ପ୍ରକାଶିତ ରିପୋର୍ଟରେ ସତ୍ୟାସତ୍ୟ ଜାଣିବା ଲାଗି ମହାସଂଘ ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ପତ୍ର ଲେଖାଯାଇଛି। ଏସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି.ନଡ୍ଡା ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ମଧ୍ୟ ଅବଗତ କରାଯାଇ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି।

**ଜେଟ୍‌ଲୀଙ୍କୁ ପତ୍ର ଲେଖିଲା ସିଏଆଇଟି**

ବିଭିନ୍ନ ରିପୋର୍ଟକୁ ଉଦ୍ଧାର କରି ମହାସଂଘ ପକ୍ଷରୁ ଦାବି କରାଯାଇଛି ଯେ, କାରବାର ଲାଗି ବ୍ୟବହୃତ ନୋଟ୍‌ରେ ମାରାତ୍ମକ ରୋଗ ଜୀବାଣୁ ଭରି ରହିଛି। ଏଗୁଡିକ ଯୋଗୁ ୟୁରିନାରୀ ଏବଂ ରେସ୍‌ପିରେଟୋରୀ ଟ୍ରାକ୍ ଇନଫେକ୍‌ଶନ, ସେପ୍ଟିସେମିଆ, ସ୍କିନ୍ ଇନଫେକ୍‌ଶନ, ରିକରେଣ୍ଟ ମେନିନଜାଇଟିସ୍, ଟକ୍ସିକ ସକ୍ ସିଣ୍ଡ୍ରୋମ ଏବଂ ବିଭିନ୍ନ ପ୍ରକାର ଗ୍ୟାସଟ୍ରୋ ଇଣ୍ଟେଷ୍ଟିନାଲ ରୋଗ ବ୍ୟାପୁଛି। ସିଏଆଇଟି ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ, ନୋଟ୍ ବ୍ୟବହାର ଯୋଗୁ ରୋଗ ବ୍ୟାପୁଥିବା ନେଇ ପ୍ରତିବର୍ଷ ରିପୋର୍ଟ ପ୍ରକାଶ ପାଉଛି।

# ଟ୍ରେନ୍ ବଗିରେ ଲାଗିବନି ରିଜର୍ଭେଶନ ଚାର୍ଟ

**ନୂଆଦିଲ୍ଲୀ, ୨-୯**

ଟ୍ରେନ୍ ବଗିଗୁଡ଼ିକରେ ଆଉ ଏଣିକି ରିଜର୍ଭଶନ ଚାର୍ଟ (ସଂରକ୍ଷିତ ତାଲିକା ବା ଚିଠା) ଲଗାଯିବ ନାହିଁ। ଚଳିତ ମାସ ଆରମ୍ଭରୁ ଏହି ନିୟମ କାର୍ଯ୍ୟକାରୀ ହୋଇଛି। କାଗଜ ବ୍ୟବହାର ହ୍ରାସ କରିବା ଉଦ୍ଦେଶ୍ୟରେ ଏହା ଏକ ପ୍ରୟାସ ବୋଲି ଭାରତୀୟ ରେଳ ପକ୍ଷରୁ କୁହାଯାଇଛି।



ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ସାରା ଦେଶରେ ବର୍ତ୍ତମାନ ଦୈନିକ ପ୍ରାୟ ୧୧ ଲକ୍ଷ ରେଳ ଟିକେଟ୍ ବୁକ୍ ହେଉଛି। ସେଥି ମଧ୍ୟରୁ ପ୍ରାୟ ୭୦% ଟିକେଟ୍ ଅନ୍‌ଲାଇନ୍ ବୁକ୍ କରାଯାଉଛି। ଯାତ୍ରୀମାନେ ଅନ୍‌ଲାଇନ୍ ଟିକେଟ୍ ବୁକିଂ ଆଡକୁ ମୁହାଁଇ ଥିବା ବେଳେ କାଗଜ ବ୍ୟବହାରକୁ ହ୍ରାସ କରିବା ପାଇଁ ରେଳପଥ ନିଜ ପକ୍ଷରୁ ରିଜର୍ଭେଶନ ଚାର୍ଟକୁ ମଧ୍ୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛି।

ସୂଚନା ଅନୁସାରେ ଦେଶର କେତୋଟି ନିର୍ଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ ଏହି ରିଜର୍ଭେଶନ ଚାର୍ଟ ବ୍ୟବସ୍ଥା ଗତ ୪ ମାସ ହେବ ବନ୍ଦ କରି ଦିଆଯାଇଛି। ସେହିପରି ଉକ୍ତ ଷ୍ଟେଶନଗୁଡ଼ିକରୁ ଯେଉଁ ଟ୍ରେନ୍ ଯାତ୍ରା ଆରମ୍ଭ କରୁଛି ସେଥିରେ ମଧ୍ୟ ରିଜର୍ଭେଶନ ଚାର୍ଟ ଲଗାଯାଉ ନାହିଁ। ଏବେ ଦେଶବ୍ୟାପୀ ଏହି ଧାରା କାର୍ଯ୍ୟକାରୀ ହେବ ବୋଲି ରେଳପଥ ପ୍ରକାଶ କରିଛି। କିନ୍ତୁ ରେଳଯାତ୍ରୀଙ୍କ ସୁବିଧା ପାଇଁ ପ୍ଲାଟ୍‌ଫର୍ମରେ ଥିବା ସଫ୍ଟ ବୋର୍ଡରେ ଏହି ରିଜର୍ଭେଶନ ଚାର୍ଟ ଲଗାଯିବ।

ଚଳିତ ବର୍ଷ ଫେବୃୟାରୀରେ ରେଳ ମନ୍ତ୍ରଣାଳୟ ଏହାର ସମସ୍ତ ରେଳ ଜୋନ୍‌କୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଥିଲା। ମାର୍ଚ୍ଚ ପହିଲାରୁ ୬ ମାସ ପାଇଁ ପରୀକ୍ଷାମୂଳକ ଭିତ୍ତିରେ ଏ୧, ଏ ଏବଂ ବି ବର୍ଗର ଷ୍ଟେଶନରୁ ବାହାରୁଥିବା ଟ୍ରେନ୍‌ଗୁଡିକର ସଂରକ୍ଷିତ ବଗିରେ ଏହି ଚାର୍ଟ ନ ଲଗାଇବା ପାଇଁ ନିର୍ଦ୍ଦେଶ ରହିଥିଲା।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୩୨ | ୯୨ | ୬୫ | ୨୮୯ |
| ଜାପାନ | ୭୫ | ୫୬ | ୭୪ | ୨୦୫ |
| ଦକ୍ଷିଣ କୋରିଆ | ୪୯ | ୫୮ | ୭୦ | ୧୭୭ |
| ଇଣ୍ଡୋନେସିଆ | ୩୧ | ୨୪ | ୪୩ | ୯୮ |
| ଉଜବେକିସ୍ତାନ | ୨୧ | ୨୪ | ୨୫ | ୭୦ |
| ଇରାନ | ୨୦ | ୨୦ | ୨୨ | ୬୨ |
| ଚାଇନିଜ୍ ତାଇପେ | ୧୭ | ୧୯ | ୩୧ | ୬୭ |
| ଭାରତ | ୧୫ | ୨୪ | ୩୦ | ୬୯ |
| କାଜାଖସ୍ତାନ | ୧୫ | ୧୭ | ୪୪ | ୭୬ |
| ଉତ୍ତର କୋରିଆ | ୧୨ | ୧୨ | ୧୩ | ୩୭ |
| ବାହାରିନ | ୧୨ | ୭ | ୭ | ୨୬ |
| ଥାଇଲାଣ୍ଡ | ୧୧ | ୧୬ | ୪୬ | ୭୩ |
| ହଂକଂ ଚାଇନା | ୮ | ୧୮ | ୨୦ | ୪୬ |
| ମାଲେସିଆ | ୭ | ୧୩ | ୧୬ | ୩୬ |
| କାତାର | ୬ | ୪ | ୩ | ୧୩ |
| ମଙ୍ଗୋଲିଆ | ୫ | ୯ | ୧୧ | ୨୫ |
| ଭିଏତ୍‌ନାମ | ୪ | ୧୬ | ୧୮ | ୩୮ |
| ସିଙ୍ଗାପୁର | ୪ | ୪ | ୧୪ | ୨୨ |
| ଫିଲିପାଇନ୍ସ | ୪ | ୨ | ୧୫ | ୨୧ |
| ୟୁଏଇ | ୩ | ୬ | ୫ | ୧୪ |
| କୁଏତ୍ | ୩ | ୧ | ୨ | ୬ |
| କିର୍ଗିଜସ୍ତାନ | ୨ | ୬ | ୧୨ | ୨୦ |
| ଜୋର୍ଡାନ | ୨ | ୧ | ୯ | ୧୨ |
| କାମ୍ବୋଡିଆ | ୨ | ୦ | ୧ | ୩ |
| ସୌଦୀ ଆରବ | ୧ | ୨ | ୩ | ୬ |
| ମାକାଉ, ଚାଇନା | ୧ | ୨ | ୨ | ୫ |
| ଇରାକ | ୧ | ୨ | ୦ | ୩ |
| କୋରିଆ | ୧ | ୧ | ୨ | ୪ |
| ଲେବାନନ | ୧ | ୧ | ୨ | ୪ |
| ତାଜିକିସ୍ତାନ | ୦ | ୪ | ୩ | ୭ |
| ଲାଓ ପିଡିଆର୍ | ୦ | ୨ | ୩ | ୫ |
| ତୁର୍କମେନିସ୍ତାନ | ୦ | ୧ | ୨ | ୩ |
| ନେପାଳ | ୦ | ୧ | ୦ | ୧ |
| ପାକିସ୍ତାନ | ୦ | ୦ | ୪ | ୪ |
| ଆଫଗାନିସ୍ତାନ | ୦ | ୦ | ୨ | ୨ |
| ମ୍ୟାଁମାର | ୦ | ୦ | ୨ | ୨ |
| ସିରିଆ | ୦ | ୦ | ୧ | ୧ |
| ମୋଟ୍ | ୪୬୫ | ୪୬୫ | ୬୨୨ | ୧୫୫୨ |



କଳାକାରଙ୍କ କାର୍ଯ୍ୟକ୍ରମ ପରିବେଷଣ।



ଅଫିସିଆଲ୍ ମାସ୍କଟ।



ଆଲିବାବା ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜ୍ୟାକ୍ ମା' ଏକ ବଲ୍‌କୁ ଦର୍ଶକଙ୍କ ଆଡ଼କୁ ଫିଙ୍ଗୁଛନ୍ତି।



୨୦୨୨ ଏସିଆଡ୍ ଆୟୋଜକ ହାଙ୍ଗଝୋଉର ମେୟର ଜୁ ଲିୟିଙ୍କୁ ଅଲିମ୍ପିକ୍ସ କାଉନସିଲ ଅଫ ଏସିଆ ପତାକା ହସ୍ତାନ୍ତର କରାଯାଉଛି।




ପୁଣି ଦେଖାହେବ ହାଙ୍ଗଝୋଉରେ।

# ଭାରତୀୟ କ୍ରୀଡ଼ାର ଭବିଷ୍ୟତ ଉଜ୍ଜ୍ୱଳ

ଜାକର୍ତ୍ତା, ୨।୯(ପି.ଟି.)

ଭାରତୀୟ କ୍ରୀଡ଼ାରେ ଉନ୍ନତି ହୋଇଛି ଓ ଏହା ଠିକ୍ ଦିଗରେ ଅଗ୍ରଗତି ହେଉଛି। ସଦ୍ୟ ସମାପ୍ତ ଏସିଆନ ଗେମ୍ସରେ ଭାରତୀୟ ଆଥଲେଟମାନେ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି ଓ ଭାରତୀୟ କ୍ରୀଡ଼ାର ଭବିଷ୍ୟତ ଉଜ୍ଜ୍ୱଳ, ଏକଥା ଏସିଆଡରେ ପ୍ରମାଣିତ ହୋଇଛି। ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଭାବେ ପରିଗଣିତ ହେଉଥିବା ଏସିଆନ ଗେମ୍ସରେ ଭାରତ ରେକର୍ଡ ପ୍ରଦର୍ଶନ କରିଛି। ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ସଫଳତାର ସହ ସମ୍ପନ୍ନ ହୋଇଥିବା ଏସିଆନ ଗେମ୍ସର ଏହି ୧୮ତମ ସଂସ୍କରଣରେ ଭାରତୀୟ ଆଥଲେଟ୍‌ମାନେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରି ସର୍ବାଧିକ ପଦକ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ଭାରତ ଏହି କ୍ରୀଡ଼ା ମହାକୁମ୍ଭରେ ମଧ୍ୟ ଦମ୍ ଦେଖାଇଛି। ଅଲିମ୍ପିକ୍ସ ପରେ ଦ୍ୱିତୀୟ ବୃହତ୍ତମ କ୍ରୀଡ଼ା ମହାକୁମ୍ଭ ରୂପେ ବିବେଚିତ ହେଉଥିବା ଏସିଆଡ଼ରେ ଭାରତ ପୂର୍ବରୁ କେବେ ଏତେ ସଫଳତା ହାସଲ କରି ନ ଥିଲା।

କ୍ରିକେଟ ପାଗଳ ଭାରତ ପାଇଁ ଅବଶ୍ୟ ଏହି ସଫଳତା ବେଶ୍ ଗୁରୁତ୍ୱ ବହନ କରୁଛି। ଅଲିମ୍ପିକ୍ସ କ୍ରୀଡ଼ା ପାଇଁ ଅବଶ୍ୟ ଏହା ଶୁଭଙ୍କର। ଏବେ ଆଥଲେଟମାନେ ଅଲିମ୍ପିକ୍ କ୍ରୀଡ଼ାଗୁଡିକୁ ବେଶ୍ ଗୁରୁତ୍ୱ ଦେବା ଆରମ୍ଭ କଲେଣି। ସ୍ୱଳ୍ପବୟସ୍କ ତଥା ୧୬ ବର୍ଷୀୟ ସୌରଭ ଚୌଧୁରୀଙ୍କଠାରୁ ଆରମ୍ଭ କରି ୬୦ ବର୍ଷୀୟ ପ୍ରଣବ ବର୍ଦ୍ଧନଙ୍କ ପର୍ଯ୍ୟନ୍ତ ଆଥଲେଟମାନଙ୍କ ମିଳିତ ପ୍ରୟାସ ଆଉ ପ୍ରଦର୍ଶନ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ଯଦିଓ ଭାରତର ପାରମ୍ପରିକ ଖେଳ କବାଡ଼ିରେ ସମସ୍ତଙ୍କୁ ନିରାଶ ହେବାକୁ ପଡିଛି। କବାଡିରେ ଭାରତ ମହିଳା ଓ ପୁରୁଷ ବିଭାଗରେ ସବୁବେଳେ ସ୍ୱର୍ଣ୍ଣ ଜିତିଥାଏ। ତେବେ ଏଥର ଭାରତ ଏଥିରୁ ବଞ୍ଚିତ ହୋଇଛି। ହକିରେ ମଧ୍ୟ ମହିଳାଙ୍କୁ ରୌପ୍ୟ ଓ ପୁରୁଷଙ୍କୁ ବ୍ରୋଞ୍ଜ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି।

ଭାରତ ୧୫ଟି ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୦ଟି ବ୍ରୋଞ୍ଜ୍ ମୋଟ ୬୯ଟି ପଦକ ହାସଲ କରିଛି। ୪ ବର୍ଷ ତଳେ ଇଞ୍ଚିଅନ୍ ଏସିଆନ ଗେମ୍ସ ଭାରତ ୬୫ଟି ପଦକ ହାସଲ କରିଥିଲା। ଏଥର କିନ୍ତୁ ଏଥିରେ ଉନ୍ନତି ଆଣିଛି।

୧୫ଟି ସ୍ୱର୍ଣ୍ଣ ଜିତି ଭାରତ ପୁରୁଣା ରେକର୍ଡର ସମକକ୍ଷ ହୋଇଛି। ପୂର୍ବରୁ ୧୯୫୧ରେ ଏସିଆନ ଗେମ୍ସର ପ୍ରାରମ୍ଭିକ ସଂସ୍କରଣରେ ଭାରତ ୧୫ଟି ସ୍ୱର୍ଣ୍ଣ ଜିତିଥିଲା। ତେବେ ଭାରତ ପୂର୍ବରୁ କେବେବି ୨୪ଟି ରୌପ୍ୟ ଜିତି ନ ଥିଲା। ଏଥର ଭାରତ ପଦକ ତାଲିକାର ଅଷ୍ଟମ ସ୍ଥାନ ଅଧିକାର କରି ଟପ୍-୧୦ରେ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛି।

ପ୍ରତ୍ୟେକ କ୍ରୀଡ଼ା ମହାକୁମ୍ଭରେ ବିବାଦ ଦେଖିବାକୁ ମିଳିଥାଏ। ଏଥର ମଧ୍ୟ ତାହା ହୋଇଛି। ତେବେ କ୍ରୀଡ଼ା ଆରମ୍ଭ ହେବାପରେ ଆଥଲେଟ ଓ ସେମାନଙ୍କ ପ୍ରଦର୍ଶନ ସବୁ ବିବାଦକୁ ଫିକା କରିଦେଇଛି।

ଟ୍ରାକ ଆଣ୍ଡ ଫିଲ୍ଡରେ ଭାରତ ସବୁବେଳେ ଦୁର୍ବଳ ବିବେଚିତ ହୋଇଆସୁଥିଲେ ମଧ୍ୟ ୧୫ଟିରୁ ୭ଟି ସ୍ୱର୍ଣ୍ଣ କେବଳ ଏହି ଇଭେଣ୍ଟଗୁଡିକରୁ ମିଳିଛି। ତେଜିନ୍ଦର ପାଲ ସିଂ ତୁର ପ୍ରଥମ ଆଥଲେଟିକ ସ୍ୱର୍ଣ୍ଣ ଦେଶ ପାଇଁ ଜିତିଥିଲେ। ଏହି ତାରକା ଭାରତୀୟ ଶଟ ପୁଟରେ ୨୦.୭୫ ମିଟର ଥ୍ରୋ କରି ରେକର୍ଡ କରିବା ସହ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। ସେହିପରି ସ୍ୱପ୍ନା ବର୍ମନ ଦେଶର ପ୍ରଥମ ହେପ୍ଟାଥଲେଟ ଭାବେ ସ୍ୱର୍ଣ୍ଣ ଜିତି ଇତିହାସରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ।

ଦେଶର ଦ୍ରୁତତମ ଧାବିକା ତଥା ତାରକା ସ୍ପ୍ରିଣ୍ଟର ଦ୍ୟୁତୀ ଚାନ୍ଦ ଏଥର ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଛନ୍ତି। ୧୦୦ ଓ ୨୦୦ ମିଟର ଦୌଡରେ ସେ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ୧୦୦ମି ଦୌଡରେ କୌଣସି ଭାରତୀୟ ରୌପ୍ୟ ପଦକ ହାସଲ କରି ନ ଥିଲେ। କେତେକ ଆଫ୍ରିକୀୟ ବଂଶୋଦ୍ଭବ ଆଥଲେଟ କାତାର ଓ ବାହାରିନ ତରଫରୁ ଅଂଶଗ୍ରହଣ କରି ଟ୍ରାକ ଆଣ୍ଡ ଫିଲ୍ଡରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ନ ହେଲେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟାରେ ନିଶ୍ଚିତ ଭାବେ ବୃଦ୍ଧି ଘଟିଥାନ୍ତା। ଏହି କାରଣରୁ ୪୦୦ ମିଟର ଦୌଡରେ ହିମା ଦାସଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ନାଇଜେରିଆ ଜନ୍ମିତ ସାଲୱା ଇଦ୍ ନାସେର ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ।

ତାରକା ଆଥଲେଟ ନୀରଜ ଚୋପ୍ରା ଆଶାନୁରୂପ ପ୍ରଦର୍ଶନ କରି ଜାଭେଲିନରେ ରେକର୍ଡ ପ୍ରଦର୍ଶନ କରିବା ସହ ପ୍ରଥମ ଭାରତୀୟ ଭାବେ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ସ୍ପ୍ରିଣ୍ଟର ମନଜିତ ସିଂ ଓ ଜିନ୍‌ସନ ଜନସନ ମଧ୍ୟ ଏଥର ଏସିଆଡରେ ବାଜି ମାରିଛନ୍ତି।

ଭାରତୀୟ ବ୍ୟାଡମିଣ୍ଟନ କୁଇନ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଆଶାନୁରୂପ ପ୍ରଦର୍ଶନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ଜିତିଛନ୍ତି। ସେହିପରି ଟେବୁଲ ଟେନିସରେ ଚାଇନା ଓ ଜାପାନ ବିପକ୍ଷରେ ଖେଳି ଭାରତୀୟ ଖେଳାଳିମାନେ ଟିମ୍ ଇଭେଣ୍ଟଗୁଡିକରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଛନ୍ତି। ମନିକା ବାତ୍ରା, ଶରତ କମଲ, ଜି. ସାଥିଆନ ଓ ହରମୀତ ଦେଶାଇଙ୍କ ଏଥିରେ ଉଲ୍ଲେଖନୀୟ ଯୋଗଦାନ ରହିଛି।

ପାଲେମବାଙ୍ଗରେ ୧୬ ବର୍ଷୀୟ ସୌରଭ ଚୌଧୁରୀ ଓ ୧୫ ବର୍ଷୀୟ ଶାର୍ଦ୍ଦୁଳ ବିହାନ ପଦକ ଜିତି ଭାରତରେ ଯଥେଷ୍ଟ ପ୍ରତିଭା ରହିଥିବାର ପ୍ରମାଣ ଦେଇଛନ୍ତି। ତେବେ ଯୁବ ଖେଳାଳି ମନୁ ଭାକର ଓ ଅନିଶ ଭାନୱାଲା ପଦକ ହାସଲ କରିବାରେ ବିଫଳ ହୋଇଥିଲେ। ଶୁଟିଂରେ ଦୁଇଟି ସ୍ୱର୍ଣ୍ଣ ମଧ୍ୟରୁ ସୌରଭ ଚୌଧୁରୀ ଗୋଟିଏ ଜିତିଥିଲେ। ସେହିପରି ରାହୀ ସାର୍ଣ୍ଣୋବତ ସ୍ୱର୍ଣ୍ଣ ଓ ଶାର୍ଦ୍ଦୁଳ ରୌପ୍ୟ ପଦକ ହାସଲ କରିଥିଲେ।

ବଜରଙ୍ଗ ପୁନିଆ ଓ ଭିନେଶ ଫୋଗତ ରେସଲିଂରେ ସ୍ୱର୍ଣ୍ଣ ଜିତିଥିଲେ। ତେବେ ଅଭିଜ୍ଞ ସୁଶୀଲ କୁମାର ଓ ସାକ୍ଷୀ ମଲିକ ନିରାଶ କରିଥିଲେ। ବ୍ରିଜ୍‌ରେ ପରିଣତ ବୟସରେ ବର୍ଦ୍ଧନ ଓ ଶିବନାଥ ସରକାର ପୁରୁଷ ପେୟାରରେ ସ୍ୱର୍ଣ୍ଣ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବକ୍ସିଂରେ ଅଲିମ୍ପିକ୍ସ ଚାମ୍ପିୟନଙ୍କୁ ହରାଇ ଏକମାତ୍ର ଭାରତୀୟ ଭାବେ ଅମିତ ପଙ୍ଘାଲ ସ୍ୱର୍ଣ୍ଣ ଜିତିଥିଲେ।

ଭାରତୀୟ ତୀରନ୍ଦାଜମାନେ କିନ୍ତୁ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲେ। ପୂର୍ବରୁ ଭାରତ କବାଡିରେ ପୁରୁଷ ଓ ମହିଳା ଦଳ ୯ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ମଧ୍ୟ ଏଥର କିନ୍ତୁ କଥା ଅଲଗା ହୋଇଥିଲା। କବାଡ଼ି ପାୱାର ହାଉସ୍ ଭାବେ ଜଣାଥିବା ଭାରତ ଏଥର ପୁରୁଷ ଓ ମହିଳା ବିଭାଗରେ ରୌପ୍ୟ ଓ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡିଥିଲା।

ପୁଲ ପର୍ଯ୍ୟାୟରେ ଭାରତୀୟ ପୁରୁଷ ହକି ଦଳ ୭୦ରୁ ଊର୍ଦ୍ଧ୍ୱ ଗୋଲ ସ୍କୋର କରିଥିଲା। ତେବେ ମାଲେସିଆ ବିପକ୍ଷ ସେମିଫାଇନାଲରେ ଆମ ଖେଳାଳିମାନେ ଶେଷ ଦୁଇଟି ମିନିଟରେ ତ୍ରୁଟି କରି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲେ। ଫଳରେ ପାକିସ୍ତାନକୁ ହରାଇ ଭାରତକୁ ଶେଷରେ ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ସେହିପରି ମହିଳା ଦଳ ଫାଇନାଲରେ ଜାପାନଠାରୁ ହାରି ରୌପ୍ୟ ଜିତିଥିଲା।

## ଏସିଆଡରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ



ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ପ୍ରତିନିଧି ଦଳର ମାର୍ଚ୍ଚପାଷ୍ଟ।



❝ କିଲିଆନ ଏମ୍‌ବାପେ ଜଣେ ଷ୍ଟାର ଷ୍ଟ୍ରାଇକର ହୋଇଥିବାରୁ ସେ ବିପକ୍ଷ ଦଳର ଡିଫେଣ୍ଡରଙ୍କ ଟାର୍ଗେଟରେ ରହିବା ସ୍ୱାଭାବିକ।
–ଡିଡିଅର ଡେସ୍‌ଚାମ୍ପ, ଫ୍ରାନ୍ସ ଫୁଟ୍‌ବଲ ଟିମ୍ ମ୍ୟାନେଜର

❝ ଟୋକିଓ ଅଲିମ୍ପିକ୍ସରେ ଦୁଇ କୋରିଆ ଦେଶର ଆଥଲେଟ୍ ମିଳିତ ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆଶା।
–ଥୋମାସ ବ୍ୟାକ୍, ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି ମୁଖ୍ୟ



## ସଂକ୍ଷେପରେ

### ଶୁଟିଂ ବିଶ୍ୱ ଚାମ୍ପିୟନଶିପ୍
## ଜୁନିୟରଙ୍କୁ ୨ ସ୍ୱର୍ଣ୍ଣ, ସିନିୟର ଫାଇନାଲରୁ ବଞ୍ଚିତ

ଚାଙ୍ଗୱନ (ଦକ୍ଷିଣ କୋରିଆ), ୨।୯(ପି.ଟି.): ଏଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ୫୨ତମ ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଜୁନିୟର ଭାରତୀୟ ଶୁଟର ଦୁଇ ସ୍ୱର୍ଣ୍ଣ ପଦକରୁ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ସିନିୟର ଦଳ ନିଜ ଇଭେଣ୍ଟରେ ଫାଇନାଲ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି। ଜୁନିୟର ୫୦ ମିଟର ପୁରୁଷ ପିସ୍ତଲ ଇଭେଣ୍ଟରେ ଅର୍ଜୁନ ସିଂ ଚିମା ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ଅର୍ଜୁନ ମୋଟ୍ ୫୫୯ ସ୍କୋର କରିଥିଲେ। କୋରିଆର ୱୁଜଙ୍ଗ୍ କିମ୍ (୫୫୪) ଓ ଭାରତର ଗୌରବ ରାଣା (୫୫୧) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିଭଳି ଏହି ଇଭେଣ୍ଟର ଦଳଗତ ବର୍ଗରେ ଅର୍ଜୁନ, ଗୌରବ ଓ ଅନମୋଲ ଜୈନଙ୍କୁ ନେଇ ଗଠିତ ଭାରତୀୟ ଦଳ ମୋଟ୍ ୧୬୫୯ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିଥିଲା। ତେବେ ସିନିୟର ବର୍ଗର ମିକ୍ସଡ୍ ଟିମ୍ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଅପୂର୍ବୀ ଚାଣ୍ଡେଲା ଓ ରବି କୁମାର ଯୋଡ଼ି ୮୩୫.୬ ସ୍କୋର ରଖି ଯୋଗ୍ୟତା ପର୍ଯ୍ୟାୟରେ ୭ମ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ୨ୟ ଭାରତୀୟ ଯୋଡ଼ି ଭାବେ ଅଂଶଗ୍ରହଣ କରିଥିବା ଦୀପକ କୁମାର ଓ ମେହୁଲି ଘୋଷ ୮୩୧.୬ ସ୍କୋର ରଖି ୨୫ତମ ସ୍ଥାନ ହାସଲ କରିଥିଲେ। ମିକ୍ସଡ ଟିମ୍ ଏୟାର ପିସ୍ତଲ ଇଭେଣ୍ଟରେ ଭାରତର ହୀନା ସିନ୍ଧୁ ଓ ଶହଜର ରିଜଭି ଯୋଗ୍ୟତା ପର୍ଯ୍ୟାୟରେ ୧୦ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

## ଫାଓ ଲିଗ୍: ସାଇ ବିଜୟୀ

କଟକ ଅଫିସ,୨।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ରବିବାର ୨ଟି ମ୍ୟାଚ୍ ଖେଳାଯାଇଥିଲା । ଗୋଟିଏ ମ୍ୟାଚ୍‌ରେ ସାଇ ବିଜୟୀ ହୋଇଥିବା ବେଳେ ଅନ୍ୟଏକ ମ୍ୟାଚ୍ ଅମୀମାଂସିତ ରହିଛି । ସାଇ ୨-୧ ଗୋଲରେ କ୍ଲବ ଏନ୍ କ୍ଲବକୁ ପରାସ୍ତ କରିଥିଲା । ସାଇ ପକ୍ଷରୁ ସବୀର ଖାଁ ୧୯ ଓ ପ୍ରଭାତ ଦଣ୍ଡସେନା ୩୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ କ୍ଲବ ଏନ୍ କ୍ଲବ ପକ୍ଷରୁ ଦେବରାଜ ସା ୭୨ମିନିଟରେ ଗୋଟିଏ ଗୋଲ ଦେଇଛନ୍ତି। ଚାନ୍ଦ କ୍ଲବ ଓ ସନ୍‌ସାଇନ୍ କ୍ଲବ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ଟି ଡ୍ର ରହିଥିଲା । ଚାନ୍ଦ କ୍ଲବ ପକ୍ଷରୁ ରାକେଶ ନାୟକ ୧୩ତମ ମିନିଟରେ ଗୋଟିଏ ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧରେ ଆଗୁଆ ରଖିଥିବା ବେଳେ ଦ୍ୱିତୀୟାର୍ଦ୍ଧର ୬୧ ତମ ମିନିଟରେ ସନସାଇନ ପକ୍ଷରୁ ଗୋଲ ହୋଇଥିଲା । ପିଣ୍ଟୁ ସାମଲ ଏହି ଗୋଲଟି ଦେଇ ସ୍କୋରକୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ । ପରେ କୌଣସି ଗୋଲ ନ ହେବାରୁ ମ୍ୟାଚ୍ ଡ୍ର ରହିଥିଲା ।

### ଆନ୍ତଃ ସ୍କୁଲ ଫୁଟ୍‌ବଲ
## ସେମିରେ ସୈନିକ ସ୍କୁଲ

ଭୁବନେଶ୍ୱର, ୨।୯(ସ୍ପୋର୍ଟ୍ସ ବ୍ୟୁରୋ): ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ ଆନ୍ତଃ ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତାରେ ପ୍ରଥମ ଦଳ ଭାବେ ସୈନିକ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ସୈନିକ ସ୍କୁଲ ୨-୦ ଗୋଲରେ କଳିଙ୍ଗ ବିଦ୍ୟାପୀଠ (ସାମପୁର)କୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଶିବଶଙ୍କର ହେମ୍ବ୍ରମ (୫୧ତମ ଓ ୫୪ତମ) ମାତ୍ର ୩ ମିନିଟ୍ ଅନ୍ତରରେ ଦୁଇଟି ଗୋଲସ୍କୋର କରି ସୈନିକ ସ୍କୁଲ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପଞ୍ଚାୟତରାଜ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଶିବନାରାୟଣ ବାରିକ ଅତିଥିଭାବେ ଯୋଗଦେଇ ଶିବଶଙ୍କରଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ନବରଞ୍ଜନ ପଟ୍ଟନାୟକ, ନରେନ୍ଦ୍ର ସେଠୀ, ଅମିୟକାନ୍ତ ମିଶ୍ର, ଦେବେନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ମିଶ୍ର, ଦିଲୀପ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ରାଜେନ୍ଦ୍ର ବାରିକ, ସରୋଜ ମହାରଣା, ଶ୍ରୀକାନ୍ତ ପଣ୍ଡା, ଅମିତ୍ ନାୟକ, ପାକା ପଣ୍ଡା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ମହେଶ୍ୱର ସିଂ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ସୋମବାର ବିଜେବି ଇଂଲିଶ ମିଡିୟମ ସ୍କୁଲ ଓ କିସ୍ ସ୍କୁଲ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ଇଂଲଣ୍ଡ ସିରିଜ ବିଜୟୀ

ସାଉଥମ୍ପଟନ, ୨।୯

ଅଧିନାୟକ ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେଙ୍କ ଶତକୀୟ ଭାଗୀଦାରି ପର୍ଯ୍ୟାପ୍ତ ହେଲାନି। ଅନ୍ୟବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଭାରତ ଦ୍ୱିତୀୟ ଇନିଂସରେ ମାତ୍ର ୧୮୪ ରନ କରିବାକୁ ସକ୍ଷମ ହେଲା। ଫଳରେ ଇଂଲଣ୍ଡ ଏଠାରେ ଅନୁଷ୍ଠିତ ଚତୁର୍ଥ କ୍ରିକେଟ ଟେଷ୍ଟରେ ୬୦ ରନରେ ବିଜୟୀ ହେବା ସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି। ଭାରତ ସମ୍ମୁଖରେ ୨୪୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଚଳିତ ସିରିଜର ପ୍ରଥମ ଓ ଦ୍ୱିତୀୟ ଟେଷ୍ଟକୁ ଇଂଲଣ୍ଡ ଜିତିଥିବାବେଳେ ତୃତୀୟ ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା।

ଟାର୍ଗେଟ ବଡ଼ ନ ଥିଲେ ହେଁ ମ୍ୟାଚ ଜିତିବାକୁ ହେଲେ ଭାରତ ପାଇଁ ଦୃଢ଼ ଓପନିଂର ଆବଶ୍ୟକ ଥିଲା। ମାତ୍ର ତାହା ସମ୍ଭବ ନ ହେବାରୁ ମିଡିଲ ଅର୍ଡର ଉପରେ ଚାପ ପଡ଼ିଥିଲା। ଲୋକେଶ ରାହୁଲ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିବାବେଳେ ପ୍ରଥମ ଇନିଂସରେ ଶତକ ହାସଲ ସହ ଅପରାଜିତ ରହିଥିବା ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ମାତ୍ର ୫ ରନ କରି ଆଉଟ ହୋଇଥିଲେ। ଅନ୍ୟତମ ଓପନର ଶିଖର ଧାୱନ ମଧ ମାତ୍ର ୧୭ ରନ କରି ଆଉଟ ହେବାରୁ ଭାରତ ସ୍କୋର ୨୨/୩ ହୋଇ ଯାଇଥିଲା। ପୂଜାରା ଓ ଧାୱନଙ୍କୁ ଆଉଟ କରି ଜେମ୍ସ ଆଣ୍ଡରସନ ଇଂଲଣ୍ଡ ଶିବିରରେ ଖୁସି ଖେଳାଇ ଦେଇଥିଲେ। ଅଧିନାୟକ ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେ ଅର୍ଦ୍ଧଶତକ ହାସଲ କରିବା ସହ ୪ର୍ଥ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଭାରତ ପାଇଁ ଆଶା ଉଜ୍ଜୀବିତ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଭାରତ ଇନିଂସ ତାସ୍ ଘରପରି ଭୁଶୁଡ଼ି ପଡ଼ିଥିଲା। ଭାରତୀୟ ଇନିଂସ ୬୦ତମ ଓଭରର ୫ମ ବଲ୍‌ରେ ଶର୍ଟ ଲେଗ୍ ଅଞ୍ଚଳରେ ଆଲିଷ୍ଟର କୁକ୍‌ଙ୍କ ହାତରେ କୋହଲିଙ୍କୁ କ୍ୟାଚ କରାଇ ମୋଇନ ଅଲୀ ଇଂଲଣ୍ଡକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ବଲ୍ ବ୍ୟାଟ୍‌କୁ ଟଚ୍ କରି ନ ଥିବା ଭାବି କୋହଲି ରିଭ୍ୟୁ କରିଥିଲେ। ମାତ୍ର ବଲ୍ ପ୍ୟାଡ୍‌ରେ ବାଜି କୁକ୍‌ଙ୍କ ହାତକୁ ଯିବା ପୂର୍ବରୁ କୋହଲିଙ୍କ ଗ୍ଲୋଭ୍ସରେ ବାଜିଥିବା ସ୍ନିକୋମିଟରରେ ଜଣା ପଡ଼ିଥିଲା। ୧୩୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ୪ ଚୌକା ସହାୟତାରେ ୫୮ ରନ କରି ଆଉଟ ହୋଇଥିଲେ। କୋହଲି ଓ ରାହାନେଙ୍କ ପାର୍ଟନରଶିପ୍‌ରେ ୧୦୧ ରନ ସଂଗୃହୀତ ହୋଇଥିଲା। ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲି ପାରି ନଥିବା ବେଳେ ଏବଂ ଉଇକେଟ କିପର ରିଷଭ ପନ୍ତ ୧୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଧୈର୍ଯ୍ୟର ସହିତ ବ୍ୟାଟିଂ କରୁଥିବା ରାହାନେ ଏକାଗ୍ରତା ହରାଇ ମୋଇନ ଅଲୀଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହୋଇ ଯାଇଥିଲେ। ସେ ୧୫୯ ବଲ୍‌ର ସମ୍ମୁଖୀନ ହୋଇ ୧ ଚୌକା ସହ ୫୧ ରନ କରିଥିଲେ। ଇଶାନ୍ତ ଶର୍ମା ଖାତା ଖୋଲି ପାରି ନ ଥିବାବେଳେ ମହମ୍ମଦ ସାମି ମୋଇନଙ୍କ ଚତୁର୍ଥ ଶିକାର ବନିଥିଲେ। ୭୦ତମ ଓଭରର ୪ର୍ଥ ବଲ୍‌ରେ ରବିଚନ୍ଦ୍ରନ ଅଶ୍ୱିନ(୨୫ ରନ)ଙ୍କୁ ଆଉଟ କରି ସାମ୍ କୁରାନ ଭାରତୀୟ ଇନିଂସର ପରିସମାପ୍ତି ଘଟାଇଥିଲେ। ଇଂଲଣ୍ଡ ପକ୍ଷରୁ ମୋଇନ ୪ଟି, ଜେମ୍ସ ଆଣ୍ଡରସନ ଓ ବେନ୍ ଷ୍ଟୋକ୍ସ ୨ଟି ଲେଖାଏ ଏବଂ ଷ୍ଟୁଆର୍ଟ ବ୍ରଡ୍ ଓ କୁରାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମୋଇନ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୨୬୦/୮ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଆଉ ୧୧ ରନ ଯୋଡ଼ି ଅବଶିଷ୍ଟ ୨ଟି ଉଇକେଟ ହରାଇଥିଲା। ସାମ୍ କୁରାନ ୪୬ ରନ କରି ଶେଷ ଖେଳାଳିଭାବେ ରନଆଉଟ ହୋଇଥିଲେ। ଫଳରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୨୭୧ରେ ଶେଷ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୪୬।
ଭାରତ ପ୍ରଥମ ଇନିଂସ: ୨୭୩।
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୭୧।
ଭାରତ ଦ୍ୱିତୀୟ ଇନିଂସ: ୧୮୪/ଅଲଆଉଟ(କୋହଲି–୫୮, ରାହାନେ–୫୧, ମୋଇନ–୪/୭୧, ଆଣ୍ଡରସନ–୨/୩୩, ଷ୍ଟୋକ୍ସ–୨/୩୪, ବ୍ରଡ୍–୧/୨୩, କୁରାନ–୧/୧)।



ବିରାଟ କୋହଲିଙ୍କ ଉଇକେଟ୍ ପତନ ପରେ ଉଲ୍ଲସିତ ଇଂଲଣ୍ଡ ଖେଳାଳି ।

## ହାମିଲଟନ ରେକର୍ଡ ସମକକ୍ଷ

ମୋଞ୍ଜା (ଇଟାଲି), ୨।୯ (ଏଏଫ୍‌ପି)

ଚାମ୍ପିୟଶିପ୍ ଲିଡର ମର୍ସିଡିଜର ଲୁଇସ୍ ହାମିଲଟନ ୫ମ ଥର ଇଟାଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରି ୭ଥର ବିଶ୍ୱ ଚାମ୍ପିୟନ ମାଇକେଲ ସୁମାକରଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ଫର୍ମୁଲା ୱାନରେ ହାମିଲଟନଙ୍କର ଥିଲା ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ। ଶନିବାର ଫର୍ମୁଲା ୱାନ ଇତିହାସରେ ରେକର୍ଡ ଟାଇମିଂ ସହ ପୋଲ ପୋଜିଶନ ହାସଲ କରିଥିବା କିମି ରାଇକୋନେନ ସ୍ଥାନୀୟ ଫେରାରି ଟିମ୍‌ଙ୍କ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ହାମିଲଟନ ତାଙ୍କୁ ୮.୭ ସେକେଣ୍ଡ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିନେଇଥିଲେ। ଏହାଥିଲା ତାଙ୍କ କ୍ୟାରିୟରର ୬୮ତମ ଏବଂ ଚଳିତ ବର୍ଷର ୬ଷ୍ଠ ଟାଇଟଲ। ଏହି ବିଜୟ ଦ୍ୱାରା ଚାମ୍ପିୟନଶିପ୍ ଟେବୁଲରେ ଫେରାରିର ସେବାଷ୍ଟିଆନ ଭେଟେଲଙ୍କଠାରୁ ତାଙ୍କ ପଏଣ୍ଟ ବ୍ୟବଧାନ ୧୭ରୁ ୩୦କୁ ବୃଦ୍ଧି ପାଇଛି। ରେସ୍‌ରେ ଭେଟେଲଙ୍କୁ ପଛରେ ପକାଇ ହାମିଲଟନଙ୍କ ମର୍ସିଡିଜ ଟିମ୍‌ମେଟ ଭାଲ୍‌ଟେରି ବୋଟାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରୋଡ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ ମଧ ଟାଇମ୍ ପେନାଲ୍ଟି ଯୋଗୁ କ୍ଲାସିଫିକେଶନ ଫଳାଫଳକୁ ଭିତ୍ତି କରି ମାକ୍ସ ଭର୍ଷ୍ଟାପେନ ୫ମ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ଏଷ୍ଟିବାନ ଓପନ ଏବଂ ତାଙ୍କ ଫୋର୍ସ ଇଣ୍ଡିଆ ଟିମ୍‌ମେଟ ସର୍ଗିଓ ପେରେଜଙ୍କୁ ଯଥାକ୍ରମେ ପଛରେ ପକାଇ ହାସ୍‌ର ରୋମେନ ଗ୍ରୋସ୍‌ଜେଁ ୬ଷ୍ଠ ସ୍ଥାନ ହାସଲ କରିଥିଲେ। ରେନଲ୍ଟର କାର୍ଲୋସ ସେଞ୍ଜ୍ ଏବଂ ୱିଲିୟମ୍ସର ଲାନ୍ସ ଷ୍ଟ୍ରୋଲଙ୍କୁ ୯ମ ଓ ୧୦ମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।



ଚାମ୍ପିୟନ ପୁରୀ ବାଳିକା ଓ ବାଳକ ଦଳ।

## ଜୁନିୟର ଥ୍ରୋ ବଲ୍: ପୁରୀକୁ ଡବଲ ଟାଇଟଲ

ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ର ୧୧ତମ ସଂସ୍କରଣ କଳିଙ୍ଗ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଉଭୟ ବାଳିକା ଓ ବାଳକ ବର୍ଗରେ ଚାମ୍ପିୟନ ହୋଇ ପୁରୀ ଡବଲ ଟାଇଟଲ ହାସଲ କରିଛି। ବାଳିକା ବର୍ଗ ଫାଇନାଲରେ ପୁରୀ ୨–୦ ସେଟ୍‌ରେ ରାଉରକେଲାକୁ ଏବଂ ବାଳକ ଫାଇନାଲରେ ୨–୧ ସେଟ୍‌ରେ ରାଉରକେଲାକୁ ପରାସ୍ତ କରିଛି। ବାଳିକା ବିଭାଗରେ କଟକ ଓ ଭୁବନେଶ୍ୱର ଏବଂ ବାଳକରେ ଭୁବନେଶ୍ୱର ଓ ଝାରସୁଗୁଡ଼ା ଦଳକୁ ଯୁଗ୍ମଭାବେ ତୃତୀୟ ସ୍ଥାନ ମିଳିଛି। ଓଡ଼ିଶା ରାଜ୍ୟ ଥ୍ରୋ ବଲ୍ ଆସୋସିଏଶନ ସଭାପତି ଭୂପିନ୍ଦର ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସୁବାସ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ରାଉତ, କାର୍ଯ୍ୟକାରୀ ସମ୍ପାଦକ ମନୋଜ କୁମାର ନିଶଙ୍କ, ଆବାହକ କୃଷ୍ଣଚନ୍ଦ୍ର ଦାସ, ପୂର୍ବତନ କ୍ରୀଡ଼ା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ଥ୍ରୋ ବଲ୍ ଉପସଭାପତି ଅମିୟ କୁମାର ଚାନ୍ଦ, ସହସମ୍ପାଦକ ଯଶୋବନ୍ତ ପରମଗୁରୁ ଓ କାର୍ଯ୍ୟକାରୀ ସଭ୍ୟ ଶଶିକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟକୁ ରାମକୃଷ୍ଣ ବେହେରା, କୈଳାସ ବାରିକ, ସଚିକାନ୍ତ ପଟ୍ଟନାୟକ, ଦେବଦତ୍ତ ମିଶ୍ର, ପାର୍ଥ ଦାସ, ବିନୋଦ ବେହେରା, ରିଣ୍ଟୁ ଘୋଷ ପ୍ରମୁଖ ପରିଚାଳନା କରିଥିଲେ।

## ସିରାଜଙ୍କୁ ୮ ଉଇକେଟ, ଅଷ୍ଟ୍ରେଲିଆ ଏ’ ୨୪୩

ବେଙ୍ଗାଲୁରୁ, ୨।୯ (ପି.ଟି.)

ସ୍ଥାନୀୟ ଏନ୍. ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ଏ’ ବିପକ୍ଷ ପ୍ରଥମ ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚରେ ଭାରତ ଏ’ର ମହମ୍ମଦ ସିରାଜ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଛନ୍ତି। ସେ ୫୯ରନ ବିନିମୟରେ ୮ଟି ଉଇକେଟ ନେଇଥିଲେ ମଧ ଉସ୍‌ମାନ ଖ୍ୱାଜାଙ୍କ ଚମତ୍କାର ଶତକ ଯୋଗୁ ଅଷ୍ଟ୍ରେଲିଆ ଏ’ ୨୪୩ ରନ କରିପାରିଛି। ରବିବାର ପ୍ରଥମ ଦିବସ ଖେଳରେ ଅଷ୍ଟ୍ରେଲିଆ ଏ’ ୭୮ ସ୍କୋରରେ ଏହାର ପ୍ରଥମ ଉଇକେଟ ହରାଇଥିଲା। ମାତ୍ର ପରେ ହାଇଦ୍ରାବାଦ ପେସ୍ ବୋଲର ସିରାଜ ତାଙ୍କର ଗୋଟିଏ ସ୍ପେଲରେ ୪ଟି ଉଇକେଟ ଅକ୍ତିଆର କରି ଭ୍ରମଣକାରୀ ଦଳର ନାଟକୀୟ ବିପର୍ଯ୍ୟୟ ଘଟାଇଥିଲେ। ତାଙ୍କ ପ୍ରାଇଜ ଉଇକେଟ ମଧ୍ୟରେ ପ୍ରତିପକ୍ଷ ଅଧିନାୟକ ମିଚେଲ ମାର୍ଶ(୦) ଓ ଖ୍ୱାଜାଙ୍କ ଭଳି ଟେଷ୍ଟ ଖେଳାଳି ଥିଲେ। ମାର୍ଶଙ୍କ ବ୍ୟତୀତ ଖ୍ରିସ ଟ୍ରିମେନ ଓ ବ୍ରେଣ୍ଡନ ଡଗେଟ୍ ବିନା ସ୍କୋରରେ ପ୍ୟାଭିଲିଅନ ଫେରିଥିଲେ।



ମହମ୍ମଦ ସିରାଜ

ସିରାଜ ଆହୁରି ମଧ ପିଟର ହ୍ୟାଣ୍ଡ୍ସକମ୍ବ ଓ ମାଇକେଲ ସେସେରଙ୍କୁ ଖାତା ଖୋଲିବାକୁ ଦେଇ ନ ଥିଲେ। ଭାରତ ଏ’ ତରଫରୁ ଉଇକେଟ ନେଇଥିବା ଅନ୍ୟତମ ବୋଲର ହେଲେ କୁଲଦୀପ ଯାଦବ। ସେ ୬୩ରନ ବିନିମୟରେ ଦୁଇଟି ଉଇକେଟ ହାସଲ କରିଥିଲେ। ସିରାଜଙ୍କ ବଲ୍‌ରେ ଉଇକେଟକିପର କୋନା ଭରତଙ୍କ ଦ୍ୱାରା ଅଷ୍ଟ୍ରେଲିଆ ଏ’ର ଶେଷ ବ୍ୟାଟ୍ସମ୍ୟାନ ଭାବେ କ୍ୟାଚ ଆଉଟ ହେବା ପୂର୍ବରୁ ଓପନର ଖ୍ୱାଜା ୧୨୭ ରନ କରି ସାରିଥିଲେ। ସେ ୨୨୮ ବଲ୍ ସାମ୍ନା କରିଥିବାବେଳେ ୨୦ଟି ଚୌକା ଲଗାଇଥିଲେ। ଖ୍ୱାଜା ଓ ମାର୍ନସ ଲାବୁସ୍କାନେ ୫ ଉଇକେଟରେ ଭାଗୀଦାରିରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ୧୧୪ ରନ ଯୋଗ କରିଥିଲେ। ଲାବୁସ୍କାନେ ୧୦୫ ବଲ୍ ସାମ୍ନା କରି ୧୧ ଚୌକା ସହ ୬୦ ରନ କରିଥିଲେ। ୧୫ରୁ ଅଧିକ ରନ ସଂଗ୍ରହ କରିଥିବା ଅନ୍ୟଜଣେ ବ୍ୟାଟ୍ସମ୍ୟାନ ଥିଲେ କୁର୍ଟିସ ପ୍ୟାଟରସନ(୩୧)। ଜବାବରେ ଭାରତ ଏ’ ଷ୍ଟମ୍ପ ଅପସାରଣ ସୁଦ୍ଧା ବିନା କୌଣସି ଉଇକେଟରେ ୪୧ ରନ କରିଛି। ଦଳ ଅଷ୍ଟ୍ରେଲିଆ ଏ’ଠାରୁ ଆହୁରି ୨୦୨ ରନ ପଛରେ ରହିଛି। ଓପନର ମୟଙ୍କ ଅଗ୍ରୱାଲ ଓ ରବି କୁମାର ସମର୍ଥ ଯଥାକ୍ରମେ ୩୧ ଓ ୧୦ ରନ କରି ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ଏ’:** ୨୪୩ (ଉସ୍‌ମାନ ଖ୍ୱାଜା–୧୨୭, ମାର୍ନସ ଲାବୁସ୍କାନେ–୬୦; ମହମ୍ମଦ ସିରାଜ–୮/୫୯, କୁଲ୍‌ଦୀପ ଯାଦବ–୨/୬୩)।
**ଭାରତ ଏ’:** ୪୧/୦ (ମୟଙ୍କ ଅଗ୍ରୱାଲ–୩୧*, ରବିକୁମାର ସମର୍ଥ–୧୦*)।

## ନିର୍ମଳ, ରଘୁନାଥଙ୍କୁ ସରୋଜ ମହାସୁଆର ପୁରସ୍କାର

ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)

ଅଭିଜ୍ଞ ଅମ୍ପାୟର ନିର୍ମଳ କୁମାର ମିଶ୍ର ଓ ଯୁବ ବ୍ୟାଟ୍ସମ୍ୟାନ ରଘୁନାଥ ମଲ୍ଲ ଚଳିତ ବର୍ଷର ସରୋଜ ମହାସୁଆର କ୍ରୀଡ଼ା ପୁରସ୍କାର ପାଇବେ। ଶ୍ରେଷ୍ଠ ଅମ୍ପାୟର ଭାବେ ନିର୍ମଳ ଓ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଭାବେ ରଘୁନାଥ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ବୋଲି ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ଆସନ୍ତା ୬ ତାରିଖ ସରୋଜଙ୍କ ୧୬ତମ ଶ୍ରାଦ୍ଧ ଦିବସରେ ଏହି ପୁରସ୍କାର ପ୍ରଦାନ କରାଯିବ।

ନିର୍ମଳ ଦୀର୍ଘ ୨୫ ବର୍ଷ ଧରି ରାଜ୍ୟରେ କ୍ରିକେଟ ଅମ୍ପାୟରିଂକୁ ଏକ ନୂଆ ସ୍ତରକୁ ନେଇ ଯାଇଛନ୍ତି। ୨୦୦୨ରେ ରାଜ୍ୟ ପ୍ୟାନେଲ ଫୁଟ୍‌ବଲ ରେଫରି ଭାବେ ନିଜକୁ ପ୍ରତିଷ୍ଠା କରାଇ ପାରିଥିବା ଏହି ଦୂରଦ୍ରଷ୍ଟା ୨୦୦୬ରେ ଓସିଏ(ଓଡ଼ିଶା କ୍ରିକେଟ ଆସୋସିଏଶନ) ପ୍ୟାନେଲ ଅମ୍ପାୟର ହୋଇଥିଲେ। ନିମାପଡ଼ାର ଅଣ୍ଡିଆ ଶାସନରେ ତାଙ୍କ ଘର ହୋଇଥିଲେ ହେଁ ସେ ନିୟମିତ ଭାବେ ଭୁବନେଶ୍ୱର ଓ କଟକରେ ମ୍ୟାଚ୍ ପରିଚାଳନା କରିଆସୁଛନ୍ତି। ପଢ଼ିଆରେ ଅମ୍ପାୟରିଂ ଏବଂ ବୃତ୍ତିରେ ଶିକ୍ଷକତା ବ୍ୟତୀତ ଖେଳ ସମ୍ପର୍କିତ ଲେଖା ପାଇଁ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କ୍ରିକେଟର ନିୟମ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ରହିଛି। ଏହାଛଡ଼ା ଜଣେ ନିର୍ବିବାଦୀୟ, ସ୍ପଷ୍ଟବାଦୀ ଅମ୍ପାୟର ଭାବେ ଆୟୋଜକ ଓ ପ୍ରଶଂସକଙ୍କର ସେ ପ୍ରିୟପାତ୍ର ହୋଇପାରିଛନ୍ତି। କ୍ଲବ କ୍ରିକେଟ୍‌ଠାରୁ ଆରମ୍ଭ କରି ପୂର୍ବାଞ୍ଚଳ, ବିଶ୍ୱବିଦ୍ୟାଳୟ, ସର୍ବଭାରତୀୟ କ୍ରିକେଟ ପ୍ରତିଯୋଗିତା, ଆନ୍ତଃ ଜିଲା କଳାହାଣ୍ଡି କପ୍, ଓଡ଼ିଶା ପ୍ରିମିୟର ଲିଗ୍, କିଟ୍ ପ୍ରିମିୟର ଲିଗ୍, ହାଇଟେକ୍ ପ୍ରିମିୟର ଲିଗ୍, ଆପୋଲୋ କପ୍, ରାଜ୍ୟ ମହିଳା ପ୍ରତିଯୋଗିତା, ଜୋନାଲ ଏକାଡେମୀ ଟ୍ରାଏଲ୍ସ ଆଦି ପ୍ରତିଯୋଗିତାଗୁଡ଼ିକୁ ସେ ସଫଳତାର ସହ ପରିଚାଳନା କରିଛନ୍ତି। କେନ୍ଦ୍ରାପଡ଼ାର ନେଦୁଆ ନିବାସୀ ସରୋଜବାଳା ଓ ନିର୍ମଳ ଚନ୍ଦ୍ର ମଲ୍ଲଙ୍କ ପୁତ୍ର ରଘୁନାଥ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂରେ ପ୍ରତିଷ୍ଠିତ କୋଚ୍ କିଶୋର ମାଣିଆ ଓ ଟୁନା ସାହୁଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ୁଛନ୍ତି। ସେ ୨୦୧୩–୧୪ ସିଜନରୁ ଓଡ଼ିଶା ପାଇଁ ଘରୋଇ କ୍ରିକେଟ ଖେଳି ଆସୁଛନ୍ତି। ରାଜ୍ୟର ଏକମାତ୍ର ଖେଳାଳି ଭାବେ ସେ କ୍ରମାଗତ ୪ ବର୍ଷ ଧରି ପୂର୍ବାଞ୍ଚଳ ଜୋନାଲ କ୍ରିକେଟ ଏକାଡେମୀ(ଜେଡ୍‌ସିଏ) ଲାଗି ମନୋନୀତ ହୋଇଛନ୍ତି। ପ୍ରତି ସିଜନରେ ଶତକ ହାସଲ କରିବାର ଅଭିଜ୍ଞତା ରଖିଥିବା ରଘୁନାଥ ଗତବର୍ଷ କୁଚ୍‌ବିହାର ଟ୍ରଫିରେ ଓଡ଼ିଶା ଦଳର ନେତୃତ୍ୱ ନେବା ସହ ମୋଟ ୪୯୨ ରନ୍ ସଂଗ୍ରହ କରିଥିଲେ। ତାମିଲନାଡୁ ବିପକ୍ଷରେ ୧୭୫, ସୌରାଷ୍ଟ୍ର ବିପକ୍ଷରେ ୧୨୬ ଓ ୭୮ ରନ୍ ସ୍କୋର କରି ସେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ହିମାଚଳ ପ୍ରଦେଶର ଉନାଠାରେ ଜୋନାଲ ପ୍ରତିଯୋଗିତାରେ ପୂର୍ବାଞ୍ଚଳ ପକ୍ଷରୁ ପ୍ରତିନିଧିତ୍ୱ କରି ଶକ୍ତିଶାଳୀ ଉତ୍ତରାଞ୍ଚଳ ବିପକ୍ଷରେ ୧୩୦, ଉତ୍ତର ପୂର୍ବାଞ୍ଚଳ ବିପକ୍ଷରେ ୧୨୬ ରନ୍ କରିବା ସହ ସର୍ବୋଚ୍ଚ ରନ୍ ସଂଗ୍ରହକାରୀ ଭାବେ ବେଙ୍ଗାଲୁରସ୍ଥିତ ଜାତୀୟ କ୍ରିକେଟ ଏକାଡେମୀକୁ ଡାକରା ପାଇଥିଲେ। ୨୦୧୬–୧୭ ସିଜନରେ ଓଡ଼ିଶାର ଉପଅଧିନାୟକ ଭାବେ ଧ୍ରୁବ ପାଣ୍ଡବ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ସେହି ସିଜନରେ ସେ ୨ଟି ଶତକ ହାସଲ କରିବା ସହ ଆଉ ଏକ ଇନିଂସ୍‌ରେ ୯୯ ରନ୍ କରି ଅପରାଜିତ ରହିଥିଲେ। ପ୍ରକାଶଯୋଗ୍ୟ, ଜଣାଶୁଣା ଅମ୍ପାୟର ସରୋଜ ମହାସୁଆର ୨୦୦୨ରେ କଟକରେ ଆନ୍ତଃଜିଲା ପ୍ରତିଯୋଗିତାର ଏକ ମ୍ୟାଚ୍ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ୨୦୦୪ରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି।



ରଘୁନାଥ ମଲ୍ଲ



ନିର୍ମଳ କୁମାର ମିଶ୍ର

## ରୋନାଲ୍‌ଡୋ ଜୁନିୟରଙ୍କ ୪ ଗୋଲ

ମିଲାନ, ୨।୯ (ଏଏଫ୍‌ପି)

ଇଟାଲିଆନ ଚାମ୍ପିୟନ ଜୁଭେଣ୍ଟସରେ ଯୋଗଦାନ ପରେ ପର୍ତ୍ତୁଗିଜ ସୁପର ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ ତାଙ୍କ ନୂଆ କ୍ଲବ ତରଫରୁ ଏପର୍ଯ୍ୟନ୍ତ ଗୋଲ ସ୍କୋର କରିବାରେ ସଫଳ ହୋଇପାରି ନାହାନ୍ତି। ୫ଥର ବାଲନ ଡି’ଅର ପୁରସ୍କାର ବିଜେତାଙ୍କୁ ପଛରେ ପକାଇ ଏଥର ଲୁକା ମୋଡ୍ରିକ୍ ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ (ୟୁଫା) ‘ପ୍ଲେୟର ଅଫ୍ ଦି ଇୟର’ ପୁରସ୍କାର ଜିତିଛନ୍ତି। ଏଭଳି ସ୍ଥିତିରେ ତାଙ୍କ ପୁଅ କ୍ରିଷ୍ଟିଆନୋ ରୋନାଲ୍‌ଡୋ ଜୁନିୟର ଜୁଭେଣ୍ଟସ ଅଣ୍ଡର–୯ ଟିମ୍ ତରଫରୁ ତାଙ୍କ ପଦାର୍ପଣ ମ୍ୟାଚରେ ୪ଟି ଗୋଲ ସ୍କୋର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖବର ଅନୁସାରେ ୮ ବର୍ଷୀୟ ରୋନାଲଡୋ ଜୁନିୟରଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଜୁଭେଣ୍ଟସ ଅଣ୍ଡର–୯ ଟିମ୍ ୫–୧ଗୋଲରେ ଲୁସେଣ୍ଟୋକୁ ପରାସ୍ତ କରିଥିଲା। ଏହି ମ୍ୟାଚର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ସେ ଦୁଇଟି ଲେଖାଏଁ ଗୋଲ ସ୍କୋର କରିପାରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୩/୨୦୧୮ Bhubaneswar, Monday, September 3/ 2018




# ୨ ବଖରା ଜଳିଗଲା, ଜଣେ ଗୁରୁତର

## ଗାଈ, ବାଛୁରୀ ସହ ୫ ଛେଳି ଜୀବନ୍ତ ଦଗ୍ଧ

**ତିର୍ତ୍ତୋଲ, ୨।୯ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ କଟରା ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୨ ବଖରା ଜଳିଯାଇଛି। ଏଥିସହ ପୋଡିହୋଇ ଘର ମାଲିକ ଦାମୋଦର ନାୟକ ଗୁରୁତର ହୋଇଛନ୍ତି। ତାଙ୍କ ଶରୀର ୮୦% ପୋଡିଯାଇଛି। ତାଙ୍କ ଗାଈ, ବାଛୁରୀ ଓ ୫ଟି ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଶଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ରାତିରେ ଘର ଲୋକେ ଶୋଇଥିବାବେଳେ ନିଆଁ ଲାଗିଯିବାରୁ କେହି ହଠାତ୍ ଜାଣିପାରି ନ ଥିଲେ। ତେଣୁ ଜୀବନ ବିକଳରେ ସମସ୍ତେ ବାହାରକୁ ଚାଲି ଆସିଥିଲେ। ଗୁହାଳ ଘରେ ନିଆଁ ଲାଗିଯିବାରୁ ଦାମୋଦର ଗାଈ ବାଛୁରୀଙ୍କୁ ଉଦ୍ଧାର କରିବାକୁ ଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତିର୍ତ୍ତୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ବନ୍ଦର ଷ୍ଟିଭେଡର୍ସ ଶ୍ରମିକଙ୍କ ଅନଶନ ୩ୟ ଦିନରେ

# ୪ ଶ୍ରମିକ ଅସୁସ୍ଥ, ବାହାରୁନି ସମାଧାନ ସୂତ୍ର

ପାରାଦୀପ,୨।୯(ସ୍ୱ.ପ୍ର.)

ପାରାଦୀପର ବଡ଼ ପଡିଆଠାରେ ଗତ ମାସ ୨୬ ତାରିଖରୁ ଷ୍ଟିଭେଡର୍ସ ଅଧୀନରେ କାମ କରୁଥିବା ଶ୍ରମିକମାନେ କାମ ନ ମିଳିବା ପ୍ରତିବାଦରେ ଧାରଣାରେ ବସିଥିଲେ। କିନ୍ତୁ ଏଥିରେ କୌଣସି ସୁଫଳ ନ ମିଳିବାରୁ ଗତ ୩ ଦିନ ହେଲା ସେମାନେ ଅନଶନ ଚଳାଇଛନ୍ତି। ରବିବାର ୧୭ଜଣ ଅନଶନକାରୀଙ୍କ ମଧ୍ୟରୁ ୪ଜଣ ଅସୁସ୍ଥ ହୋଇପଡିଛନ୍ତି। ଯେଉଁମାନେ ଅସୁସ୍ଥ ହୋଇଛନ୍ତି ସେମାନଙ୍କୁ ପୋଲିସ ଉଠାଇ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଏଥିସହ ଅନଶନସ୍ଥଳରେ ପୋଲିସ ୨୪ ଘଣ୍ଟିଆ ପହରା ଦେଇ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି। ଅନ୍ୟପକ୍ଷରେ ସମସ୍ୟାର କୌଣସି ସମାଧାନ ସୂତ୍ର ବାହାରିପାରୁନାହିଁ। ପ୍ରଶାସନ, ଷ୍ଟିଭେଡର୍ସ ଓ ଶ୍ରମିକମାନେ ନିଜ ନିଜ ଜିଦ୍‌ରେ ଅଟଳ ରହିଥିବାରୁ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ସୂଚନାଯୋଗ୍ୟ, ଗତ ମାସ ୨୬ ତାରିଖରେ ଶ୍ରମିକମାନେ କାମ ବନ୍ଦ ପ୍ରତିବାଦରେ ଓଏସ୍ଏଲ୍ ଅଫିସ ଆଗରେ ଧାରଣା ଦେଇଥିଲେ। ପରଦିନ ଅର୍ଥାତ୍ ୨୭ ତାରିଖରେ ଓଏସ୍ଏଲ୍ କର୍ତ୍ତୃପକ୍ଷ ଖବରଦାତା ସମ୍ମିଳନୀ କରି କହିଲେ ଯେ ଧାରଣାକାରୀ ଶ୍ରମିକମାନେ ତାଙ୍କ କମ୍ପାନୀର ନୁହନ୍ତି। ତେଣୁ ଶ୍ରମିକମାନେ ଦାବି ପୂରଣ ପାଇଁ ଅନଶନରେ ବସିଥିଲେ। ଏବେ ଅନଶନରେ ବସି ଭାବଗ୍ରାହୀ ବେହେରା, ଶ୍ରୀଧର ମଲିକ, ଜୀବନ ବସ୍ତିଆ ଓ ପ୍ରଶାନ୍ତ ଭୋଳ ପ୍ରମୁଖ ଅସୁସ୍ଥ ହୋଇପଡିଛି। ଏ ପ୍ରସଙ୍ଗରେ ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କୁ ପଚାରିବାରେ ସେ କହିଲେ ଯେ ଏଥିରେ ପ୍ରଶାସନର କୌଣସି ଭୂମିକ ନାହିଁ। ପ୍ରଶାସନ ପକ୍ଷରୁ ଏ ବିଷୟରେ ଦୁଇ ଥର ବୈଠକ ହୋଇଛି। ଏହା ଷ୍ଟିଭେଡର୍ସ ସଂସ୍ଥା ଓ ଶ୍ରମିକଙ୍କ ଆଭ୍ୟନ୍ତରୀଣ ବ୍ୟାପାର। ସେମାନଙ୍କ ମଧ୍ୟରେ ବୁଝାମଣା ହୋଇପାରିଲା ନାହିଁ। ତେଣୁ ବାଧହୋଇ ଆମେ ଧାରଣାସ୍ଥଳରେ ୧୪୪ ଧାରା ଲଗାଇଲୁ। ଏବେ ପ୍ରଶାସନ ସେଠାରେ ତୀକ୍ଷ୍ଣ ଦୃଷ୍ଟି ରଖିଛି। ଯଦି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ଆମେ ସମସ୍ତଙ୍କୁ ସେଠାରୁ ଉଠାଇ ନେବୁ।

## ବିପଦସଙ୍କୁଳ ବାତ୍ୟା ଆଶ୍ରୟସ୍ଥଳୀ

# ପିଲାଙ୍କୁ ସ୍କୁଲ ଛାଡିବାକୁ ଅଭିଭାବକ ଅରାଜି

ବାଲିଆ,୨।୯

୧୯୯୯ ମହାବାତ୍ୟା ପରେ ନିର୍ମିତ ହୋଇଥିଲା ବାତ୍ୟା ଆଶ୍ରୟସ୍ଥଳୀ। ଏହା ମଧ୍ୟରେ ୧୮ ବର୍ଷ ବିତିଥିଲେ ମଧ କୌଣସି ଦିନ ଜିଲା କିମ୍ବା ବ୍ଲକ ପ୍ରଶାସନ ଏହାର ସ୍ଥିତି ଅନୁଧ୍ୟାନ କଲେ ନାହିଁ। ଫଳରେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଦ୍ୟାଳୟ ପରିସରରେ ଏହି ବିପଦସଙ୍କୁଳ ବାତ୍ୟା ଆଶ୍ରୟସ୍ଥଳୀ ଥିବାରୁ ପିଲାଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ବିଦ୍ୟାଳୟକୁ ଆଉ ପିଲାଙ୍କୁ ଛାଡ଼ିବେ ନାହିଁ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ବିରିଡି ବ୍ଲକ ଶିକ୍ଷା ବିଭାଗ ଅଧୀନ ଗୋଠପଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ରହିଛି ଏହି ବାତ୍ୟା ଆଶ୍ରୟସ୍ଥଳୀ। ବିଦ୍ୟାଳୟର ଅବିଭାବକ କମିଟି ସଭାପତି ରାମ ଚନ୍ଦ୍ର ପରିଡା, ରଞ୍ଜିତା ବାରିକ, ସଚିତ୍ରା ବେହେରା, ସ୍ୱପ୍ନା ମୁଦୁଲି, କବିତା ବାରିକ, ରବି ବାରିକ, ବର୍ଷା ସେଠୀ, ଲୀସା ମହାନ୍ତି, ଦମୟନ୍ତୀ ଭୋଇ, ଟିଙ୍କିନା ବାରିକ, ମହେନ୍ଦ୍ର ଖୁଣ୍ଟିଆ, ରମେଶ ଖୁଣ୍ଟିଆ, ସବ୍ୟସାଚୀ ଭୂୟାଁ, ଜିତେନ୍ଦ୍ର ଭୂୟାଁ, ଦୀପୁନା ବେହେରା ପ୍ରମୁଖ ଜଣାଇଛନ୍ତି ଯେ ଏହି ବାତ୍ୟା ଆଶ୍ରୟସ୍ଥଳୀର ପିଲର ମୂଳରୁ ସିମେଣ୍ଟ ଛାଡ଼ିଗଲାଣି। ଏହା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। କେତେବେଳେ ତାହା ଭୁଶୁଡ଼ି ପଡିବ କହିହେବ ନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ଓ ବିଦ୍ୟାଳୟ ପକ୍ଷରୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ନିରୀହ ପିଲାମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ବିଦ୍ୟାଳୟ କିମ୍ବା ଏଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ପିଲାଙ୍କୁ ଛାଡିବେନି ବୋଲି ସେମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବାତ୍ୟା ଆଶ୍ରୟସ୍ଥଳୀଠାରୁ ମାତ୍ର ୫ ଫୁଟ ଦୂରରେ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହା ପାଖରେ ନଳକୂପ ଓ ପିଲାଙ୍କ ପାଇଁ ପାଇଖାନା ରହିଛି। ପିଲାମାନେ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଚଳପ୍ରଚଳ କରୁଛନ୍ତି। ଏହା ପାଖରେ ମଧ୍ୟାହ୍ନଭୋଜନ ରୋଷେଇ ଗୃହ ରହିଛି। ସେଠାରେ ରୋଷେଇ କରୁଥିବା ରୋଷେୟାଙ୍କ ଜୀବନ ପ୍ରତି ମଧ ବିପଦ ଆଶଙ୍କା ରହିଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।


ବିପଦସଙ୍କୁଳ ଅବସ୍ଥାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ରାଜାଙ୍କର ପତ୍ନୀ, ଗୁରୁ ପତ୍ନୀ, ବନ୍ଧୁ ପତ୍ନୀ, ଶାଶୁ ଓ ନିଜର ମାତା ଏ ପାଞ୍ଚଜଣ ମାତୃତୁଲ୍ୟ ଅଟନ୍ତି।

- ଚାଣକ୍ୟ



## ସଂକ୍ଷେପରେ

### ପୋଖରୀକୁ ଖସିଲା ଟାଟା ଏସିଇ



**ରସୁଲପୁର, ୨୧୯(ଡି.ଏନ୍.ଏ.):** ଯାଜପୁର ସଦର ଥାନା ଅନ୍ତର୍ଗତ ଝାଲପଡ଼ା ଅନନ୍ତ ବାସୁଳାଇ ପୋଖରୀକୁ ରବିବାର ଅପରାହ୍ନରେ ଏକ ଟାଟା ଏସିଇ ଭାରସାମ୍ୟ ହରାଇ ଓଲଟି ପଡିଛି। ତେବେ ଏଥିରେ ଥିବା ୩ଜଣ ଯାତ୍ରୀଙ୍କ ଜୀବନ ରକ୍ଷା ପାଇଯାଇଛି। ଘଟଣାରୁ ପ୍ରକାଶ ବରୁଆଁ ଅଞ୍ଚଳର ମୁନା ଖାଁ (୫୫)ଙ୍କ ପୁଅ ଇନ୍ତେଆଜ୍ ଖାଁ (୩୦) ଝାଲପଡା ମୁସଲମାନ ବସ୍ତିରେ ଏକ ଭଡା ଘରକୁ ତାଙ୍କ ସମସ୍ତ ଆସବାବପତ୍ର ନେଇ ଟାଟା ଏସିଇ ଗାଡିରେ ଆସୁଥିଲେ। ଝାଲପଡା ଗ୍ରାମର ଅନନ୍ତ ବାସୁଳାଇ ପୋଖରୀ ନଦୀ ବନ୍ଧରୁ ଟାଟା ଏସିଇ ଗାଡିକୁ ତଳକୁ ଗଡାଇଲା ବେଳେ ଭାରସାମ୍ୟ ହରାଇ ଗାଡିଟି ଡାହାଣ ପାଖକୁ ଓଲଟି ପଡିଥିଲା। ଗଭୀର ପାଣିରେ ଗାଡିଟି ସମ୍ପୂର୍ଣ୍ଣ ବୁଡିଯିବା ସହ ଗାଡି ଭିତରେ ଥିବା ଇନ୍ତେଆଜ୍ ଖାଁ ଓ ସମ୍ପର୍କୀୟ ଟିକା (୩୫) ଓ ତାଙ୍କ ପୁଅ ଜିସାନ (୧୧) ଗାଡି ଭିତରେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ପାଣି ଭିତରେ ପଶି ଗାଡିରୁ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଏଥିରେ ଟିକାଙ୍କ ବାମ ହାତ ଭାଙ୍ଗିଯାଇଛି। ଡ୍ରାଇଭର ଓ ପୁଅ ଜିସାନ ସାମାନ୍ୟ ଆହତ ହୋଇଥିବା ବେଳେ ଇନ୍ତେଆଜ୍ ଖାଁଙ୍କ ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଏନେଇ ଥାନାରେ ଅଭିଯୋଗ ହୋଇନାହିଁ।

### ଗାଈବନ୍ଧାକୁ ନେଇ ମାରପିଟ୍: ଜଣେ କୋର୍ଟ ଚାଲାଣ

**କୋରେଇ,୨୧୯(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତ ଜହ୍ନାକଣା ଗ୍ରାମରେ ଗାଈବନ୍ଧାକୁ ନେଇ ମାରପିଟ୍ ଘଟଣାରେ ପୋଲିସ ରବିବାର ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ଅନାଦି ବିଶ୍ୱାଳ(୫୨)। ଏ ନେଇ ପାଣିକୋଇଲି ପୋଲିସ ଏକ ମାମଲା(୧୩୪/୧୮) ରୁଜୁ କରିଥିଲା। ପ୍ରକାଶ ଯେ, ଶନିବାର ସକାଳେ ଜହ୍ନାକଣା ଗ୍ରାମର ଅଭିମନ୍ୟୁ କୁଅଁରଙ୍କ ପୁଅ କୁନ୍ଦନ କଲେଜକୁ ଯାଉଥିବାବେଳେ ଗାଁ ମଝିରେ ବନ୍ଧା ହୋଇଥିବା ଏକ ଗାଈ ସହ ପିଟି ହୋଇଯାଇଥିଲେ। ପରେ ଗାଈ ମାଲିକ କୃଷ୍ଣ ବିଶ୍ୱାଳଙ୍କ ପୁଅ ମାଧବ, ଅନାଦି, ଶଶିକାନ୍ତ, ବିନୋଦ, ଗଣେଶ ଓ ବିରଞ୍ଚି ଘଟଣାସ୍ଥଳରେ ପହଞ୍ଚିବା ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ହୋଇଥିଲା। ପରେ କୁନ୍ଦନଙ୍କ ମା' କମଳା ଏବଂ ଦାଦା ନିରଞ୍ଜନ ଓ କୈଳାସ ପହଞ୍ଚି ପ୍ରତିବାଦ କରିବାରୁ ସେମାନଙ୍କୁ ମଧ ମାରପିଟ୍ କରିବା ସହ ଗାଲିଗୁଲଜ କରିଥିଲେ। ଏଥିରେ କୁନ୍ଦନ ଓ ନିରଞ୍ଜନ ଗୁରୁତର ହୋଇ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

## ଜଳଘେରରେ ପ୍ରସିଦ୍ଧ ବ୍ୟାସସରୋବର

# ଫେରିଗଲେ ପର୍ଯ୍ୟଟକ

**ଯାଜପୁର ଅଫିସ,୨୧୯**



ବର୍ଷା ଜଳରେ ବୁଡ଼ିଛି ବ୍ୟାସ ସରୋବର ପୀଠ।

- ନାହିଁ ଉପଯୁକ୍ତ ରାସ୍ତା
- ଲଗାଣ ବର୍ଷା ଯୋଗୁ ବ୍ୟାସସରୋବରକୁ ଯୋଗାଯୋଗ ବିଚ୍ଛିନ୍ନ
- ଗୁରୁତ୍ୱ ହରାଉଛି ପର୍ଯ୍ୟଟନ କେନ୍ଦ୍ର

ଗୌରବମୟ ଅତୀତର ମୂକସାକ୍ଷୀ ରୂପେ ଅଦ୍ୟପି ବିଦ୍ୟମାନ ବ୍ୟାସସରୋବର ଜଳ ଘେରରେ ରହିଛି। ପ୍ରାୟ ୧କି.ମି. ପରିଧି ମଧ୍ୟରେ ଜଳାର୍ଣ୍ଣବ ହୋଇରହିଛି ମହର୍ଷି ବ୍ୟାସଦେବ ମହାମୁନିଙ୍କ ଐତିହ୍ୟପୀଠ ବ୍ୟାସସରୋବର। ଶନିବାର ରାତି ଓ ଦିନରେ ଲଗାତାର ବର୍ଷା ଯୋଗୁ ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସସରୋବରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଯୋଗୁ ଏହି ପୀଠକୁ ଭଲ ରାସ୍ତାଟିଏ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ରବିବାର ଜନ୍ମାଷ୍ଟମୀ ସହ ଛୁଟି ପଡିଥିବାରୁ ବିଭିନ୍ନ ଅଞ୍ଚଳରୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଏନେଇ ଜିଲା ପ୍ରଶାସନ ପ୍ରତି ନକରାତ୍ମକ ମନ୍ତବ୍ୟ ଦେଇ ନିରାଶ ହୋଇ ଫେରି ଯାଉଥିବା ଦେଖିବାକୁ ମିଳିଛି।

କୋଲକତା-ମୁମ୍ବାଇ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲିଠାରୁ ମାତ୍ର ୧୫ କି.ମି. ଦୂରରେ ରହିଛି ଏହି ପବିତ୍ର ବ୍ୟାସସରୋବର ପୀଠ। କେଉଁ ହଜାର ବର୍ଷର ଐତିହ୍ୟ ବହନ କରି ବ୍ୟାସ ସରୋବର ବିଦ୍ୟମାନ। ଭୂତତ୍ତ୍ୱବିତ୍‌ଙ୍କ ମତରେ ଏହା ବ୍ରାହ୍ମଣୀ ନଦୀର ଏକ ଅଂଶବିଶେଷ। ଦକ୍ଷ ଯଜ୍ଞରେ ଶିବପ୍ରିୟା ସତୀ ଝାସ ଦେବାରୁ ଭଗବାନ ଶିବ ଦୁଃଖରେ ମ୍ରିୟମାଣ ହୋଇ ସାରା ବିଶ୍ୱ ଘୁରି ବୁଲୁଥିବା ବେଳେ ଦେବୀ ସତୀଙ୍କ ଶରୀର ବିଷ୍ଣୁଙ୍କ ଚକ୍ରରେ ଖଣ୍ଡ ବିଖଣ୍ଡିତ ହୋଇ ଭାରତର ବିଭିନ୍ନ ସ୍ଥାନରେ ପତିତ ହୋଇଥିଲା ଓ ଏହାପରେ ଭଗବାନ ଶିବ ଏହି ସରୋବରରେ ସ୍ନାନ କରି ତପୋମଗ୍ନ ହୋଇଥିଲେ ବୋଲି ପୁରାଣରେ ବର୍ଣ୍ଣିତ ରହିଛି। ବ୍ୟାସଦେବ ବିଷ୍ଣୁଙ୍କ ୧୭ତମ ଅବତାର ଅଟନ୍ତି। ତାଙ୍କର ଭାରତ ବର୍ଷ ଭ୍ରମଣ କାଳରେ ଘନ ଜଙ୍ଗଲ ଓ ସରୋବର ଥିବା ସ୍ଥାନରେ ତପସ୍ୟା କରି ସେ ଜଣେ ଜ୍ଞାନସିଦ୍ଧ ପୁରୁଷ ହୋଇପାରିଥିଲେ। ସେ ଯେଉଁଠାରେ ତପସ୍ୟା କରୁଥିଲେ ସେ ସ୍ଥାନକୁ ବ୍ୟାସ ସରୋବର କୁହାଯାଉଥିଲା। ଏଣୁ ଭାରତ ବର୍ଷର ବିଭିନ୍ନ ସ୍ଥାନରେ ବ୍ୟାସ ସରୋବର ଦେଖାଯାଏ। ଯାଜପୁର ରୋଡ ନିକଟସ୍ଥ ବ୍ରାହ୍ମଣୀନଦୀ କୂଳରେ ଥିବା ଚଇତନ ବନ ମଧ୍ୟରେ ଅବସ୍ଥିତ ବ୍ୟାସସରୋବର ଅନ୍ୟତମ। ଏଠାରେ ବ୍ୟାସଦେବ ମହାଭରତ ରଚନା କରିଥିବା କଥା ପୁରାଣ ଭାଷ୍ୟକାରମାନେ ବିଶ୍ୱାସ କରନ୍ତି। ଏହି ସରୋବରଠାରେ ଗୁପ୍ତଗଙ୍ଗା ଥିବାରୁ ସମସ୍ତଙ୍କ ମନସ୍କାମନା ଏଠାରେ ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି ପବିତ୍ର ସରୋବରର ଅନତି ଦୂରରେ ଯକ୍ଷମାନେ ନିବାସ କରୁଥିବାର ପ୍ରମାଣ ବର୍ତ୍ତମାନ ଯକ୍ଷପୁରାରୁ ଯଖପୁରା ହୋଇଛି ବୋଲି ଅନୁମାନ କରାଯାଏ। ଏହି ସରୋବର କୂଳରେ ଉମା ମହେଶ୍ୱରଙ୍କ ପୂଜାସ୍ଥଳୀ ଥିବାର ପ୍ରମାଣ ବର୍ତ୍ତମାନର ଉମାପଦା, ନଟପଡା ଅଟେ ବୋଲି ଲୋକମୁଖରୁ ଶୁଣାଯାଏ। ଏ ସମସ୍ତ ବର୍ଣ୍ଣନା ଆଜକୁ ହଜାର ହଜାର ବର୍ଷ ତଳେ ରଚିତ ସାରଳା ମହାଭାରତରେ ରହିଛି। ତେଣୁ ଏହି ପୀଠକୁ ଜିଲା ତଥା ଜିଲା ବାହାରୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। କିନ୍ତୁ ଆବଶ୍ୟକ ଭିତ୍ତିଭୂମିର ଅଭାବ ଓ ପର୍ଯ୍ୟଟନର ଉନ୍ନତି ହୋଇ ନ ଥିବାରୁ ତାହା ଏବେ ଲୋକ ଲୋକଙ୍କ ମନରୁ ହଜିଯିବାକୁ ବସିଛି।

## ଦଲାଲଙ୍କ କବ୍‌ଜାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗ

# ଚିକିତ୍ସା ଅଭାବରୁ ଜଣେ ମୃତ

**ବିରଜାକ୍ଷେତ୍ର,୨୧୯(ଡି.ଏନ୍.ଏ.)**

ଯାଜପୁର ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ବିଭାଗ ଦଲାଲଙ୍କ କବ୍‌ଜାରେ ରହିଥିବା ଶୁଣିବାକୁ ମିଳେ। ଏପରି କି ଦଲାଲଙ୍କ ଅନୁମତି ବିନା ଡାକ୍ତର, ନର୍ସ ଏବଂ କର୍ମଚାରୀ ଚିକିତ୍ସା କରି ନ ଥାନ୍ତି। ରବିବାର ଏଭଳି ଘଟଣା ଦେଖିବାକୁ ମିଳିଛି। କୋରେଇ ବ୍ଲକ ଚିଡିରି ଗୋବର୍ଦ୍ଧନପୁର ଅଞ୍ଚଳର ଜଣେ ଆଦିବାସୀ ମହିଳା ପ୍ରସୂତି ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ରବିବାର ସକାଳେ ତାଙ୍କୁ ପ୍ରସୂତି ବିଭାଗରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଦଲାଲଙ୍କ ମାଧ୍ୟମରେ ଅପରେଶନ୍ ଗୃହରେ ଭର୍ତ୍ତି କରାଯାଇଥିଲା। ମାତ୍ର କିଛି ସମୟ ପରେ ତାଙ୍କୁ ଅକ୍ସିଜେନ୍ ସହ ଆଉଟ୍‌ଡୋର ନିକଟରେ ଦଲାଲ ଓ ନର୍ସମାନେ ଆଣି ଛାଡ଼ିଦେଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ତାଙ୍କ ପରିବାରବର୍ଗ ଡାକ୍ତରଖାନାରେ ପାଟିତୁଣ୍ଡ କରିଥିଲେ। ଦଲାଲମାନେ ନିରୀହ ଆଦିବାସୀ ପରିବାରକୁ ଭୟଭୀତ କରାଇ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ପଠାଇ ଦେଇଥିଲେ। ଦଲାଲ, ନର୍ସ, ଡାକ୍ତର ଏବଂ କର୍ମଚାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ବହୁ ନିରୀହ ପରିବାର ମୃତ୍ୟୁମୁଖରେ ପଡୁଛନ୍ତି। ଚିକିତ୍ସା ନାମରେ ରୋଗୀଙ୍କଠାରୁ ଅର୍ଥ ଲୁଟ୍ ହେଉଛି। ପ୍ରସୂତିଙ୍କ ଅବସ୍ଥା ସାମାନ୍ୟ ଗୁରୁତର ହେଲେ ଅପରେଶନ ପାଇଁ ବାଧ କରାଯାଉଛି। ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ପ୍ରସୂତିଙ୍କୁ ସହରର ବିଭିନ୍ନ ଘରୋଇ ଚିକିତ୍ସାଳୟରେ ଅପରେଶନ କରାଇ ଅର୍ଥ ଲୁଟ୍ କରୁଛନ୍ତି। ଅପରେଶନ୍ ପୂର୍ବରୁ ଅର୍ଥ ମୂଲଚାଲ ହେଉଛି। ଅକ୍ଷୟ ନାମଧାରୀ ଦଲାଲ ଏହି ଅସାଧୁ ମେଣ୍ଟର ମୁଖ୍ୟ। ଦୀର୍ଘଦିନ ଧରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ତାଙ୍କ କାୟା ବିସ୍ତାର କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

# କାନ୍ଥ ପଡ଼ି ନାବାଳିକା ଗୁରୁତର

**ଚଣ୍ଡିଖୋଲ, ୨୧୯(ଡି.ଏନ୍.ଏ.)**

ଲଗାଣ ବର୍ଷାରେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମର ସେକ୍ ମେହେମୁଦ୍‌ଙ୍କ ଚାଳ ଘରଟି ଶନିବାର ରାତିରେ ଭୁଶୁଡ଼ି ପଡିବାରୁ ୧୪ ବର୍ଷର ଝିଅ ବୁଦ୍ଦୁନି ଖାତୁନ୍ ଗୁରୁତର ହୋଇଛନ୍ତି। ଘରର କାନ୍ଥ ବୁଦ୍ଦୁନିଙ୍କ ଉପରେ ପଡିବାରୁ ତାଙ୍କ ଅଣ୍ଟା ଓ ହାତରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସୁଙ୍ଗୁଡ଼ା ସରପଞ୍ଚ ଚାଚାଲିନ୍ ସ୍ୱାଇଁ ଓ ନାଏବ ସରପଞ୍ଚ ମସିର ଆଲାମ୍, ପଲ୍ଲିମଙ୍ଗଳ ସେବା ସମବାୟ ସମିତିର ସଭାପତି ସଞ୍ଜୟ କୁମାର ସ୍ୱାଇଁ ଆହତ ଛାତ୍ରୀଙ୍କୁ ଭେଟି ୧ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏଥିସହ ସରକାରୀ ସହଯୋଗ ପାଇଁ ଆରଆଇ ଓ ଦର୍ପଣ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି।

## ସାମାଜିକ ସମୀକ୍ଷା ବୈଠକରେ ଗଣ୍ଡଗୋଳ ଘଟଣା

# ତଦନ୍ତ କଲେ ଏସ୍‌ଡିପିଓ, ବୟାନ ରେକର୍ଡ



ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲ ସାକ୍ଷ୍ୟ ଗ୍ରହଣ କରୁଛନ୍ତି।

**ଦଶରଥପୁର,୨୧୯(ଡିଏନ୍ଏ)**

ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ମହାମବାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ)ର ସମୀକ୍ଷା ବୈଠକରେ ହୋଇଥିବା ଗଣ୍ଡଗୋଳ ଘଟଣାର ରବିବାର ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ତଦନ୍ତ କରିଥିବା ଜଣାପଡ଼ିଛି। ଗଣ୍ଡଗୋଳରେ ସାମିଲ ଥିବା ଉଭୟ ପକ୍ଷର ବୟାନକୁ ପୋଲିସ ରେକର୍ଡ କରିଥିବା ବେଳେ ଘଟଣାର ପ୍ରଥମ ଏତାଲାକାରୀ ବିରଜା ମଲ୍ଲିକଙ୍କ ଅନୁପସ୍ଥିତି ପାଇଁ ପୋଲିସକୁ ତାଙ୍କ ବୟାନ ମିଳିପାରି ନାହିଁ। ତେବେ ଗଣ୍ଡଗୋଳରେ ସାମିଲ ଉଭୟ ପକ୍ଷଙ୍କ ସହ ଦ୍ୱିତୀୟ ପକ୍ଷର ଏତାଲାକାରୀ ଜିଲାପରିଷଦ ସଭ୍ୟା ମାମିନା ମଲ୍ଲିକଙ୍କ ବୟାନକୁ ପୋଲିସ ରେକର୍ଡ କରିଛି। ତେବେ ସାକ୍ଷୀଙ୍କ ବୟାନରେ ତାଳମେଳ ରହୁ ନ ଥିବା ପୋଲିସ କହିଛି। ଏସ୍‌ଡିପିଓ ମଲ୍ଲ ପୂର୍ବାହ୍ନରେ ଖାନନଗର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଦ୍ୱିତୀୟ ଏତାଲାକାରୀ ତଥା ସମୀକ୍ଷା ବୈଠକରେ ସରପଞ୍ଚଙ୍କ ସହ ଉପସ୍ଥିତ ଥିବା ଭାଜପା ଜିଲାପରିଷଦ ସଭ୍ୟା ମାମିନା ମଲ୍ଲିକଙ୍କ ବୟାନ ରେକର୍ଡ କରିଥିଲେ। କାର୍ଯ୍ୟାଳୟରେ କିଏ ତାଲା ପକାଇ ଅଧିକାରୀ, ଜନତା ଓ ଜନପ୍ରତିନିଧିଙ୍କୁ ୫ଘଣ୍ଟା କାଳ ଅଟକ ରଖିଲେ ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗେଟ୍‌ରେ ତାଲା ପକାଯିବାକୁ ନେଇ ଉଭୟ ପକ୍ଷ ପରସ୍ପରକୁ ଦୋଷ ଲଦୁଥିବା ବେଳେ ଏବେ ଏହାର ଉତ୍ତର ଖୋଜିବାରେ ଲାଗିପଡ଼ିଛି ପଡ଼ିଛି ପୋଲିସ। ଜିଲାପରିଷଦ ସଭ୍ୟା ମାମିନା, ସମିତିସଭ୍ୟ କ୍ଷିତିରଞ୍ଜନ ନାୟକ ଏବଂ ବୈଠକରେ ଉପସ୍ଥିତ ଥିବା ଗୋବିନ୍ଦ ଯେନା ଭାଗିରଥି, ବିରଜା ସୁନିଲ ଗେଟ୍‌ର ଭିତରପଟୁ ତାଲା ପକାଇଥିଲେ ବୋଲି କହିଥିଲେ। ବୈଠକରେ ଉପସ୍ଥିତ ସରପଞ୍ଚ ପ୍ରଶାନ୍ତ ସାହୁ ଗେଟ୍‌ରେ କିଏ ତାଲା ପକାଇଛନ୍ତି ବୋଲି ଜାଣି ନ ଥିବା ପ୍ରକାଶ କରିଥିଲେ। ବୈଠକରେ ଉପସ୍ଥିତ ଗୋବିନ୍ଦ ଯେନା ବିରଜା ଓ ଭାଗିରଥି ତାଲା ପକାଇଥିବା ସେ ଦେଖିଥିବା କହିଥିଲେ। ଅନ୍ୟପକ୍ଷରେ ପ୍ରଥମ ପକ୍ଷର ଅଭିଯୋଗକାରୀ ବିରଜା ଏବଂ ଭାଗିରଥି ଅନୁପସ୍ଥିତ ଥିବା ଯୋଗୁ ସେମାନଙ୍କ ସହ ଥିବା ଲୋକଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ଏହି ପକ୍ଷର ଅନ୍ୟ ସାକ୍ଷ୍ୟମାନେ ଭିନ୍ନଭିନ୍ନ କଥା କହିଥିବା ପୋଲିସ ବୟାନ ରେକର୍ଡରୁ ଜଣାଯାଇଛି। ପୋଲିସ୍ ବିରଜାଙ୍କ ଏତାଲା ଉପରେ ୨୧୦/୧୮ରେ ମାମଲା ରୁଜୁ କରିଥିବା ବେଳେ ମାମିନାଙ୍କ ଏତାଲା ଉପରେ ୨୧୧/୧୮ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ଅଫିସର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ସୂଚନା ଦେଇଛନ୍ତି। ଏହି ତଦନ୍ତବେଳେ ମଙ୍ଗଳପୁର ଥାନା ଅଧିକାରୀ ବାମଦେବ ନନ୍ଦ ଏବଂ ଏଏସ୍‌ଆଇ ଟୁକନ ଦାସ ଉପସ୍ଥିତ ଥିଲେ।

# ଦୁଇ ମୋଟରସାଇକେଲ ମୁହାଁମୁହିଁ, ୩ ଗୁରୁତର

**କୋରେଇ/ଯାଜପୁରରୋଡ,୨୧୯(ସ୍ୱ.ପ୍ର./ନି.ପ୍ର.)**

କୋରେଇ ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥ ପାଣିକୋଇଲି-ଯାଜପୁରରୋଡ ରାସ୍ତାର ଜହ୍ନା ଛକ ନିକଟରେ ରବିବାର ୧୧ଟାରେ ଦୁଇ ମୋଟର ସାଇକେଲ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ୩ ଗୁରୁତର ହୋଇଥିଲେ। ଗୁରୁତରମାନେ ହେଲେ କୋରେଇ ଥାନା ଅନ୍ତର୍ଗତ ବଟିରା ଗ୍ରାମର ସୁଶାନ୍ତ କୁମାର ବିଶ୍ୱାଳ(୩୮), ଖାରଜବଟଇରା ଗ୍ରାମର ସେକ ବୁନୁ ଆନିକିୟୁ ଅକ୍ତାର(୩୫) ଓ ପାଣିକୋଇଲି ଥାନା ଅନ୍ତର୍ଗତ ସରସଦା ଗ୍ରାମର ଚନ୍ଦ୍ରମଣି ସାହୁ(୪୭)। ଯୁବ ସାମାଜିକ କର୍ମୀ ରାଜେଶ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ତାଙ୍କୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପ୍ରକାଶ ଯେ, ସୁଶାନ୍ତ ଓ ସେକ୍ ସ୍କୁଟି ଯୋଗେ ଯାଜପୁରରୋଡରୁ କାମ ସାରି ଘରକୁ ଫେରୁଥିଲେ। ଅପରପକ୍ଷରୁ ଆସୁଥିବା ଚନ୍ଦ୍ରମଣି ଓ ଦୁଃଶାସନ ଜହ୍ନା ଛକଠାରେ ଏକ କାର୍‌କୁ ଅତିକ୍ରମ କରୁଥିବାବେଳେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ହୋଟେଲରୁ ଗୁରୁତର ଅବସ୍ଥାରେ ଯୁବକ ଉଦ୍ଧାର

**ଚଣ୍ଡିଖୋଲ, ୨୧୯(ଡି.ଏନ୍.ଏ.)**

ଚଣ୍ଡିଖୋଲ ଛକସ୍ଥିତ ଏକ ହୋଟେଲ ରୁମ୍‌ରୁ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ରବିବାର ସକାଳେ ପୋଲିସ ଉଦ୍ଧାର କରିଛି। ଉଦ୍ଧାର ଯୁବକ ଜଣଙ୍କ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଅହମଦପୁର ଗ୍ରାମର ଗଙ୍ଗାଧର ଦାସ। ଗଙ୍ଗାଧର ଗତ ୨୭ରୁ ଉକ୍ତ ହୋଟେଲର ୩୦୧ ନମ୍ବର ରୁମ୍‌ରେ ରହୁଥିଲେ। ତେବେ ରବିବାର ଗଙ୍ଗାଧର ରୁମ୍ କବାଟ ନ ଖୋଲିବାରୁ ହୋଟେଲ କର୍ମଚାରୀମାନେ ସନ୍ଦେହ କରିଥିଲେ। ଏ ନେଇ ହୋଟେଲ ମ୍ୟାନେଜର ଚଣ୍ଡିଖୋଲ ଫାଣ୍ଡିକୁ ଖବର ଦେଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ନାରାୟଣ ଚନ୍ଦ୍ର ବେହେରା, ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ହୋଟେଲ୍‌ରେ ପହଞ୍ଚି ଉକ୍ତ ରୁମ୍‌ର କବାଟ ଭାଙ୍ଗି ଗଙ୍ଗାଧରଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ପହଞ୍ଚିବା ପରେ ଗଙ୍ଗାଧରଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଅତ୍ୟଧିକ ମଦ୍ୟପାନ କରିଥିବାରୁ ଗଙ୍ଗାଧରଙ୍କ ଏଭଳି ଅବସ୍ଥା ହୋଇଥିବା ପୋଲିସ ଅନୁମାନ କରିଛି।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର
ସଂଶୋଧନ ପତ୍ର
ତା.୦୧.୦୯.୨୦୧୮ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ କ୍ର. ନଂ. ୮ ରେ ଦର୍ଶିତ ଋଣଗ୍ରହୀତା: **ମେସର୍ସ ପାବନି ଫେରୋ ଆଲଏଜ୍ ପ୍ରା. ଲି.**ର 'ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା' ସ୍ତମ୍ଭରେ ଦର୍ଶିତ "ଜାମିନ୍‌ଦାରମାନେ: ୧) ଶ୍ରୀ ଜଳଧର ଜେନା, ୨) ଶ୍ରୀ ପାରେଶ୍ୱର ଜେନା" ପରିବର୍ତ୍ତେ "**ଜାମିନ୍‌ଦାରମାନେ: ୧) ସିଏଚ୍. ପ୍ରଭାତ କେଶରୀ ମିଶ୍ର,** ପିତା: ୰ ସିଏଚ୍. ଧିରେନ୍ଦ୍ର ନାଥ ମିଶ୍ର, **୨) ବିଶ୍ୱଜିତ ମିଶ୍ର,** ପିତା: ସିଏଚ୍. ପ୍ରଭାତ କେଶରୀ ମିଶ୍ର, **୩) ଶ୍ରୀମତୀ ଅର୍ଚ୍ଚନା ମିଶ୍ର,** ପିତା: ବୈଦ୍ୟନାଥ ନନ୍ଦ, କ୍ର.ନଂ. ୧, ୨ ଏବଂ ୩ଙ୍କ ଠିକଣା- ସା: ଜି+୩, କସ୍ତୁରୀ ଇଷ୍ଟେଟ୍, ବ୍ଲକ୍-ବି, ଅଶୋକ ନଗର, ଥାନା: ନିୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, **୪) ରବିନ୍ଦ୍ର ନାଥ ପଟ୍ଟନାୟକ,** ପିତା: ୰ ନଗେନ୍ଦ୍ର ନାଥ ପଟ୍ଟନାୟକ, ସା: ଏଚ୍‌ଆଇଜି-୩୧, ଜୟଦେବ ବିହାର, ବିଡ଼ିଏ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା" ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୦୧.୦୯.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ



SBC
ସମ୍ବଲପୁରୀ ବସ୍ତ୍ରାଳୟ
ଗଣେଶ ପୂଜା ଓ ନୂଆଁଖାଇ
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ବିଶେଷ ସରକାରୀ ରିହାତି
୧୦% + ୨୦%
ଅବଧି ତା୦୨।୦୯।୨୦୧୮ରୁ ତା୧୩।୦୯।୨୦୧୮ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍‌ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।




# ବିଦ୍ୟାଳୟରୁ ଚୋରି ଅଭିଯୋଗ

**ରସୁଲପୁର, ୨୧୯(ଡି.ଏନ୍.ଏ.)**

ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡି ଅଧୀନ ଚାନ୍ଦପୁରଠାରେ ଥିବା ଚିଲଡ୍ରେନ୍ ପାରାଡାଇଜ୍ ସ୍କୁଲରୁ କମ୍ପ୍ୟୁଟର ଓ ଇନଭର୍ଟର ବ୍ୟାଟେରି ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି ହୋଇଥିବା ରବିବାର ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ରଥ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଶନିବାର ରାତିରେ ଦୁର୍ବୃତ୍ତମାନେ ବିଦ୍ୟାଳୟର ମୁଖ୍ୟ କବାଟ ତାଲା ଭାଙ୍ଗି ଚୋରି କରିଥିଲେ।




# ପାରିବାରିକ କଳହରୁ ଆତ୍ମହତ୍ୟା

**ଚଣ୍ଡିଖୋଲ, ୨୧୯(ଡି.ଏନ୍.ଏ.):** ବଡ଼ଚଣା ଥାନା ଅନ୍ତର୍ଗତ ଭୁଷୁଣ୍ଡପୁର ପଞ୍ଚାୟତ ଖଟୁଆପଡ଼ା ଗ୍ରାମର ରାମଚନ୍ଦ୍ର ମଳିକ (୪୮) ଶନିବାର ସକାଳେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ରାମଚନ୍ଦ୍ର ପିନ୍ଧିଥିବା ଲୁଙ୍ଗିରେ ରଶି ଦେଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ମେଡ଼ିକାଲକୁ ପଠାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୧୯/୧୮) ରୁଜୁକରି ତଦନ୍ତ ଚଳାଇଛି। ତେବେ ରାମଚନ୍ଦ୍ର ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ନେଇ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ବଣ୍ଟନ

**କାଳିଆପାଣି,୨।୯(ଡି.ଏନ୍.ଏ.)**- ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳ ରାଁସୋଳ ଗ୍ରାମରେ ରବିବାର ସୁକିନ୍ଦା ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ବଣ୍ଟନ କରାଯାଇଛି। କେନ୍ଦ୍ର ସରକାରଙ୍କ ଯୋଜନାକୁ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ଭାଜପାର ୩୭ ନମ୍ବର ଜୋନ୍ ମିଡ଼ିଆସେଲ ସଭାପତି ଲମ୍ବୋଦର ମହାନ୍ତିଙ୍କ ସମେତ ଭାଜପା ରାଁସୋଳ ଗ୍ରାମ ପଞ୍ଚାୟତ ପ୍ରମୁଖ ଦିଲ୍ଲୀପ କୁମାର ପାତ୍ର, ଖଣି ଅଞ୍ଚଳର ଭାଜପା କାର୍ଯ୍ୟକର୍ତ୍ତା ସଚ୍ଚିଦାନନ୍ଦ ମୁର୍ମୁ, ନରତ୍ତମ ମହାନ୍ତ, ପ୍ରଶନ୍ନ ମହାନ୍ତ, ସୁଶାନ୍ତ କୁମାର ମହାନ୍ତ, କୈଳାସ ମହାକୁଡ଼ ପ୍ରମୁଖ ଯୋଗଦେଇଥିଲେ। ଏହି ଯୋଜନାରେ ଭୀମଟାଙ୍ଗର, କଲରଙ୍ଗୀ ଅଡା ଓ ମହ୍ଲାର ସାହିର ଗରିବ ମହିଳାଙ୍କୁ ମାଗଣାରେ ଗ୍ୟାସ୍ ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ନେଇ ଦିଲ୍ଲୀପ କହିଛନ୍ତି।

# ୧୩୩ କଏଦୀଙ୍କ ସ୍ଥାନରେ ରହୁଛନ୍ତି ୩୫୦

**ବିରଜାକ୍ଷେତ୍ର,୨।୯(ଡି.ଏନ୍.ଏ)**

ଯାଜପୁର ସବ୍‌ଜେଲ୍‌ରେ ୭ କୋଠରି ମଧ୍ୟରେ ଆବଶ୍ୟକଠାରୁ ଅଧିକ କଏଦୀ ରହିବା ଫଳରେ ସେମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ୧୯୯୨ରେ ଯାଜପୁର ସହରରେ ସବ୍‌ଜେଲ୍ ନିର୍ମାଣ ହୋଇଥିଲା। ଏବେ ରାଜ୍ୟ ସରକାର ଜେଲ୍‌ର ଆଧୁନିକୀକରଣ କରିଛନ୍ତି। ଜେଲ୍‌ରେ ଗୀତା, ଭାଗବତ ପାଠ କରାଯାଇ କଏଦୀଙ୍କୁ ଧାର୍ମିକ କ୍ଷେତ୍ରରେ ସଚେତନ କରାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଜେଲ୍ ପରିସରରେ ଅନ୍ତେବାସୀଙ୍କ ସୁବିଧା ଉପରେ ଗୁରୁତ୍ୱ ଦେବା ସହ ଆମୋଦପ୍ରମୋଦ କରାଇବା ପାଇଁ ରାଜ୍ୟ ସରକାର ଜେଲ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଯାଜପୁର ସବ୍‌ଜେଲରେ ଅନ୍ତେବାସୀଙ୍କ ରହିବାପାଇଁ ଛୋଟବଡ଼ ୭ କୋଠରୀ ରହିଛି । ସେଥିମଧ୍ୟରୁ ମହିଳା ଅନ୍ତେବାସୀଙ୍କ ପାଇଁ ଗୋଟିଏ କୋଠରି ରହିଛି । ୭ କୋଠରିରେ ୧୩୩ ଜଣ ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ଏବେ ୩୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ରହୁଛନ୍ତି। ସେଥିମଧ୍ୟରେ ୬ ବିଚାରଧୀନ ମହିଳା କଏଦୀ ଅଛନ୍ତି। ଏଥିସହ ଶୌଚାଳୟ ସମସ୍ୟା ମଧ୍ୟ ଦେଖାଦେଇଛି। ଜେଲ ପରିସରରେ ପର୍ଯ୍ୟାପ୍ତ ସ୍ଥାନ ନ ଥିବାରୁ କଏଦୀମାନେ ଦିନରାତି କୋଠରୀ ମଧ୍ୟରେ ରହୁଥିବାର ଶୁଣିବାକୁ ମିଳିଛି। ରୋଷେଇ ଘର ଛୋଟ ଥିବାରୁ ଅଧିକ ଅନ୍ତେବାସୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାରେ ବିଳମ୍ବ ହେଉଛି। ଖାଦ୍ୟ ନେବା ପାଇଁ ସେମାନେ ଅନେକ ସମୟ ଧରି ଲମ୍ବା ଧାଡ଼ିରେ ଛିଡ଼ା ହେଉଛନ୍ତି। ଜେଲର ପୂର୍ବ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମୟରେ ଜେଲ ପରିସରରେ ବିଭିନ୍ନ ଧାର୍ମିକ ଆଲୋଚନା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ହେଉଥିଲା । ଏପରି କି କଏଦୀମାନେ ବିଭିନ୍ନ ପୂଜା ଉତ୍ସବରେ ଯୋଗଦେବା ସହ ମନ୍ଦିରରେ ଯାଇ ପୂଜାର୍ଚ୍ଚନା କରୁଥିଲେ । ମାତ୍ର ବର୍ତ୍ତମାନର ସୁପରିଣ୍ଟେଣ୍ଡେଣ୍ଟ ସେସବୁ କାର୍ଯ୍ୟକୁ ବନ୍ଦ କରିଦେଇଥିବା ଶୁଣିବାକୁ ମିଳୁଛି । ଏପରି କି ରକ୍ଷାବନ୍ଧନ ସମୟରେ ଜେଲ ପରିସର ଭିତରକୁ ଯାଇ ସମସ୍ତ ଅନ୍ତେବାସୀଙ୍କ ହାତରେ ରାଖୀ ବାନ୍ଧିବାର ବ୍ୟବସ୍ଥା ଥିଲା। ବର୍ତ୍ତମାନ ତାହାକୁ ସୀମିତ କରାଯାଇ ମାତ୍ର କେତେଜଣ ଅନ୍ତେବାସୀଙ୍କ ହାତରେ ରାଖୀ ବାନ୍ଧିବାର ସୁଯୋଗ ଦିଆଯାଉଛି । ଅନ୍ତେବାସୀମାନେ କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିପାରୁ ନ ଥିବାରୁ ମାନସିକ ଅଶାନ୍ତି ମଧ୍ୟରେ ରହୁଛନ୍ତି । ଏ ସମ୍ପର୍କରେ ଯାଜପୁର ସବ୍-ଜେଲର ସୁପରିଣ୍ଟେଣ୍ଡେଣ୍ଟ ଲକ୍ଷ୍ମୀ ମୁଖୀଙ୍କୁ ପଚାରିବାରେ, ଅନ୍ତେବାସୀଙ୍କ ସମସ୍ୟା ସମ୍ପର୍କରେ ଜେଲର ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇଛି। ଷଠିପୁରଠାରେ ସବ୍-ଜେଲ ନିର୍ମାଣ ପାଇଁ ଜମି ଚିହ୍ନଟ ସରିଛି। ନୂତନ ସବ୍-ଜେଲ୍ ନିର୍ମାଣ ହେଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଛନ୍ତି।

**ଯାଜପୁର ସବ୍‌ଜେଲ୍**

- ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ଜେଲ୍ କର୍ତ୍ତୃପକ୍ଷ
- ଜେଲ୍‌ର ଆଧୁନିକୀକରଣ କରାଯାଉଥିବାବେଳେ ଏଥିରୁ ବାଦ୍ ପଡିଛି ଯାଜପୁର ସବ୍‌ଜେଲ୍

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ ଖୁଦ ପାଆ
ନୋଟା ନେଇ ଗାଧୋଇ ଯାଆ ।**

ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜକୁ ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ଦରିଦ୍ର ବ୍ୟକ୍ତିର ବୃଥା ଆଡମ୍ବର ଶୋଭାପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘଡ଼ିରୁ ତେଲ ନ ସରୁ
ପୁଅ ମୁଣ୍ଡ ନୁଖୁରା ନ ରହୁ ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ସେଥିରେ ତେଲ ଲଗାଯାଇଥାଏ। ତେବେ ତେଲ ସରିଯିବା ଭୟରେ ଚୁଟିରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ଗୋଟିଏ ପଟେ କେଶ ବା ଚୁଟି ନୁଖୁରା ନ ହୋଇଯିବା ଚିନ୍ତା ଓ ଅନ୍ୟପଟେ ଅର୍ଥ ଖର୍ଚ୍ଚର ଭୟ। ବ୍ୟକ୍ତିର ଏପରି ସଞ୍ଚୟ ମନୋବୃତ୍ତି ତଥା ଅତି କୃପଣତାର ଲକ୍ଷଣକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଓଷ୍ଟାର ପ୍ରସ୍ତୁତି ବୈଠକ

**ଚଣ୍ଡିଖୋଲ,୨।୯(ଡି.ଏନ.ଏ.)**- ଯାଜପୁର ଜିଲା ମିଳିତ ମଞ୍ଚ ଆହ୍ୱାନରେ ଚଣ୍ଡିଖୋଲ ନିକଟସ୍ଥ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟରେ ଶନିବାର ବଡ଼ଚଣା ବ୍ଲକ ଓଷ୍ଟାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ଉପସଭାପତି ଅଜିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ବଞ୍ଚାଇ ରଖିବା ଦାବିରେ ମିଳିତ ମଞ୍ଚ ଆହ୍ୱାନରେ ରାଜଧାନୀର ରାଜରାସ୍ତାରେ ଗତ ଅଗଷ୍ଟ ୧୬ ତାରିଖରୁ ସଭ୍ୟମାନେ ଧାରଣା ଦେଇଛନ୍ତି। ଜିଲା ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ଯୋଗଦେଇ ସେପ୍ଟମ୍ବର ୨ରେ ଶିକ୍ଷକ, ଅଧାପକ ଓ କର୍ମଚାରୀମାନେ ଧାରଣାସ୍ଥଳରେ ପହଞ୍ଚି ୩ ତାରିଖ ୫ଟା ପର୍ଯ୍ୟନ୍ତ ରହିବାକୁ କହିଥିଲେ। ସମସ୍ତ ଶିକ୍ଷକ, କର୍ମଚାରୀ, ପୁରାତନ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଆସନ୍ତା ୬ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବା ପାଇଁ ନିବେଦନ କରିଥିଲେ। ସତ୍ୟବାଦୀ ପଣ୍ଡା, ରତ୍ନପ୍ରଭା ବିଶ୍ୱାଳ, ଲାଲବିହାରୀ ଦାସ, ପ୍ରଦୀପ କୁମାର ରାୟ, ଅରୁଣ ବିଶ୍ୱାଳ, ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ଖୁଦୁରୁକୁଣୀ ଓଷା

**ଛତିଆ,୨।୯(ଡି.ଏନ୍.ଏ.)**

ଓଡ଼ିଶାର ପୁରପଲ୍ଲୀରେ ରବିବାର ଖୁଦୁରୁକୁଣୀ ଓଷା ଆରମ୍ଭ ହୋଇଛି। କୁଆଁରୀମାନେ ଭାଇଙ୍କ ଶୁଭ ମନାସୀ ମା’ ମଙ୍ଗଳାଙ୍କ ପାଖରେ ବ୍ରତ କରିଥାନ୍ତି। ଏହି ବ୍ରତ ଏକ ସାଧବ ପରିବାରର କାହାଣୀ ଯାହା ଗୋପୀନାଥ ଦାସଙ୍କ ଲିଖିତ ଖୁଦୁରୁକୁଣୀ ଓଷା ବହିରୁ ଜାଣିବାକୁ ମିଳେ। ଗାଁ ଗଣ୍ଡାର ପ୍ରାୟ ସମସ୍ତ ସାହିରେ ଓଷା କୋଠିମାନ ରହିଛି। ଅନେକ କାଳରୁ ଚଳିଆସୁଛି ଏହି ଓଷା ପରମ୍ପରା। ଓଷା ଦିନ କୁଆଁରୀମାନେ ସକାଳୁ ଉଠି ଠାକୁରାଣୀଙ୍କୁ ଖୁଦ ଭଜା, ଲିଆ, ଉଖୁଡା, କଣ୍ଟିଆଳି, କାକୁଡି, କଦଳୀ ଆଦି ଭୋଗ ଅର୍ପଣ କରି ନଦୀ ପଠା ମାନଙ୍କରେ ଉପାସନା କରିଥାନ୍ତି। ଖୁଦଭଜା ଠାକୁରାଣୀଙ୍କର ସବୁଠୁ ପ୍ରିୟ ଖାଦ୍ୟ ବୋଲି କୁହାଯାଏ । ସେଥିପାଇଁ ତାଙ୍କୁ ଖୁଦୁରୁକୁଣୀ ବୋଲି କୁହାଯାଏ । ଛତିଆ ଅଞ୍ଚଳର ପାଟଣା, ସୋଲର, ବୈରୀ, ଚମ୍ପାପୁର, ନେଳିଆ, ବିଦ୍ୟାଧରପୁର, ଗୋପପୁର, ବରୁଣିଆ, ସପନପୁର, ଅମୀୟଝରୀ ଆଦି ଗ୍ରାମଗୁଡିକରେ ଆନନ୍ଦ ଉଲ୍ଲାସରେ କୁଆଁରୀମାନେ ଏହି ଓଷା ପାଳନ କରିଥାନ୍ତି। ଭାଦ୍ରବ ମାସରେ ପ୍ରତ୍ୟେକ ରବିବାର ମା’ ମଙ୍ଗଳାଙ୍କୁ ରବିବାର ପୂଜା କରାଯାଏ । ଶେଷ ରବିବାରରେ ମା’ଙ୍କୁ ପୂଜାର୍ଚ୍ଚନା କରାଯାଇ ନଦୀ ପଠାରେ ବିର୍ସଜନ କରାଯାଇଥାଏ ।



ପ୍ରଥମ ପାଳି ଖୁଦୁରୁକୁଣୀ ଓଷା ଆରମ୍ଭ।

### ବ୍ରାହ୍ମଣୀରୁ ବାଲି ଚୋରାଚାଲାଣ

**ବରୀ,୨।୯(ସ୍ୱ.ପ୍ର.)**- ବରୀ ବ୍ଲକ ଅଧୀନ ବରୀପାଳ ହାଟ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ବାଲି ଚୋରାଚାଲାଣ ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନୀରବ ରହୁଥିବାରୁ ଚାଲାଣକାରୀ ସକ୍ରିୟ ହୋଇ ପଡ଼ିଛନ୍ତି। ଫଳରେ ରାଜସ୍ୱ ବିଭାଗ ରାଜସ୍ୱ ହରାଉଥିଲାବେଳେ ପ୍ରଶାସନ ନୀରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବରୀପାଳ ନଦୀବନ୍ଧ ଚୋରା ବାଲି ଚାଲାଣକାରୀଙ୍କ କବ୍‌ଜାରେ ରହିଛି। ଦୈନିକ ଶହ ଶହ ଟ୍ରାକ୍ଟର ବାଲି ଚାଲାଣ ହେଉଥିବାବେଳେ ବନ୍ଧ ଖୋଳି ହୋଇ ଯାଉଛି। ବାଲି ଘାଟରୁ ବରୀ ଥାନା ମାତ୍ର ୧୦୦ ମିଟର ଦୂର ରହିଛି। ରାଜସ୍ୱ ବିଭାଗ, ପୋଲିସ କର୍ମଚାରୀ ଚାଲାଣକାରୀଙ୍କ ସହ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏ ନେଇ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଥିବାବେଳ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଜିଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ବୃଦ୍ଧି ପରିବର୍ତ୍ତେ ହ୍ରାସ ହେଲା ୫ ବୁଥ୍

**ଧର୍ମଶାଳା,୨।୯(ଡି.ଏନ୍.ଏ.)**

**ଧର୍ମଶାଳା ନିର୍ବାଚନ ମଣ୍ଡଳୀ**

୨୦୧୯ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ନିର୍ବାଚନକୁ ସରଳ କରିବା ପାଇଁ ନିର୍ବାଚନ ମଣ୍ଡଳୀରେ ଧର୍ମଶାଳା ବ୍ଲକ ପକ୍ଷରୁ ୧୨ଶହରୁ ଉର୍ଦ୍ଧ୍ୱ ଭୋଟର ଥିବା ୧୭ଟି ବୁଥ୍‌କୁ ବୃଦ୍ଧି କରିବାକୁ ଜିଲା ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଥିଲା। ଜିଲା ପ୍ରଶାସନ ପୂର୍ବରୁ ଥିବା ୨୬୩ ବୁଥରୁ ୫ଟି ହ୍ରାସ କରି ୨୫୮ରେ ସୀମିତ ରଖିଥିବା ଜଣାଯାଇଛି। ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀ ପୂର୍ବରୁ ଧର୍ମଶାଳା ବ୍ଲକରେ ୨୦୨ ଓ ରସୁଲପୁର ବ୍ଲକର ୬୧ ମୋଟ ୨୬୩ଟି ବୁଥ୍‌କୁ ନେଇ ଗଠିତ ହୋଇଥିଲା। ଏହାର ଭୋଟର ସଂଖ୍ୟା ୧ଲକ୍ଷ ୬୬ ହଜାର ୨୨ଥିଲା ବେଳେ ସେମାନଙ୍କ ମଧ୍ୟରୁ ୮୬ହଜାର ୭୫୧ପୁରୁଷ, ୭୯ହଜାର ୨୬୭ମହିଳା ଓ ୪ଜଣ ଅନ୍ୟାନ୍ୟ ରହିଛନ୍ତି। ଏବେ ନୂତନ ଭୋଟର ସୃଷ୍ଟି ହେବା ପରେ ସମୁଦାୟ ଭୋଟର ସଂଖ୍ୟା ବୃଦ୍ଧି ପାଇବ। ପୂର୍ବରୁ ୧୨ଶହରୁ ଉର୍ଦ୍ଧ୍ୱ ଭୋଟର ଥିବା ବୁଥ୍‌ରେ ମତଦାନ ସରଳ କରିବା ପାଇଁ ୨ଟି ବୁଥ୍ କରାଯାଉଥିଲା। ଏହି ମର୍ମରେ ଧର୍ମଶାଳା ବ୍ଲକ ପକ୍ଷରୁ ୧୭ଟିରେ ୧୨ଶହରୁ ଅଧିକ ଭୋଟର ଥିବା ବୁଥ୍‌କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଜିଲା ପ୍ରଶାସନକୁ ପଠାଯାଇଥିଲା। ମାତ୍ର ଧର୍ମଶାଳା ବ୍ଲକର ଅଞ୍ଜିରା ସେବାଗ୍ରାମ ବୁଥ୍ ନମ୍ବର ୫୨କୁ ବୁଥ୍ ନଂ ୫୧ ସହ ମିଶ୍ରଣ କରାଯାଇଛି। ସେହିପରି ଧର୍ମଶାଳା ମହିଳା ମହାବିଦ୍ୟାଳୟ ବୁଥ ନମ୍ବର ୧୬୯କୁ ୧୭୦ ନମ୍ବର ସହ, ବଡ଼କାଏମା ବୁଥ ନମ୍ବର ୧୯୨କୁ ୧୯୧ ଓ ୧୯୩ ନମ୍ବର ବୁଥ୍ ସହିତ ଓ ୨୧୭ ନଂ ବୁଥ୍‌କୁ ଉଚ୍ଛେଦ କରାଯାଇ ୨୧୬ ଓ ୨୧୮ ନମ୍ବର ବୁଥ୍ ସହିତ ମିଶ୍ରଣ କରାଯାଇଛି। ସେହିପରି ରସୁଲପୁର ବ୍ଲକରେ ଜାବରା ହାଇସ୍କୁଲ ବୁଥ୍ ନମ୍ବର ୧୨୪କୁ ୧୨୩ ଓ ୧୨୫ ନମ୍ବର ବୁଥ୍ ସହିତ ମିଶ୍ରଣ କରାଯାଇଛି। ବୁଥ୍ ସଂଖ୍ୟା ହ୍ରାସ ନେଇ ଧର୍ମଶାଳା ବ୍ଲକର କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା, ଧର୍ମଶାଳାର ଯୁବ କଂଗ୍ରେସ ସଭାପତି ସଞ୍ଜୟ ରାଉତ୍‌ଙ୍କ ସହ ଯୋଗାଯୋଗ କରିବାରୁ, ଏକା ସାଙ୍ଗରେ ବିଧାନସଭା ଓ ଲୋକସଭା ନିର୍ବାଚନ ହେବାର ବହୁ ସମ୍ଭବନା ଅଛି। ଜଣେ ଭୋଟରଙ୍କୁ ୨ଟି ଭୋଟ ଦେବାକୁ ହେବ। ଭୋଟ ପାଇଁ ୧୨ଶହରୁ ଉର୍ଦ୍ଧ୍ୱ ଭୋଟର ଥିବା ବୁଥ୍‌କୁ ଭାଗ କରି ବୃଦ୍ଧିର ଆବଶ୍ୟକତା ଅଛି। ଏହା କରା ନ ଯାଇ ଭିଡିପାଟ ଉପଯୋଗିତା ମାଧ୍ୟମରେ ୧୪ଶହ ଭୋଟର ଗୋଟିଏ ବୁଥରେ ଭୋଟ ଦେବାରେ ବିଳମ୍ବ ହେବ। ଏଥିପାଇଁ ଆଇନ ଶୃଙ୍ଖଳା ବ୍ୟାହତ ହେବାର ସମ୍ଭାବନା ରହିଛି ବୋଲି ସୂଚନା ଦେଇଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ ।
GNM
ANM
OT. Tech
DMLT
ICU
X-RAY
ଯୋଗ୍ୟତା ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL
HOSPITAL
PRATICAL
PLACEMENT
FACILITY AVAILABLE
KIMS, KHANDAGIRI, BBSR
7894487511

+2 ବିଜ୍ଞାନ ପରେ ପଢ଼ନ୍ତୁ
ପାରାମେଡ଼ିକାଲ କୋର୍ସ
ବ୍ୟାଚେଲର ଇନ୍ ପ୍ରୋସ୍ଥେଟିକ୍ସ ଆଣ୍ଡ ଅର୍ଥୋଟିକ୍ସ
(ଟି.ଏନ୍.ଏମ୍.ଜି.ଆର୍. ମେଡ଼ିକାଲ ୟୁନିଭର୍ସିଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ, ଚେନ୍ନାଇ)
ଆଡ୍‌ମିଶନର ଶେଷ ତାରିଖ ୧୭ ସେପ୍ଟେମ୍ବର
ଫୋନ୍- 8695540011
www.iipoinstitute.in

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨୦% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 40,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW:
08570958738
08570958378

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

SUHANA FINANCE
ଭାରତ ସରକାର ରେଜିଷ୍ଟଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
7325861595
7325861352

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
Mahinder Finance
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ। (କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

ସୁବର୍ଣ୍ଣ ସୁଯୋଗ
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748


9911436726, 9540938429

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଣ୍ଟିକାରୁ ଅପରାହ୍ନ ୨ ଘଣ୍ଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩।୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା
- ଶ୍ରୀଚୈତନ୍ୟ



## ■ କମ୍ପାନୀ ପାଇଁ ତ୍ୟାଗ, ବଳିଦାନର ପରିଣାମ

# କିଡ୍‌ନୀ, ଯକ୍ଷ୍ମା ନେଲାଣି ୨୦୦ ଜୀବନ

■ରାତିରେ ଇଏସ୍‌ପି ବନ୍ଦ
■ଛଡ଼ାଯାଉଛି ବିଷାକ୍ତ ପାଉଁଶ ଧୂଆଁ
■ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଏସପିସିବି ଫେଲ

ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.), ୨।୯

କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଦୂଷଣ ଜନିତ କିଡନୀ ଓ ଯକ୍ଷ୍ମା ରୋଗରେ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। କମ୍ପାନୀ ପାଇଁ ତ୍ୟାଗ ଓ ବଳିଦାନର ଫଳ କଳିଙ୍ଗନଗରବାସୀଙ୍କୁ ଭୋଗିବାକୁ ପଡୁଛି। ଆର୍ଥିକ ଅଭିବୃଦ୍ଧିର ସ୍ୱାଦ ଚାଖିବା ପରିବର୍ତ୍ତେ କାରଖାନାର ପ୍ରଦୂଷଣରେ ରୁନ୍ଧି ହୋଇ ଜଣେ ପରେ ଜଣ ନୀରିହଙ୍କ ଜୀବନ ଯାଉଛି। ଗତ ୮ତାରିଖରେ ସୁଆଁଳ ଗ୍ରାମ ବୈରାଗୀ ମୁଣ୍ଡା(୬୬), ଜୁଲାଇ ୧୭ରେ ଗଙ୍ଗା ନାୟକ, ହୁନା ନାଏକ ଓ ବର୍ଷା ନାଏକଙ୍କ ମୃତ୍ୟୁ ହୋଇଥିଲା। ଏହି ଗ୍ରାମରେ ଏବେ ଟୁରା ନାଏକ ଓ କାହ୍ନୁ ନାଏକ କିଡନୀ ରୋଗରେ ଗୁରୁତର ଅଛନ୍ତି। ଏହାକୁ ମିଶାଇ ଗତ ୫ ବର୍ଷ ମଧ୍ୟରେ କେବଳ ସୁଆଁଳ ଗ୍ରାମରେ ସମୁଦାୟ ମୃତ୍ୟୁ ସଂଖ୍ୟା ୮୩ ରେ ପହଞ୍ଚିଛି। କଳିଙ୍ଗନଗର ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ଲୋକ ଯକ୍ଷ୍ମା ଓ କିଡନୀ ରୋଗରେ ମୃତ୍ୟୁବରଣ କରିଥିବା ବେସରକାରୀ ସୂତ୍ରରୁ ଆକଳନ କରାଯାଇଛି। ତଥାପି ସରକାର ଏହାର ପ୍ରତିକାର ଦିଗରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନ କରିବା ମାନବାଧିକାରକୁ ଉଲ୍ଲଂଘନ କରୁଥିବା ମତପ୍ରକାଶ ପାଇଛି।

ଶିଳ୍ପାୟନ ପ୍ରକ୍ରିୟାରେ କଳିଙ୍ଗନଗର ଅଞ୍ଚଳର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର ଆଞ୍ଚଳିକ କାର୍ଯ୍ୟାଳୟ କାମ କରୁଛି। ଏଠାରେ କାର୍ଯ୍ୟରତ ବୈଜ୍ଞାନିକ ଓ କର୍ମଚାରୀଙ୍କ କେବଳ ଦରମା ବାବଦକୁ ରାଜ୍ୟ ଓ କେନ୍ଦ୍ର ସରକାର ମାସିକ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଏମାନେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ବଦଳରେ ଶିଳ୍ପ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଓଲଟା ପ୍ରଦୂଷଣ କରିବାକୁ ପରୋକ୍ଷରେ ଉତ୍ସାହିତ କରୁଛନ୍ତି। ରାତିରେ ଇଏସ୍‌ପି (ଇଲେକ୍ଟ୍ରୋ ଷ୍ଟାଟିକ ପ୍ରେସିପିକେଟର)କୁ ବନ୍ଦ କରି ବିଷାକ୍ତ ପାଉଁଶ ଧୂଆଁ ଛଡ଼ାଯାଉଛି। ମାନପୁର ରେଲୱେ ସାଇଡିଂରୁ ଅହରହ କୋଇଲା ଗୁଣ୍ଡ ଆଖପାଖ ଅଞ୍ଚଳକୁ କଳାଧୂଆଁରେ ଆଚ୍ଛାଦିତ କରି ରଖୁଛି। ଏନେଇ ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ, ଦାବି, ଆନ୍ଦୋଳନ ଆଦି ହେଉଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ସରକାରଙ୍କ ଶିଳ୍ପ ପ୍ରୀତି ଏପରି ବୃଦ୍ଧି ପାଇଛି ଯେ, ଲୋକଙ୍କ ଜୀବନକୁ ମଧ୍ୟ ଭୃକ୍ଷେପ କରୁନାହାନ୍ତି। ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ସୁକିନ୍ଦା ବ୍ଲକର ଗୋବରଘାଟି, ଓଳିଆ, ସଂସାଇଲୋ, ଡବୁରୀ, ବାରଗାଡିଆ ଓ ସାରଙ୍ଗପୁର ଏବଂ ଦାନଗଦି ବ୍ଲକର ଚାନ୍ଦିଆ, ନଡିଆଭଙ୍ଗା, ଧୂଳିଗଡ, ତ୍ରିଜଙ୍ଗା, ମାନତିରା, ଯଖପୁରା, କିନ୍ଦିରିଗଡିଆ ଗ୍ରାମ ପଞ୍ଚାୟତର ପୋଖରୀ, ଜଳାଶୟ, କୂଅ ପାଣି କଳା ପାଉଁଶରେ ପ୍ରଦୂଷିତ। ସେହି ପାଣିରେ ଖାଦ୍ୟ ରାନ୍ଧିଲେ ତାହା ସିଝୁନାହିଁ, କିନ୍ତୁ ଲୋକଙ୍କ ପାଇଁ ଅନ୍ୟ ବିକଳ୍ପ ବି ନାହିଁ। ଲୋକେ ଯକ୍ଷ୍ମା, କିଡନୀ, ଜଣ୍ଡିସ ଆଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରଦୂଷଣର ଏହି ତାଣ୍ଡବକୁ ରୋକିବାକୁ ସରକାରୀସ୍ତରରେ ଉଦ୍ୟମ ହେଉ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ ବିସ୍ଥାପିତ କଲୋନୀରେ ବସତି ଆରମ୍ଭ ହେବା ଦିନଠାରୁ କିଡନୀ ରୋଗରେ ମୃତ୍ୟୁ ବଢି ଚାଲିଛି। ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହି ଦୁରାରୋଗ୍ୟର କାରଣ ଓ ନିରାକରଣ ଦିଗରେ ଶିଳ୍ପସଂସ୍ଥା କର୍ତ୍ତୃପକ୍ଷ କିମ୍ବା ପ୍ରଶାସନର ଆଦୌ ଚିନ୍ତା ନାହିଁ। ଏହି କଲୋନୀରେ ଚାନ୍ଦିଆ, ବାଲିଗୋଠ, ବାଇଡୁବୁରୀ, ଗାଡପୁର, ଚମ୍ପାକୋଇଲା, ଗୋବରଘାଟି, ଶଶଗଠ, ଆମ୍ବଗାଡିଆ ଓ ମାନିଆପାତଲା ଗ୍ରାମର ୬୪୮ଟି ପରିବାର ବିସ୍ଥାପିତ ହୋଇ କାରଖାନାର ପଶ୍ଚିମ ପାର୍ଶ୍ୱରେ ନିର୍ମିତ ବିର୍ସାମୁଣ୍ଡା ଥଇଥାନ କଲୋନୀରେ ଏବେ ଆଶ୍ରିତ। କଲୋନୀ-୧ ରେ ୩୬୯ ଓ କଲୋନୀ-୨ ରେ ୨୭୯ ପରିବାରକୁ ୧୩ ଡେସିମିଲ ଲେଖାଏଁ ଜମି ମିଳିଛି। ଯେଉଁଥିରେ ଘରବାଡି କରି ସେମାନେ ଚଳୁଛନ୍ତି। ସୁକିନ୍ଦା ରେଲୱେ ପ୍ଲଟ, ମାନପୁର କୋଇଲା ପ୍ଲଟ ଏବଂ ବିଭିନ୍ନ କାରଖାନାରୁ ନିର୍ଗତ ଧୂଳିଧୂଆଁ ଓ ବିଶୁଦ୍ଧ ପାନୀୟ ଜଳର ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସୁକିନ୍ଦା ବ୍ଲକ ସାନ୍ତରାପୁର ଗ୍ରାମରେ ଗତ ୧୦ ବର୍ଷ ମଧ୍ୟରେ କିଡନୀ ରୋଗରେ ପ୍ରାୟ ୨୦ ଜଣଙ୍କ ଜୀବନ ଗଲାଣି। ନୀଳାଚଳ ଇସ୍ପାତ କାରଖାନାକୁ ଲାଗି ରହିଥିବା ସାରଙ୍ଗପୁର ଗ୍ରାମର ୨୫ଜଣ ଯକ୍ଷ୍ମାରୋଗରେ ମୃତ୍ୟୁବରଣ କରିଛନ୍ତି । ଏବେ ବି ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏହି ରୋଗରେ ଆକ୍ରାନ୍ତ ଅଛନ୍ତି । ଶିଳ୍ପାଞ୍ଚଳର ପ୍ରଦୂଷଣ ଯାଜପୁରରୋଡ ସହରକୁ ମଧ୍ୟ ବ୍ୟାପିବା ଆରମ୍ଭ କଲାଣି । ଶିଳ୍ପାୟନ ପ୍ରକ୍ରିୟାରେ ଅଞ୍ଚଳରେ ଦେଖାଯାଇଥିବା ଏଭଳି ପ୍ରଦୂଷଣ ସମସ୍ୟା ଓ ଏହାର ନିୟନ୍ତ୍ରଣ ଦିଗରେ ସରକାରଙ୍କ ବିଫଳତା ଲୋକଙ୍କୁ ଏଭଳି ହତାଶ କରିଛି ଯେ ସେମାନେ ନିଜ ଗାଁ ମାଟି ଛାଡିବାକୁ ଇଚ୍ଛା କଲେଣି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପଙ୍କପାଳ ଆଞ୍ଚଳିକ ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀ କୁହନ୍ତି, ସମସ୍ତ କାରଖାନାରେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ତଥାପି ଯଦି ଏଭଳି ଅଭିଯୋଗ ହୋଇଛି, ତେବେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

## ସଂକ୍ଷେପରେ

### ଜଳିଗଲା ୩ ବଖରା

**ଦଶରଥପୁର,୨।୯(ଡିଏନ୍‌ଏ):** ଦଶରଥପୁର ବ୍ଲକ ତରପଦା ପଞ୍ଚାୟତ ଡୋବାବିଲ୍ ଗ୍ରାମରେ ରବିବାର ପୂର୍ବାହ୍ନରେ ଏହି ଗ୍ରାମର ଜଗନ୍ନାଥ ଦଲାଇଙ୍କର ୩ ବଖରା ଜଳି ପାଉଁଶ ହୋଇଯାଇଛି। ନିଆଁର ବେଗ ପ୍ରଖର ଥିବାରୁ କୌଣସି ଆସବାବପତ୍ର ଉଦ୍ଧାର କରାଯାଇ ପାରି ନ ଥିଲା। ଖବରପାଇ ଅଗ୍ନିଶମ ଗାଡି ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁ ଜଳି ପାଉଁଶ ହୋଇସାରିଥିବା ଅଗ୍ନିବିପନ୍ନ ପରିବାର ସୂଚନା ଦେଇଛନ୍ତି। ଅଗ୍ନିବିପନ୍ନ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି।

### କାର୍ଯ୍ୟରେ ଲାଗୁନାହିଁ ପୋଲିସ ଷ୍ଟପର



**ଜେନାପୁର,୨।୯(ଡି.ଏନ.ଏ.):** ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ-ଡୁବୁରି ୫୩ ନମ୍ବର ଜାତୀୟ ରାଜପଥର ବାଲିସାହି ଛକଠାରେ ୨ଟି ଷ୍ଟପର ଥିଲେ ମଧ ତାହା କାର୍ଯ୍ୟକାରୀ ହେଉନାହିଁ। ଗୋଟିଏ ରାସ୍ତାରେ ରହିଥିବାବେଳେ ଅନ୍ୟଟି ରାସ୍ତା ବାହାରେ ପଡିଛି। ସେହିପରି ଚଢେଇଧରା ତଳଛକର ପୁରୁଣା ମଦ କାଉଣ୍ଟର ସମ୍ମୁଖର ଏକ ବୁଦାମୂଳେ ଗୋଟିଏ ଷ୍ଟପର ଦେଖିବାକୁ ମିଳିଛି। ଷ୍ଟପର ଦୁର୍ଘଟଣାକୁ ରୋକିବା ପାଇଁ ଥିବାବେଳେ ଏହାକୁ ଫୋପାଡି ଦିଆଯାଉଛି। ଏଥିପ୍ରତି ଜେନାପୁର ଥାନା ପୋଲିସ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ବିଜେଡି ସଂଯୋଜକଙ୍କୁ ନେଇ ବୈଠକ

**ଧର୍ମଶାଳା, ୨।୯(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ବିଜୁ ଜନତା ଦଳର ନିର୍ଦ୍ଦେଶ କ୍ରମେ ରବିବାର ଚୋରମୁହାଁ ଗ୍ରାମପଞ୍ଚାୟତ ବିଜୁ ଜନତା ଦଳର ସଂଯୋଜକଙ୍କୁ ନେଇ ଏକ ବୈଠକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ଚୋରମୁହାଁ ଗ୍ରାମପଞ୍ଚାୟତ ପର୍ଯ୍ୟବେକ୍ଷକ ସୁଦାମ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବନିର୍ବାଚିତ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ମହାନ୍ତି ଓ ୧୪ ନମ୍ବର ଜୋନ୍ ସଂଯୋଜକ ପୀତାମ୍ବର ନାୟକ ଅତିଥି ଭାବେ ଯୋଗଦେଇ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଆମ ଗାଁ ଆମ ବିକାଶରେ ବିଭିନ୍ନ ପ୍ରକଳ୍ପକୁ ଅକ୍ଟୋବର ସୁଧା ସମାପ୍ତ କରିବା ନେଇ ପରାମର୍ଶ ଦେଇଥିଲେ। ଏଥିସହ ଖାଦ୍ୟ ସୁରକ୍ଷା ଯୋଜନାରେ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଓ ମଧୁବାବୁ ପେନସନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକ ଆରମ୍ଭରେ ନବନିଯୁକ୍ତ ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ମହାନ୍ତିଙ୍କୁ ଗ୍ରାମପଞ୍ଚାୟତ ସଭାପତି ସୁଦୀପ୍ତ କୁମାର ସ୍ୱାଇଁ ଓ ବ୍ଲକ ଷ୍ଟିଅରିଂ କମିଟି ସଦସ୍ୟ ମୁନା ଖାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ସଂଖ୍ୟାଲଘୁ ସେଲ୍ ସଭାପତି ଅବଦୁଲ ହକିମ, ବରିଷ୍ଠ କର୍ମୀ ସୂର୍ଯ୍ୟମଣି ବାରିକ, ରବିକାନ୍ତ ମହାନ୍ତି, ନାଏବ ସରପଞ୍ଚ ଶ୍ୟାମସୁନ୍ଦର ମହାନ୍ତି ଓ ଯୁବ ନେତା ଦୀପକ ରଞ୍ଜନ ସାମଲ ଓ ୧୭ଟି ୱାର୍ଡର ସଂଯୋଜକ ଯୋଗ ଦେଇଥିଲେ।

### ଶ୍ରୀକୃଷ୍ଣଙ୍କ ଜନ୍ମ ମହୋତ୍ସବ ପାଳିତ



**ଯାଜପୁରରୋଡ,୨।୯(ନି.ପ୍ର.):** ମଧୁସୂଦନନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ରବିବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟା ପ୍ରଣତୀ ସାହୁ ଦୀପ ପ୍ରଜ୍ୱଳନ କରିଥିଲେ। ଅନେକ ଶିଶୁ କୃଷ୍ଣବେଶ ପରିଧାନ କରି ବିଦ୍ୟାଳୟକୁ ଉତ୍ସବ ମୁଖର କରିଥିଲେ। ଯଥାବିଧି ପବିତ୍ର ଗ୍ରନ୍ଥ ଭାଗବତ ପାଠ କରାଯାଇଥିଲା। ପ୍ରହ୍ଲାଦ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀକୃଷ୍ଣ ଜନ୍ମମାହାତ୍ମ୍ୟ ସମ୍ବନ୍ଧରେ ଆର୍ଶୀବଚନ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ସଲୀଳା ମହାପାତ୍ର ସଂଯୋଜନା କରିଥିଲେ।

## ୪ରେ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରିବ ଟ୍ରକ୍ ମାଲିକ ସଂଘ

ଯାଜପୁରରୋଡ,୨।୯(ନି.ପ୍ର.)

ରାଜ୍ୟ ସରକାର ଖଣିଜ ଦ୍ରବ୍ୟ ପରିବହନ ପାଇଁ ଯାନବାହାନ ଗୁଡ଼ିକରେ ଜିପିଏସ ଲଗାଇବା ବାଧ୍ୟତାମୂଳକ କରିଛନ୍ତି। ଜିପିଏସ୍ ନ ଲଗାଇଲେ ପରିବହନ କରିବାକୁ ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଅଧିକାଂଶ ସମୟରେ ଜିପିଏସ୍ ଅଚଳ ହୋଇପଡୁଥିବାରୁ ଟ୍ରକ୍ ମାଲିକ ପରିବହନ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଯାଜପୁରରୋଡ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୪ ତାରିଖରେ ଜିପିଏସ୍ ପ୍ରତ୍ୟାହାର ଦାବିରେ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଚଣ୍ଡିଖୋଲ, ଯାଜପୁରରୋଡ ଓ ସୁକିନ୍ଦା ଟ୍ରକ୍ ମାଲିକ ସଂଘ ପକ୍ଷରୁ ବହୁ ଆନ୍ଦୋଳନ ଓ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯାଜପୁରରୋଡ ଟ୍ରକ ମାଲିକ ସଂଘ ସଭାପତି କିଶୋର କୁମାର ରାଉତ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ବୋଇତେଇ, ସମ୍ପାଦକ ବ୍ରଜ କିଶୋର ରାଉତ, ଯୁଗ୍ମ ସମ୍ପାଦକ ପବିତ୍ର ମହାନ୍ତି, ପ୍ରଭାତ ସିଂହ, ନିଳମଣୀ ରାଉତ, ମୁଖ୍ୟ ଉପଦେଷ୍ଟା ହୃଦାନନ୍ଦ ସାମଲ ପ୍ରମୁଖ ବହୁ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ।

## ଭାରତୀୟ ବିଦ୍ୟାନିକେତନରେ ଜନ୍ମାଷ୍ଟମୀ ପାଳିତ



ମହାସମାରୋହରେ ଜନ୍ମାଷ୍ଟମୀ ପାଳିତ।

ରତ୍ନଗିରି,୨।୯(ଡି.ଏନ୍.ଏ.)

ବରୀ ବ୍ଲକ ଅଧୀନ ଭାରତୀୟ ବିଦ୍ୟା ନିକେତନରେ ରବିବାର ନିଆରା ଢଙ୍ଗରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷକ ରାଜେଶ ସାମଲ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୧୭ ଛାତ୍ରୀଛାତ୍ର କୃଷ୍ଣବେଶ ଧାରଣ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ବୈଷ୍ଣବ ଚରଣ ପତି ମୁଖ୍ୟ ଅତିଥି, ରଘୁନାଥ ଶର୍ମା ମୁଖ୍ୟବକ୍ତା, ଭାଗୀରଥି କର ସମ୍ମାନିତ ବକ୍ତା ଓ ଶିଳ୍ପ ତାଲିମ କେନ୍ଦ୍ର ଭଦ୍ରକର ତାପସ ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ରଜନୀକାନ୍ତ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ପରିସରରେ ଉପସ୍ଥିତ ଥିଲେ । ଗୁରୁଜୀ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜନ ସମ୍ପର୍କ ଅଭିଯାନ

ଯାଜପୁରରୋଡ,୨।୯(ନି.ପ୍ର.)

ମିଳିତ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି କ୍ରମେ ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜନ ସଚେତନା ସୃଷ୍ଟି ନିମନ୍ତେ ଗତ ଦୁଇଦିନ ଧରି ଯାଜପୁରରୋଡ ସହରରେ ଜନ ସମ୍ପର୍କ ଅଭିଯାନ ଜାରି ରହିଛି। ପ୍ରଚାର ପତ୍ର, ପଥପ୍ରାନ୍ତ ସଭା ଏବଂ ଘର ଘର ବୁଲି କମିଟି ତରଫରୁ ସଚେତନ କରାଯାଉଛି। ବସ୍ ଷ୍ଟାଣ୍ଡ ଏବଂ ବିଭିନ୍ନ ଛକଗୁଡ଼ିକରେ ପଥପ୍ରାନ୍ତ ସଭା ଆୟୋଜିତ ହେଉଛି। କ୍ରିୟାନୁଷ୍ଠାନ କମିଟିର ଆବାହକ ଚନ୍ଦ୍ରଶେଖର ପଣ୍ଡା, ଯୁଗ୍ମ ଆବାହକ ବିବେକାନନ୍ଦ ମହାନ୍ତି, ଭ୍ରମରବର ରାଉତ, ସଦାସିବ ଦାସ, ବିଶ୍ୱଜିତ୍ ମହାନ୍ତି ଏବଂ କମିଟି ସଭ୍ୟ ପଥପ୍ରାନ୍ତ ସଭାରେ ଉପସ୍ଥିତ ଥିଲେ।

## ଆଧ୍ୟାତ୍ମିକ ପତ୍ରିକା ସାଧନାର ସ୍ୱରୂପ ଉନ୍ମୋଚିତ

ବରୀ,୨।୯(ସ୍ୱ.ପ୍ର.)



ଅତିଥିଙ୍କ ଦ୍ୱାରା 'ସାଧନାର ସ୍ୱରୂପ' ପୁସ୍ତକ ଉନ୍ମୋଚନ କରାଯାଉଛି।

ପବିତ୍ର ଜନ୍ମାଷ୍ଟମୀ ଅବସରରେ ନିକଟସ୍ଥ ତାଲୁଆ ବାଲିକୁଦା ସତ୍‌ସଙ୍ଗ ବିହାର ପରିସରରେ ରବିବାର ରାମରାଜ୍ୟ ପରିଷଦ ପକ୍ଷରୁ ଏକ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅସୀମା ନନ୍ଦ ଦାସ ସମାବେଶକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଧ୍ୟାତ୍ମିକ ପତ୍ରିକା ସାଧନାର ସ୍ୱରୂପ ଉନ୍ମୋଚନ କରାଯାଇଛି। ଏଥିରେ ଭାଗ୍ୟଧର ସାହୁ ସଭାପତିତ୍ୱ କରିଥିଲେ। ପ୍ରଭାତ ରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଧ୍ୟାତ୍ମିକ ଚିନ୍ତା ଓ ଚେତନାରେ ଜାଗ୍ରତ ହୋଇ କଳୁଷିତ ସମାଜଠାରୁ ଦୂରେଇ ରହିଲେ ରାମରାଜ୍ୟ ପରିଷଦ ଗଠନ ହୋଇପାରିବ ବୋଲି କହିଥିଲେ। ପ୍ରଫୁଲ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଧ୍ୟାତ୍ମିକବାଦୀ ହେବାକୁ ପରାମର୍ଶ ଦେଇଥିଲେ। ପତ୍ରିକାର ସମ୍ପାଦକ ତଥା ରାମରାଜ୍ୟ ପରିଷଦର ରାଜ୍ୟ ସଂଯୋଜକ ଦେବବ୍ରତ ଦେବତା ଯୋଗଦେଇ ସାଧୁସନ୍ଥ, ମହାପୁରୁଷ ଏଇ ମାଟିରେ ଜନ୍ମ ନେଇ ମନୁଷ୍ୟର ମୁକ୍ତି ପାଇଁ ପଥ ପ୍ରଦର୍ଶକ ହୋଇଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଦେବାଶିଷ ଜେନା, ସିଦ୍ଧାର୍ଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପତ୍ରିକା ଉନ୍ମୋଚିତ କରିଥିଲେ। ସାମାଜିକ କର୍ମୀ ଶିକ୍ଷକ ନେତା ତଥା ବ୍ରାହ୍ମଣୀ ବଞ୍ଚାଅ ଅଭିଯାନର ଆବାହକ ଲୋକନାଥ ଦାସ, ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ବଳ, ସାମାଜିକ କର୍ମୀ ବିପିନି ବିହାରୀ ଦକ୍ଷିଣରାୟ, ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନୀ ଚରଣ ରାଉତଙ୍କୁ ରାମରାଜ୍ୟ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାମଚନ୍ଦ୍ର ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମାଟିରେ ପୋତି ହୋଇଗଲା ଧାନ କ୍ଷେତ

ଯାଜପୁର ଅଫିସ,୨।୯

**ଡିଏମ୍‌ଏଫ୍ ପାଣ୍ଠିରେ ଚାଲିଥିଲା ରାସ୍ତାକାମ**

ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମଏଫ)ର ପାଣ୍ଠିରେ ସୁକିନ୍ଦା-ଅଶୋକଝର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ଲଗାଣ ବର୍ଷା ଯୋଗୁ ରାସ୍ତାରୁ ବାହାର କରାଯାଇଥିବା ପୁରୁଣା ପିଚୁ, ମାଟି, ମେଟାଲ, ଗେଟି ଆଦି ଧୋଇଯାଇ ଲେମ୍ବୁ ପଞ୍ଚାୟତ କବାଟ ଗ୍ରାମର ୨ଜଣ ଚାଷୀଙ୍କ ପ୍ରାୟ ୧ଏକର ଧାନ କ୍ଷେତ ପୋତି ହୋଇଯାଇଛି। ସୂଚନାଯୋଗ୍ୟ ଯେ, ନଗଡାରେ ପୁଷ୍ଟିହୀନତା ଯୋଗୁ ୧୯ ଜଣ ଶିଶୁଙ୍କ ମୃତ୍ୟୁ ପରେ ସରକାରଙ୍କ ଚେତା ପଶିଥିଲା। ଏହା ପରେ କେନ୍ଦ୍ର ଓ ରାଜ୍ୟସ୍ତରର ବହୁ ସଚିବ, ଲୋକ ପ୍ରତିନିଧି ନଗଡା ଗସ୍ତକୁ ଆସିଥିଲେ। ପାହାଡ ଚିରି ସେଠାକୁ ରାସ୍ତା ନିର୍ମାଣ ହୋଇଥିଲା। ଏହିକ୍ରମରେ ନଗଡାର ପାଦଦେଶ ଅଶୋକଝରଠାରୁ ସୁକିନ୍ଦା ପର୍ଯ୍ୟନ୍ତ ପୁଣି ୭ କି.ମି. ରାସ୍ତାର ପ୍ରସସ୍ତୀକରଣ ଚାଲିଛି। ସେହି ରାସ୍ତାର ପିଚୁ, ଗେଟି ଓ ମେଟାଲକୁ ଖୋଳି ଦିଆଯାଇ ରାସ୍ତାକଡରେ ରଖାଯାଇଥିଲା। କିନ୍ତୁ ଗତ ଦୁଇଦିନ ଧରି ଲଗାଣ ବର୍ଷାରେ ସେହି ପୁରୁଣା ପିଚୁ, ଗେଟି ଆଦି ଧାନକ୍ଷେତରେ ମାଡି ଯାଇଛି। ଏଥିଯୋଗୁ କବାଟ ଗ୍ରାମର ଚାଷୀ ରମେଚନ୍ଦ୍ର ମହାନ୍ତ ଓ ଲଳିତ କୁମାର ମହାନ୍ତଙ୍କ ଧାନଚାଷ ଉଜୁଡି ଯାଇଛି। ଚଳିତ ବର୍ଷ ଅନୁକୂଳ ପାଗ ଦେଖି ଚାଷୀ ଭଲ ଅମଳ ହେବା ସହ ବିଗତ ଦିନର କ୍ଷୟକ୍ଷତିର ଭରଣା ହେବ ବୋଲି ଆଶା ରଖିଥିଲେ। ହେଲେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା କଣ୍ଟ୍ରାକ୍ଟରଙ୍କ ମନମାନି ଯୋଗୁ ନିକଟରେ ରୁଆ ହୋଇଥିବା ଧାନଗଛଗୁଡିକ ସବୁ ନଷ୍ଟ ହୋଇଯାଇଛି। ଏ ସଂକ୍ରାନ୍ତରେ ସୋମବାର ତହସିଲଦାରଙ୍କ ଦ୍ୱାରସ୍ଥ ହେବାକୁ କ୍ଷତିଗ୍ରସ୍ତ ଚାଷୀମାନେ ନିଷ୍ପତ୍ତି ନେଇଛନ୍ତି।



ଧାନକ୍ଷେତରେ ପିଚୁ, ମାଟି ମାଡ଼ିଯାଇଛି।

## ଜେନାପୁର ଷ୍ଟେଶନ ବଜାର ରାସ୍ତା ବିପଦସଙ୍କୁଳ

ଜେନାପୁର,୨।୯(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ରେଳ ଷ୍ଟେଶନ ବଜାର ରାସ୍ତା ବିପଦ ସଂକୁଳ ଅବସ୍ଥାରେ ଦେଖିବାକୁ ମିଳିଛି। ଶନିବାର ଲଗାଣ ବର୍ଷା ଯୋଗୁ ରାସ୍ତା କଡରେ ଥିବା ବଡ ବରୁଲି ଗଛଟି ଭୁଷୁଡି ପଡିବାରୁ ରାସ୍ତା ଫାଟି ଧସିଯାଇ ବିରାଟ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଏହି ରାସ୍ତାଦେଇ ପ୍ରତ୍ୟେକ ଦିନ ଶତାଧିକ ଭାରିଯାନ ଯାତାୟାତ କରୁଥିବାବେଳେ କୌଣସି ବଡ ଧରଣର ବିପଦକୁ ମଧ ଏଡାଇ ଦିଆଯାଇ ନ ପାରେ ବୋଲି ମତପ୍ରକାଶ ପାଇଛି। ଏହା ଷ୍ଟେଶନର ଏକ ମୁଖ୍ୟ ରାସ୍ତା ହୋଇଥିବାରୁ ରାତ୍ର ୮ଟା ସମୟରେ ଡିଏମୟୁ ଟ୍ରେନ୍‌ରୁ ଓହ୍ଲାଉଥିବା ଶହ ଶହ ଯାତ୍ରୀ ଏହି ରାସ୍ତା ଦେଇ ଯାତାୟାତ କରୁଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ରାଜନେତାଠାରୁ ଆରମ୍ଭ କରି ବିଭାଗୀୟ କର୍ତ୍ତୃପକ୍ଷ ଯାଉଥିଲେ ମଧ କାହାର ଦୃଷ୍ଟି ପଡୁନାହିଁ ବୋଲି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଗର୍ତ୍ତସୃଷ୍ଟି ହୋଇଥିବା ରାସ୍ତା ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ପାଇଖାନା ନିର୍ମାଣରେ ଜିଲାରେ ପଛୁଆ ବଡ଼ଚଣା ବ୍ଲକ

ଚଣ୍ଡିଖୋଲ,୨।୯(ଡି.ଏନ.ଏ)

ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ବଡ଼ଚଣା ବ୍ଲକ୍ ଯାଜପୁର ଜିଲାରେ ସବୁଠୁ ପଛରେ ରହିଥିବା ଜଣାପଡ଼ିଛି। ପଞ୍ଚାୟତ ସମିତି ସଭା ଗୃହରେ ମଙ୍ଗଳବାର ଚାଲିଥିବା ଏକ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ ଅଧ୍ୟକ୍ଷତା କରିଥିଲେ। ଜିଲାର ଅନ୍ୟାନ୍ୟ ବ୍ଲକ୍‌ଗୁଡ଼ିକରେ ୫୬ ପ୍ରତିଶତରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ ଶେଷ ହୋଇଥିଲାବେଳେ ବଡ଼ଚଣା ବ୍ଲକ୍‌ରେ ୪୬ ପ୍ରତିଶତରୁ କମ୍ ଥିବା ସରକାରୀ ଅଧିକାରୀମାନେ ସୂଚନା ଦେଇଛନ୍ତି। ଉକ୍ତ ବ୍ଲକ୍‌ର ଚାଟିନଙ୍ଗଳ, ନଳୀପୁର ଓ ବିକ୍ରମତିରଣ ପଞ୍ଚାୟତରେ ପୂର୍ବରୁ ପାଇଖାନା ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ନେଇ କାଗଜପତ୍ରରେ ଦର୍ଶାଯାଇଥିବାରୁ ନିର୍ମଳ ଗ୍ରାମ ପୁରସ୍କାର ପ୍ରଦାନ କରାଯାଇଥିଲା। ହେଲେ ବାସ୍ତବରେ ଅର୍ଦ୍ଧାଧିକ ଲୋକଙ୍କର ପାଇଖାନା ନାହିଁ। ଏ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ଲକ୍‌ରେ ପାଇଖାନା ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥାଗୁଡ଼ିକୁ ନିର୍ବାଚିତ ପ୍ରତିନିଧି ଏବଂ ପ୍ରଶାସନ ତରଫରୁ ସହଯୋଗ ମିଳୁ ନ ଥିବାରୁ ଏହି ଯୋଜନାର ଅଗ୍ରଗତି ହେଉ ନ ଥିବା ଜଣାପଡ଼ିଛି। ପାଇଖାନା ନିର୍ମାଣ ସରିଥିବା ହିତାଧିକାରୀମାନଙ୍କୁ ଠିକ୍ ସମୟରେ ପ୍ରାପ୍ୟ ମିଳୁ ନ ଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଜିଲା ଜଳ ଓ ପରିମଳ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅମୀୟ ପରିଜା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟଙ୍କ ସମେତ ବହୁ ପଦାଧିକାରୀ ଯୋଗ ଦେଇଥିଲେ। ପାଇଖାନା ପ୍ରତି ପ୍ରୋତ୍ସାହନ ରାଶି ୧୨ହଜାର ଟଙ୍କା ପାଇବା ପାଇଁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଦେବାକୁ ପଡୁଛି ବୋଲି ବୈଠକରେ ଉପସ୍ଥିତ ସଦସ୍ୟମାନେ ଅଭିଯୋଗ କରିଥିଲେ। ବ୍ଲକ୍ ସଂଯୋଜକ ରଶ୍ମିରଞ୍ଜନ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିପିନ ବିହାରୀ ଜେନା, ବିନୋଦିନୀ ସାହୁ, ସୁମତୀ ବାସ୍କେ, ବିଡିଓ ଅଜିତ ପ୍ରସାଦ ନାରାୟଣ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ମିଥ୍ୟା ବିଲ୍ ଦେଖାଇ ଅର୍ଥ ଲୁଟ୍

ବାଲିଚନ୍ଦ୍ରପୁର,୨।୯(ସ୍ୱ.ପ୍ର.)

**ଜଳ ସମ୍ପଦ ବିଭାଗ**
■କେନାଲ ମରାମତି କରୁଛି ଏଡିବି
■ମିଥ୍ୟା ବିଲ୍ ଦେଖାଇଛି କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ
■ଶାଖା କେନାଲ ମରାମତି କରିବାର ବ୍ୟାବସ୍ଥା ଥିବାବେଳେ ଦର୍ଶାଯାଇଛି ମୁଖ୍ୟ କେନାଲ
■ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଅଞ୍ଚଳବାସୀ

କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଛତା ସବ୍‌ଡିଭିଜନ ଅନ୍ତର୍ଗତ ଚନ୍ଦନନଗର ସେକ୍ସନରେ କେନାଲ ମରାମତି ଗତ ତିନି ବର୍ଷ ମଧ୍ୟରେ କୌଣସି କାର୍ଯ୍ୟ କରା ନ ଯାଇ ୧ କୋଟିରୁ ଅଧିକ ଅର୍ଥ ଲୁଟ୍ କରାଯାଇଛି। ଏହି କେନାଲର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏ.ଡି.ବି) ସହାୟତାରେ ଚାଲୁଥିବାବେଳେ ଜଳସମ୍ପଦ ବିଭାଗ ଚନ୍ଦନନଗର ସେକ୍ସନ ପକ୍ଷରୁ ସମାନ କାର୍ଯ୍ୟ ପାଇଁ କିପରି ଅର୍ଥ ବ୍ୟୟ କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ମୁଖ୍ୟ କେନାଲ ବନ୍ଧ ରାସ୍ତା, ଶାଖା କେନାଲ ନଂ-୭, ଶାଖା କେନାଲ ବରଦା ମାଇନର ଓ ବେଣିପୁର ମାଇନର ପାଇଁ ଅର୍ଥ ବ୍ୟୟ କରାଯାଇଥିବା ଦର୍ଶାଯାଇଛି । ୨୦୧୫-୧୬ରୁ ଏଡିବି ଦ୍ୱାରା କେନାଲ ମରାମତି କାର୍ଯ୍ୟ କରାଯାଉଛି। ତେବେ ପ୍ରକୃତପକ୍ଷେ କୌଣସି କାର୍ଯ୍ୟ କରା ନ ଯାଇ ବିଭାଗୀୟ ଅଧିକାରୀ ମିଥ୍ୟା ବିଲ୍ ଦେଖାଇ ଲୁଟ କରିଥିବା ଜଣାପଡିଛି। ଆରଟିଆଇ ସୂଚନା ମୁତାବକ ୨୦୧୪-୧୫ ଆର୍ଥିକ ବର୍ଷରେ ବିଭିନ୍ନ ଶାଖା କେନାଲ ଓ ନଦୀବନ୍ଧ ମରାମତି ପାଇଁ ୧,୬୫,୦୫୨ ଟଙ୍କା, ୨୦୧୫-୧୬ ଆର୍ଥିକ ବର୍ଷ ପାଇଁ ୪୬,୯୪୩ ଟଙ୍କା, ୨୦୧୬-୧୭ ଆର୍ଥିକ ବର୍ଷ ପାଇଁ ୬,୯୩,୨୪୯ ଟଙ୍କା ବ୍ୟୟ କରାଯାଇଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ପଚାମୁଣ୍ଡାଇ କେନାଲ ବନ୍ଧ ୩୮ କି.ମି ରୁ ୪୮.୬୫୦ ପର୍ଯ୍ୟନ୍ତ ମରାମତି ଆଳରେ ୨୯,୫୧,୮୮୫ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ଏହି ବିଭାଗରେ ଦୁଇଟି ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ଗୋଟିଏ ଲକ୍ଷ୍ମୀନାରାୟଣ ଓ ଅନ୍ୟଟି ଦେକୁରୀ ପାଣି ପଞ୍ଚାୟତ। ତେବେ ୨୦୧୪-୧୫ ଆର୍ଥିକ ବର୍ଷରେ ଏହି ଦୁଇ ପାଣି ପଞ୍ଚାୟତରେ ୭,୩୬,୩୩୪ ଟଙ୍କା, ୨୦୧୬-୧୭ରେ ୬,୫୨,୦୮୧ ଓ ୨୦୧୭-୧୮ରେ ୧୫,୦୫,୭୬୩ ଟଙ୍କା ବ୍ୟୟ କରାଯାଇଛି। ତେବେ ଏହି ସେକ୍ସନ ଅଧୀନରେ ବେଣିପୁର ଘେରି ରହିଥିବାବେଳେ ଏହାର ମରାମତି ପାଇଁ ଅନନ୍ତବଟ ଓ କୁଣିଆପାଳ ପାଣି ପଞ୍ଚାୟତକୁ ଅର୍ଥ ପ୍ରଦାନ କରାଯାଇଛି। ଏହି ଦୁଇ ପାଣି ପଞ୍ଚାୟତକୁ ୨୦୧୭-୧୮ ଆର୍ଥିକ ବର୍ଷରେ ଯଥାକ୍ରମେ ୨,୯୬,୯୫୧ ଓ ୨,୮୦,୮୩୯ ଟଙ୍କା ବ୍ୟୟ କରାଯାଇଛି। ଏହି ସେକ୍ସନରେ ଦୁଇଟି ପାଣି ପଞ୍ଚାୟତ ରହିଥିବାବେଳେ କେଉଁ ଆଧାରରେ ଅନ୍ୟ ଦୁଇଟି ପଞ୍ଚାୟତକୁ ଅର୍ଥ ମଞ୍ଜୁର କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି କୌଣସି ଟେଣ୍ଡର କରା ନ ଯାଇ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଅପରପକ୍ଷରେ ପାଣି ପଞ୍ଚାୟତ ଆଇନ ଅନୁଯାୟୀ କେବଳ ଶାଖା କେନାଲ ମରାମତି କରିବା କଥା। ମାତ୍ର ଏଠାରେ ପାଣି ପଞ୍ଚାୟତ ଦ୍ୱାରା ମୁଖ୍ୟ କେନାଲ ବନ୍ଧ ଓ ଚନ୍ଦନନଗର ବଙ୍ଗଳା ମରାମତି ଆଦି କାର୍ଯ୍ୟ କରାଯାଇଥିବା ଦର୍ଶାଯାଇଛି। ଏହିସବୁ କାର୍ଯ୍ୟ ପାଇଁ ମିଥ୍ୟା ବିଲ୍ କରାଯାଇ ଅର୍ଥ ହରିଲୁଟ୍ କରାଯାଇଥିବା ଦର୍ଶାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଏସ୍‌ଡିଓ ସମୀର ପରିଡାଙ୍କୁ ପଚାରିବାରେ, ସେ ନୂଆ ଆସିଛନ୍ତି। ତେଣୁ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଥିଲେ।



“ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମିକୀ



# ଛାଡ଼ିଲା ବର୍ଷା, ବଢ଼ିଲା ଦୁର୍ଦ୍ଦଶା

ଯାଜପୁର ଜିଲାରେ ଶୁକ୍ରବାର ରାତିରୁ ଶନିବାର ଯାଏଁ ହୋଇଥିଲା ଲଗାଣ ବର୍ଷା। ଫଳରେ ସବୁଆଡେ ଜଳାର୍ଣ୍ଣବ ହୋଇପଡ଼ିଥିଲା ବେଳେ ଲୋକଙ୍କ ଘରେ ଓ ଦୋକାନରେ ପାଣି ପଶିଯାଇଥିବା ଦେଖିବାକୁ ମିଳିଥିଲା। ରବିବାର ବର୍ଷା ସମ୍ପୂର୍ଣ୍ଣ ଛାଡି ଯାଇଥିଲେ ହେଁ ଦେଖାଦେଇଛି ଦୁର୍ଦ୍ଦଶା। କେତେକ ସ୍ଥାନରୁ ପାଣି ଛାଡ଼ି ଯାଇଥିବା ବେଳେ ଆଉ କେତେକ ସ୍ଥାନରେ ପାଣି ଏବେ ବି ଜମିରହିଛି। ଯଦ୍ଵାରା ଲୋକେ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଅନେକ ଚାଷ ଜମି ପାଣି ଘେରରେ ରହି ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ସ୍ଥାନରେ ରାସ୍ତାଘାଟ ଧୋଇଯିବା ଓ କାଦୁଅରେ ଭର୍ତ୍ତି ହୋଇଥିବା କାରଣରୁ ଲୋକେ ଯାତାୟାତରେ ବହୁ ଅସୁବିଧା ଭୋଗୁଥିବା ବେଳେ ଆଉ ଗୋଟେ ପଟେ କ୍ଷତିଗ୍ରସ୍ତ ଚାଷୀ ଋଣ ସୁଝିବା ନେଇ ମୁଣ୍ଡରେ ହାତ ଦେଇ ବସିଛି। ବର୍ଷା ଛାଡି ଯାଇଥିଲେ ହେଁ ଜିଲାବାସୀଙ୍କୁ ଠେଲି ଦେଇଯାଇଛି ଦୁର୍ଦ୍ଦଶା ମଧ୍ୟକୁ। ପ୍ରଶାସନିକ ଅବହେଳା ଓ ତ୍ରୁଟି ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି।



## ବିଦ୍ୟାଳୟ ପରିସରରେ ଜମିଛି ବର୍ଷାଜଳ

ବିରଜାକ୍ଷେତ୍ର,୨।୯(ଡି.ଏନ୍.ଏ)

ଲଗାଣ ବର୍ଷା ଯୋଗୁ ଯାଜପୁର ବ୍ଲକ ବଡ଼ସୁଆଁର ପଞ୍ଚାୟତ ଜଗବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ୨/୩ ଫୁଟର ପାଣି ଜମିରହିଛି। ଜଳ ନିଷ୍କାସନ ହୋଇ ନ ପାରି ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଫଳରେ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ବିଦ୍ୟାଳୟରେ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନରତ । ବର୍ଷାପାଣି ଜମି ରହି ଦୂଷିତ ପରିବେଶ ସୃଷ୍ଟି ହେବାରୁ ଛାତ୍ରୀଛାତ୍ର ବିଭିନ୍ନ ଚର୍ମରୋଗରେ ପୀଡ଼ିତ ହେବାର ଆଶଙ୍କା ରହିଛି । ପାଣି ଜମି ରହିବା ଯୋଗୁ ବିଦ୍ୟାଳୟ ପରିସର ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ପୂର୍ବରୁ ବର୍ଷାଜଳ ନିଷ୍କାସନ ହେଉଥିବା ନାଳକୁ ଗ୍ରାମର କିଛି ଖଳ ପ୍ରକୃତିର ଲୋକ ବନ୍ଦ କରିଦେଇଥିବାରୁ ବିଦ୍ୟାଳୟରେ ଏପରି ପରିସ୍ଥିତି ସୃଷ୍ଟି ହେଉଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମହାନ୍ତି ଓ ସ୍ଥାନୀୟ ସରପଞ୍ଚ ସତ୍ୟଜିତ ପରିଡ଼ା ଏ ସମ୍ପର୍କରେ ଜିଲା ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନକୁ ଅବଗତ କରାଇଛନ୍ତି । ଏ ବିଷୟରେ ଶିକ୍ଷା ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ।

## ସିଂହପୁର-ଓଳାଭର ମୁଖ୍ୟରାସ୍ତାକୁ କାଟିଲେ ଗ୍ରାମବାସୀ

ବିଞ୍ଝାରପୁର,୨।୯(ଡି.ଏନ.ଏ)

ଶୁକ୍ରବାର ରାତିରେ ପ୍ରବଳ ବର୍ଷା ପରେ ବିଞ୍ଝାରପୁର ବ୍ଲକର ସବୁ ପଞ୍ଚାୟତର ଖାଲୁଆ ଅଞ୍ଚଳ ବର୍ଷାଜଳ ବୁଡି ରହିଛି। ବର୍ଷା ଛାଡିଲା ପରେ ଜଳ ନିଷ୍କାସନ ପାଇଁ ପ୍ରଶାସନସ୍ତରରୁ ଆରମ୍ଭ ହୋଇଥିଲେ ମଧ୍ୟ ଏବେ ବି ଅଧିକାଂଶ ପଞ୍ଚାୟତର ଗାଁରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ପାଣି ଘେରରେ ରହିଛି। ଏପରିକି ରାସ୍ତାଘାଟ ବର୍ଷାଜଳରେ ବୁଡି ରହିବା ଦ୍ୱାରା ସାଧାରଣଙ୍କର ଗମନାଗମନରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ପ୍ରତିକାର କରାଯାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ଅଳିଆଅବର୍ଜନା ରାସ୍ତା ଉପରେ ପଡି ରହିଥିବାରୁ ଗ୍ରାମରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏବେ ବି ବିଞ୍ଝାରପୁର, ସୟଦପୁର, କଲ୍ୟାଣପୁର, ବିତନା, କପିଳା, ସାସନ୍ଦା, ଅରେଇ, ଚିକଣା, କଏଣା ରଘୁନାଥ ପୁର ଅଞ୍ଚଳରେ ବ୍ୟାପକ ଜଳମଗ୍ନ ହୋଇ ରହିଥିବା ଜଣାପଡିଛି। ଏପରିକି ବାହାରେ ପଡିଥିବା ଅଳିଆ ଅବର୍ଜନା ବର୍ଷାଜଳରେ ଭାସି ଆସି ଘରେ ପଶିଯାଇଥିବା ଦେଖାଯାଇଥିଲା ବେଳେ ଗାଁ ଗଣ୍ଡାରେ ବ୍ୟାପକ ଜଳମଗ୍ନ ହୋଇରହିଛି। ଫଳରେ ସରୀସୃପଙ୍କର ଭୟ ସୃଷ୍ଟି ହୋଇଛି । ପ୍ରଶାସନର ଦାୟିତ୍ୱହୀନତା ଓ ବିନା ପ୍ଲାନିଂରେ ରାସ୍ତାଘାଟ ନିର୍ମାଣ ଯୋଗୁ ଗାଁ ଗଣ୍ଡାରେ ପାଣି ପଶିଲା ବୋଲି ସାଧାରଣରେ ଅଭିଯୋଗ ହେଉଛି। ଜରୀ ପଞ୍ଚାୟତର ଅଢେଇସାହିର ଗ୍ରାମରେ ଦୀର୍ଘସମୟ ପାଣି ଜମି ରହିବା ସ୍ଥାନୀୟ ଅଧିବାସୀ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନେଇ ନ ଥିଲା। ଫଳରେ ଉତ୍ତ୍ୟକ୍ତ ହୋଇ ଜରି ଗ୍ରାମବାସୀ ଜରି-ବାଙ୍ଗରା ମଧ୍ୟବର୍ତ୍ତୀ ସ୍ଥାନ ଅଢେଇ ସାହି ନିକଟରେ ସିଂହପୁର-ଓଳାଭର ମୁଖ୍ୟ ରାସ୍ତା କାଟି ଦେଇଛନ୍ତି। ଫଳରେ ଜରିଠାରୁ ଓଳାଭର ପର୍ଯ୍ୟନ୍ତ ଗାଡି ଯିବା ଆସିବା ବନ୍ଦ ହୋଇଯାଇଛି। ଯାନବାହାନ ଚଳାଚଳ ନ ହେବାରୁ ବିଦେଶରୁ କିମ୍ବା ନିଜ ଆବଶ୍ୟକ ଅନୁଯାୟୀ ପଦାକୁ ଯାଇଥିବା ଏହି ଅଞ୍ଚଳର ଲୋକ ବ୍ୟାଗପତ୍ର ଧରି ଚାଲିଚାଲି ନୟାନ୍ତ ହେଉଛନ୍ତି। ସେହିପରି ଅବିଭକ୍ତ ବିଞ୍ଝାରପୁର ପଞ୍ଚାୟତର ହୋସେନି ମହଲ୍ଲାରେ ବର୍ଷା ଜଳ ନିଷ୍କାସନ କରିବାକୁ ଯାଇ ନାଳ ସଫା କରି ରାସ୍ତା ଉପରେ ଅବର୍ଜନା ପକାଇଛନ୍ତି। ଫଳରେ ରାସ୍ତା ସଂକୁଚିତ ହୋଇଯାଇଛି। ଲୋକେ ଯାତାୟାତ କରି ନ ପାରି ଦୁର୍ଦ୍ଦଶା ଭୋଗୁଥିବା ଦେଖାଯାଇଛି। ଅପରପକ୍ଷରେ ଅରେଇ ଗ୍ରାପର ଦଳିତ ସାହିର ରମାକାନ୍ତ ଯେନାଙ୍କ ଘରଟି ସମ୍ପୂର୍ଣ୍ଣ ଭୁଷୁଡି ପଡିଥିବା ଜଣାପଡିଛି। କେବଳ ସେତିକି ନୁହେଁ ଏହି ବ୍ଲକରେ ବହୁ ଗ୍ରାମରେ ଲୋକଙ୍କର ବାଦଲ ଫଟା ବର୍ଷା ଯୋଗୁ ଘର କ୍ଷତ ହେଇଥିବା ବେଳେ ସେମାନଙ୍କୁ ତୁରନ୍ତ ସରକାରୀ ସହୟତା ଯୋଗାଇ ଦେବାକୁ ଦାବି ହେଉଛି।



ପାଣି ଘେରରେ ଗାଁ

ପାଣି ଜମି ରହିବା ଯୋଗୁ ଗ୍ରାମବାସୀ ରାସ୍ତା କାଟି ଦେଉଛନ୍ତି।

## ଭୁଶୁଡ଼ିଲା ଶତାଧିକ ଘର, ବାସହରା ଲୋକେ

ଦଶରଥପୁର, ୨।୯ (ଡିଏନ୍ଏ)

ବୈତରଣୀ ନଦୀରେ ଚଳିତବର୍ଷ ପ୍ରବାହିତ ହୋଇଛି ଦ୍ୱିତୀୟ ଥର ବନ୍ୟା ଜଳ । ଦଶରଥପୁର ବ୍ଲକରେ ବୈତରଣୀ ନଦୀର ବିପଦ ସଙ୍କେତ ୯.୫୨ ମିଟର ଥିବାବେଳେ ରବିବାର ଅପରାହ୍ନ ୪ଟା ସୁଦ୍ଧା ଏହା ବିପଦ ସଙ୍କେତ ଊର୍ଦ୍ଧ୍ୱରେ ୧୧.୧୦ ରେ ପ୍ରବାହିତ ହେଉଥିବା ଦଶରଥପୁର ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅପରାହ୍ନ ୫ଟା ପରେ ନଦୀର ଜଳ ପତନ ହ୍ରାସପାଇ ୧୦.୯୮ ମିଟରେ ପ୍ରବାହିତ ହେଉଥିବା ବିଭାଗୀୟ ଅଧିକାରୀ ସହକାରୀ ଯନ୍ତ୍ରୀ ବଳରାମ ବେହେରା ପ୍ରକାଶ କରିବାସହ ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଓ ନଦୀକୂଳ ଅଞ୍ଚଳଆଦି ବୁଲି ଦେଖିଥିବା କହିଛନ୍ତି । ଲଗାଣ ବର୍ଷା ଯୋଗୁ ମଙ୍ଗଳପୁର ପଞ୍ଚାୟତ ବଜରାପାଟ ଗ୍ରାମର ପ୍ରଭାକର ସାହୁ, ରକ୍ଷାକର ସାହୁ, କୁଳମଣି ସାହୁ, କାହ୍ନୁ ସାହୁ, ରସାନନ୍ଦ ସାହୁଙ୍କ କାନ୍ଥ ଭାଙ୍ଗି ଯାଇଥିବା ଦେଖାଯାଇଛି। ଏହି ବର୍ଷାରେ ଥାଲକୁଡି ପଞ୍ଚାୟତ ପାଳସାହି ରାସ୍ତା ଉପରେ ୩ ଫୁଟରୁ ଊର୍ଦ୍ଧ୍ୱ ବର୍ଷାଜଳ ପ୍ରବାହିତ ହେଉଥିବା ଦେଖାଯାଇଛି। ଏହାଛଡା ୩ ପଞ୍ଚାୟତକୁ ସଂଯୋଗ କରୁଥିବା ମଙ୍ଗଳପୁର ପଞ୍ଚାୟତର ମଙ୍ଗଳପୁର-ବଜରାପାଟ ମୁଖ୍ୟ ରାସ୍ତା ଉପରେ ୧୦୦ ମିଟରରୁ ଊର୍ଦ୍ଧ୍ୱ ରାସ୍ତାରେ ବର୍ଷାଜଳ ୩ ଫୁଟ ଉଚ୍ଚରେ ପ୍ରବାହିତ ହେଉଥିବା କାରଣରୁ ୩ ପଞ୍ଚାୟତର ଲୋକେ ଯାତାୟାତରେ ବାଧା ସୃଷ୍ଟି ହେଉଥିବା ପରିଲିକ୍ଷୀତ ହୋଇଛି। ବ୍ଲକର ୩୫ପଞ୍ଚାୟତର ଶତାଧିକ କଚ୍ଚା ଘର ଭୁଶୁଡିଛି ବୋଲି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଧୋଇଗଲା ରାସ୍ତା ଯାତାୟାତ ପ୍ରଭାବିତ

ଡୁବୁରୀ/ସୁକିନ୍ଦା ୨।୯(ଡି.ଏନ୍.ଏ.)- ଲଘୁଚାପଜନିତ ବର୍ଷାରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ଗ୍ରାମର ମୁଖ୍ୟ ରାସ୍ତା ଧୋଇଯାଇଛି । ଫଳରେ ଗ୍ରାମବାସୀ ବହୁ କଷ୍ଟରେ ବିପଦପୂର୍ଣ୍ଣ ଭାବରେ ସମ୍ପୃକ୍ତ ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଡୁବୁରୀ-ଯାଜପୁର ରୋଡ ରାସ୍ତାର ସାରଙ୍ଗପୁର ଛକରୁ ନୀଳାଚଳ ଇସ୍ପାତ କାରଖାନା ପାଚେରି କଡ଼ ଦେଇ ଯାଇଥିବା ଏହି ୩ କିମି ମାଟି ରାସ୍ତାଟି ଦୀର୍ଘଦିନ ମରାମତି ନ ହୋଇ ପଡିରହିଥିଲା। ଉକ୍ତ ରାସ୍ତାରେ ନୀଳାଚଳ ଇସ୍ପାତ କାରଖାନରୁ ନିର୍ଗତ ପାଣି ଯିବା ପାଇଁ ଏକ କଲଭର୍ଟ ନିର୍ମିତ ହୋଇଥିଲା। ଦୁଇବର୍ଷ ପୂର୍ବେ କଲ୍‌ଭର୍ଟଟି ଭାଙ୍ଗିଯିବାରୁ ତାହାର ପୁନଃନିର୍ମାଣ କାର୍ଯ୍ୟ କାରଖାନା ପକ୍ଷରୁ ଆରମ୍ଭ କରାଯାଇଥିଲା। କଲର୍ଭଟ କାମ ପୂର୍ବରୁ ଗ୍ରାମବାସୀଙ୍କ ପାଇଁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିଲା। ଏବେ ଲଘୁଚାପଜନିତ ପ୍ରବଳ ବର୍ଷା ହେବାରୁ କାରଖାନା ପରିସରରୁ ସମ୍ପୃକ୍ତ କଲର୍ଭଟ ସ୍ଥାନଦେଇ ପ୍ରବଳ ମାତ୍ରାରେ ପାଣି ଆସିବାରୁ ଅସ୍ଥାୟୀ ରାସ୍ତାଟି ପାଣି ସ୍ରୋତରେ ଧୋଇ ହୋଇଯାଇଛି। କାରଖାନା କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ପରିସ୍ଥିତି ହୋଇଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ଏହି ପୋଲ ନିର୍ମାଣ କରିବା ସହ ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ସେହିପରି ଶନିବାର ସୁକିନ୍ଦାରୁ ଭୁବନ ଦେଇ ଯାଇଥିବା ୫୩ ନଂ ଜାତୀୟ ରାଜପଥର କେନ୍ଦୁଡିପି ଗ୍ରାମ ନିକଟରେ ଥିବା ପୋଲ ଉପରେ ପାଣି ଚାଲିବାରୁ କିଛି ସମୟ ଧରି ଗାଡିମୋଟର ଯାତାୟାତ ବନ୍ଦ ରହିଥିଲା। ବନ୍ଧଗାଁ, ଲେମ୍ବୋ, ଦୁଧୁଯୋରୀ ଆଦି କେତେକ ପଞ୍ଚାୟତର ଗ୍ରାମରାସ୍ତାରେ ପାଣି ଚାଲିବାରୁ ରାସ୍ତା ଧୋଇଯାଇଛି। ସୁକିନ୍ଦା ଏବଂ ଆଖପାଖ ଗ୍ରାମର କେତେକ ତଳି ଅଞ୍ଚଳରେ ଘରେ ପାଣି ପଶି ରହିଥିବା ଗ୍ରାମବାସୀ କହିଛନ୍ତି। ଦୂଷିତ ବର୍ଷା ଜଳ ନଳକୂଅ ଓ ପୋଖରୀରେ ପଶିବାରୁ ଅନେକ ଜଳବାହୀ ରୋଗ ବ୍ୟାପିବାର ସମ୍ଭାବନା ସୃଷ୍ଟି ହୋଇଛି। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।





## ବୁଡିଲା ପାଚିଲା ଧାନ, ପରିବା ଚାଷରେ ଆଣ୍ଠୁଏ ପାଣି

ରସୁଲପୁର,୨।୯(ଡିଏନଏ): ରସୁଲପୁର ବ୍ଲକ ଅଞ୍ଚଳରେ ଗତ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ ଲୋକଙ୍କ ଦୁର୍ଦ୍ଦଶା ବଢିଯାଇଛି। ଓଡିଶୋ ପଞ୍ଚାୟତର ବାହାବଳପୁର ନିକଟସ୍ଥ ପାଟରେ ବିଆଳୀ ଧାନଚାଷ ପାଣିରେ ବୁଡିଯାଇଛି। ଅନେକ ସ୍ଥାନରେ ପାଚିଲା ଧାନକେଣ୍ଡାଗୁଡିକ ପାଣିରେ ବୁଡିଯାଇ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଖାଲୁଆ ଜମିରେ ଚାଷ ହୋଇଥିବା ଜହ୍ନି, ଭେଣ୍ଡି, କଲରା, ଛଚିନ୍ଦ୍ରା, ପୋଟଳ ଆଦି ପରିବା ଫସଲରେ ପାଣି ପଶିଯାଇଛି । ଚାଷୀଙ୍କ ଭାତହାଣ୍ଡି ଉଜାଡି ଦେଇଛି। ଏଭଳି ସ୍ଥିତି ଉପୁଯୁଥିବା ସତ୍ତ୍ୱେ ବି କୃଷି ଓ ଉଦ୍ୟାନ କୃଷି ବିଭାଗର ନିଦ ଭାଙ୍ଗୁ ନାହିଁ। ସ୍ଥିତି ପରଖିବାକୁ ଜଣେ ହେଲେ ଅଧିକାରୀ କ୍ଷେତରେ ପହଞ୍ଚି ନାହାନ୍ତି।

### ଧୋଇଗଲା ଛିଣ୍ଡା ଖରସ୍ରୋତା ନଦୀ ପୋଲର ଆପ୍ରୋଚ ରାସ୍ତା

ଏହି ବ୍ଲକର ରସୁଲପୁର ପଞ୍ଚାୟତରୁ ଭୋଟକା ପଞ୍ଚାୟତରକୁ ସଂଯୋଗ କରୁଥିବା ରାସ୍ତାର ଛିଣ୍ଡା ଖରସ୍ରୋତା ନଦୀ ପୋଲର ଆପ୍ରୋଚ ରାସ୍ତା ଧୋଇଯାଇଛି। ବିପଦ ସଂକୁଳ ଅବସ୍ଥାରେ ଆପ୍ରୋଚ ରାସ୍ତା ରହିଛି। ଏହି ରାସ୍ତାଦେଇ ଯାତାୟତ କରୁଥିବା ଜନସାଧାରଣଙ୍କ ପାଇଁ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ବିଶେଷ କରି ରାତିରେ ଏହି ରାସ୍ତାଦେଇ ଯାତାୟାତ କରୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି ହେବାର ଢେର ସମ୍ଭାବନା ରହିଛି । ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

### ପୋଖରୀ ହୁଡ଼ା ପାଇଁ ବଣିଆ ସାହି ବାସିନ୍ଦା ହୀନସ୍ତା

ଏହି ବ୍ଲକର ରସୁଲପୁର ଓ ଭୋଟକା ପଞ୍ଚାୟତ ସୀମାରେ ଜଳ ବିଭାଜିକା ପକ୍ଷରୁ ପୋଖରୀ ଖନନ କରାଯାଇଥିଲା । ରସୁଲପୁର ପଞ୍ଚାୟତ ପକ୍ଷରୁ ଏହି ପୋଖରୀ ଖୋଳା ଯାଇଥିଲା। ପୋଖରୀ ଖୋଳାଯାଇ ମାଟି ହୁଡାରେ ପକାଯାଇଥିଲା। ଫଳରେ ଏହି ରାସ୍ତା ଦେଇ ବଣିଆସାହିରୁ ପ୍ରବାହିତ ବର୍ଷା ଜଳ ଯୋଗୁ ରାସ୍ତା ବନ୍ଦ ହୋଇଯାଇଥିଲା। ଲଗାଣ ବର୍ଷା ଯୋଗୁ ୧୬ନଂ ଜାତୀୟ ରାଜପଥରୁ ବହାବଳପୁରକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମିଛି । ବଣିଆସାହିର ଶାନ୍ତିଲତା ସାହୁ, ବାସୁଦେବ ସାହୁ, ପିତାମ୍ବର ସାହୁ ଆଦି ପରିବାର ଲୋକଙ୍କ ଘର ପିଣ୍ଡାକୁ ପାଣି ଲାଗିଯାଇଛି । ୧୦ରୁ ଊର୍ଦ୍ଧ୍ୱ ପରିବାର ଲୋକଙ୍କ ବାଡି ଜଳାର୍ଣ୍ଣବ ହୋଇଯାଇଛି। ଗାଁରୁ ବାହାରକୁ ବାହାରିବାରେ ସାହି ଲୋକେ ନାନା ହୀନସ୍ତା ହେଉଛନ୍ତି । ବର୍ଷା ଜଳ ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାହି ଲୋକେ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଛନ୍ତି।

### ପ୍ରଧାନମନ୍ତ୍ରୀ ସଡକ ନିର୍ମାଣରେ ତ୍ରୁଟି, ଗାଁରେ ପଶିଲା ପାଣି

ବାରବାଟୀ ପଞ୍ଚାୟତ ଅନ୍ତର୍ଗତ ବାରବାଟୀ-ବେତଣ୍ଡା ଶବର ସାହିକୁ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣରେ ହୋଇଥିବା ତ୍ରୁଟି ଯୋଗୁ ଶବର ସାହିରେ ପାଣି ପଶିଯାଇଛି। ଏହି ରାସ୍ତା ଉପରେ ଥିବା କଲଭର୍ଟ ନିର୍ମାଣରେ ତ୍ରୁଟି ରହିଛି । ପୂର୍ବରୁ କଲଭର୍ଟରେ ଦୁଇଟି ହ୍ୟୁମ ପାଇପ୍ ଲାଗିଥିଲା । ଏବେ ରାସ୍ତା ନିର୍ମାଣ ସମୟରେ ଗୋଟିଏ ପାଇପ୍ ବସାଯାଇଛି । ବର୍ଷାଜଳ ଠିକ୍ ଭାବରେ ନିଷ୍କାସନ ହୋଇପାରୁ ନ ଥିବାରୁ ସବର ସାହିରେ ପାଣି ପଶିଯାଇଛି । ଉକ୍ତ ରାସ୍ତାରେ ଥିବା କଲର୍ଭଟକୁ ପୁନଃ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ଦିଗରେ ଗ୍ରାମବାସୀ ପୂର୍ବରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ସେମାନଙ୍କ ଅଭିଯୋଗକୁ ଶୁଣା ଯାଇ ନ ଥିଲା।

### ରାସ୍ତା ଉପରେ ୨ଫୁଟର ବର୍ଷାଜଳ

ବ୍ଲକର ରାହାମ୍ବା ପଞ୍ଚାୟତ କୁରାଂଶ ଗ୍ରାମକୁ ଯାଇଥିବା ବାରବାଟୀ-କୁରାଂଶ ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ ଏବେ ବି ୨ଫୁଟ୍ ଉଚ୍ଚର ବର୍ଷାଜଳ ବହୁଛି। ଫଳରେ ଯାତାୟାତରେ ବାଧା ଉପୁଜୁଛି। ବର୍ଷାଜଳ ଧାରାଗୁଡିକ ବନ୍ଦ ହୋଇଯାଉଛି। ପୁରୁଣା ଜଳଧାରା ପୋତି ହୋଇଯାଉଛି। ଜଳ ପ୍ରବାହିତ ନାଳଗୁଡିକ ଦଳ ଓ ଅଳିଆ ଆବର୍ଜନାରେ ପୋତି ହୋଇଯାଉଛି। ଚନ୍ଦନେଶ୍ୱର ପାଟ ପାଣି ଠିକ୍ ଭାବେ ପ୍ରବାହିତ ହୋଇପାରୁ ନ ଥିବାରୁ ରାସ୍ତା ଉପରକୁ ପାଣି ଚଢି ଆସୁଛି। ପୂର୍ବ ବର୍ଷରେ ଏହାଠାରୁ ଅଧିକ ବର୍ଷା ହୋଇଥିଲେ ବି ରାସ୍ତା ଉପରକୁ ପାଣି ଉଠି ନ ଥିଲା ବୋଲି ସ୍ଥାନୀୟ ଅଞ୍ଚଳର ଲୋକେ ମତ ଦେଇଛନ୍ତି। ଏହିପ୍ରତି ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆଯିବାକୁ ସାଧାରଣରେ ଦାବି ହୋଇଛି । ଏହାଛଡା ଲଗାଣ ବର୍ଷା ଯୋଗୁ ବାରବାଟୀ ପଞ୍ଚାୟତ ବେତଣ୍ଡା ଶବର ସାହିର ବିଷ୍ଣୁ ସାମଲ, ଶତ୍ରୁଘନ୍ନ ସାମଲ ଆଦି ଲୋକଙ୍କ ଝାଟିମାଟି ଘର ଭୁଶୁଡି ପଡିଛି। ଓଡିଙ୍ଗ ଝାଟିଆ ଶାସନ(୧୫ନଂ ୱାର୍ଡ)ର ବୈଷ୍ଣବ ଦାଶଙ୍କ ଘର ସମ୍ମୁଖ ରାସ୍ତାରେ ବର୍ଷାଜଳ ଜମି ରହିଥିବାରୁ ପରିବାର ଲୋକେ ବାହରକୁ ବାହାରି ପାରୁ ନ ଥିବା ଦେଖିବାକୁ ମିଳିଛି।



## ବରୀ ଅଞ୍ଚଳରେ ଦ୍ୱିତୀୟ ବନ୍ୟାଜଳ ପ୍ରବେଶ

ରତ୍ନଗିରି,୨।୯(ଡି.ଏନ୍.ଏ.): ପ୍ରବଳ ବର୍ଷା ଯୋଗୁ ଖରସ୍ରୋତାର ଉକ୍ତ ବ୍ଲକ ଅଧୀନ ଅଙ୍ଗାଲୋ, ଅନ୍ନ୍ୟାସିପୁର, କଳାମାଟିଆ, ବାଲିବିଲ, ଅରଙ୍ଗାବାଦ୍, ଉଦୟନାଥପୁର, ରତଳାଙ୍ଗ ପଞ୍ଚାୟତର ପ୍ରାୟ ୧୨ଟି ରାଜସ୍ୱ ଗ୍ରାମର ଚାଷଜମି ଜଳମଗ୍ନ ହୋଇଛି । ବନ୍ୟାଜଳ ବୃଦ୍ଧି ପାଉଥିବାରୁ ସୋମବାର ସକାଳ ସୁଦ୍ଧା ବରୀ ଅଞ୍ଚଳର ଅନ୍ୟ କେତେକ ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିବାର ସମ୍ଭାବନା ରହିଛି ।

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

କୋରେଇ,୨।୯(ସ୍ୱ.ପ୍ର.)

୩ ଦିନ ଧରି ଲଗାଣ ବର୍ଷାରେ କୋରେଇ ବ୍ଲକ ୨୮ପଞ୍ଚାୟତର ସମସ୍ତ ଗ୍ରାମରେ ବର୍ଷା ପାଣି ପଶି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଯାଜପୁରରୋଡ-ପାଣିକୋଇଲି ମୁଖ୍ୟ ରାସ୍ତା ଉପରେ ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ଏକ ଟ୍ରେଲର ରାସ୍ତାକଡ଼କୁ ଖସି ଆସିଥିବା ଦେଖିବାକୁ ମିଳିଛି। ଅସନ୍ଝର, ରଣପୁର, ଗୌରୁପୁର, ମକୁନ୍ଦପୁର, ବନ୍ଧାଲୋ, ମୂଳାପାଳ ପଞ୍ଚାୟତଗୁଡ଼ିକ ବୈତରଣୀ ନଦୀ ତଟରେ ଅବସ୍ଥିତ ଥିବାରୁ ଉକ୍ତ ପଞ୍ଚାୟତର ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ପାଣିକୋଇଲି ଛକରେ ଥିବା ଦୋକାନଗୁଡ଼ିକରେ ପାଣି ପଶି ବହୁ କ୍ଷତି ହୋଇଥିବା ବେଳେ ବରୁଣ୍ଡେଇ, କରଦା, ରଗଡ଼ି, ଶଂଖଚିଲା, କୋରେଇ, ରଣପୁର ଆଦି ଛକଗୁଡ଼ିକରେ ଥିବା ଦୋକାନ ଗୁଡ଼ିକରେ ପାଣି ପଶି ଦୋକାନୀଙ୍କ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ତୁଳତି ପଞ୍ଚାୟତର କୋଗାଁ, ବୋଧିଆ, ସୁନ୍ଦରପୋଖରୀ, ନିଗଧା ଗ୍ରାମରେ ପାଣି ପଶି ବହୁ ଲୋକଙ୍କର ମାଟି ଘର ଭାଙ୍ଗି ଯାଇଥିବାବେଳେ ନହକା, ଖଇରା ପୂର୍ତ୍ତ ବିଭାଗର ରାସ୍ତାର କୋଗାଁ ଓ ଖଇରା ନିକଟରେ ଗ୍ରାମବାସୀ ଜଳ ନିଷ୍କାସନ ପାଇଁ ରାସ୍ତା ହାଣି ଘାଇ କରିଛନ୍ତି। ସେହିପରି ସାଦକପୁର ପଞ୍ଚାୟତର ଫାଜଲପୁର ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। କାଚରାସାହି ପଞ୍ଚାୟତର ପଞ୍ଚାୟତ ଗୃହରେ ୬ଫୁଟର ପାଣି ଚାଲିଥିବା ଦେଖିବାକୁ ମିଳିଛି। ପୂର୍ବକୋଟ, ଖଜୁରନାଲୁଆ, ବରୁଣ୍ଡେଇ ମକୁନ୍ଦପୁର, ରଗଡ଼ି ପାଣିକୋଇଲି, କର୍ଦ୍ଧା ବରୁଣ୍ଡେଇ, ବନ୍ଧାଲୋ ବରୁଣ୍ଡେଇ, ଶଙ୍ଖଚିଲା ଜହ୍ନା, ଶଙ୍ଖଚିଲା ଟିକର, ଧନେଶ୍ୱର ଆଦି ମୁଖ୍ୟ ରାସ୍ତା ଉପରେ ୩/୪ ଫୁଟର ପାଣି ଚାଲି ଥିବା ଦେଖିବାକୁ ମିଳିଛି। ତଣ୍ଡରା, ବଡ଼ବିରୁଆଁ, ପହଁଗା, ଗୋଲେଇପୁର ଅଞ୍ଚଳରେ ପରିବା ଚାଷ ପାଣିରେ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ବର୍ଷା ପରେ ରବିବାର କୋରେଇ ବିଡ଼ିଓ ହେମନ୍ତ କୁମାର ବିହାରୀ ଅଧିକ କ୍ଷତିଗ୍ରସ୍ତ ସାଦକପୁର ଓ ତୁଳତି ପଞ୍ଚାୟତ ଗସ୍ତକରି ଲୋକଙ୍କୁ ରନ୍ଧା ଖାଦ୍ୟ ଦେବାପାଇଁ ସରପଞ୍ଚଙ୍କୁ କହିଥିଲେ। ଦୁଇ ପଞ୍ଚାୟତରେ ପ୍ରାୟ ୧୭ପରିବାରଙ୍କ ଘରେ ପାଣି ପଶି ଭାଙ୍ଗିଯାଇଛି। ସେମାନଙ୍କୁ ତୁରନ୍ତ ଗୃହ ପ୍ରଦାନ କରାଯିବା ପାଇଁ ବିଡିଓ କହିଛନ୍ତି। ପାଣି କମିବା ପରେ ଜଳବାହୀ ରୋଗ ବ୍ୟାପିବାର ସମ୍ଭାବନା ରହିଥିଲେ ମଧ୍ୟ କୋରେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେହି ଗ୍ରାମ ପରିଦର୍ଶନ କରି ନ ଥିବା କୁହାଯାଉଛି।

ଘରେ, ଦୋକାନରେ ପଶିଲା ପାଣି

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ସେପ୍ଟେମ୍ବର, ୨୦୧୮



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**ରଣପୁର,୨।୯(ସ୍ୱ.ପ୍ର.):** ରଣପୁର ଥାନା ବୃନ୍ଦାବନପୁର ପଞ୍ଚାୟତର ବିନୋଦପଡା ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଗୋବିନ୍ଦ ପ୍ରଧାନଙ୍କ ସ୍ତ୍ରୀ ହର୍ଷମଣୀ ପ୍ରଧାନ (୪୬)। ଭୋର ୪ଟାରେ ହର୍ଷମଣୀ ଘରେ ଲାଗିଥିବା ପାଣି ମୋଟର ଚଳାଇ ପାଣି ସଂଗ୍ରହ କରିଥିଲେ। ପରେ ମୋଟର ବନ୍ଦ ପାଇଁ ତାର ବାହାର କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ରଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିବାବେଳେ ରାତ୍ର ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ।

### ମହାନଦୀରେ ଭାସିଗଲେ ବୃଦ୍ଧ

**ଖଣ୍ଡପଡା/ଭାପୁର, ୨।୯ (ସ୍ୱ.ପ୍ର./ଡ଼ି.ଏନ.ଏ.):** ଭାପୁର ବ୍ଲକ ପଦ୍ମାବତୀ ଗ୍ରାମର ଜଣେ ବୃଦ୍ଧ ରବିବାର ମହାନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଗ୍ରାମର ଫକୀର ଚରଣ ସାହୁ (୭୨) ଅପରାହ୍ନ ପ୍ରାୟ ୫ଟା ସମୟରେ ନିକଟସ୍ଥ ମହାନଦୀ ଘାଟକୁ ଗାଧୋଇବା ପାଇଁ ଯାଇଥିଲେ । ମାତ୍ର ଅସାବଧାନତା ବଶତଃ ସେ ମହାନଦୀର ପ୍ରବଳ ସ୍ରୋତରେ ଭାସି ଯାଇଥିବା ଗ୍ରାମବାସୀଙ୍କଠାରୁ ପ୍ରକାଶ । ଗ୍ରାମବାସୀ ବହୁ ଖୋଜାଖୋଜି ପରେ ନିରାଶ ହେବାରୁ ଭାପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ଖବର ଲେଖାହେବା ପର୍ଯ୍ୟନ୍ତ ତାଙ୍କର ସନ୍ଧାନ ମିଳି ନ ଥିବା ଜଣାପଡିଛି। ଫକୀର ସାହୁ ଜଣେ ଭଲ ମିଠା ଦୋକାନୀ ଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା।

### ଖଣ୍ଡପଡ଼ା ଅଞ୍ଚଳରେ ଗାଈ ଚୋରି ର୍ୟାକେଟ ସକ୍ରିୟ

**ଖଣ୍ଡପଡା,୨।୯(ସ୍ୱ.ପ୍ର.):** ଗତ କିଛିଦିନ ହେଲା ଖଣ୍ଡପଡା ସହର ଓ ଆଖପାଖ ଅଞ୍ଚଳରୁ ଗାଈ ଚୋରି ହେଉଥିବା ଜଣାପଡିଛି। ଏହା ପଛରେ ଏକ ବଡଧରଣର ରାକେଟ୍ କାର୍ଯ୍ୟ କରୁଥିବା କୁହାଯାଉଛି। ରାତିରେ ରାସ୍ତା ଘାଟରେ ଅନେକ ଗୋରୁ ଶୋଉଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଯାନବାହନ ଯୋଗେ ଗାଈ ଚୋରି କରି ନେଉଥିବା ଅଭିଯୋଗ ହେଉଛି। ଗତ ୧୫ଦିନ ମଧ୍ୟରେ ଖଣ୍ଡପଡା ସହର ୧୧ନଂ. ୱାର୍ଡ ଗଡଭିତର ସାହିର ବାସିନ୍ଦା ସୁଦର୍ଶନ ବେହେରାଙ୍କ ୨ଟି ଗାଈ, ୩ନଂ ୱାର୍ଡ କାଦୁଆ ସାହିର ବ୍ରଜବନ୍ଧୁଙ୍କର ୨ଟି ଗାଈ ଚୋରି ହୋଇଛି। ଏ ନେଇ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି । ଖଣ୍ଡପଡା ସହରର ପୋଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ସତ୍ତ୍ୱେ କିଭଳି ଦୁର୍ବୃତ୍ତମାନେ ରାସ୍ତା ଉପରୁ ଗାଈ ଚୋରି କରି ନେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ଖଣ୍ଡପଡା ଥାନା କର୍ତ୍ତୃପକ୍ଷ ଦୃଷ୍ଟିଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

### 'ଏମିତି ଭୁଲ୍ କେବେ ହବନି' ମଞ୍ଚସ୍ଥ

**ଖଣ୍ଡପଡା,୨।୯(ସ୍ୱ.ପ୍ର.):** ଖଣ୍ଡପଡା ସହରର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମା'ଡୁମାଲୁଣୀ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳର କଳାକାରମାନଙ୍କୁ ନେଇ ସାମାଜିକ ନାଟକ 'ଏମିତି ଭୁଲ୍ କେବେ ହବନି' ମଞ୍ଚସ୍ଥ ହୋଇଯାଇଛି। ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ମୁଖ୍ୟଅତିଥି ଓ କ୍ୟାପଟେନ୍ ଶିବପ୍ରସାସଦ ଭଞ୍ଜ, ଅବସରପ୍ରାପ୍ତ ଶିକ୍ଷକ ହରିହର ମହାପାତ୍ର, ଖଣ୍ଡପଡାର ପ୍ରଥମ ନଗରପାଳ କିଶୋର ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ମଞ୍ଚକୁ ଉଦ୍‌ଘାଟନ କରିଥିଲେ।

# ଚାରା ରୋପଣରେ ଦୁର୍ନୀତି



ପାହାଡ଼ରେ ଗଛ ନ ଥିବା ସ୍ଥାନ।




ପାହାଡ଼ରେ ଲାଗିଥିବା ସୂଚନା ଫଳକ।

**ନୟାଗଡ଼ ଅଫିସ,୨।୯**

- ଶୁକରମଲ୍ଲ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ
- ଗୋଟିଏ ଫଳକରେ ସୀମିତ ସୂଚନା
- ୯୪.୭୯ ଲକ୍ଷ ଟଙ୍କାର ଗଛ ଲାଗିଥିବା ଦର୍ଶାଯାଇଛି

ନୟାଗଡ଼ ବ୍ଲକ ନୋତର ପଞ୍ଚାୟତର ଶୁକ୍ରମଲ୍ଲ ପିଆରଏଫ (ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ)କୁ ସବୁଜିମାରେ ଭରିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଥିଲା। ଏଠାରେ ଚାରା ରୋପଣ ପାଇଁ ୯୪ ଲକ୍ଷ ୭୯ ହଜାର ୮୫୭ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଛି। ହେଲେ ପାହାଡ଼କୁ ଦେଖିଲେ ଏତେ ଟଙ୍କାର ଗଛ ଲାଗିଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଗପଟେ ଗଛ ଲଗାଯାଇଥିବା ବେଳେ ପାହାଡ଼ ଉପରେ ଗଛ ନ ଥିବା ଦେଖିବାକୁ ମିଳିଛି। ଫଳରେ ଅଳ୍ପ କିଛି ଚାରା ରୋପଣ କରାଯାଇ ବାକି ଟଙ୍କା ମୂଳଠାରୁ ଚୂଳ ପର୍ଯ୍ୟନ୍ତ ସମସ୍ତେ ଚଳୁ କରି ଦେଇଥିବା ଅଭିଯୋଗ ହୋଇଛି। ପାହାଡ଼ରେ ୯୬ ହଜାର ୪୦୦ ଗଛ ଲଗାଯାଇଥିବା ନେଇ ସୂଚନା ମିଳିଥିବା ବେଳେ ବାସ୍ତବରେ କିନ୍ତୁ ଏହାଠାରୁ ଢେର କମ୍ ଗଛ ଲଗାଯାଇଥିବା ଦେଖିବାକୁ ମିଳିଛି। ସେହିଭଳି ପାହାଡ଼ରେ ସୂଚନା ଫଳକରେ ଆର୍ଥିକ ବର୍ଷ ୨୦୧୫-୧୬ରେ ଗଛ ଲଗାଯିବା ପାଇଁ ୪୮ ଲକ୍ଷ ୫୭ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଥିବା ବେଳେ ସୂଚନା ଅଧିକାର ଆଇନ (ଆରଟିଆଇ)ରେ କିନ୍ତୁ ୪୦ ଲକ୍ଷ ୮୮ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି।

ଆରଟିଆଇରୁ ମିଳିଥିବା ତଥ୍ୟ ଅନୁସାରେ ନୟାଗଡ଼ ବନଖଣ୍ଡର ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ଶୁକରମଲ୍ଲ ପାହାଡ଼ରେ ଆର୍ଥିକ ବର୍ଷ ୨୦୧୫-୧୬ରେ ୨୪ ହେକ୍ଟର ଜାଗାରେ ୩୮,୪୦୦ ଗଛ ଲଗାଯିବା ପାଇଁ ୪୦,୮୮,୦୦୩ ଟଙ୍କା ଆସିଥିଲା। ସେହିଭଳି ଉକ୍ତ ବର୍ଷ ପୁନର୍ବାର ୧୦ ହେକ୍ଟର ଜାଗାରେ ୧୦,୦୦୦ ଗଛ ଲଗାଯିବା ପାଇଁ ୧୬,୭୫,୦୨୩ ଟଙ୍କା, ୨୦୧୬-୧୭ ଆର୍ଥିକ ବର୍ଷରେ ୧୫ ହେକ୍ଟର ଜାଗାରେ ୨୪,୦୦୦ ଗଛ ଲଗାଯିବା ପାଇଁ ୨୧,୧୧,୧୭୩ ଟଙ୍କା ଓ ୨୦୧୭-୧୮ରେ ୧୫ ହେକ୍ଟର ଜାଗାରେ ୨୪,୦୦୦ ଗଛ ଲଗାଯିବା ପାଇଁ ୧୬,୦୫,୬୫୮ ଟଙ୍କା ଆସିଥିଲା। ଏହିଭଳି ମୋଟ ୪ ଥର ଉକ୍ତ ପାହାଡ଼କୁ ସବୁଜିମାରେ ଭରିଦେବା ଲକ୍ଷ୍ୟରେ ୯୬ ହଜାର ୪୦୦ ଗଛ ଲଗାଯିବା ପାଇଁ ୯୪ ଲକ୍ଷ ୭୯ ହଜାର ୮୫୭ ଟଙ୍କା ଆସିଥିଲା। ପ୍ରତିଟି କାମ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହୋଇଥିବା ବେଳେ ସମସ୍ତ କାମର ସୂଚନା ଫଳକ ରହିବା କଥା। ମାତ୍ର ବିଭାଗ ତରଫରୁ ପାହାଡ଼ରେ ଗୋଟିଏ ମାତ୍ର ସୂଚନା ଫଳକ ଲଗାଯାଇଛି। ଫଳରେ ଏଠାରେ ଚାରା ରୋପଣରେ ଦୁର୍ନୀତି ହୋଇଥିବା ସ୍ପଷ୍ଟ ବୋଲି ସାଧାରଣରେ ଆଲୋଚନା ହେଉଛି। ଯଦି ବିଭାଗ ତରଫରୁ ୪ଟି ଫଳକ ଲଗାଯାଇ ସୂଚନା ଦିଆଯାଇଥାନ୍ତା ତା'ହେଲେ ଲୋକମାନେ ଏ ବିଷୟରେ ସ୍ପଷ୍ଟ ସୂଚନା ପାଇପାରିଥାନ୍ତେ। ମାତ୍ର ଏହା କରା ନ ଯାଇ ଘଣ୍ଟ ଘୋଡ଼ାଇ ରଖାଯାଇଛି। ତେଣୁ ଚାରା ରୋପଣରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ନୟାଗଡ଼ ଡିଏଫଓ ଗୋଦାବରୀଶ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ସୂଚନା ଫଳକରେ ଅଟକଳ ମୂଲ୍ୟ ୪୮ଲକ୍ଷ ଟଙ୍କା ହୋଇଥିବା ବେଳେ ଆରଟିଆଇରେ ୪୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ସୂଚନା ଦିଆଯାଇଥିବ। ହେଲେ ପାହାଡ଼ରେ ସମସ୍ତ ଗଛ ଲଗାଯାଇଛି। ଚାରା ରୋପଣ କାର୍ଯ୍ୟର ଅବଧି ଶେଷ ପରେ ସୂଚନା ଫଳକରେ ସମସ୍ତ ସୂଚନା ଦିଆଯାଇପାରିବ ବୋଲି ସେ ସୂଚନା ଦେଇଥିଲେ।

**■ ଖୁଦୁରୁକୁଣୀ ଓଷାରେ ଅଘଟଣ**

# ସାଙ୍ଗଙ୍କୁ ଉଦ୍ଧାର କରି ଜୀବନ ହାରିଲେ ତୁଳସୀ

**ରଣପୁର,୨।୯ (ସ୍ୱ.ପ୍ର.)**

ରବିବାର ସାରା ରାଜ୍ୟରେ ଝିଅମାନେ ଧୁମ୍‌ଧାମରେ ପ୍ରଥମ ପାଳି ଖୁଦୁରୁକୁଣୀ ଓଷା ପାଳନ କରିଥିବାବେଳେ ଏହା ନୟାଗଡ ଜିଲା ରଣପୁର ବ୍ଲକର ଜଣେ ନାବାଳିକା ପାଇଁ କାଳ ହୋଇଛି। ନଦୀରେ ବୁଡ଼ିଯାଉଥିବା ସାଙ୍ଗକୁ ଉଦ୍ଧାର କରିବାକୁ ଯାଇ ନାବାଳିକା ଜଣକ ଭାସିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ତୁଳସୀ ଜେନା (୧୩)। ଏହି ଖବର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ରଣପୁର ବ୍ଲକ ସୁର୍କାବାଡି ପଞ୍ଚାୟତ ଠଣାପଲ୍ଲୀ ପାଟଣା ଗ୍ରାମର ଭଗବାନ ଜେନାଙ୍କ ବଡ ଝିଅ ତୁଳସୀ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ପ୍ରଥମ ପାଳି ଖୁଦୁରୁକୁଣୀ ଓଷା ଥିବାରୁ ଗାଁର ଅନ୍ୟ ଝିଅମାନଙ୍କ ସହ ତୁଳସୀ ସକାଳେ ଗ୍ରାମ ନିକଟ ହଡାନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ତାଙ୍କ ସାଙ୍ଗ କୁନି ଜେନା ନଦୀ ସ୍ରୋତରେ ଭାସିଯାଉଥିବା ଦେଖି ତୁଳସୀ ତାଙ୍କୁ ଉଦ୍ଧାର ପାଇଁ ପାଣିକୁ ଡେଇଁପଡିଥିଲେ। କୌଣସିମତେ ସେ କୂଳକୁ ଠେଲିଦେଇ କୁନିଙ୍କ ଜୀବନ ବଞ୍ଚାଇଥିଲେ ହେଁ ନିଜେ ଗଭୀର ଜଳରେ ଭାସିଯାଇଥିଲେ। ସାଙ୍ଗମାନେ ସଙ୍ଗେ ସଙ୍ଗେ ଗ୍ରାମକୁ ଆସି ଏ ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ ମଧ ତୁଳସୀଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏଥିରେ ପରିବାର ବର୍ଗ ମର୍ମାହତ ହୋଇ ଦୁଃଖରେ ଭାଙ୍ଗିପଡିଛନ୍ତି। ଅତ୍ୟନ୍ତ ଗରିବ ଶ୍ରେଣୀର ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଗଳା କାଟି ଯୁବକ ଗୁରୁତର

**ଦଶପଲ୍ଲା,୨।୯(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ଅନ୍ତର୍ଗତ ଗୋଛାବାରି ଗ୍ରାମର ଜଣେ ଯୁବକ ରବିବାର ନିଜ ଗଳା କାଟି ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ପ୍ରଶାନ୍ତ ଜାନି (୨୭)। ଚିକିତ୍ସା ନିମନ୍ତେ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କେଉଁ କାରଣରୁ ପ୍ରଶାନ୍ତ ଏପରି କରିଛନ୍ତି ତାହା ଜଣାପଡି ନାହିଁ। ଖବର ପାଇ ବାଣିଗୋଛା ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ଗୁରୁତର ପ୍ରଶାନ୍ତ।

# ଶ୍ରୀନୀଳମାଧବଙ୍କ ପୀଠରେ ଜନ୍ମାଷ୍ଟମୀ

**ଖଣ୍ଡପଡା,୨।୯(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ପୀଠ, ଖଳିସାହି ଇସ୍କନ ମଠ, ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସିଧାମୂଳାର ଗୋକୁଳାନନ୍ଦ ଜୀଉ ପୀଠ ଓ ରାଧାମୋହନ ଜୀଉ ମଠରେ ରବିବାର ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପବିତ୍ର ଜନ୍ମାଷ୍ଟମୀ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଜୀଉଙ୍କ ସକାଳ ଧୂପଠାରୁ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା । ଶ୍ରୀ ଜୀଉଙ୍କ ସନ୍ଧ୍ୟା ଧୂପ ଅର୍ପଣ ପରେ ଜୟ ବିଜୟ ଦ୍ୱାର ବନ୍ଦ କରି ପୁରୋହିତ ପଞ୍ଚବର୍ଣ୍ଣ ମୁରୁଜରେ ସର୍ବତ୍ର ଭଦ୍ର ମଣ୍ଡଳୀ ବୋଲି ଲେଖିଥିଲେ। ନୀଳମାଧବ ଜୀଉଙ୍କ ମନ୍ଦିରରେ ବିଜେ ଶ୍ରୀକୃଷ୍ଣଙ୍କ ବିଗ୍ରହ ଗୁରୁଣ୍ଡି ଗୋପାଳ ଜୀଉଙ୍କୁ ଆଜ୍ଞାମାଳ ଦେଇ ଜନ୍ମ ଚକଡାରେ ବିଜେ କରାଯାଇଥିଲା । ପରେ ଦିଅଁ ଘରେ ଦେବକୀଙ୍କ ଗର୍ଭ ଯନ୍ତ୍ରଣାଠାରୁ ଆରମ୍ଭ କରି ଶ୍ରୀକୃଷ୍ଣଙ୍କ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ସମସ୍ତ ବିଧି ବ୍ୟବସ୍ଥା ଚାଲିଥିଲା। ପୁରୋଧା ଭାବେ ବାସୁଦେବ ମିଶ୍ର ହୋମ କର୍ମ କରିଥିଲେ । ପରେ ରୀତିନୀତି ଅନୁଯାୟୀ ନାଭିକଟା ଅନୁଷ୍ଠିତ ହୋଇଥିଲା। ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ପାରମ୍ପରିକ ରୀତି ଅନୁସାରେ ଅନ୍ଧାର ରାତିରେ ବସୁଦେବ ଭୂମିକାରେ ଥିବା ଲକ୍ଷ୍ମଣ ମିଶ୍ର କୃଷ୍ଣଙ୍କୁ ମୁଣ୍ଡରେ ଧରି ସିଂହଦ୍ୱାର ଦେଇ ଗୋପପୁର ଭାବେ ଉଦ୍ଦିଷ୍ଟ ଅରୁଣସ୍ତମ୍ଭ ନିକଟକୁ ଆସିଥିଲେ। ବାଟରେ ଉଗ୍ରସେନ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ସଞ୍ଜୀବ ମିଶ୍ର ବାଟ ଓଗାଳିବାରୁ ପ୍ରଭୁ ତାଙ୍କୁ ଦର୍ଶନ ଦେଇଥିଲେ।



ଶ୍ରୀ ନୀଳମାଧବ ଜୀଉଙ୍କ କୃଷ୍ଣ ବେଶ।

ମାଳୀ ସୁବାସ ମହାପାତ୍ରଙ୍କ ମାଧମରେ ବାଇଶି ପାହାଚରେ ପାଣି ଢଳାଯାଇ ଯମୁନା ନଦୀର ଆଖ୍ୟା ଦିଆଯାଇ ବସୁଦେବ କୃଷ୍ଣଙ୍କୁ ଧରି ଯମୁନା ନଦୀ ପାରହୋଇ ଗୋପରେ ପହଞ୍ଚିଥିଲେ। ଏହା ପରେ ଆଳତି, ଭୋଗ, ସଂକୀର୍ତ୍ତନ, କାହାଳୀ, ପାଟପଟୁଆରରେ ଛତ୍ରୀ ଧରି ମଶାଲ ଲଗାଯାଇ ଶ୍ରୀକୃଷ୍ଣ ମନ୍ଦିରରେ ବିଜେ ହୋଇଥିଲେ। ରାତି ପ୍ରାୟ ୧୦ଟାରେ ବଡସିଙ୍ଗାର ପରେ ଡମ୍ବରୁ ବିଜେ ହୋଇ ଠାକୁରଙ୍କ ପହଡ ପଡିଥିଲା।

ସେହିପରି ମହୁଲପଡା ବାତରା ମଠ, ଇସ୍କନ ମଠ, ମୁଣ୍ଡିଆ ହନୁମାନ ଓ ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଜନ୍ମାଷ୍ଟମୀ ଉପଲକ୍ଷେ ମଙ୍ଗଳ ଆଳତି ପରେ ଷୋଡଶ ଉପଚାରରେ ଠାକୁରଙ୍କ ପୂଜାର୍ଚ୍ଚନା ହୋଇଥିଲା । ପରେ ହୋମକାର୍ଯ୍ୟ ଅନୁଷ୍ଠିତ ହୋଇ ପଣ୍ଡିତଙ୍କ ଦ୍ୱାରା କୃଷ୍ଣଜନ୍ମ ଅଧ୍ୟାୟ ପଠନ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ପୂଜାର୍ଚ୍ଚନା କରୁଥିବା ବେଳେ ମହିଳା ମଣ୍ଡଳ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ଖଣ୍ଡପଡା ବ୍ଲକର ଖଣ୍ଡପଡା, ଖଳିସାହି ଗୋପାଳଜୀଉ ମନ୍ଦିର, କଣ୍ଟିଲୋ ରାଧାମୋହନ ଜୀଉ ମନ୍ଦିରରେ ଦିବାରାତ୍ର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜମେଣ୍ଟ ଶାଖା, ଭୁବନେଶ୍ୱର

**ସଂଶୋଧନ ପତ୍ର**

ତା.୦୧.୦୯.୨୦୧୮ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ କ୍ର. ନଂ. ୮ ରେ ଦର୍ଶିତ ଋଣଗ୍ରହୀତା: ମେସର୍ସ ପାବନି ଫେରୋ ଆଲଏଜ୍ ପ୍ରା. ଲିଃ.ର 'ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା' ସ୍ତମ୍ଭରେ ଦର୍ଶିତ "ଜାମିନ୍‌ଦାରମାନେ: ୧) ଶ୍ରୀ ଜଳଧର ଜେନା, ୨) ଶ୍ରୀ ପାରେଶ୍ୱର ଜେନା' ପରିବର୍ତ୍ତେ "ଜାମିନ୍‌ଦାରମାନେ: ୧) ସିଏଚ୍. ପ୍ରଭାତ କେଶରୀ ମିଶ୍ର, ପିତା: ୰ ସିଏଚ୍. ଧ୍ରେନ୍ଦ୍ର ନାଥ ମିଶ୍ର, ୨) ବିଶ୍ୱଜିତ ମିଶ୍ର, ପିତା: ସିଏଚ୍. ପ୍ରଭାତ କେଶରୀ ମିଶ୍ର, ୩) ଶ୍ରୀମତୀ ଅର୍ଚ୍ଚନା ମିଶ୍ର, ପିତା: ବୈଦ୍ୟନାଥ ନନ୍ଦ, କ୍ର.ନଂ. ୧, ୨ ଏବଂ ୩ଙ୍କ ଠିକଣା- ସା: ଜି+୩, କସ୍ତୁରୀ ଇଷ୍ଟେଟ, ବ୍ଲକ୍-ବି, ଅଶୋକ ନଗର, ଥାନା: ନିୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୪) ରବିନ୍ଦ୍ର ନାଥ ପଟ୍ଟନାୟକ, ପିତା: ୰ ନଗେନ୍ଦ୍ର ନାଥ ପଟ୍ଟନାୟକ, ସା: ଏଚ୍‌ଆଇଜି-୩୧, ଜୟଦେବ ବିହାର, ବିଡ଼ିଏ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ତା.୦୧.୦୯.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

# ତହସିଲଦାର ଓ ବିଡିଓଙ୍କ ବଦଳି, ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ଆଶଙ୍କା

**ଓଡ଼ଗାଁ,୨।୯(ସ୍ୱ.ପ୍ର.)**

ଓଡ଼ଗାଁର ଦୁଇ ପ୍ରଶାସନିକ ଅଧିକାରୀ ତହସିଲଦାର ଓ ବିଡିଓଙ୍କୁ ଏକାଦିନରେ ଅନ୍ୟତ୍ର ବଦଳି କରିଦିଆଯାଇଛି। ଏହି ଦୁଇ ପଦବୀ ବହୁଦିନ ଖାଲି ପଡିଥିଲା। ମାତ୍ର ଏକବର୍ଷ ପୂର୍ବେ ବିଡିଓ ପଦବୀରେ ମାୟାଧର ବେହେରା କାର୍ଯ୍ୟରେ ଯୋଗଦେବା ପରେ ଉଭୟ ପଦବୀରେ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିଥିଲେ। ପରବର୍ତ୍ତୀ ସମୟରେ ମାତ୍ର ୬ମାସ ପୂର୍ବେ ତହସିଲଦାର ଭାବେ ସୁଧାକର ସାମନ୍ତରାୟ କାର୍ଯ୍ୟରେ ଯୋଗ ଦେଇଥିଲାବେଳେ ତାଙ୍କୁ ମଧ ଅଚାନକ ବଦଳି କରିଦିଆଯାଇଛି। ବିଡିଓ ବେହେରାଙ୍କ ଅନୁଗୋଳ ଓ ତହସିଲଦାର ସାମନ୍ତରାୟଙ୍କ ପୁରୀ ଜିଲା ଗୋପ ତହସିଲକୁ ବଦଳି ହୋଇଛି । ବିଡିଓ ନୟାଗଡ଼ ବିଡିଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁଥିବା ଅସମର୍ଥିତ ସୂତ୍ରରୁ ଜଣାଯାଇଥିବା ବେଳେ ତହସିଲଦାର ଅତିରିକ୍ତ ତହସିଲଦାର ଦୟାନିଧି ରଥଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ଜଣାଯାଇଛି। ଦୁଇ ଅଧିକାରୀଙ୍କ ଅଚାନକ ବଦଳି କରାଯାଇଥିବାରୁ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସମ୍ଭାବନା ସୃଷ୍ଟି ହୋଇଛି ।

**ସମ୍ବଲପୁରୀ ବସ୍ତ୍ରାଳୟ**



**ଗଣେଶ ପୂଜା ଓ ନୂଆଁଖାଇ**
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
**ବିଶେଷ ସରକାରୀ ରିହାତି**
**୧୦% + ୨୦%**
ଅବଧି ତା୦୨।୦୯।୨୦୧୮ରୁ ତା୧୩।୦୯।୨୦୧୮ ପର୍ଯ୍ୟନ୍ତ
**ନୂତନ ବସ୍ତ୍ରର ସମ୍ଭାର**
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍‌ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ ।

# ଖୁଦୁରୁକୁଣୀ ଓଷା ଆରମ୍ଭ

**ଖଣ୍ଡପଡ଼ା,୨।୯(ସ୍ୱ.ପ୍ର.)**

ରବିବାରଠାରୁ ଖୁଦୁରୁକୁଣୀ ଓଷା ଆରମ୍ଭ ହୋଇଛି। ଏଥିପାଇଁ ଖଣ୍ଡପଡା, ଖଳିସାହି, ମର୍ଦ୍ଦରାଜପୁର, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ସାଜସଜ୍ଜା ଓ ମୂର୍ତ୍ତିକୁ ନେଇ ସାହିର ଯୁବତୀମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି । ରାତି ଅଧରୁ ଗାଁର ଯୁବତୀମାନେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନରୁ ଫୁଲ ତୋଳିବା ପରେ ସକାଳୁ ମହାନଦୀ କିମ୍ବା ପୋଖରୀ ତୁଠକୁ ଯାଇ ବାଲୁକା ପୂଜା କରିଥିଲେ । ପରେ ସେମାନେ ଗ୍ରାମ ଦେବତୀଙ୍କ ପାଖରେ ପାଣି ତୋଳିଥିଲେ । ଯୁବତୀମାନଙ୍କ ସହିତ ନବ ବିବାହିତା ମହିଳାମାନେ ଏହି ପୂଜାରେ ସାମିଲ ହୋଇଥିଲେ । କଣ୍ଟିଲୋ ଓ ଖଣ୍ଡପଡା ଅଞ୍ଚଳର ପ୍ରାୟ ଶତାଧିକ ସ୍ଥାନରେ ପୂଜା ମଣ୍ଡପଗୁଡିକ ରଙ୍ଗବେରଙ୍ଗ ଆଲୋକରେ ସଜ୍ଜିତ ହୋଇଛି। ସନ୍ଧ୍ୟାରେ ଭୋଗଥାଳି ଧରି ଯୁବତୀମାନେ ସେଠାରେ ସମବେତ ହୋଇଥିଲେ।






## ସଂକ୍ଷେପରେ

### ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ପୁରୀ ଅଫିସ,୨।୯:** ଘୋଡ଼ାବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ 'ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା' ପାଇଁ ସଚେତନତା ବାର୍ତ୍ତା ଦେଇଛନ୍ତି। ରାଧାକୃଷ୍ଣ ବେଶଧାରୀ ଶତାଧିକ କୁନି କୁନି ଭଉଣୀ ଭାଇ, ଗୁରୁମା, ଗୁରୁଜୀ, ଶିଶୁ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ପୃଥକ୍ ଭାବେ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଲାଗି ସ୍ଲୋଗାନ ଦେବା ସହ 'ପଲିଥିନ୍ କୁ ନା' କହି ଉପସ୍ଥିତ ଥିବା ଅଭିଭାବକ ଓ ପରିବାର ସଦସ୍ୟଙ୍କୁ ସଚେତନ କରିଥିଲେ। ଶ୍ରୀକୃଷ୍ଣ ଓ ରାଧାଙ୍କ ଏହା ଉପଦେଶ ଭାବି ଅଧିକାଂଶ ଅଭିଭାବକ ଏଥିପ୍ରତି ସଚେତନ ହେବେ ବୋଲି ଗଣମାଧମକୁ କହିଥିଲେ। ଏହି ଅବସରରେ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସ କହିଲେ ଯେ, ଆମ ବିଦ୍ୟାଳୟକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଲାଗି ଅଭିଯାନ ଆରମ୍ଭ ହୋଇଛି। ପିଲାଙ୍କୁ ପଲିଥିନରେ ଗରମ ଖାଦ୍ୟ ନ ଆଣିବା ଲାଗି କୁହାଯାଉଛି। ପିଲାଙ୍କୁ ପ୍ଲାଷ୍ଟିକରେ ଖାଦ୍ୟ ପଦାର୍ଥ ଦେବା ପରିବର୍ତ୍ତେ ଟିଫିନ ବାକ୍ସରେ ଦେବା ଲାଗି ଅଭିଭାବକ ମାନଙ୍କୁ ଅନୁରୋଧ କରାଯାଉଛି। ପିଲାଙ୍କୁ କ୍ଲାସରୁମ, ପ୍ରାର୍ଥନା ସମୟରେ ସଚେତନ କରାଯିବ। ଆଗକୁ ଆମ ବିଦ୍ୟାଳୟ ଯେପରି ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ହୋଇପାରିବ ସେନେଇ ପ୍ରଚେଷ୍ଟା କରାଯିବ।

### ମିଷ୍ଟର ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା
### ୧୫ ପ୍ରତିଯୋଗୀ ମନୋନୀତ

**ପୁରୀ ଅଫିସ, ୨।୯:** ଆସନ୍ତା ଅକ୍ଟୋବର ୬ ଓ ୭ ତାରିଖ ଦୁଇଦିନ ଧରି ତାମିଲନାଡୁରେ ଅନୁଷ୍ଠିତ ହେବ ମିଷ୍ଟର ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା। ଏଥିରେ ଅଂଶଗ୍ରହଣ କରିବା ପାଇଁ ରବିବାର ପୁରୀଠାରେ ଏକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ପୁରୀ ଆମେଚର ବଡିବିଲ୍ଡିଂ ଫିଟ୍‌ନେସ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ୧୮ ଜିଲାରୁ ପ୍ରାୟ ୩୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧରୁ କଳିଙ୍ଗ ବଡିବିଲ୍ଡିଂ ଫିଟ୍‌ନେସ ଆସୋସିଏଶନ ୧୫ ଜଣଙ୍କୁ ମିଷ୍ଟର ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେବା ଲାଗି ମନୋନୀତ କରିଛି।

## ଦାଉ ସାଧୁଛି ପ୍ରକୃତି, ଚିନ୍ତାରେ ଚାଷୀ
# ୧୪ହଜାର ହେକ୍ଟର ଚାଷଜମି ଜଳମଗ୍ନ

**ପୁରୀ ଅଫିସ, ୨।୯**


ଜଳମଗ୍ନ ହୋଇଥିବା ଚାଷଜମି।

ଚାଷୀଙ୍କ ଉପରେ ଦାଉ ସାଧୁଛି ପ୍ରକୃତି। ଗତ ଦେଢ଼ ମାସ ମଧ୍ୟରେ ହୋଇଥିବା ଦୁଇଟି ଲଗାଣ ବର୍ଷା ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ବର୍ଷା ଛାଡ଼ିବାର ୧ମାସ ବିତିବାକୁ ବସିଥିଲେ ହେଁ ଏ ପର୍ଯ୍ୟନ୍ତ ଚାଷଜମିରୁ ପାଣି ଛାଡୁନାହିଁ। ଜିଲାର ୫ଟି ବ୍ଲକର ୧୩,୯୮୫ ଏକର ଚାଷ ଜମି ଅଦ୍ୟାବଧି ଜଳମଗ୍ନ ହୋଇ ରହିଛି। ଚଳିତବର୍ଷ ଉକ୍ତ ଜମିରେ ଆଉ ଚାଷ ହୋଇପାରିବ ନାହିଁ ବୋଲି ଆଶଙ୍କା କରିଛି ଜିଲା କୃଷି ବିଭାଗ।

ଗତ ଜୁଲାଇ ୨୧ ଓ ୨୨ତାରିଖ ଦୁଇଦିନ ଧରି ବର୍ଷା ହୋଇଥିଲା। ଜିଲାରେ ୩୦୦୮.୬ ମିଲିମିଟର ବର୍ଷା ହୋଇଥିଲା। ଅଗଷ୍ଟ ୭ରୁ ପ୍ରବଳ ବର୍ଷା ହୋଇଥିଲା। ଗତ ଏପ୍ରିଲଠାରୁ ଅଗଷ୍ଟ ମାସ ମଧ୍ୟରେ ଜିଲାରେ ସାଧାରଣ ବୃଷ୍ଟିପାତଠାରୁ ଅଧିକ ପରିମାଣର ବର୍ଷା ହୋଇଛି। ଲଗାଣ ବର୍ଷାରେ ଜିଲାର ୪୨ହଜାର ୧୫୯ହେକ୍ଟର ଚାଷ ଜମିରେ ପାଣି ଜମି ରହିବା ସହ ଫସଲ ପ୍ରଭାବିତ ହୋଇଥିଲା। ବର୍ଷା ଛାଡି ଯାଇଥିବା ବେଳେ ୧୩, ୯୮୫ ହେକ୍ଟର ଚାଷ ଜମିରୁ ପାଣି ଛାଡୁନାହିଁ। ପୁରୀ ସଦର ବ୍ଲକର ୧୬୨୪ ହେକ୍ଟର, ବ୍ରହ୍ମଗିରି ବ୍ଲକର ୯୬୫ହେକ୍ଟର, ଡେଲାଙ୍ଗ ବ୍ଲକର ୩୯୮୭ ହେକ୍ଟର, ସତ୍ୟବାଦୀ ବ୍ଲକର ୭ଶହ ଏବଂ କଣାସ ବ୍ଲକର ୬୭୦୯ ହେକ୍ଟର ଜମିରେ ପାଣି ଜମି ରହିଛି। ପାଣି ଛାଡୁ ନ ଥିବାରୁ ଏହି ଜମିଗୁଡ଼ିକରେ ଚଳିତବର୍ଷ ଚାଷ କାର୍ଯ୍ୟ ହେବା ଆଶା କ୍ଷୀଣ ବୋଲି କହିଛନ୍ତି ଜିଲା କୃଷି ଉପନିର୍ଦ୍ଦେଶକ ଏସ୍. ଚନ୍ଦ୍ରଶେଖର ରାଓ।

ଅନ୍ୟପକ୍ଷରେ ହୀରାକୁଦ ଡ୍ୟାମରୁ ପାଣି ଛଡ଼ାଯିବା ପରେ ଭାର୍ଗବୀ, ଦୟା ଏବଂ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଛି। ନଦୀର ଉଦ୍‌ବୃତ୍ତ ଜଳ ଚାଷ ଜମିରେ ମାଡ଼ିଛି। ତେଣୁ ଆହୁରି କିଛି ଚାଷ ଜମି ଜଳମଗ୍ନ ହେବାର ମଧ ଆଶଙ୍କା ଦେଖାଦେଇଛି। ଲଗାଣ ବର୍ଷା ଯୋଗୁ ଜିଲାରେ ଚାଷ କାର୍ଯ୍ୟ ପଛେଇଛି। ଚାଷୀ ପକାଇଥିବା ତଳି ଅଧିକାଂଶ ଅଞ୍ଚଳରେ ନଷ୍ଟ ହୋଇଯାଇଛି। କେତେକ ଅଞ୍ଚଳରେ ବୁଣାଧାନ ବି ନଷ୍ଟ ହୋଇଛି। ଜିଲା କୃଷି ବିଭାଗର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଖରିଫ ଋତୁରେ ୧ଲକ୍ଷ ୩୯ହଜାର ୧୫୨ହେକ୍ଟର ଜମିରେ ଧାନ ଚାଷ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବର୍ତ୍ତମାନ ସୁଦ୍ଧା ୯୮ହଜାର ୭୦୪ ହେକ୍ଟର ଜମି ଧାନ ରୁଆ ଓ ବୁଣା ଶେଷ ହୋଇଛି। ସେହିପରି ଅଣଧାନ ଫସଲ ୧୫ହଜାର ୭୩ ହେକ୍ଟର ଜମି କରିବା ଲାଗି ଟାର୍ଗେଟ ରହିଥିବାବେଳେ ୧୧,୫୭୩ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ ହୋଇଥିବା କୃଷିବିଭାଗ କହୁଛି।

ଜିଲାରେ ରାସାୟନିକ ସାର ଯୋଗାଣ ଧିମା ରହିଛି। ଜିଲାକୁ ୨୦ହଜାର ୮୭୦ ମେଟ୍ରିକଟନ୍ ସାର ଆବଶ୍ୟକ ରହିଥିବାବେଳେ ବର୍ତ୍ତମାନ ମାତ୍ର ୮୨୦୫ ମେଟ୍ରିକ ଟନ ଆସିଛି। ପ୍ରଥମ ଥର ଲାଗି ଜିଲାରେ ପିଓଏସ୍ ମେଶିନ ଜରିଆରେ ସାର ବିକ୍ରି ହେଉଛି। ଅପରପକ୍ଷରେ ଦୟା ଓ ଭାର୍ଗବୀର ଜଳସ୍ତର ବଢିଥିବାରୁ ଏହାର ପ୍ରଭାବରେ କେତେ ଚାଷ ଜମି ଜଳମଗ୍ନ ହେଉଛି ତାହାର ରିପୋର୍ଟ ଦେବାକୁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କୃଷି ଉପ ନିର୍ଦ୍ଦେଶକ କହିଛନ୍ତି।

# ଶ୍ରୀମନ୍ଦିରରେ ଦର୍ଶନ ଶୃଙ୍ଖଳା ବ୍ୟବସ୍ଥା: ହୋଇପାରେ ୪ ଧାଡ଼ି

**ପୁରୀ ଅଫିସ,୨।୯**

ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ଲାଗି ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଧାଡ଼ି ଦର୍ଶନ ବ୍ୟବସ୍ଥା। କେବେଠାରୁ ଏହା ଆରମ୍ଭ ହେବ ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ସବୁଦିନିଆ ହେବାକୁ ଥିବା ଏହି ଧାଡ଼ି ବ୍ୟବସ୍ଥାକୁ ନେଇ ଏବେ ନାନା ପ୍ରକାର ଆଲୋଚନା ଚାଲିଛି। ପ୍ରତ୍ୟହ ପ୍ରାୟ ୪ଟି ଧାଡ଼ି କରାଯିବା ଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ୩ ଜଣିଆ କମିଟି ଆଇନ ବିଭାଗକୁ ଦେଇଥିବା ରିପୋର୍ଟରେ ଉଲ୍ଲେଖ କରିଥିବା ଚର୍ଚ୍ଚା ହେଉଛି। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଧାଡ଼ି ବ୍ୟବସ୍ଥା ହେବ। ଏଥିରେ ୪ଟି ଧାଡ଼ି ରହିବ। ଗୋଟିଏ ଧାଡ଼ି ଟିକେଟଧାରୀଙ୍କ ପାଇଁ ହେବ। ଗୋଟିଏ ମହିଳାଙ୍କ ପାଇଁ, ଗୋଟିଏ ଦିବ୍ୟାଙ୍ଗ ଏବଂ ବୟସ୍କ ଭକ୍ତଙ୍କ ଲାଗି ଏବଂ ଅନ୍ୟଟି ସାଧାରଣ ଭକ୍ତଙ୍କ ପାଇଁ ହେବ। ଭକ୍ତ ଶ୍ରୀମନ୍ଦିରକୁ ପ୍ରବେଶ କରିବା ଏବଂ ବାହାରିବା ବେଳେ କୌଣସି ପଣ୍ଡା ସେମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବେ ନାହିଁ। ଦାନ, ଦକ୍ଷିଣା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ସିଂହଦ୍ୱାର ଥାନା ପାଖରୁ ଭକ୍ତଙ୍କ ପାଇଁ ବ୍ୟାରିକେଡ ବ୍ୟବସ୍ଥା କରାଯିବ। ସେଠାରେ ଶ୍ରଦ୍ଧାଳୁଙ୍କୁ ଯାଞ୍ଚ ବ୍ୟବସ୍ଥା ହେବ। ୪ଟି ଧାଡ଼ି ବ୍ୟବସ୍ଥା ମନ୍ଦିର ପରିସରରେ ହେବ। ଏମିତି କିଛି ପ୍ରସ୍ତାବ ରଖି ତିନିଜଣିଆ କମିଟି ଆଇନ ବିଭାଗକୁ ରିପୋର୍ଟ ଦେଇଥିବା ଆଲୋଚନା ହେଉଛି। ସୂଚନାଥାଉ କି, ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୫ ତାରିଖରେ ହେବ। ଏହା ପୂର୍ବରୁ ଆଇନ ବିଭାଗ ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦାଖଲ କରିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ ଖୁଦ ପାଆ**
**ନୋଟା ନେଇ ଗାଧୋଇ ଯାଆ ।**

ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜକୁ ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ଦରିଦ୍ର ବ୍ୟକ୍ତିର ବୃଥା ଆଡମ୍ବର ଶୋଭାପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘଡ଼ିରୁ ତେଲ ନ ସରୁ**
**ପୁଅ ମୁଣ୍ଡ ନୁଖୁରା ନ ରହୁ ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ସେଥିରେ ତେଲ ଲଗାଯାଇଥାଏ। ତେବେ ତେଲ ସରିଯିବା ଭୟରେ ଚୁଟିରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ଗୋଟିଏ ପଟେ କେଶ ବା ଚୁଟି ନୁଖୁରା ନ ହୋଇଯିବା ଚିନ୍ତା ଓ ଅନ୍ୟପଟେ ଅର୍ଥ ଖର୍ଚ୍ଚର ଭୟ। ବ୍ୟକ୍ତିର ଏପରି ସଞ୍ଚୟ ମନୋବୃତ୍ତି ତଥା ଅତି କୃପଣତାର ଲକ୍ଷଣକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଟ୍ୟାଲେଣ୍ଟ ଫେଷ୍ଟ ଉଦ୍‌ଯାପିତ
# ସମ୍ମାନିତ ହେଲେ କୃତୀ କଳାକାର



କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

**ପୁରୀ ଅଫିସ,୨।୯**

ନାଚ୍ ବଲିୟେ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଟାଉନ୍‌ହଲ୍‌ରେ ଅନୁଷ୍ଠିତ ଦୁଇଦିନିଆ ଟ୍ୟାଲେଣ୍ଟ ଫେଷ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ, କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ରାମକୃଷ୍ଣ ଦାସମହାପାତ୍ର, ସେବାୟତ ଭଗବାନ ମହାସୁଆର, ଆୟୋଜକ ଅନୁଷ୍ଠାନର ସଭାପତି ନାରାୟଣ ଖୁଣ୍ଟିଆ, ସମ୍ପାଦକ ସୂର୍ଯ୍ୟ ଦାସ, ନାରୀନେତ୍ରୀ ପୁଷ୍ପାଞ୍ଜଳି ରଣା, ଆଇନଜୀବୀ କାମାକ୍ଷାପ୍ରସାଦ ମହାପାତ୍ର, ରବିନାରାୟଣ ପଣ୍ଡା, ଅଜୟ ସ୍ୱାଇଁ, ରଜନୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ କୃତୀ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିନେ କଳାକାର ଅମ୍ଳାନ ଦାସ, ଇଲୁ ବାନାର୍ଜୀ, ରବି ମିଶ୍ର, ଦିଲୀପ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ହୋଇଥିଲେ। ଏହି ଅବସରରେ କୃଷ୍ଣମଣି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**B.Ed** M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

ADMISSION OPEN 2018-20
**B.Ed.**
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar 8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
GNM ANM OT. Tech DMLT ICU X-RAY
ଯୋଗ୍ୟତା ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL HOSPITAL PRATICAL PLACEMENT FACILITY AVAILABLE
KIMS, KHANDAGIRI, BBSR
7894487511

+2 ବିଜ୍ଞାନ ପରେ ପଢ଼ନ୍ତୁ
ପାରାମେଡ଼ିକାଲ କୋର୍ସ
ବ୍ୟାଚେଲର ଇନ୍ ପ୍ରୋସ୍ଥେଟିକ୍ସ ଆଣ୍ଡ ଅର୍ଥୋଟିକ୍ସ
(ଟି.ଏନ୍.ଏମ୍.ଜି.ଆର୍. ମେଡ଼ିକାଲ ୟୁନିଭର୍ସିଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ, ଚେନ୍ନାଇ)
ଆଡ୍‌ମିଶନର ଶେଷ ତାରିଖ ୧୭ ସେପ୍ଟେମ୍ବର
ଫୋନ୍- 8695540011
www.iipoinstitute.in

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473 7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨୦% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638 9667693639

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501 7787907927
pmjansamridhi@gmail.com

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

SUHANA FINANCE
ଭାରତ ସରକାର ରେଜିଷ୍ଟଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
7325861595 7325861352

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପକୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603 7064382081

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ।
CALL NOW: 08570958738 08570958378

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691 07750048332
moneywizz27@gmail.com

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639 8018022748

9911436726, 9540938429

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ଟ୍ୱିନଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ Mahinder Finance ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ। (କାମ ଆମର ବିଶ୍ୱାସ ଆପଣଙ୍କର)
9911250162 9953846186

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି 20 ବର୍ଷରେ ଫେରସ୍ତ
8750418810 9355438810

ସୁବର୍ଣ୍ଣ ସୁଯୋଗ
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949 8117848500

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜନ୍ମାଷ୍ଟମୀ ପାଳିତ

ବ୍ରହ୍ମପୁର ଅଫିସ,୨୧୯: ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଗୋକୁଳଧାମରେ ପ୍ରଥମଥର ପାଇଁ ଜନ୍ମାଷ୍ଟମୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ଠାକୁରଙ୍କ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥିଲା । ପରେ ଶୃଙ୍ଗାର ଆଳତି, କଳସ ଓ ଅଖଣ୍ଡଦୀପ ସ୍ଥାପନ, ମଧ୍ୟାହ୍ନ ଧୂପ ଲାଗି କରାଯାଇଥିଲା । ସନ୍ଧ୍ୟା ଆଳତି ପରେ ରାତ୍ରରେ ଠାକୁରଙ୍କ ଜନ୍ମାଭିଷେକ କରାଯାଇଥିଲା । ଏହି ଉତ୍ସବ ଦେଖିବାକୁ ମନ୍ଦିର ପରିସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଅନ୍ୟପକ୍ଷରେ ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସହରରେ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ଭଜନ, ଏକକ ନୃତ୍ୟ ଓ ଦଳଗତ ନୃତ୍ୟ ଛଦ୍ମବେଶ ପ୍ରଭୃତି ପ୍ରତିଯୋଗିତା ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ଅନୁଷ୍ଠିତ ହୋଇଥିଲା ।

ଏଥିରେ ଶ୍ରୀକାନ୍ତ କିଶୋର ବାରିକ, ପ୍ରଭାତ ପଟ୍ଟନାୟକ, ହିନମଣି ବେହେରା, ଗୀତାଞ୍ଜଳୀ ପଣ୍ଡା, ପ୍ରକାଶ ଚନ୍ଦ୍ର ଶତପଥି ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। କେଦାର ଚୌଧୁରୀ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଜନ୍ମାଷ୍ଟମୀ ଉତ୍ସବ ଅବସରରେ ଶ୍ରୀକୃଷ୍ଣଙ୍କ କଥାମୃତ ସମ୍ପର୍କିତ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ । ସ୍ଥାନୀୟ ଉତ୍କଳ ଆଶ୍ରମ ରୋଡସ୍ଥିତ ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ସାଧୁ ସମାଜର ସଭାପତି ମନ୍ଦି ଯୁଗଳ କିଶୋର ପଣ୍ଡା, ଜୟରାମ ମହାରଣା, ରାମଚନ୍ଦ୍ର ବେହେରା, ବିଜୟ କୁମାର ରାଉତ ଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଶିକ୍ଷକ ସୁରଜିତ କୁମାର ରାଉଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଅନୀତା ଚୌଧୁରୀ ଅତିଥି ପରିଚୟ ଦେଇଥିଲେ । ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ ।

### ନାରାୟଣ ସାହୁଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର

ବ୍ରହ୍ମପୁର ଅଫିସ୍,୨୧୯: ଜାତୀୟ କ୍ରୀଡ଼ା ଦିବସ ଅବସରରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ଭାରୋତ୍ତୋଳନ ସଂଘ ସାଧାରଣ ସମ୍ପାଦକ ତଥା ଆନ୍ତର୍ଜାତୀୟ ରେଫରି ନାରାୟଣ ସାହୁଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ଦିବସରେ ଓଡ଼ିଶାର ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥିବା ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ । ତାଙ୍କୁ ଜିଲା ଭାରୋତ୍ତୋଳନ ସଂଘ ସଭାପତି ତଥା ରାଜ୍ୟ ଉପସଭାପତି କୁମୁଦ ଚନ୍ଦ୍ର ସାହୁ, ସଂଘ ଉପଦେଷ୍ଟା ରବି ରଥ, ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ, ଜିଲା କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ଦାଶ, ଭାରୋତ୍ତୋଳକ ଉଦୟନାଥ ସେଠୀଙ୍କ ସମେତ ବହୁ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି ।

■ ଟ୍ରେନ୍‌ରେ କଟିଗଲା ଛାତ୍ରଙ୍କ ଗୋଡ଼

# କ୍ଷଣିକରେ ଉଜୁଡ଼ିଗଲା ଡାକ୍ତରୀ ସ୍ୱପ୍ନ

ବ୍ରହ୍ମପୁର ଅଫିସ,୨୧୯

ସେ ପଢ଼ିବାକୁ ଚାହୁଁଥିଲେ, ଡାକ୍ତର ହେବାକୁ ସ୍ୱପ୍ନ ଦେଖିଥିଲେ । ୫ଭଉଣୀ ଭାଇ ଏବଂ ମା' ବାପାଙ୍କୁ ସାହାରା ହେବାକୁ ଲକ୍ଷ୍ୟ ରଖିଥିଲେ । ଘର ବୋଝ ଉଠାଇବାକୁ ଅକ୍ଳାନ୍ତ ପରିଶ୍ରମ କରୁଥିଲେ । କିନ୍ତୁ କ୍ଷଣକ ଭିତରେ ଉଜୁଡ଼ିଗଲା ସବୁ ସ୍ୱପ୍ନ। ଟ୍ରେନ୍ ଚକା ତଳେ କଟିଗଲା ଗୋଟିଏ ଗୋଡ଼। ଆଉ ଗୋଟିଏ ଗୋଡ଼ କାଟିବାକୁ ଡାକ୍ତର କହିଛନ୍ତି । ବଢ଼ିଲା ପୁଅର ଏହି ଦୁର୍ଘଟଣା ଯେମିତି ପୂରା ପରିବାରକୁ ଚିନ୍ତାଗ୍ରସ୍ତ କରି ପକାଇଛି । ପାଖରେ ଟଙ୍କା ନାହିଁ, ବାପ ମା' କରିବେ କ'ଣ । ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି ମା ବାପା । ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ର ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଥିବା ସନ୍ତୋଷ ସବର ଏବଂ ତାଙ୍କ ପରିବାରର ଏହି ଅସହାୟତା ଯିଏ ଦେଖୁଛି, କରୁଣ କାହାଣୀ ଯିଏ ଶୁଣୁଛି, ତା' ଆଖି ମଧ୍ୟ ଓଦା ହୋଇଯାଉଛି ।

ରାୟଗଡ଼ା ଜିଲା ଗୁଣୁପୁର ବ୍ଲକ ଅନଜରସିଂ ଗ୍ରାମର ସୁବାସ ଶବର ଏବଂ ଚାନ୍ଦିନୀ ସବରଙ୍କ ୨ପୁଅ ଏବଂ ୪ଝିଅ । ସୁବାସ ଜଣେ ଚାଷୀ । କିନ୍ତୁ ପୁଅ ଝିଅଙ୍କୁ ପାଠ ପଢ଼ାଇ ବଡ଼ ମଣିଷ ଭାବେ ଗଢ଼ିବାକୁ ଆପ୍ରାଣ ଚେଷ୍ଟା କରୁଥିଲେ। ବଡ଼ପୁଅ ସନ୍ତୋଷ ଗଜପତି ଜିଲା କାଶୀନଗରର ଶ୍ରୀରାମ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର । ଭବିଷ୍ୟତରେ ଡାକ୍ତର ହେବାକୁ ସ୍ୱପ୍ନ ଦେଖିଥିବା ସନ୍ତୋଷ ବିଜ୍ଞାନ ପଢୁଥିଲେ। କାଶୀନଗରରେ ରହିବାକୁ ସୁବିଧା ନ ଥିବାରୁ ଗୁଣୁପୁରରେ ଏକ ଘର ଭଡ଼ା ନେଇ ରହୁଥିଲେ । ତାଙ୍କ ସହ ଅନ୍ୟ ଭାଇ ଭଉଣୀମାନେ ମଧ୍ୟ ରହୁଥିଲେ। ଶନିବାର ରାତିରେ ଗୁଣୁପୁର-ପୁରୀ ଟ୍ରେନ୍‌ରେ କାଶୀନଗରରେ ଥିବା ଜଣେ ସାଙ୍ଗ ପାଖକୁ ଆସୁଥିଲେ। ରାତି ପ୍ରାୟ ସାଢ଼େ ୯ଟା ବେଳେ ଟ୍ରେନ୍ କାଶୀନଗର ଷ୍ଟେସନରେ ପହଞ୍ଚିଥିଲା । ଟ୍ରେନ୍ ଧୀରେ ଧୀରେ ଆଗକୁ ବଢୁଥିଲା। ଓହ୍ଲାଇବା ପାଇଁ ସନ୍ତୋଷ କବାଟ ପାଖରେ ଠିଆ ହୋଇଥିଲେ । ଠିକ୍ ଏତିକି ବେଳେ କେହି ତାଙ୍କୁ ପଛରୁ ଠେଲି ଦେଇଥିଲେ । ଚକା ତଳେ ପଡ଼ିଯାଇଥିଲେ ଶବର। ଟ୍ରେନ୍ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା । ଗୁରୁତର ଅବସ୍ଥାରେ ରେଲୱେ ପୋଲିସ ତାଙ୍କୁ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌କୁ ଅଣାଯାଇଥିଲା। ରବିବାର ସନ୍ତୋଷଙ୍କ ବାମ ଗୋଡ଼ କଟିଯାଇଛି। ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି । ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି ଡାହାଣ ଗୋଡ଼ ମଧ୍ୟ କାଟିବାକୁ ପଡ଼ିବ ।

### ଚିକିତ୍ସା ପାଇଁ ଅର୍ଥାଭାବ, ଚିନ୍ତାରେ ପରିବାର



ମେଡ଼ିକାଲ୍ ବେଡ୍‌ରେ ସନ୍ତୋଷ ଶବର ।

ଖବର ପାଇ ମା' ଚାନ୍ଦିନୀ ଏବଂ ବାପା ସୁବାସଙ୍କ ସମେତ ପରିବାର ବର୍ଗ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ରେ ପହଞ୍ଚିଥିଲେ । ସନ୍ତୋଷଙ୍କ ଚିକିତ୍ସା ପାଇଁ ଅଧିକ ଟଙ୍କା ଦରକାର। ବାପା ସୁବାସ ଚାଷ କରି ପରିବାର ଚଳାଉଥିବାରୁ ପାଖରେ ଟଙ୍କା ନାହିଁ । କୌଣସି ସୂତ୍ରରୁ ଖବର ପାଇ ପୂର୍ବତନ ଛାତ୍ରନେତା ସୁଶାନ୍ତ ସାମଲ ପହଞ୍ଚି ରବିବାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବଳକା ଯେଉଁ ସମୟରେ ଯାହା ସାହାଯ୍ୟ ଦରକାର, ଜଣାଇବାକୁ କହିଛନ୍ତି ।

ବାପା ସୁବାସଙ୍କ କହିବାନୁଯାୟୀ, ସନ୍ତୋଷ ଡାକ୍ତର ହେବା ସ୍ୱପ୍ନ ଦେଖିଥିଲେ, ସେଥି ପାଇଁ କଠିନ ପରିଶ୍ରମ ମଧ କରୁଥିଲେ । ପୁଅର ସ୍ୱପ୍ନ ପୂରଣ ରାସ୍ତାରେ କେବେ କୌଣସି ଅସୁବିଧାକୁ ଠିଆ ହେବାକୁ ଦେଇନି। ଯେତେବେଳେ ଯାହା ଟଙ୍କା ଦରକାର ପଡ଼ିଛି, ଯୋଗାଡ଼ କରି ଦେଇଛି । ଧାର କରଜ କରିଛି । କିନ୍ତୁ ଏବେ ଦୁର୍ଘଟଣା ପୁଅର ଗୋଡ଼ କଟିଯିବା ପରେ ସବୁ ଦିଗ ଯେମିତି ଅନ୍ଧାର ଦେଖାଯାଉଛି । ଚିନ୍ତା କରିବାର ସବୁ ଶକ୍ତି ଯେମିତି ହରାଇଛି । ଚିକିତ୍ସା ପାଇଁ ଆବଶ୍ୟକ ଟଙ୍କା, ପାଖରେ ନାହିଁ । ସରକାର କିମ୍ବା ବେସରକାରୀ ସଂଗଠନଗୁଡ଼ିକ ସାହାଯ୍ୟ କଲେ, ପୁଅର ଚିକିତ୍ସା ହୋଇପାରିବ ବୋଲି ସୁବାସ କାନ୍ଦିକାନ୍ଦି କହିଛନ୍ତି ।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା, ୪ ଗିରଫ

ବ୍ରହ୍ମପୁର ଅଫିସ, ୨୧୯

ବ୍ରହ୍ମପୁର ସହର ଉପକଣ୍ଠ ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ପୋଲିସ ଉକ୍ତ ଗ୍ରାମର ୪ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଦକ୍ଷିଣପୁର ଗ୍ରାମର ହୃଷୀକେଶ ସାହୁ, ସାଗର ଗୌଡ, ରୁଦ୍ରପ୍ରତାପ ସ୍ୱାଇଁ ଏବଂ ଅଚ୍ୟୁତ କୁମାର ସ୍ୱାଇଁ । ଅଗଷ୍ଟ ୨୯ ତାରିଖ ଅପରାହ୍ନ ପ୍ରାୟ ୪ ଘଣ୍ଟ ୩୦ ମିନଟ୍‌ରେ ଅଭିଯୁକ୍ତମାନେ ସେହି ଗ୍ରାମର ସଞ୍ଜୟ ସାହୁ ନିଜ ଚାଷ ଜମିକୁ ଯାଉଥିବା ସମୟରେ ତାଙ୍କୁ ଅଟକାଇ ଯୁକ୍ତିତର୍କ କରିଥିଲେ । ପରେ ନିସ୍ତୁକ ମାଡ ମାରି କେଉଁଆଡେ ଚାଲିଯାଇଥିଲେ । ଆକ୍ରମଣରେ ସଞ୍ଜୟ ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ସଞ୍ଜୟଙ୍କ ବାପା ରାଜୁ ସଦରଥାନାରେ ଏତଲା ଦେଇଥିଲେ । ପୋଲିସ ନଂ. ୧୯୪/୧୮ରେ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଆଇଆଇସି ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି ।



ଜନ୍ମାଷ୍ଟମୀ ଅବସରରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଧାକୃଷ୍ଣ ବେଶଧାରୀ ।

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

ବ୍ରହ୍ମପୁର ଅଫିସ,୨୧୯

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଓ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ୬ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ଛାତ୍ରଙ୍କୁ ନେଇ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ବୃନ୍ଦାବନ ଦାଶ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାମୃତ ସମ୍ପର୍କରେ ଆଲୋଚନା କରିଥିଲେ । ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟରେ ମହେନ୍ଦ୍ର ରାଉତ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶ୍ରୀକୃଷ୍ଣଙ୍କ କଥାମୃତ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟରେ ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଏହି ପର୍ଯ୍ୟାୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ପ୍ରବଚକ ବାସୁଦେବ କୁଟୀର, ପୁରୀର ଛନ୍ଦାଚରଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଗୋରକ୍ଷା, ଧର୍ମରକ୍ଷା, ଗଙ୍ଗାମାତାଙ୍କ ସୁରକ୍ଷା, ନାରୀ ସୁରକ୍ଷା ଦିଗରେ ଶ୍ରୀକୃଷ୍ଣଙ୍କ ଗୁଣାବଳୀ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ଚତୁର୍ଥ ପର୍ଯ୍ୟାୟ ଉତ୍ସବରେ ନୀଳକଣ୍ଠ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଅଲୌକିକ କଥାମୃତ ବୁଝାଇଥିଲେ । ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ଶେଷ ପର୍ଯ୍ୟାୟରେ ବକ୍ତାମାନେ ଶ୍ରୀକୃଷ୍ଣଙ୍କ ଅବତାର ଗ୍ରହଣର ମୁଖ୍ୟ ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ ଶ୍ରୀକୃଷ୍ଣଙ୍କ ଦିବ୍ୟମାର୍ଗକୁ ଅନୁସରଣ କରିବାକୁ ଉପଦେଶ ଦେଇଥିଲେ । ସମସ୍ତ ପର୍ଯ୍ୟାୟରେ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ୍ ରାଓ, ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି, ପରିଚାଳନା ସମିତି ସଭାପତି ଡକ୍ଟର ଶ୍ରୀକାନ୍ତ ମହାପାତ୍ର, ସମ୍ପାଦକ ସୁଦର୍ଶନ ପାଢ଼ୀ, ସହସମ୍ପାଦିକା ଇଂ. ମମତା ପାଣିଗ୍ରାହୀ, ସଦସ୍ୟ ଭୀମ ସେଠୀ, ସଦସ୍ୟା ପ୍ରଣତୀ ସାମଲ, ଉପଦେଷ୍ଟା ଧର୍ମରାଜ ସାହୁ, ନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରିକୃଷ୍ଣ ପାଢ଼ୀ, ନରସିଂହ ଚୌଧୁରୀ, ରବୀନ୍ଦ୍ର ନାଥ ଜେନା ମଞ୍ଚାସୀନ ଥିଲେ । ଏହାପରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ବର୍ତ୍ତମାନର ସାମାଜିକ ପରିସ୍ଥିତିରେ ମା'ଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଶିଶୁଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ମା'ମାନେ ଯୋଗ ଦେଇଥିଲେ।

■ ସେବାନିବୃତ୍ତ କର୍ମଚାରୀ, ଶିକ୍ଷକ ବିକାଶ ମଞ୍ଚର ଦାବି

## ମାସିକ ହଜାରେ ଟଙ୍କା ଚିକିତ୍ସା ଭତ୍ତା ଦିଆଯାଉ

ବ୍ରହ୍ମପୁର ଅଫିସ,୨୧୯

ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଞ୍ଜାମ ଜିଲା ଶାଖାର ବୈଠକ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘଦିନର ନ୍ୟାଯ୍ୟ ଦାବି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ପ୍ରଦାନରେ ସରକାରଙ୍କ ଅଣଦେଖାକୁ ସମାଲୋଚନା କରାଯାଇଥିଲା। ମାସିକ ହଜାରେ ଟଙ୍କା ଲେଖାଏ ଚିକିତ୍ସା ଭତ୍ତା ଦେବାକୁ ମଞ୍ଚ ପୁନର୍ବାର ଦାବି କରିଛି । ତ୍ୱରିତ ଘୋଷଣା କରା ନ ଗଲେ ଏହାର ପ୍ରତିବାଦରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବାର ଚେତାବନୀ ଦିଆଯାଇଛି ।

ମଞ୍ଚ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା କହିଛନ୍ତି, କେନ୍ଦ୍ର ସମେତ ଦେଶର ୨୩ ରାଜ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ମିଳୁ ନ ଥିବାରୁ ଓଡ଼ିଶା ସରକାର ମଧ ଏହି ବ୍ୟବସ୍ଥା ପ୍ରଚଳନ କରନ୍ତୁ । ଫଳରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ପେନସନ ଭୋଗୀ ଉପକୃତ ହୋଇପାରିବେ । ମୃତ୍ୟୁକାଳୀନ ଅନୁଦାନ ମଧ ମଞ୍ଜୁର କରିବାକୁ ସେ ଦାବି କରିଛନ୍ତି ।

ଅପରପକ୍ଷରେ ସପ୍ତମ ବେତନ କମିଶନ ସୁପାରିସ ଦୁଇଟି ପେନସନ ଫର୍ମୁଲାରୁ ରାଜ୍ୟ ସରକାର ଗୋଟିଏ କାର୍ଯ୍ୟକାରୀ କରିଥିବାରୁ ମଞ୍ଚ ରାଜ୍ୟ ସମ୍ପାଦକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଫଳରେ ପେନସନ ଭୋଗୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବା ସେ ଅଭିଯୋଗ କରିଛନ୍ତି । ଉପରୋକ୍ତ ଦାବି ସମୂହ ନେଇ ଆସନ୍ତା ୨୫ରେ ଭୁବନେଶ୍ୱରରେ ବିଭିନ୍ନ ସଂଘର ମିଳିତ ବୈଠକ ଅନୁଷ୍ଠିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବାର ନିଷ୍ପତ୍ତି ନିଆଯାଇଛି ।

### ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଶିକ୍ଷକ ଅଟକ

ବ୍ରହ୍ମପୁର ଅଫିସ/କୁକୁଡାଖଣ୍ଡି, (ଡି.ଏନ.ଏ.),୨୧୯: ବ୍ରହ୍ମପୁର ସଦର ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି । ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ନଂ. ୧୯୫/୧୮ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି । ପୂର୍ବରୁ ଛାତ୍ରୀ ଜଣକ ସମ୍ପୃକ୍ତ ଶିକ୍ଷକଙ୍କ ନିକଟକୁ କୋଚିଂ ପାଇଁ ଯାଉଥିଲେ । ସେତେବେଳେ ତାଙ୍କୁ ଦୁର୍ବ୍ୟବହାର କରିବାରୁ ସେ କୋଚିଂ ବନ୍ଦକରି ଦେଇଥିଲେ । ଗତ ୩୧ତାରିଖରେ ସେ କଲେଜ ଯାଉଥିବା ସମୟରେ ଗାଁ ନିକଟସ୍ଥ କେନାଲ କଡରେ ଶିକ୍ଷକ ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ସମ୍ପୃକ୍ତ ଛାତ୍ରୀ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଏତଲା ଦିଆଯାଇଥିଲା ।

### ମାରୁତି ୱାକର୍ସ କ୍ଲବର ସ୍ୱାସ୍ଥ୍ୟ ସମ୍ପଦ କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର ଅଫିସ,୨୧୯

ସାମାଜିକ ସଂଗଠନ ମାରୁତି ୱାକର୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସମ୍ପଦ କର୍ମଶାଳା ରବିବାର ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଗାନ୍ଧୀନଗର ସିନିୟର ସିଟିଜେନ ପାର୍କ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ମହାବିଦ୍ୟାଳୟ ଇତିହାସ ବିଭାଗ ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ମଦନମୋହନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ଉନ୍ନତି ତଥା ଧର୍ମ, କର୍ମ ଅର୍ଜନ ନିମିତ୍ତ ସ୍ୱାସ୍ଥ୍ୟ ସମ୍ପଦର ଆବଶ୍ୟକତା ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ । କ୍ଲବ ସଭାପତି ହରିକୃଷ୍ଣ ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଏ. କେଶବ ରେଡ୍ଡୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ସଞ୍ଜୟ ସାହୁ, କୋଷାଧ୍ୟକ୍ଷ ଟି. ବଦ୍ରିନାରାୟଣ ସୁବୁଦ୍ଧି, ଉପସଭାପତି ଦେବ ଦୁର୍ଲଭ ସାହୁ, ଉପଦେଷ୍ଟା ରାଜ କିଶୋର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପଦେଷ୍ଟା ଡ. ଶଙ୍କର ମାଝି ଏହାକୁ ସଂଯୋଜନା କରିଥିଲେ ।

## ଶ୍ରେଷ୍ଠ ବିଧାୟକ ପୁରସ୍କାର ପରେ ବ୍ରହ୍ମପୁର ବିଧାୟକଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ୍,୨୧୯

ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ୨୦୧୬ ବର୍ଷ ପାଇଁ ପଣ୍ଡିତ ନୀଳକଣ୍ଠ ଦାସ ଶ୍ରେଷ୍ଠ ବିଧାୟକ ପୁରସ୍କାର ମିଳିଛି । ଗତ ୨୪ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ରବିବାର ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ, କ୍ରୀଡ଼ା, ଧାର୍ମିକ, ବ୍ୟବସାୟିକ ଏବଂ ଅନ୍ୟାନ୍ୟ ଶତାଧିକ ସଂଗଠନଗୁଡ଼ିକ ସମ୍ବର୍ଦ୍ଧନା ଦେଇଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଜୟନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ବେହେରା, ଚନ୍ଦ୍ରଶେଖର ସାହୁ, ବିକ୍ରମ ପଣ୍ଡା, ପିଏସ୍ଏନ୍. ପାତ୍ର, ଡେପୁଟି ମେୟର୍ ଜ୍ୟୋତ୍ସ୍ନା ନାୟକ, ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ବିଜେଡ଼ି ନେତା ଭଗବାନ ଗନ୍ତାୟତ, ଶରତ ପଟ୍ଟନାୟକ, ଗଞ୍ଜାମ ଓକିଲ ସଂଘ ସଭାପତି ମହୋନ ସିଙ୍ଗାରି, ସୁଶାନ୍ତ ସାବତ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ବର୍ଦ୍ଧନାର ପ୍ରତିଉତ୍ତରରେ ବିଧାୟକ ଚ୍ୟାଉପଟ୍ଟନାୟକ କହିଥିଲେ, ନିୟମିତ ବ୍ରହ୍ମପୁରର ସ୍ୱାର୍ଥ ପାଇଁ ଲଢ଼େଇ କରୁଥିବା ଯୋଗୁ ଶ୍ରେଷ୍ଠ ବିଧାୟକ ପୁରସ୍କାର ମିଳିଛି। କିନ୍ତୁ ସେ ଶ୍ରେଷ୍ଠ ନୁହନ୍ତି, ବରଂ ବ୍ରହ୍ମପୁରର ଜନତା ଶ୍ରେଷ୍ଠ । ଏ ସମ୍ମାନର ଅଧିକାରୀ ସେ ନୁହଁ, ବରଂ ବ୍ରହ୍ମପୁରର ଜନତା । ବାରମ୍ବାର ବ୍ରହ୍ମପୁର ଜନତା ତାଙ୍କୁ ଆଶୀର୍ବାଦ ଦେଇ ବିଧାନସଭାକୁ ପଠାଇଛନ୍ତି । ଜନତାଙ୍କ ଆଶୀର୍ବାଦ ହିଁ ତାଙ୍କର ଶକ୍ତି ବୋଲି ବିଧାୟକ ଡା.ଚ୍ୟାଉପଟ୍ଟନାୟକ ପ୍ରକାଶ କରିଥିଲେ । ଏହି ଅବସରରେ ଜିଲା ବିଜେଡ଼ି ସମେତ ଶତାଧିକ ସଂଗଠନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମହାନଗର ବିଜେଡ଼ି ସଭାପତି ବିଜୟ ଚନ୍ଦ୍ର ସାମଲ, ଡା. ଦିଲୀପ କୁମାର ପାତ୍ର, ଦୁର୍ଗା ପ୍ରସାଦ ପଣ୍ଡା, ଭିକ୍ଷାଚାର୍ଯ୍ୟ ଚୌଧୁରୀ, ମୁକୁନ୍ଦ ଗୌଡ଼, ଗଣେଶ ଚୌଧୁରୀ, ସୁରେଶ ଚନ୍ଦ୍ର ତ୍ରିପାଠୀ, ପ୍ରମୋଦ ମହାରଣା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଶିବ ସାହାଣୀ, ଜଗନ୍ନାଥ ସାବତ, ଟି. ଗୋପୀ ଓ ଏନ୍. ଧନଞ୍ଜୟ ରାଓ ପ୍ରମୁଖ ଉପସ୍ଥିତ ଥିଲେ।



ମହିଳା ବିଜେଡ଼ି ପକ୍ଷରୁ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

## ଡିଏମ୍ଏଲ୍‌ଟି, ଡିଏମ୍ଆର୍‌ଟି ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ବ୍ରହ୍ମପୁର ଅଫିସ, ୨୧୯

ବ୍ରହ୍ମପୁର ଏମ୍‌କେସିଜି(ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ) ମୁଖ୍ୟ ଫାଟକ ସମ୍ମୁଖରେ ଗତ ୪୫ ଦିନ ଧରି ଚାଲିଥିବା ଡିଏମ୍ଏଲଟି (ଡିପ୍ଲୋମା ଇନ୍ ମେଡିକାଲ୍ ଲାବୋରେଟୋରୀ ଟେକ୍ନୋଲୋଜି) ଏବଂ ଡିଏମ୍ଆରଟି (ଡିପ୍ଲୋମା ଇନ୍ ମେଡିକାଲ୍ ରେଡିଓଲୋଜି ଟେକ୍ନୋଲୋଜି) ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ରବିବାର ପ୍ରତ୍ୟାହୃତ ହୋଇଛି । ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟ ସରକାର କିମ୍ବା ଡିଏମ୍ଇଟି (ଡାଇରେକ୍ଟର ମେଡିକାଲ୍ ଏଜୁକେଶନ ଆଣ୍ଡ୍ ଟ୍ରେନିଂ) କର୍ତ୍ତୃପକ୍ଷ ଏ ନେଇ ପଦକ୍ଷେପ ଗ୍ରହଣ ନ କଲେ ବିଧାନ ସଭା ଘେରାଉ କରିବେ ବୋଲି ସଭାପତି ସୌମ୍ୟପ୍ରକାଶ ଷଡଙ୍ଗୀ ଓ ଉପସଭାପତି ଜଗଜିତ୍ ତ୍ରିପାଠୀ ରବିବାର ଧାରଣା ସ୍ଥଳରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ । ଗତ ଦେଢ ମାସ ଧରି ଛାତ୍ରୀଛାତ୍ର ୫ ଦଫା ଦାବି ନେଇ ଏମ୍‌କେସିଜି ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ




ଆନ୍ଦୋଳନ ପ୍ରତ୍ୟାହୃତ ପରେ ଖବରଦାତା ସମ୍ମିଳନୀ ।

ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଆନ୍ଦୋଳନକାରୀମାନେ ନିଜର ଦାବିପତ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଏବଂ ଡିଏମ୍ଇଟି ନିର୍ଦ୍ଦେଶକଙ୍କ ନିକଟକୁ ପ୍ରେରଣ କରିଥିଲେ । କିନ୍ତୁ କୌଣସି ପ୍ରକାର ସୁଫଳ ନ ମିଳିବାରୁ ଅସନ୍ତୋଷ ଦେଖାଦେଇଛି । ଶେଷରେ ଡିଏମ୍ଇଟି କର୍ତ୍ତୃପକ୍ଷ ଏବଂ ସରକାରଙ୍କ ଉପରେ ନିରାଶ ହୋଇ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯେପରି ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାହତ ନ ଘଟେ ସେଥିପାଇଁ ରବିବାରରୁ ଆନ୍ଦୋଳନରୁ ଓହରି ଯାଇଥିବା ସେମାନେ ଜଣାଇଛନ୍ତି । ପ୍ରକାଶଯେ, ବ୍ରହ୍ମପୁର, କଟକ ଏବଂ ବୁର୍ଲା ମେଡିକାଲ୍ କଲେଜରୁ ପ୍ରତେକ ବର୍ଷ ୩୩୦ ଛାତ୍ରୀଛାତ୍ର ଡିଏମ୍ଏଲଟି ଓ ଡିଏମ୍ଆରଟିରୁ ପାସ୍ କରୁଥିବା ବେଳେ ବିଭିନ୍ନ ବେସରକାରୀ କଲେଜରୁ ମଧ୍ୟ ଶତାଧିକ ଛାତ୍ରୀଛାତ୍ର ପାସ୍ କରୁଛନ୍ତି । ଏମ୍‌କେସିଜିରେ ପ୍ରତେକ ବର୍ଷ ଡିଏମ୍ଏଲଟିରେ ୮୦ ଏବଂ ଡିଏମ୍ଆରଟିରେ ୩୦ ଜଣ ସମୁଦାୟ ୧୧୦ ଜଣ ନାମ ଲେଖାଉଛନ୍ତି । ୨୦୧୩ ମସିହା ପୂର୍ବରୁ ଏମ୍‌କେସିଜିରେ ଡିଏମ୍ଏଲଟିରେ ୪୦ ଏବଂ ଡିଏମ୍ଆରଟିରେ ୨୦ ସିଟ୍ ପାଇଁ ଏଆଇସିଟିଇ ପକ୍ଷରୁ ଅନୁମୋଦନ କରାଯାଇଥିବା ବେଳେ ୨୦୧୩ରୁ ରାଜ୍ୟର କୌଣସି ହେଲେ ସରକାରୀ କିମ୍ବା ବେସରକାରୀ ମେଡିକାଲ କଲେଜରେ ଡିଏମ୍ଏଲଟି ଓ ଡିଏମ୍ଆରଟି ପାଇଁ ଏଆଇସିଟିଇ ପକ୍ଷରୁ ଅନୁମୋଦନ ହୋଇ ନ ଥିବା ସୂଚନା ଅଧିକର ନିୟମ ବଳରେ ପ୍ରାପ୍ତ ସୂଚନାରୁ ଜଣାପଡିଛି । ଯାହା ଯୋଗୁ ଗତ ୫ ବର୍ଷ ହେଲା ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର କେନ୍ଦ୍ର ସରକାରଙ୍କ ଟେକ୍ନିକାଲ୍ ପୋଷ୍ଟ ପାଇଁ ଆବେଦନ କରିବାରୁ ବଞ୍ଚିତ ହେଉଥିବାରୁ ବିଭିନ୍ନ ପ୍ରକାର ୫ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ ଛାତ୍ରୀଛାତ୍ର। ଅନ୍ୟମାନଙ୍କ ମଧ୍ୟରେ ସବ୍ୟସାଚୀ ଘୋଷ ଓ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ୧୫ଫୁଟର ଅଜଗର ଉଦ୍ଧାର



**ଖୋର୍ଦ୍ଧା ଅଫିସ,୨।୯:** ଖୋର୍ଦ୍ଧା ତହସିଲ ଜୟମଙ୍ଗଳ ମଠବାରି ନିକଟସ୍ଥ କାଜୁ ଜଙ୍ଗଲରୁ ଏକ ୧୫ ଫୁଟର ଅଜଗର ସାପ ରବିବାର ଉଦ୍ଧାର ହୋଇଛି। ଜୟମଙ୍ଗଳ ଗାଁର ବିରେନ୍ଦ୍ର ଜେନା ସ୍ଥାନୀୟ କାଜୁ ଜଙ୍ଗଲକୁ ଯାଇଥିଲେ। ଦେଖିଲେ ଏକ ଅଜଗର ସାପ ବରଗଛରେ ଯାଉଛି। ସାପକୁ ଦେଖି ସେ ଚିତ୍କାର କରିବା ପରେ ଗାଁଲୋକ ରୁଣ୍ଡ ହୋଇ ସାପକୁ ଧରିବାକୁ ଉଦ୍ୟମ କରିଥିଲେ। ଯାଁଳାର ସ୍ନେକ ହେଲପଲାଇନର ଜଣେ ସଦସ୍ୟ ସାପକୁ ଧରିଥିଲେ। ପରେ ସାପକୁ ଗାଁଲୋକ ଗାଁ ପରିକ୍ରମା କରାଇ ଜଙ୍ଗଲ ମଧ୍ୟରେ ନେଇ ଛାଡି ଦେଇଥିଲେ।

### ଦେଢ଼ଶାଶୁଙ୍କୁ ମାଡ଼ ଅଭିଯୋଗ: ଜଣେ ଗିରଫ

**ବୋଲଗଡ଼,୨।୯(ଡି.ଏନ.ଏ.):** ଦେଢ଼ଶାଶୁଙ୍କୁ ମାଡ଼ ମାରିବା ଅଭିଯୋଗରେ ବୋଲଗଡ଼ ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ଦଳେଇସାହି ପଞ୍ଚାୟତସ୍ଥ ଗିରିଶ ପ୍ରସାଦ ଗ୍ରାମର ସୁରେଶ ପ୍ରଧାନ (୩୧)। ପୋଲିସ ତଥ୍ୟରୁ ପ୍ରକାଶ, ସୁରେଶ ତାଙ୍କ ସ୍ତ୍ରୀଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଥିବାରୁ ସେ ତାଙ୍କ ବଡ ଭଉଣୀ କଳାଙ୍ଗ ଗ୍ରାମର ମିନତି ସ୍ୱାଇଁଙ୍କ ଘରେ ରହୁଥିଲେ । ଏ ଘଟଣାରେ ସୁରେଶ ରାଗିଯାଇ ମିନତିଙ୍କ ଘରେ ପହଞ୍ଚି ତାଙ୍କୁ ମାଡ଼ ମାରିଥିଲେ । ମିନତି ବୋଲଗଡ ଥାନାରେ ଏ ନେଇ ଅଭିଯୋଗ କରିବା ପରେ କେସ୍ ନଂ. ୭୮/୧୮ରେ ଏକ ମାମଲା ରୁଜୁ ହୋଇଛି।

### ପ୍ରତିଷ୍ଠା, ବଳିଦାନ ଦିବସ

**ଖୋର୍ଦ୍ଧା ଅଫିସ,୨।୯:** ବିଶ୍ୱହିନ୍ଦୁ ପରିଷଦର ଖୋର୍ଦ୍ଧା ଜିଲା ପକ୍ଷରୁ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ରବିବାର ପାଳନ ହୋଇଯାଇଛି। ଜିଲା ସଭାପତି ଯଦୁନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ପୂର୍ବପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଆନନ୍ଦ ପାଣ୍ଡିଆ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର ଅନ୍ୟତମ ବକ୍ତାରୂପେ ଯୋଗ ଦେଇଥିଲେ। ଖୋର୍ଦ୍ଧା ଜିଲା ସମ୍ପାଦକ ବିଭୁଦେନ୍ଦ୍ର ବିଦ୍ୟାଧର ମଞ୍ଚ ପରିଚାଳନା, ମିହିର କୁମାର ବିଧାର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସାରୁଅଁ ଗାଁର ସତ୍ୟ ନାରାୟଣ ପାଣିଗ୍ରାହୀ ଓ ପାତ୍ରପଡାର ମୃତ୍ୟୁଞ୍ଜୟ ପାଟଶାଣୀଙ୍କୁ ବ୍ରଜନାଥ ଶତପଥୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଜୟ ପ୍ରକାଶ ମହାପାତ୍ର, ନରେନ୍ଦ୍ର ସାହୁ, ମନୋଜ କୁମାର ଭୂୟାଁ, ଅଭିମନ୍ୟୁ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଜାମୁସାହି ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

**ଭାପୁର,୨।୯(ଡି.ଏନ୍.ଏ.):** ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ଜାମୁସାହିସ୍ଥିତ ଆଞ୍ଚଳିକ ଚାରୁଦେବୀ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଏଥିରେ ମୋଟ ୨୪ଟି ବିଜ୍ଞାନ ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ୯ମ ଶ୍ରେଣୀ ଛାତ୍ର ରଞ୍ଜିତ କୁମାର ସାହୁଙ୍କ ଆଦର୍ଶ ଗ୍ରାମ ଓ ଜୈବ ପ୍ରଯୁକ୍ତି ବିଜ୍ଞାନ ପ୍ରକଳ୍ପ ପ୍ରଥମ, ୧୦ମ ଶ୍ରେଣୀ ଛାତ୍ର ସୁଦୀପ୍ତ କୁମାର ଜେନାଙ୍କ ବର୍ଯ୍ୟବସ୍ତୁର ସୁବିନିଯୋଗ ପ୍ରକଳ୍ପ ଦ୍ୱିତୀୟ ଓ ୧୦ମ ଶ୍ରେଣୀ ଛାତ୍ର ମାନସ ବରାଡଙ୍କ ସୌର ତାପକ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ବିଜ୍ଞାନ ମେଳାକୁ ଉନ୍ନୀତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ଦାଶ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ବିପିନ ବିହାରୀ ନାୟକ ପରିଚାଳନା କରିଥିଲେ। ବଡ଼ସହରା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଶ୍ରୀକାନ୍ତ କୁମାର ଦାଶ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ପ୍ରକଳ୍ପ ଚିହ୍ନଟ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ବିଜୟ କୁମାର ଚୌଧୁରୀ।



# ଯୋଜନାର ହୋଇପାରୁନି ସଫଳ ରୂପାୟନ

**ନୂଆଗାଁ,୨।୯(ଡି.ଏନ.ଏ)**

**ନୂଆଗାଁ ବ୍ଲକ**
- ପ୍ରଶାସନିକ ଉଦାସୀନତା
- ପରସ୍ପର ଉପରେ ଦୋଷ ଲଦୁଛନ୍ତି ଅଧିକାରୀ

ସରକାର ବିଭିନ୍ନ ଜନହିତକର ଯୋଜନା ନିମନ୍ତେ ଅନୁଦାନମୂଳକ ଅର୍ଥରାଶି ଯୋଗାଇଦେଉଛନ୍ତି। ତେବେ ସମ୍ପ୍ରତି ଗାଁଠାରୁ ସହର ଯାଏ ଅନେକ କ୍ଷେତ୍ରରେ ପ୍ରଶାସନିକ ଉଦାସୀନତା ଓ ଅଧିକାରୀମାନଙ୍କ ଅବହେଳା ଯୋଗୁ ଯୋଜନାଗୁଡ଼ିକର ସଫଳ ରୂପାୟନ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ । ସର୍ଭେ ରିପୋର୍ଟ ଅନୁସାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ନୟାଗଡ଼ ଜିଲା ସାରା ଓଡିଶାରେ ଆଗରେ ରହିଛି। ଜିଲାରେ ଭାପୁର ବ୍ଲକ ପ୍ରଥମ ସ୍ଥାନ ଓ ନୂଆଗାଁ ବ୍ଲକ ଶେଷ ସ୍ଥାନରେ ଅଛି। ନୂଆଗାଁ ବ୍ଲକରେ ଅନ୍ୟ ବ୍ଲକ ତୁଳନାରେ ଅଧିକ ସଂଖ୍ୟକ ଯନ୍ତ୍ରୀ ଥିଲେ ମଧ୍ୟ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ ନ ହେବା ଯୋଗୁ ଏହି ବ୍ଲକ ଆଜି ପଛୁଆ ହୋଇ ରହିଛି। ନୂଆଗାଁଠାରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ କଷ୍ଟି ଡାକୁଆଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶହୀଦ ସ୍ମାରକୀ ଗୃହ ନିର୍ମାଣ ପାଇଁ ଅଞ୍ଚଳବାସୀ



ନୂଆଗାଁ ବ୍ଲକ କାର୍ଯ୍ୟାଳୟ।

ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ତେଣୁ ଏଠାରେ ଶହୀଦ କଷ୍ଟି ଡାକୁଆ ଶହୀଦ ଭବନ ନିର୍ମାଣ କରିବା ପାଇଁ ୨୦୧୬-୧୭ ମସିହାରେ ବିଧାୟକଙ୍କ ପାଣ୍ଠିରୁ ଏଆଇପି ଯୋଜନାରେ ୫ ଲକ୍ଷ ଅନୁଦାନ ଦିଆଯାଇଛି। ଏହାର କାର୍ଯ୍ୟାଦେଶ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ରହିଛି । କିନ୍ତୁ ଇତିମଧ୍ୟରେ ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହାର ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ । ଏ ବିଷୟରେ ବାରମ୍ବାର ଦାବି ହେଉଥିଲେ ମଧ୍ୟ ବ୍ଲକ ପ୍ରଶାସନ ଗୁରୁତ୍ୱ ନ ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ପାନୀୟଜଳ ସଙ୍କଟ ଦୂର କରିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ମାଧ୍ୟମରେ ୬୦ ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଉଛି। ତେବେ ନୂଆଗାଁ ବ୍ଲକବାସୀ ସେଥିରୁ ମଧ୍ୟ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ ଏ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ନିର୍ଦ୍ଦିଷ୍ଟ ସମୟରେ ଅନେକ ଯୋଜନାଭୁକ୍ତ କାର୍ଯ୍ୟ ଶେଷ ହେଉଥିଲେ ମଧ୍ୟ ଠିକାଦାରଙ୍କୁ ଠିକ୍ ସମୟରେ ବିଲ୍ ପ୍ରଦାନ କରାଯାଉନାହିଁ। ଏଠାରେ ଅଙ୍ଗନବାଡ଼ି କେନ୍ଦ୍ରର ଶ୍ରେଣୀଗୃହ ଅଭାବ ଯୋଗୁ ଶିଶୁମାନେ କେଉଁଠି ସ୍କୁଲ ବାରଣ୍ଡାରେ ତ ଆଉ କେଉଁଠି ଗାଁ କୋଠଘରେ ବସି ପାଠ ପଢୁଛନ୍ତି। ଏ ନେଇ ଅଙ୍ଗନାବାଡ଼ି କର୍ମୀ ଓ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । ତେବେ ପ୍ରଶାସନିକ ଅଧିକାରୀମାନେ ପରସ୍ପର ଉପରେ ଦୋଷ ଲଦି ନୀରବ ରହୁଛନ୍ତି। ନୂଆଗାଁ ବିଡିଓ ଦିବ୍ୟସିଂହ କହଁର ଏ ବିଷୟରେ କୁହନ୍ତି, ମୁଁ ସମସ୍ତ କାମକୁ ଶୀଘ୍ର ସାରିବା ପାଇଁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛି । ଯାହା ପାଖରେ କାମ ଅଟକିଥିବା ଦେଖିବି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

**ଖଣ୍ଡପଡା,୨।୯(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଖଳିସାହି ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ମେଳାରେ ୩୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସିନିୟର ଗ୍ରୁପରେ ରୁଦ୍ରମାଧବ ମହାପାତ୍ର ଓ ଦୁର୍ଗା ପ୍ରସାଦ ପାତ୍ରଙ୍କ ବାୟୁ ଓ ଜଳରୁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ, ରୁଦ୍ର ନାରାୟଣ ବ୍ରହ୍ମା ଓ ତାପସ ସାଥୁଆଙ୍କ ବନ୍ୟାଜଳ ସତର୍କ ସୂଚନା ଏବଂ ପୂଜାର୍ଚ୍ଚନା ସାହୁ ଓ ଶୁଭଲକ୍ଷ୍ମୀ ପାତ୍ରଙ୍କ ଜଳଚକ୍ର ପ୍ରକଳ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ଜୁନିୟର ଗ୍ରୁପରେ ଆରିଓ ଅଂଶୁମାନ ସାହୁଙ୍କ ଜଳ ଅପଚୟ ନିୟନ୍ତ୍ରଣ ପ୍ରଥମ, ଦେବାଶିଷ ମହାପାତ୍ର ଓ ଆର. ବିଶ୍ୱଭୂଷଣ ହରିଚନ୍ଦନଙ୍କ ଆଲୋକର ପ୍ରତିଫଳନ ଦ୍ୱିତୀୟ ଓ ସୋମ୍ୟାଶ୍ରୀ ନିବେଦିତା ଓ ଶ୍ୱେତାଲିନ ମହାପାତ୍ରଙ୍କ କଳ କାରଖାନ ଦୂଷିତର କୁପ୍ରଭାବ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲା। ଆସନ୍ତା ୮ ତାରିଖରେ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଏହି ପ୍ରକଳ୍ପଗୁଡିକ ସ୍ଥାନ ପାଇବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏସଏନଡି ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ସାହୁ ମୁଖ୍ୟଅତିଥି ଓ ବିଦ୍ୟାଳୟର ସମ୍ପାଦକ ପ୍ରଶନ୍ନ କୁମାର ସ୍ୱାଇଁ, ଶିକ୍ଷକ ରୁଦ୍ର ପ୍ରସାଦ ସୁନ୍ଦରାୟ ଓ ରାଜା ଦିବ୍ୟ ରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।


ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ୨ ଶିଶୁ।

# ଡେଙ୍ଗୁ ସଚେତନତା ଅଭିଯାନ



ସଚେତନତା ଶୋଭାଯାତ୍ରା।

**ରଣପୁର,୨।୯(ସ୍ୱ.ପ୍ର.)**

ରଣପୁର ବ୍ଲକ ସୁନାଖଳା ପଞ୍ଚାୟତ ନୃସିଂହପୁର ଟାଙ୍ଗିସାହିର ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ରବିବାର ଡେଙ୍ଗୁ, ଝାଡାବାନ୍ତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆବାହିକା ଭାବେ ରାଜସୁନାଖଳାର ସଂଯୁକ୍ତାରାଣୀ ସାହୁ ଓ ନୃସିଂହପୁର ଟାଙ୍ଗିସାହିର ମଞ୍ଜୁବାଳା ରଥଙ୍କ ନେତୃତ୍ୱରେ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ୱାର୍ଡମେମ୍ବର, ଆଶା କର୍ମୀ, ସହାୟିକା ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ନେଳିଆ ସାହିଠାରୁ ବାହାରି ଏକଡାଳିଆ ସାହି, ନୃସିଂହପୁର, ଟାଙ୍ଗିସାହି, ସୁନାଖଳା ସାହି, ବଢେଇସାହି, ଗୋପପୁର ସାହି, ମଥୁରାସାହି ପରିକ୍ରମା କରିଥିଲା। ସମସ୍ତେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ସଚେତନତା କରାଇଥିଲେ। ପରେ ନେଳିଆସାହି ୟୁଜିଏମ୍‌ଇ ସ୍କୁଲଠାରେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏଏନଏମ୍ ଶୈଳବାଳା ଦେଇଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଥିଲା । ଉକ୍ତ ସଭାରେ ଗାଁ କଲ୍ୟାଣ ସମିତିର ଅର୍ଥ କିପରି ବ୍ୟବହାର କରାଯିବ, ଗ୍ରାମର ମହିଳାମାନେ ସଚେତନ ହେଲେ ଏହି ରୋଗଠାରୁ ଦୂରେଇହେବ ବୋଲି କୁହାଯାଇଥିଲା।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଟାଙ୍ଗୀ(ଖୋର୍ଦ୍ଧା),୨।୯(ଡି.ଏନ.ଏ.)**

ସ୍ଥାନୀୟ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ରବିବାର ଭୁବନେଶ୍ୱରସ୍ଥିତ ଆପୋଲ ହାସ୍ପିଟାଲ ତତ୍ତ୍ୱାବଧାନରେ ଓ ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଯାଇଛି। ହୃଦ୍‌ରୋଗ, ଅସ୍ଥିଶଲ୍ୟ, ରକ୍ତଚାପ, ରକ୍ତ ଶର୍କରା ଇତ୍ୟାଦି ବିଭିନ୍ନ ପ୍ରକାର ରୋଗର ପରୀକ୍ଷା ଓ ନିରୂପଣ କରାଯାଇଥିଲା। ଶିବିରରେ ୧୦୨ ଜଣ ମହିଳା ଓ ପୁରୁଷ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ନେତୃତ୍ୱରେ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ସଦସ୍ୟ ସରୋଜ ପାଇକରାୟ, ଅଶ୍ୱନୀ କୁମାର ମହାନ୍ତି, ସଂଗ୍ରାମ ପଟ୍ଟନାୟକ, ସନ୍ଦିପନୀ ମିଶ୍ର, ମନୋଜ ନାଇଡୁ, ଜୟନ୍ତ କୁମାର ସୁବୁଦ୍ଧି, ଯୋଗେନ୍ଦ୍ର ରାମ, ଅନନ୍ତ ପ୍ରଧାନ, ଶଙ୍କର୍ଷଣ ବେହେରା, ସାମ୍ବାଦିକ ପ୍ରଦୋଷ କୁମାର ଦାସଙ୍କ ସମେତ ପ୍ରଧାନ ଶିକ୍ଷକ ସନ୍ତୋଷ ଚନ୍ଦ୍ର କର, ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ଉଦୟନାଥ ସ୍ୱାଇଁ ଓ ଏବିଏମ୍ ଇଂରାଜୀ ମାଧ୍ୟମ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିବିର ପରିଚାଳନା କରିଥିଲେ । ୩ ଜଣ ହୃଦରୋଗୀ ଓ ୩ ଜଣ ଅସ୍ଥି ସମସ୍ୟା ଥିବା ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା ।

## ବିଜୁ ଯୁବ ବାହିନୀର ବୃକ୍ଷରୋପଣ କାର୍ଯ୍ୟକ୍ରମ

**ନୂଆଗାଁ,୨।୯(ଡି.ଏନ.ଏ.)**

ନୂଆଗାଁ ବ୍ଲକ ବେରୁହାଁବାରି ପଞ୍ଚାୟତର ବେରୁହାଁବାରି ହାଇସ୍କୁଲ ପରିସରରେ ରବିବାର ବିଜୁ ଯୁବ ବାହିନୀ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦେଶକୁ ସବୁଜ ସୁନ୍ଦର କରିବାର ଆଭିମୁଖ୍ୟ ନେଇ ସରକାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଭଳି ମହତ କାର୍ଯ୍ୟ ହାତକୁ ନେଇଛନ୍ତି। ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଚାରାରୋପଣ କରି ଶୁଭାରମ୍ଭ କରିଥିଲେ। ଯୁବ ବାହିନୀ ମାଧ୍ୟମରେ ତିନି ଦିନ ମଧ୍ୟରେ ୩୦୦ ଶହ ଚାରାରୋପଣ ଲକ୍ଷ୍ୟ ରହିଛି। ଅଦ୍ୟାବଧି ୧୦୦ ଚାରାରୋପଣ କରାଯାଇଥିବା ଯୁବ ବାହିନୀ ତରଫରୁ ସୂଚନା ଦିଆଯାଇଛି । ଏହି ଅବସରରେ ବିଜୁ ଯୁବବାହିନୀ ପୋଷାକ ଓ ଟୋପି ବିତରଣ କରାଯାଇଥିଲା । ନୟାଗଡ଼ ବନଖଣ୍ଡ ଅଧିକାରୀ, ଏସିଏଫ୍ ଅରବିନ୍ଦ ମହାନ୍ତି, ନୂଆଗାଁ ବ୍ଲକ ଅଧକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ବ୍ଲକ ଉପାଧକ୍ଷ ପୁଷ୍ପାଞ୍ଜଳି ସାହୁ, ବିଜୁ ଯୁବ ବାହିନୀ ସଭାପତି ସ୍ନେହଲତା ବେହେରା, ସମ୍ପାଦକ ପ୍ରଦୀପ କୁମାର ସାହୁ, ବିଜେଡି ସଭାପତି ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।


କାର୍ଯ୍ୟକ୍ରମରେ ସାମିଲ ପରିବେଶ ପ୍ରେମୀ।

## ପାଣିରେ ବୁଡ଼ି ଶିଶୁକନ୍ୟା ମୃତ

**କୃଷ୍ଣପ୍ରସାଦ,୨।୯(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକର ଡିଆଁଳୁଦା ଗ୍ରାମର ଜଣେ ଶିଶୁକନ୍ୟା ରବିବାର ଅପରାହ୍ନ ୪ଟାରେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ପ୍ରକାଶ ବାରିକଙ୍କ ଦେଢବର୍ଷର ଝିଅ ଶର୍ମିଷ୍ଠା । ବହୁ ସମୟ ଖୋଜିବା ପରେ ମଧ୍ୟ ଶିଶୁକନ୍ୟାଟିର କୌଣସି ସନ୍ଧାନ ମିଳି ନ ଥିଲା। ଶେଷରେ ସାଇପଡ଼ିଶା ଓ ଝିଅର ପିତା ନିକଟସ୍ଥ ପୋଖରୀରୁ ଶିଶୁଟିର ମୃତଦେହ ଉଦ୍ଧାର କରିଥିଲେ। ତେବେ ଏ ନେଇ ପରିବାର ପକ୍ଷରୁ ପୋଲିସରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ବନ୍ୟା ପରିସ୍ଥିତି ଟଳୁନି

**ଖୋର୍ଦ୍ଧା ଅଫିସ,୨।୯:** ହୀରାକୁଦ ବନ୍ୟାଜଳ ଛାଡିବା ଯୋଗୁ ଖୋର୍ଦ୍ଧା ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ରାଜୁଆ ନଦୀରେ ୩ଦିନ ହେଲା ବନ୍ୟା ପରିସ୍ଥିତି ଲାଗି ରହିଛି। ହିଙ୍ଗୁଳ ଓ ଡିହଖଳା ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି। ନରଣଗଡ ପଞ୍ଚାୟତର ମାନପୁର, ଓରମି ଓ ଧବଳପୁର ଗାଁରେ ବାଡିଫଟ ଦେଇ ଘର ଭିତରେ ପାଣି ରହିଛି। ବନ୍ୟାର ତୃତୀୟ ଦିବସରେ ପାଣି କମୁନି କି ବଢୁନି। ସାଧାରଣରେ ଲାଗି ରହିଥିବା ବନ୍ୟା ଡର ହଟୁନାହିଁ।

# ବେଶ ଧାରଣ କରି ପାଳିଲେ ଜନ୍ମାଷ୍ଟମୀ


ଗଣିଆ


ବୋଲଗଡ଼ ।


କଣ୍ଟିଲୋ ।

**ଓଡ଼ଗାଁ,୨।୯ (ସ୍ୱ.ପ୍ର.)**

ରବିବାର ପବିତ୍ର ଜନ୍ମାଷ୍ଟମୀ ଅବସରରେ କେତେକ ଘରୋଇ ସ୍କୁଲ ପିଲାଙ୍କ ମଧ୍ୟରେ କୃଷ୍ଣ ବେଶ ପ୍ରତିଯୋଗିତା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପିଲାମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିବା ସହିତ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ଦର୍ଶନ କରିଥିଲେ। ଏପରି କି ସ୍କୁଲଗୁଡିକରେ ଶ୍ରୀକୃଷ୍ଣ ଲାଲାଙ୍କୁ ଝୁଲାରେ ବିଜେ କରାଇ ସମସ୍ତେ ଦୋଳି ଝୁଲାଇଥିଲେ। ବେଶ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯିବାର ବନ୍ଦୋବସ୍ତ ହୋଇଛି। ସେହିପରି ସ୍ଥାନୀୟ ରାଧାକାନ୍ତ ମଠରେ ମଧ୍ୟ ଶ୍ରୀଜୀଉଙ୍କ ଜନ୍ମ ବିଧାନ ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଭୋର ସମୟରୁ ହିଁ ଶ୍ରଦ୍ଧାଳୁମାନେ ଶ୍ରୀକୃଷ୍ଣ ଲାଲାଙ୍କୁ ଦର୍ଶନ କରିଛନ୍ତି ।

**ଗଣିଆ,(ଡି.ଏନ୍.ଏ.):** ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ଓ ମଠ ଗୁଡ଼ିକରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। କୁମ୍ଭୀରଖଣି, ଛାମୁଣ୍ଡିଆ, ହରିପୁର, କାଦୁଆ, ରାସଙ୍ଗ, ମାଳତିପୁଟ, ବେଲପଡ଼ା ଓ ଗଣିଆ ପ୍ରଭୃତି ସ୍ଥାନରେ ଥିବା ରାଧାକୃଷ୍ଣ ମନ୍ଦିରରେ ସକାଳୁ ପୂଜାର୍ଚ୍ଚନା କରାଯାଇ ଭଜନକୀର୍ତ୍ତନ ପରିବେଷିତ ହୋଇଥିଲା। ରାତିରେ ମନ୍ଦିର, ମଠ ଓ ଗ୍ରାମକୋଠ ଘରେ ଶ୍ରୀକୃଷ୍ଣଙ୍କ ଜନ୍ମବୃତ୍ତାନ୍ତ ଶ୍ରୀମଦ୍ ଭାଗବତ ପାଠ କରାଯାଇଥିଲା । ମାନସିକ ବ୍ରତଧାରୀ ଭକ୍ତମାନେ ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଜନ୍ମ ପରେ ଉପବାସ ବ୍ରତ ଉଦ୍‌ଯାପନ କରିଥାନ୍ତି। ଗଣିଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଏହି ଉତ୍ସବ ପାଳନ କରାଯିବା ସହିତ କୁନିକୁନି ପିଲାମାନଙ୍କୁ ରାଧାକୃଷ୍ଣ ଓ ଗୋପୀଗୋପାଳ ବେଶ ସଜାଇ ଶିଶୁମନ୍ଦିରଠାରୁ ଗୋପୀନାଥଜୀଉଙ୍କ ମନ୍ଦିର ପର୍ଯ୍ୟନ୍ତ ଗ୍ରାମ ପରିକ୍ରମା କରାଯାଇଥିଲା। ସୋମବାର ମଧ୍ୟାହ୍ନରେ ଗୋପାଳ ସମାଜ ପକ୍ଷରୁ ମାଳତିପୁଟ ଓ କୁମ୍ଭୀରଖଣି ଗ୍ରାମରେ ଜନ୍ମାଷ୍ଟମୀ ସାଙ୍ଗକୁ ନନ୍ଦୋତ୍ସବ ପାଳନ କରାଯିବ। ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ହୋଇଥିବାରୁ ପୁରାଣ ମତେ ଏହି ଦିନଟି ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଭାବେ ପାଳିତ ହୋଇଆସୁଛି।


ଓଡ଼ଗାଁ।

**ବୋଲଗଡ,(ଡି.ଏନ.ଏ.):** ବୋଲଗଡ ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ମଠ, ମନ୍ଦିର ଆଦି ପବିତ୍ର ସ୍ଥାନଗୁଡ଼ିକରେ ଶ୍ରଦ୍ଧାଳୁମାନେ ଭକ୍ତିର ସହ ଏହି ପର୍ବ ପାଳନ କରିଛନ୍ତି । ଏହି ଅବସରରେ ଧଳାପଥରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଭଗବାନ ଶ୍ରୀକୃଷ୍ଣଙ୍କର ଏହି ପବିତ୍ର ଉତ୍ସବ ପାଳନ କରାଯାଇଛି। ଛାତ୍ରୀଛାତ୍ରମାନେ ରାଧା, କୃଷ୍ଣ ଏବଂ ସୁଦାମା ଆଦି ବେଶ ନିମନ୍ତେ ସୁନ୍ଦର ସୁନ୍ଦର ପୋଷାକ ପରିଧାନ ସହ ନାମ କୀର୍ତ୍ତନ ଓ ଗ୍ରାମ ପରିକ୍ରମା କରିଥିଲେ ।

**ଖଣ୍ଡପଡା,(ସ୍ୱ.ପ୍ର.):** ରବିବାର ପବିତ୍ର ଜନ୍ମାଷ୍ଟମୀ ଅବସରରେ ସରସ୍ୱତୀ ଶିଶୁ ମନ୍ଦିର ନୀଳମାଧବ ବିହାର କଣ୍ଟିଲୋର କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ସ୍ଥାନୀୟ ରଘୁନାଥ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରି ଫେରିବା ପରେ ରାଧାକୃଷ୍ଣଙ୍କ ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛୋଟ ପିଲାମାନଙ୍କ ଦ୍ୱାରା ପରିବେଷିତ ଏହି କାର୍ଯ୍ୟକ୍ରମ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ପ୍ରଧାନ ଗୁରୁଜୀ କାଶୀନାଥ ମହାରଣା ଓ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର କର, ସଭ୍ୟ ପବିତ୍ର କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।